# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR | ◆VOLUME- 43 ◆ISSUE-105 ◆SATURDAY ◆11 OCTOBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୦୫ ◆ଶନିବାର ◆୧୧ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦







## ମାରିଆ ମାଚାଡ଼ୋଙ୍କୁ 'ନୋବେଲ ଶାନ୍ତି'



**ଟ୍ରମ୍ପ ନିରାଶ**

**ଭେନେଜୁଏଲାରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ୨୦ ବର୍ଷଧରି ପ୍ରଚେଷ୍ଟାରତ**

■ **ଷ୍ଟକହାମ୍, ୧୦।୧୦ (ଏଜେନ୍ସି):** ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ନିଜ ସପକ୍ଷରେ ବିଶ୍ୱବ୍ୟାପୀ ସମର୍ଥନ ଜୁଟାଇବାର ବହୁ ପ୍ରୟାସ ଓ ପ୍ରଚାର ସତ୍ତ୍ୱେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନିରାଶ ହେବାକୁ ପଡ଼ିଛି। ଲାଟିନ ଆମେରିକୀୟ ଦେଶ ଭେନେଜୁଏଲାର ଆଇରନ ଲେଡି ଭାବେ ପରିଚିତ ୫୮ ବର୍ଷୀୟା ମାରିଆ କୋରିନା ମାଚାଡୋଙ୍କୁ ୨୦୨୫ ପାଇଁ ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରାଯାଇଛି। ବିରୋଧୀ ଦଳ ନେତ୍ରୀ ମାରିଆଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ଏବେ ଅଜ୍ଞାତବାସରେ ଅଛନ୍ତି। ଦେଶରେ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଦୀର୍ଘ ▶ପୃଷ୍ଠା-୧୦

### ପୁଲିସ ଚାକିରି ବେପାର


## ପୂର୍ବତନ ଜେଲ୍ ଡିଆଇଜି କ୍ରାଇମବ୍ରାଞ୍ଚରେ ହାଜର

**ଟଙ୍କା ଜମା କରିଥିବା ୨୦ ଜଣଙ୍କୁ ନୋଟିସ୍; ୫ ପୁଲିସ ଅଧିକାରୀଙ୍କୁ ମାଫ୍**

**ମୁନ୍ନା ସହ ଯୋଗାଯୋଗରେ ନୟାଗଡ଼ର ଶ୍ରୀକାନ୍ତ**

■ **ଭୁବନେଶ୍ୱର, ୧୦।୧୦ (ସମିସ):** ପୁଲିସ୍ ଏସ୍ଆଇ ଚାକିରି ବିକ୍ରି ଘଟଣା ଓଡ଼ିଶା ସୀମା ଡେଇଁ ଜାତୀୟସ୍ତରରେ ପହଞ୍ଚିଛି। ଯୋଜନାବଦ୍ଧ ଭାବରେ ହୋଇଥିବା ଏହି ଚାକିରି ବିକ୍ରି ଷଡ଼ଯନ୍ତ୍ର ମଧ୍ୟପ୍ରଦେଶର କୁଖ୍ୟାତ ବ୍ୟାପମ୍ ସ୍କାମକୁ ବି ଟପି ଯାଇଥିବା କୁହାଯାଉଛି। ଏହି କ୍ରମରେ ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଆଜି ପୂର୍ବତନ ଜେଲ ଡିଆଇଜି କୁଳମଣି ବେହେରାଙ୍କୁ ଆଜି ପଚାରାଉଚରା କରିଛି। କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଏହି ଘଟଣା ସମ୍ପର୍କରେ ଶ୍ରୀ ବେହେରାଙ୍କୁ ପ୍ରାୟ ୪୫ ମିନିଟ ଧରି ବିଭିନ୍ନ ପ୍ରସଙ୍ଗରେ ପଚରାଉଚରା କରିଛନ୍ତି। କ୍ରାଇମବ୍ରାଞ୍ଚର ଜଣେ ଡିଆଇଜି ପାହ୍ୟାର ଅଧିକାରୀଙ୍କ ନେତୃତ୍ୱରେ ୪ଜଣିଆ ଦଳ ପୂର୍ବତନ ଜେଲ୍ ଡିଆଇଜିଙ୍କୁ ଓ ପରେ ବଣିକ କୋଚିଂ ସେଣ୍ଟରର ଅଧିକାରୀଙ୍କୁ ଦିନ ସାଢ଼େ ୧୧ଟାରୁ ଅଢ଼େଇଟା ପର୍ଯ୍ୟନ୍ତ ଦୁଇ ପର୍ଯ୍ୟାୟରେ ଜେରା କରିଛନ୍ତି। ଗତ ୩୦ ତାରିଖରେ ଶ୍ରୀକାକୁଲମ୍‌ରୁ ଗିରଫ ହୋଇଥିବା ୧୧୪ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଶ୍ରୀ ବେହେରାଙ୍କ ପୁଅ ଅମୀର ବେହେରା ଅଛନ୍ତି। ତେଣୁ ସେ ମଧ୍ୟ ଚାକିରି ପାଇଁ ଟଙ୍କା ଦେଇଥିବା ଚର୍ଚ୍ଚା ହେଉଛି। ପୁଲିସ ଚାକିରି ପାଇଁ ଜଣ ପିଛା ୨୫ରୁ ୩୫ ଲକ୍ଷ ଟଙ୍କା ଲେଖାଏଁ ▶ପୃଷ୍ଠା-୧୦

## ଦିଲ୍ଲୀରୁ ଫେରିଲେ ନବୀନ



**ଖୁବ୍‌ଶୀଘ୍ର ନୂଆପଡ଼ା ଉପନିର୍ବାଚନ ପ୍ରାର୍ଥୀଙ୍କ ନାମ ଘୋଷଣା**

■ **ଭୁବନେଶ୍ୱର, ୧୦।୧୦ (ସମିସ):** ଶୁକ୍ରବାର ଅପରାହ୍ଣରେ ଦିଲ୍ଲୀରୁ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଗତମାସରେ ନବୀନ ବ୍ୟକ୍ତିଗତ କାର୍ଯ୍ୟବଶତଃ ନୂଆଦିଲ୍ଲୀ ଯାଇଥିଲେ ଓ ନିଜ ବାସଭବନରେ ଅବସ୍ଥାନ କରୁଥିଲେ। ଏହି ସମୟରେ ସେ ନିଜ ପରିବାର ସଦସ୍ୟ ଓ ସାଙ୍ଗସାଥୀଙ୍କୁ ମଧ୍ୟ ଭେଟିଥିଲେ। ଦିଲ୍ଲୀରେ ଏସିଆନ୍ ୱାଇଲ୍ଡଲାଇଫ୍ ଟ୍ରଷ୍ଟ ଏବଂ ଏସିଆନ୍ ହାର୍ଟ ଇନଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ପଦ୍ମଭୂଷଣ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ଦ୍ୱାରା ଆୟୋଜିତ ୱାଇଲ୍ଡଲାଇଫ୍ ଫଟୋ ପ୍ରଦର୍ଶନୀ ସହ ଇଣ୍ଡିଆ ହାବିଟାଟ୍ ସେଣ୍ଟରରେ ଚାଲିଥିବା 'ଭୟେଜେସ୍, ଦି ଆନ୍ସିଏଣ୍ଟ ମେରିଟାଇମ୍ ସିଲ୍କ ରୁଟ୍' କଳା ପ୍ରଦର୍ଶନୀରେ ମଧ୍ୟ ନବୀନଙ୍କୁ ଦେଖିବାକୁ ମିଳିଥିଲା। ଏହା ସତ୍ତ୍ୱେ ନବୀନ ଓଡ଼ିଶାରେ ଘଟୁଥିବା ଘଟଣାକ୍ରମ ଉପରେ ତୀକ୍ଷ୍ଣ ▶ପୃଷ୍ଠା-୧୦




## ନାଟୋରୁ ସ୍ପେନ୍‌କୁ ବିଦା କରିବାକୁ କହିଲେ ଟ୍ରମ୍ପ



ନ୍ୟୁୟର୍କ, ୧୦।୧୦ (ଏଜେନ୍ସି): ସାମରିକ ମେଣ୍ଟ ନାଟୋରୁ ସ୍ପେନ ଭଳି ୟୁରୋପୀୟ ଦେଶକୁ ବାଦ ଦେବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଯଦି ସ୍ପେନ୍ ନିଜର ପ୍ରତିରକ୍ଷା ବ୍ୟୟ ଅର୍ଥାତ ଡିଫେନ୍ସ ବଜେଟ୍ ବୃଦ୍ଧି ନକରେ ତେବେ ଏଭଳି କଠୋର ନିଷ୍ପତ୍ତି ନେବାକୁ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ଫିନଲାଣ୍ଡ ରାଷ୍ଟ୍ରପତି ଆଲେକଜାଣ୍ଡର ଷ୍ଟବ୍ବଙ୍କ ସହ ଏକ ବୈଠକ ପରେ ଟ୍ରମ୍ପ ସାମ୍ବାଦିକମାନଙ୍କୁ ଏହି କଥା କହିଛନ୍ତି। ପୂର୍ବରୁ ଜୁନ୍‌ରେ ଟ୍ରମ୍ପ ଏ ସଂକ୍ରାନ୍ତରେ ସ୍ପେନ୍‌କୁ ଧମକ ମଧ୍ୟ ଦେଇଥିଲେ। ଗତ କିଛି ମାସ ହେବ ଟ୍ରମ୍ପ ନାଟୋରେ ସାମିଲ ଥିବା ଦେଶଗୁଡ଼ିକୁ ନିଜ ପ୍ରତିରକ୍ଷା ବ୍ୟୟ ବଢ଼ାଇବାକୁ କ୍ରମାଗତ ଭାବେ ଚାପ ପକାଇ ଆସୁଛନ୍ତି। ନାଟୋ ଶିଖର ସମ୍ମିଳନୀରେ ଟ୍ରମ୍ପ ସବୁ ଦେଶକୁ ଡିଫେନ୍ସ ବଜେଟ୍‌କୁ ଜିଡିପିର ୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇବାକୁ କହିଥିଲେ। କିନ୍ତୁ ସେତେବେଳେ ସ୍ପେନ ଏହାକୁ ଖାରଜ କରିଥିଲା। ଡିଫେନ୍ସ ବଜେଟ ବୃଦ୍ଧି କଲେ ଦେଶର ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ନକରାତ୍ମକ ଭାବେ ପ୍ରଭାବିତ ହେବ। ଏଥିରେ ଖର୍ଚ୍ଚ କାଟ କରିବାକୁ ହେବ ଓ ଆଦୌ ଠିକ୍ ନୁହଁ ବୋଲି ସ୍ପେନ ପ୍ରଧାନମନ୍ତ୍ରୀ ପଡ୍ରୋ ସାଞ୍ଚେଜ ଯୁକ୍ତି ବାଢ଼ିଛନ୍ତି। କିନ୍ତୁ ନାଟୋ ପ୍ରତି ସ୍ପେନ ସମର୍ପିତ ରହିଛି ଓ ଆମେରିକା ଭଳି ନିଜ ଲକ୍ଷ୍ୟ ହାସଲ କରିବାକୁ ପ୍ରୟାସ କରିବ ବୋଲି ସେ କହିଛନ୍ତି।

## ଆମେରିକାକୁ ବଗରାମ ଏୟାରବେସ୍ ଦେବନି ତାଲିବାନ୍

ନୂଆଦିଲ୍ଲୀ, ୧୦।୧୦ (ଏଜେନ୍ସି): ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିଥିବା ତାଲିବାନ ବିଦେଶମନ୍ତ୍ରୀ ଅମିର ଖାନ ମୁତ୍ତାକି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବଡ଼ ଝଟ୍‌କା ଦେଇଛନ୍ତି। ଆମେରିକାକୁ ବଗରାମ ଏୟାରବେସ ଦିଆଯିବ ନାହିଁ ବୋଲି ସେ କହିଛନ୍ତି। ଏହା ସହିତ କୌଣସି ଦେଶ ବିରୋଧରେ ଆଫଗାନ ମାଟିକୁ ବ୍ୟବହାର କରିବାକୁ ଦେବୁନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହା ପୂର୍ବରୁ ଗତ ମାସରେ ଟ୍ରମ୍ପ ଏହି ଏୟାରବେସ ପୁଣି ଫେରି ପାଇବାକୁ ଦାବି କରିଥିଲେ। ଏପରି ନ କଲେ ଗମ୍ଭୀର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଧମକ ଦେଇଥିଲେ। ଏହାକୁ ନେଇ ମୁତ୍ତାକି କହିଛନ୍ତି ଯେ ନିଜ ଦେଶରେ ବିଦେଶୀ ସେନାକୁ ଆଫଗାନ ନାଗରିକ ସ୍ୱୀକାର କରିବେ ନାହିଁ। ମାତ୍ର କୂଟନୈତିକ ଭାବେ ଆଫଗାନ ସହ କୌଣସି ଦେଶ ସମ୍ପର୍କ ବୃଦ୍ଧି କରିପାରିବେ। ଏହା ସହିତ ଚାବାହର ବନ୍ଦରରୁ କଟକଣା ହଟାଇବା ପାଇଁ ମୁତ୍ତାକି ଆମେରିକାକୁ ଅନୁରୋଧ କରିଛନ୍ତି। ଏ ନେଇ ଭାରତ-ଆମେରିକା ଚର୍ଚ୍ଚା କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଏହି କଟକଣା ହଟିଲେ ପାକିସ୍ତାନ ନ ଯାଇ ସିଧାସଳଖ ଆଫଗାନ ସହ କାରବାର କରିହେବ।

## ଆଫଗାନିସ୍ତାନରେ ପୁଣି ଦୂତାବାସ ଆରମ୍ଭ କରିବ ଭାରତ

ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ଭାରତ ପୁଣି ଥରେ ଆଫଗାନିସ୍ତାନରେ ଦୂତାବାସ ଆରମ୍ଭ କରିବ। ଭାରତ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଓ ଆଫଗାନିସ୍ତାନର ତାଲିବାନ ସରକାରଙ୍କ ବିଦେଶ ମନ୍ତ୍ରୀ ଅମୀର ଖାନ ମୁତ୍ତାକି ଶୁକ୍ରବାର ଦ୍ୱିପାକ୍ଷିକ ବୈଠକରେ ମିଳିତ ହୋଇଥିଲେ ଓ ଏ ସଂକ୍ରାନ୍ତରେ ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ଏହି ବୈଠକରେ ଭାରତ କିମ୍ବା ଆଫଗାନିସ୍ତାନର ପତାକା ଦେଖିବାକୁ ମିଳି ନଥିଲା। ଭାରତ ଏପର୍ଯ୍ୟନ୍ତ ଆଫଗାନିସ୍ତାନର ତାଲିବାନ ସରକାରଙ୍କୁ ମାନ୍ୟତା ପ୍ରଦାନ କରି ନଥିବାରୁ ବୈଠକର ପ୍ରଚ୍ଛଦରେ କୌଣସି ପତାକା ଦେଖିବାକୁ ମିଳି ନଥିଲା। ତାଲିବାନ କ୍ଷମତାକୁ ଆସିବା ପରେ ୨୦୨୧ରେ ଭାରତ ତା'ର ଦୂତାବାସକୁ ବନ୍ଦ କରିଥିଲା। କାବୁଲରେ ଥିବା ବୈଷୟିକ ମିସନକୁ ଭାରତ ଏବେ ଦୂତାବାସରେ ପରିଣତ କରିବ। ଦୂତାବାସକୁ ବନ୍ଦ କରିବାର ଗୋଟିଏ ବର୍ଷ ପରେ ଭାରତ ଚିକିତ୍ସା ସହାୟତା ଓ ମାନବୀୟ ସହାୟତା ଉପଲବ୍ଧ କରାଇବାକୁ କାବୁଲରେ ଏକ ଛୋଟ ମିଶନ ଖୋଲିଥିଲା। ଆଫଗାନିସ୍ତାନର ବିକାଶରେ ଭାରତ ରୁଚି ରଖିଛି ବୋଲି ଜୟଶଙ୍କର କହିଛନ୍ତି। ମୁତ୍ତାକି ମଧ୍ୟ ବିଭିନ୍ନ ପ୍ରକାର ସହାୟତା, ସହଭାଗିତା ଓ ବନ୍ଧୁତା ପାଇଁ ଭାରତକୁ କୃତଜ୍ଞତା ଜଣାଇଛନ୍ତି। ଆଫଗାନିସ୍ତାନରେ ଯେତେବେଳେ ଭୂକମ୍ପ ଆସିଥିଲା ଭାରତ ପ୍ରଥମ ଦେଶ ଭାବେ ସାହାଯ୍ୟ ଓ ସୁବିଧା ସୁଯୋଗ ଉପଲବ୍ଧ କରାଇଥିଲା ବୋଲି ମୁତ୍ତାକି କହିଛନ୍ତି। ମୁତ୍ତାକି ତାଜମହଲ ଓ ଦେଓବନ୍ଦ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି।

## କରୁର ଦଳାଚକଟା: ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ



ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): କରୁର ଦଳାଚକଟା ମାମଲାରେ ସୁପ୍ରିମକୋର୍ଟ ସିବିଆଇ ଯାଞ୍ଚ କରିବା ଓ ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରା ଏସ୍ଆଇଟି ଗଠନ ଆଦେଶକୁ ଚ୍ୟାଲେଞ୍ଜ କରି ହୋଇଥିବା ଆବେଦନର ରାୟକୁ ସୁରକ୍ଷିତ ରଖିଛନ୍ତି। ତାମିଲ ଅଭିନେତା ବିଜୟଙ୍କ ନବଗଠିତ ପାର୍ଟି ଟିଭିକେ ଓ ବିଜେପି ନେତା ଉମା ଆନନ୍ଦନ ଏହି ଅବେଦନ ଦାଖଲ କରିଥିଲେ। ଟିଭିକେ ତରଫରୁ ଆଡଭୋକେଟ ଗୋପାଳ ସୁବ୍ରମନିୟମ ଓ ସିଏ ସୁନ୍ଦରନ ତର୍କ ଉପସ୍ଥାପନ କରିଥିଲେ। ସେପଟେ ତାମିଲନାଡୁ ସରକାରଙ୍କ ତରଫରୁ ବରିଷ୍ଠ ଓକିଲ ଅଭିଷେକ ମନୁ ସିଙ୍ଘଭି ସିବିଆଇ ଯାଞ୍ଚର ଆବଶ୍ୟକତା ନାହିଁ ବୋଲି କହିଥିଲେ। ଏହି ଦଳାଚକଟା ଘଟଣାରେ ପୁଲିସର ବିଫଳତା ସାବ୍ୟସ୍ତ ହୋଇନାହିଁ ବୋଲି ସେ ତର୍କ ଦେଇଥିଲେ। ଏହି ମାମଲାରେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଭର୍ତ୍ସନା କରିଛନ୍ତି। ସକାଳୁ ଭିଡ଼ ହୋଇଥିବାରୁ ଏହି ଦଳାଚକଟା ହୋଇଥିଲା ବୋଲି କୁହାଯାଇଥିଲା। କିନ୍ତୁ ବିଜୟ ସନ୍ଧ୍ୟା ୭ଟାରେ ପହଞ୍ଚିଥିଲେ। ଉଲ୍ଲେଖଥାଉ କି, ସେପ୍ଟେମ୍ବର ୨୭ରେ ହୋଇଥିବା ଏହି ଦଳାଚକଟାରେ ୪୧ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୦୦ଜଣ ଆହତ ହୋଇଥିଲେ। ଅକ୍ଟୋବର ୪ରେ ବିଜୟଙ୍କ ପାର୍ଟି ଉତ୍ତରଦାୟିତ୍ୱରୁ ବର୍ତ୍ତି ପାରିବ ନାହିଁ ବୋଲି ହାଇକୋର୍ଟ କହିଥିଲେ। ବିଜୟଙ୍କ ପାର୍ଟି ଏସ୍ଆଇଟି ଗଠନକୁ ବିରୋଧ କରିଥିଲା।

## ଜାମ୍ମୁ- କଶ୍ମୀରକୁ ରାଜ୍ୟ ମାନ୍ୟତା: କେନ୍ଦ୍ରକୁ ଜବାବ ତଲବ

ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ଜମ୍ମୁ-କଶ୍ମୀରକୁ ପୁଣି ଥରେ ରାଜ୍ୟ ମାନ୍ୟତା ଦେବା ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଶୁକ୍ରବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା। ତେବେ ଏ ନେଇ କେନ୍ଦ୍ର ସରକାର ଓ ଜମ୍ମୁ-କଶ୍ମୀର ପ୍ରଶାସନ ମଧ୍ୟରେ କଥାବାର୍ତ୍ତା ଚାଲିଛି ବୋଲି ସଲିସିଟର ଜେନେରାଲ ତୁଷାର ମେହେଟା ଶୁଣାଣି ବେଳେ କହିଥିଲେ। ଜମ୍ମୁ-କଶ୍ମୀରରେ ବିକାଶ ତ୍ୱରାନ୍ୱିତ ହୋଇଛି ଓ ୯୯.୯ ପ୍ରତିଶତ ଲୋକ ସରକାରଙ୍କ ସହ ରହିଛନ୍ତି। କିନ୍ତୁ କିଛି ଲୋକ ମିଛ ଖବର ପ୍ରଚାର କରୁଛନ୍ତି ଓ ଲୋକଙ୍କୁ ଭ୍ରମିତ କରିବାକୁ ପ୍ରୟାସ କରୁଛନ୍ତି ବୋଲି ସେ କହିଛନ୍ତି। ପୂର୍ବରୁ ଅଗଷ୍ଟ ୧୪ରେ ହୋଇଥିବା ଶୁଣାଣିରେ ସୁପ୍ରିମକୋର୍ଟ ୮ ସପ୍ତାହ ମଧ୍ୟରେ ଏହି ମାମଲାରେ ଲିଖିତ ଜବାବ ଦେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଲ୍ଲେଖଥାଉ କି, ୬ ବର୍ଷ ତଳେ ୨୦୧୯ ଅଗଷ୍ଟ ୫ରେ ୩୭୦ ଧାରା ହଟାଇବା ପରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ କେନ୍ଦ୍ର ଶାସିତ ପ୍ରଦେଶର ମାନ୍ୟତା ଦେଇଥିଲେ। ଏହାପରେ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିକୋର୍ଟରେ ଆବେଦନ ହୋଇଥିଲା।

## ବିଷାକ୍ତ କଫ୍ ସିରପ୍ ମାମଲା: ରଙ୍ଗନାଥନ୍‌ଙ୍କୁ କୋର୍ଟରେ ଆକ୍ରମଣ

ଭୋପାଳ, ୧୦।୧୦(ଏଜେନ୍ସି): ବିଶାକ୍ତ କଫ୍ ସିରପ୍ ସେବନ ଯୋଗୁଁ ଶିଶୁ ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତ ଶ୍ରୀସାନ ଫାର୍ମାସିଟିକାଲ କମ୍ପାନୀର ନିର୍ଦ୍ଦେଶକ ଗୋବିନ୍ଦନ ରଙ୍ଗନାଥନଙ୍କ ଉପରେ ପରାସିଆ କୋର୍ଟରେ ଆକ୍ରମଣ ହୋଇଛି। ଓକିଲଙ୍କ ସମେତ ସେଠାରେ ଏକାଠି ହୋଇଥିବା ଲୋକ ତାଙ୍କୁ ଫାସୀ ଦେବାକୁ ଦାବି କରିଛନ୍ତି। ମଧ୍ୟପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ଏସ୍ଆଇଟି ରଙ୍ଗନାଥନଙ୍କୁ ଶୁକ୍ରବାର ଅପରାହ୍ଣ ୧୧ଟାରେ ପରାସିଆ କୋର୍ଟରେ ହାଜର କରିଥିଲା। ଶ୍ରୀସାନ କମ୍ପାନୀ ଦ୍ୱାରା ପ୍ରସ୍ତୁତ ବିଶାକ୍ତ କଫ୍ ସିରପ ସେବନ କରି ମଧ୍ୟପ୍ରଦେଶରେ ୨୫ ଜଣ ପିଲା ମୃତ୍ୟୁବରଣ କରିଥିଲେ। ସେପଟେ ଏହି ମାମଲାରେ ସିବିଆଇ ଦ୍ୱାରା ଯାଞ୍ଚ ପାଇଁ ହେଉଥିବା ଦାବିକୁ ସୁପ୍ରିମକୋର୍ଟ ପ୍ରତ୍ୟାଖାନ କରିଛନ୍ତି। ରଙ୍ଗନାଥନଙ୍କ ପାଇଁ କୌଣିସି ଓକିଲ କୋର୍ଟରେ ଲଢ଼ିବେ ନାହିଁ ବୋଲି ପରାସିଆ ବାର ଆସୋସିଏସନ ଅଧ୍ୟକ୍ଷ ଶ୍ୟାମ କୁମାର ସାହୁ କହିଛନ୍ତି। ପୁଣି ଯଦି ବାହାରୁ କୌଣସି ଓକିଲ ତାଙ୍କ ପାଇଁ କେସ୍ ଲଢ଼ନ୍ତି, ତାଙ୍କୁ ବିରୋଧ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। କୋର୍ଟ ପରିସରରେ ଲୋକଙ୍କ ଭିଡ଼ ବଢୁଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ମଧ୍ୟପ୍ରଦେଶ ଓ ତାମିଲନାଡୁ ପୁଲିସର ମିଳିତ କାର୍ଯ୍ୟାନୁଷ୍ଠାନ କ୍ରମେ ଶ୍ରୀସାନ ଫାର୍ମା କମ୍ପାନୀର ନିର୍ଦ୍ଦେଶକ ଗୋବିନ୍ଦନ ରଙ୍ଗନାଥନଙ୍କୁ ଗୁରୁବାର ଗିରଫ କରାଯାଇଥିଲା। ସେପଟେ ତାମିଲନାଡୁରେ ପ୍ରସ୍ତୁତ ହେଉଥିବା କଫ୍ ସିରିପ ତଥା ଔଷଧର ଯାଞ୍ଚକୁ ଅଣଦେଖା କରାଯାଇଛି ବୋଲି କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ (ସିଏଜି) ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଡ୍ରଗ୍ ଟେଷ୍ଟିଂରେ ସାଂଘାତିକ ଅବହେଳା କରାଯାଇଛି ବୋଲି କୁହାଯାଇଛି।

### ଇସ୍ରାଏଲ- ହମାସ୍ ଅସ୍ତ୍ରବିରତି ପ୍ରକ୍ରିୟା ଆରମ୍ଭ

## ଗାଜାକୁ ଫେରୁଛନ୍ତି ନାଗରିକ

ଗାଜା, ୧୦।୧୦(ଏଜେନ୍ସି): ଦୀର୍ଘ ଦୁଇବର୍ଷ ଧରି ଗାଜାରେ ଇସ୍ରାଏଲ ଓ ହମାସ ମଧ୍ୟରେ ଚାଲିଥିବା ସଂଘର୍ଷ ଶେଷ ହେବାକୁ ଯାଉଛି। ଏବେ ଏହି ସଂଘର୍ଷ ଶାନ୍ତି ରୂପେ ନେବାକୁ ଯାଉଛି। ଇସ୍ରାଏଲ୍ ଓ ହମାସ ମଧ୍ୟରେ ଅସ୍ତ୍ରବିରତି ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଛି। ପାଲେଷ୍ଟାଇନ୍‌ରୁ ସ୍ଥାନାନ୍ତର ହୋଇଥିବା ହଜାର ହଜାର ନାଗରିକ ଶୁକ୍ରବାର ନିଜ ପରିତ୍ୟକ୍ତ ଘରକୁ ପ୍ରତ୍ୟାବର୍ତ୍ତନ କରିବା ଆରମ୍ଭ କରିଛନ୍ତି। ଶୁକ୍ରବାର ଅପରାହ୍ଣ ୨.୩୦ରେ ଅସ୍ତ୍ରବିରତି ପ୍ରକ୍ରିୟାର ଶୁଭାରମ୍ଭ ହୋଇଥିଲା। ସେହିପରି ଗାଜାରୁ ଇସ୍ରାଏଲ ତା'ର ସୈନ୍ୟ ଫେରାଇବା ଆରମ୍ଭ କରିଛି। ସେପଟେ ଅସ୍ତ୍ରବିରତି ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା ସହ ତା'ର ତଦାରଖ ପାଇଁ ଆମେରିକା ତା'ର ୨୦୦ ସୈନ୍ୟ ଗାଜାକୁ ପଠାଇଛି। ତେବେ ଏହି ସୈନ୍ୟ ଗାଜାରେ ପ୍ରବେଶ କରିବେ ନାହିଁ ବୋଲି କୁହାଯାଇଛି।

### ସୈନ୍ୟ ହଟାଇଲା ଇସ୍ରାଏଲ

### ତଦାରଖ ପାଇଁ ୨୦୦ ସୈନ୍ୟ ପଠାଇଲା ଆମେରିକା



ଅସ୍ତ୍ରବିରତିର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବା ପରେ ଉଭୟ ଇସ୍ରାଏଲ ଓ ଗାଜାର ନାଗରିକମାନେ ଖୁସିରେ ଆତ୍ମହରା ହୋଇଛନ୍ତି ଓ ଏହି ଅସ୍ତ୍ରବିରତି ପ୍ରକ୍ରିୟାକୁ ସ୍ୱାଗତ କରିଛନ୍ତି। ନୂତନ ନିର୍ଦ୍ଧାରିତ ସ୍ଥାନରେ ସୈନ୍ୟ ନିୟୋଜିତ ହେବା ପରେ ଅସ୍ତ୍ରବିରତି ଲାଗୁ କରାଯିବ ବୋଲି ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ତରଫରୁ କୁହାଯାଇଥିଲା। ବହୁ ସଂଖ୍ୟାରେ ଗାଜା ନାଗରିକ ଗାଜାର ଉତ୍ତରାଞ୍ଚଳରୁ ଗାଜା ସିଟିଆଡକୁ ଯାତ୍ରା କରିଛନ୍ତି। ଚୁକ୍ତି ଅନୁସାରେ ଅସ୍ତ୍ରବିରତି ଲାଗୁ ହେବାର ୭୨ ଘଣ୍ଟା ମଧ୍ୟରେ ହମାସ ଇସ୍ରାଏଲ ପଣବନ୍ଦୀଙ୍କୁ ଖଲାସ କରିବ। ପ୍ରତିବଦଳରେ ଇସ୍ରାଏଲ ମଧ୍ୟ ଶହଶହ ପାଲେଷ୍ଟାଇନ୍ ବନ୍ଦୀକୁ ମୁକ୍ତ କରିବ। ଇସ୍ରାଏଲର ନେତାନ୍ୟାହୁ ସରକାର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅସ୍ତ୍ରବିରତି ଓ ପଣବନ୍ଦୀ ମୁକ୍ତ ଚୁକ୍ତିକୁ ସ୍ୱୀକୃତି ଦେବା ପରେ ଶାନ୍ତିର ରାସ୍ତା ଫିଟିଥିଲା। ଗତ ଗୁରୁବାର ଇସ୍ରାଏଲ ଓ ହମାସ ଅସ୍ତ୍ରବିରତି ପାଇଁ ସମ୍ମତି ପ୍ରକାଶ କରିଥିଲେ। ଗତ ଦୁଇବର୍ଷ ଧରି ଚାଲିଥିବା ଏହି ସଂଘର୍ଷରେ ଗାଜାରେ ୬୬, ୦୦୦ରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିବା ବେଳେ ବହୁ ସଂଖ୍ୟାରେ ଲୋକ ଅନାହାରରେ ପ୍ରାଣ ହରାଇଥିଲେ। ଗାଜାରେ ଦୁର୍ଭିକ୍ଷ ଭଳି ସ୍ଥିତି ସୃଷ୍ଟି ହୋଇଥିଲା।

ଏବେ ସବୁ ବନ୍ଧକ ଖୁବଶୀଘ୍ର ମୁକ୍ତ ହେବେ ବୋଲି ଟ୍ରମ୍ପ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି। ଇସ୍ରାଏଲ ମଧ୍ୟ ତା'ର ସୈନ୍ୟମାନଙ୍କୁ ଫେରାଇ ନେବ। ଏହା ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ଏକ ଆରମ୍ଭ ମାତ୍ର। ଏହି ଶାନ୍ତି ଦୀର୍ଘସ୍ଥାୟୀ ହେବା ସହ ସମଗ୍ର ମଧ୍ୟପ୍ରାଚ୍ୟରେ ପ୍ରାଚୁର୍ଯ୍ୟର ଆଶା ସୃଷ୍ଟି କରିବ। ଶାନ୍ତି ପ୍ରତସ୍ତାର ଏହି ପ୍ରକ୍ରିୟାରେ ସବୁ ପକ୍ଷ ପ୍ରତି ନିରପେକ୍ଷତା ଅବଲମ୍ବନ କରାଯାଇଛି ବୋଲି ସେ ସ୍ପଷ୍ଟ କରିଛନ୍ତି।

## ବେଆଇନ ବାଲି ଖନନ ପାଇଁ ପଶ୍ଚିମବଙ୍ଗରେ ୧୯ ଗିରଫ

ପୁରୁଲିଆ, ୧୦।୧୦(ଏଜେନ୍ସି): ପଶ୍ଚିମବଙ୍ଗର ପୁରୁଲିଆରେ ବେଆଇନ ବାଲି ଖନନ ପାଇଁ ବିଜେପୀ ବିଧାୟକ ଓ କର୍ମୀଙ୍କ ମଧ୍ୟରେ ମୁକାବିଲାମୂଳକ ସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ପୁରୁଲିଆରେ ଉତ୍ତେଜନା ଦେଖାଦେଇଛି। ବେଆଇନ ବାଲି ଖନନରେ ସାମିଲ ଥିବା ୧୯ଜଣଙ୍କୁ ପୁଲିସ ଶୁକ୍ରବାର ଗିରଫ କରିଛି। ବୁଧବାର ବିଳମ୍ବିତ ରାତିରେ ପୁଲିସ ଚଢ଼ାଉ କରିଥିଲା। ବାଲି ଚାଲାଣ କରୁଥିବା ଦୁଇଟି ଟ୍ରାକ୍ଟରକୁ ମଧ୍ୟ ପୁଲିସ ଅଟକ ରଖିଛି। ବେଇଆଇନ ବାଲି ଖନନ ନେଇ ପୁରୁଲିଆ ବିଧାୟକ ସୁଦୀପ ମୁଖାର୍ଜୀଙ୍କ ସହ କର୍ମୀ ଥାନାରେ ହିଁ ମୁହାଁମୁହିଁ ହୋଇଥିଲେ। ଦୀର୍ଘଦିନ ଧରି ଏହି ଅଞ୍ଚଳରେ ବେଆଇନନ ବାଲି ଖନନ ଓ ଚାଲାଣ ନେଇ ଅଭିଯୋଗ ହେଉଥିଲା। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିଲା। ଗିରଫ୍ ହୋଇଥିବା ୧୯ଜଣଙ୍କୁ ଶୁକ୍ରବାର ପୁରୁଲିଆ ଜିଲ୍ଲା କୋର୍ଟରେ ହାଜର କରାଯାଇଥିଲା।

## କାବୁଲ୍‌ରେ ପାକ୍ ବାୟୁସେନାର ଆକ୍ରମଣ

କାବୁଲ, ୧୦।୧୦(ଏଜେନ୍ସି): ପାକିସ୍ତାନ ଗୁରୁବାର ରାତିରେ ଆଫଗାନିସ୍ତାନ ରାଜଧାନୀ କାବୁଲରେ ତେହରିକ-ଏ- ତାଲିବାନ ପାକିସ୍ତାନ (ଟିଟିପି)ର କେତୋଟି ଠିକଣା ଉପରେ ଆକାଶ ମାର୍ଗରୁ ଆକ୍ରମଣ କରିଛି। ଏଥିରେ ଟିଟିପି ମୁଖ୍ୟ ମୌଲାନା ନୁର ୱାଲି ମେହସୁଦ ମୃତ୍ୟୁବରଣ କରିଛନ୍ତି ବୋଲି ପାକିସ୍ତାନ ବାୟୁସେନା ଦାବି କରିଛି। ପୂର୍ବ କାବୁଲ୍‌ରେ ଟିଟିପ୍‌ର ଠିକଣାରେ ମେହସୁଦ ଥିଲେ ବୋଲି ପାକିସ୍ତାନ ଗଣମାଧ୍ୟମ ଦାବି କରିଛି। ମେହସୁଦ ୨୦୧୮ରୁ ଟିଟିପିର ନେତୃତ୍ୱ ନେଇ ଆସୁଛନ୍ତି। ତାଲିବାନ ସମର୍ଥନରେ ସେ ଏହି ସଂଗଠନ ପରିଚାଳନା କରି ଆସୁଛନ୍ତି। ତାଲିବାନ ସରକାରଙ୍କ ବିଦେଶ ମନ୍ତ୍ରୀ ଅମୀର ଖାନ୍ ମୁତ୍ତାକି ଭାରତ ଗସ୍ତରେ ଆସିଥିବା ବେଳେ ପାକିସ୍ତାନ ବାୟୁସେନା ଏହି ଆକ୍ରମଣ କରିଛି। ମୁତ୍ତାକି ଭାରତରେ ୭ ଦିନ ରହିବେ। କୌଣସି ପ୍ରକାର ଆକ୍ରମଣ ହୋଇନାହିଁ ବୋଲି ମେହସୁଦ ଏକ ଭିଡିଓ ବାର୍ତ୍ତାରେ ସୂଚନା ଦେଇଛି। ଏହି ଆକ୍ରମଣରେ କୌଣିସ ପ୍ରକାର କ୍ଷତି ହୋଇନାହିଁ ଓ ସବୁକିଛି ନିୟନ୍ତ୍ରଣରେ ରହିଛି ବୋଲି ତାଲିବାନ ସରକାର ତରଫରୁ କୁହାଯାଇଛି। ମେହସୁଦ ଟିଟିପିର ଚତୁର୍ଥ ମୁଖ୍ୟ ଭାବେ ଦାୟିତ୍ୱରେ ରହିଛନ୍ତି। ଟିଟିପି ଏବେ ପାକିସ୍ତାନର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ସବୁଠାରୁ ବଡ଼ ବିପଦ ଭାବେ ଉଭା ହୋଇଛି ଓ ପାକିସ୍ତାନ ସରକାରଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ପାକିସ୍ତାନ ପୁଣି ଥରେ ଏପରି ଦୁଃସାହସ କରେ ତେବେ ତାକୁ ଦୃଢ଼ ଜବାବ ଦିଆଯିବ। ଯଦି ପୁଣି ଏଭଳି କେହି ସାହସ କରେ, ତେବେ ସେମାନେ ସୋଭିଏତ ୟୁନିଅନ, ଆମେରିକା, ନାଟୋଠାରୁ ଶିକ୍ଷା ଗ୍ରହଣ କରିବା ଉଚିତ ବୋଲି ମୁତ୍ତାକି କହିଛନ୍ତି।



ପ୍ରଥମ ଭାରତୀୟ ଭାବେ ମିସେସ୍ ୟୁନିଭର୍ସ ମୁକୁଟ ଜିତିଲେ ସେରି ସିଂହ

## ହିମାଚଳରେ ତୁଷାରପାତ: ମନାଲୀ- ଲେହ ହାଇୱେ ୪ ଦିନ ବନ୍ଦ



ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ହିମାଳୟ କ୍ଷେତ୍ରରେ ଥିବା ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ରାଜ୍ୟରେ ତୁଷାରପାତ ଜାରି ରହିଛି। ଏହାର ପ୍ରଭାବରେ ସମତଳ ଅଞ୍ଚଳରେ ତାପମାତ୍ରା ତଳକୁ ଖସିଛି। ବାୟୁର ଗତିପରିବର୍ତ୍ତନ ଫଳରେ ଶୀତ ଅନୁଭୂତ ହେବା ଆରମ୍ଭ ହୋଇଛି। ହରିୟାଣା, ପଞ୍ଜାବ, ରାଜସ୍ଥାନ, ମଧ୍ୟପ୍ରଦେଶ, ଦିଲ୍ଲୀ, ଉତ୍ତରପ୍ରଦେଶର କେତେକାଞ୍ଚଳରେ ତାପମାତ୍ରା ୨୦ ଡିଗ୍ରୀ ତଳକୁ ଖସିଛି। ସକାଳୁ ଶୀତ ଅନୁଭୂତ ହେବା ସହ କୁହୁଡି ଦେଖିବାକୁ ମିଳିଥିଲା। ମଧ୍ୟପ୍ରଦେଶ ରାଜଗଡ଼ରେ ଗୁରୁବାର ତାପମାତ୍ରା ୧୫.୬ ଡିଗ୍ରୀରେ ପହଞ୍ଚିଥିଲା। ଭୋପାଳରେ ଏହା ୧.୬ ଡିଗ୍ରୀ କମି ୧୮ ଡିଗ୍ରୀରେ ପହଞ୍ଚିଥିଲା। ପ୍ରବଳ ବରଫପାତ କାରଣରୁ ମନାଲୀ- ଲେହ ରାଜପଥ ଗତ ୪ ଦିନ ହେବ ବନ୍ଦ ରହିଛି। ହିମାଚଳରେ କ୍ରମାଗତ ଚତୁର୍ଥଦିନ ବର୍ଷା ଓ ତୁଷାରପାତ ପରେ ଗୁରୁବାର ପାଗ ସଫା ରହିଥିଲା। କିନ୍ତୁ କୁଲ୍ଲୁ, ଲାହୋଲ-ସ୍ପିତି, କିନ୍ନାର, ଚମ୍ବା, ମଣ୍ଡି, କାଂଗ୍ରା ଓ ଶିମଲାରେ କିନ୍ତୁ ବରଫର ଚାଦର ଦେଖିବାକୁ ମିଳିଥିଲା। ଲାହୋଲ-ସ୍ପିତିର କେଲାଙ୍ଗରେ ଗତପାଲି ତାପମାତ୍ରା -୧ ଡିଗ୍ରୀରେ ପହଞ୍ଚିଛି। କୁକୁମସୋରୀରେ ତାପମାତ୍ରା -୦.୯ ଓ ସିମ୍‌ଲାରେ ୯.୮ ଓ ମନାଲୀରେ ୭.୭ ଡିଗ୍ରୀରେ ପହଞ୍ଚିଛି।

## ଫିଲିପାଇନ୍ସରେ ଭୂକମ୍ପ; ୬ ମୃତ

ମାନିଲା, ୧୦।୧୦ (ଏଜେନ୍ସି): ପ୍ରଶାନ୍ତ ମହାସାଗରୀୟ ତଥା ଦକ୍ଷିଣପୂର୍ବ ଏସୀୟ ଦେଶ ଫିଲିପାଇନ୍ସରେ ଶୁକ୍ରବାର ସକାଳେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଏହି ଭୂକମ୍ପର ତ୍ରୀବ୍ରତା ରିକ୍ଟର ସ୍କେଲରେ ୭.୬ ଥିଲା। ଏଥିରେ ୬ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏହି କାରଣରୁ ସୁନାମୀ ସତର୍କତା ଜାରି କରାଯାଇଥିଲା। କିନ୍ତୁ ପରେ ସୁନାମୀ ସତର୍କତାକୁ କାଢ଼ି ନିଆଯାଇଛି। ସ୍ଥିତି ଏବେ ସାମାନ୍ୟ ଅଛି ବୋଲି ପ୍ୟାସିଫିକ ସୁନାମୀ ୱାର୍ଣ୍ଣିଂ ସେଣ୍ଟର ତରଫରୁ କୁହାଯାଇଛି। ଏବେ ଆହୁରି କେତୋଟି ଭୂକମ୍ପର ଝଟ୍‌କା ଅର୍ଥାତ ଆଫଟର ସକ୍ ଅନୁଭୂତ ହେବ ବୋଲି ଫିଲିପାଇନ୍ସ ଆର୍ଥକୁଏକ୍ ଏଜେନ୍ସି କହିଛି। ଭୂକମ୍ପର ଅଧଘଣ୍ଟା ମଧ୍ୟରେ ୫.୯ ଓ ୫.୬ ତୀବ୍ରତାର କେତୋଟି ଝଟ୍‌କା ଅନୁଭୂତ ହୋଇଥିଲା। ଏକ ଭୟଙ୍କର ସୁନାମୀ ଆସିବ ବୋଲି ଏହି ଏଜେନ୍ସି ପୂର୍ବରୁ ସତର୍କତା ଜାରି କରିଥିଲା। କେନ୍ଦ୍ର ଓ ଦକ୍ଷିଣ ଫିଲିପାଇନ୍ସର ଉପକୂଳବର୍ତ୍ତୀ ସହରଗୁଡିକରେ ଲୋକଙ୍କୁ ଉଚ୍ଚ ସ୍ଥାନକୁ ଯିବା ପାଇଁ କୁହାଯାଇଥିଲା। ଏପର୍ଯ୍ୟନ୍ତ ସେଭଳି କୌଣସ ବଡ଼ ଧରଣର କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିନାହିଁ।

## ଜୁବିନଙ୍କ ଦୁଇ ସୁରକ୍ଷା ଅଧିକାରୀ ଗିରଫ

ଗୌହାଟୀ, ୧୦।୧୦(ଏଜେନ୍ସି): ଜଣାଶୁଣା ବଲିଉଡ୍ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ମାମଲା ଏବେ ନୂଆ ମୋଡ଼ ନେଇଛି। ସ୍ପେଶାଲ ଇନ୍‌ଭେଷ୍ଟିଗେସନ ଟିମ (ଏସ୍ଆଇଟି) ଜୁବିନ୍‌ଙ୍କ ସଂଦୀଗ୍ଧ ମୃତ୍ୟୁ ମାମଲାରେ ତାଙ୍କର ଦୁଇଜଣ ସୁରକ୍ଷା ଅଧିକାରୀ ବା ପର୍ସନାଲ ସିକ୍ୟୁରିଟି ଅଫିସର (ପିଏସ୍‌ଓ)ଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଏହି ଦୁଇ ପିଏସ୍‌ଓ ହେଲେ ନନ୍ଦେଶ୍ୱର ବୋରା ଓ ପରେଶ ବୈଶ୍ୟ। ଏହି ଦୁଇଜଣ ଜୁବିନଙ୍କ ସୁରକ୍ଷା ଅଧିକାରୀ ଭାବେ ଦୀର୍ଘଦିନ ଧରି ଦାୟିତ୍ୱରେ ରହିଆସୁଥିଲେ। ଗତ ୪ରୁ ୫ ବର୍ଷ ମଧ୍ୟରେ ଏହି ଦୁଇଜଣଙ୍କ ବ୍ୟାଙ୍କ ଖାତାରେ ଏକକୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ନେଣଦେଣ ହୋଇଛି। ଏଥିପାଇଁ ପୁଲିସ ଏମାନଙ୍କୁ ଗିରଫ କରିଛି ବୋଲି କହିଛି। ନନ୍ଦେଶ୍ୱରଙ୍କ ବ୍ୟାଙ୍କ ଖାତାକୁ ୭୦ ଓ ପରେଶଙ୍କ ଖାତାକୁ ୪୦ ଲକ୍ଷ ଟଙ୍କା ଆସିଥିଲା। ଫଳରେ ଦୁଇ ଅଧିକାରୀଙ୍କୁ ସସ୍‌ପେଣ୍ଡ କରାଯାଇଛି। ଏଥିସହ ଜୁବିନଙ୍କ ମୃତ୍ୟୁ ମାମଲାରେ ଗିରଫ ସଂଖ୍ୟା ଏବେ ୭ରେ ପହଞ୍ଚିଛି। ଏଥିରେ ଜୁବିନଙ୍କ ସମ୍ପର୍କୀୟ ଭାଇ ତଥା ଡିଏସ୍‌ପି ସନ୍ଦୀପନ ଗର୍ଗ, ମ୍ୟାନେଜର ସିଦ୍ଧାର୍ଥ ଶର୍ମା, ସହ ଗାୟିକା ଅମୃତପ୍ରଭା ମହନ୍ତ, ନର୍ଥ ଇଷ୍ଟ ଭେଷ୍ଟିଭାଲ ଆୟୋଜକ ଶ୍ୟାମକାନୁ ମହନ୍ତ, ବ୍ୟାଣ୍ଡ ଡ୍ରମ ମାଷ୍ଟର ଶେଖର ଜ୍ୟୋତି ଗୋସ୍ୱାମୀ ସାମିଲ ଅଛନ୍ତି।

### ଅବସରପ୍ରାପ୍ତ ସିଭିଲ ଇଞ୍ଜିନିୟରଙ୍କ ଲୋକାୟୁକ୍ତ ଚଢ଼ାଉ

## ୨.୬ କେଜି ସୁନା, ୧୭ ଟନ୍ ମହୁ ଜବତ



ଭୋପାଳ, ୧୦।୧୦ (ଏଜେନ୍ସି): ମଧ୍ୟପ୍ରଦେଶ ଭୋପାଳରୁ ବାସ୍ତବ ଜୀବନର ଏକ କ୍ରାଇମ-ଥ୍ରିଲର ସାମ୍ନାକୁ ଆସିଛି। ପୂର୍ତ୍ତ ବିଭାଗ (ପିଡବ୍ଲ୍ୟୁଡି)ର ଅବସରପ୍ରାପ୍ତ ମୁଖ୍ୟ ଇଞ୍ଜିନିୟର ଜିପି ମେହେଟାଙ୍କ ଘର ଏବଂ ଅନ୍ୟ ଠିକଣାରେ ଗୁରୁବାର ଦୁର୍ନୀତି ବିରୋଧୀ ସଂସ୍ଥା ଲୋକାୟୁକ୍ତ ପକ୍ଷରୁ ଚଢ଼ଉ କରାଯାଇଛି। ଏହି ଚଢ଼ଉରୁ ଧନର ପାହାଡ଼ର ସନ୍ଧାନ ମିଳିଛି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାର ତଦନ୍ତରୁ ଆରମ୍ଭ ହୋଇଥିବା ଏହି କାହାଣୀ ରାଜ୍ୟର ପ୍ରମୁଖ ଦୁର୍ନୀତିରେ ସାମିଲ ହୋଇଯାଇଛି। ଘରୁ ଏତେ ଧନ ସମ୍ପତ୍ତି ମିଳିଛି ଯେ ତାହା ଦେଖି ଅଧିକାରୀ ଜଳକା ହୋଇଯାଇଛନ୍ତି। ଏତେ ଟଙ୍କା ଜବତ ହୋଇଛି ଯେ ତାହାକୁ ଗଣିବା ପାଇଁ ଗଣତି ମେସିନ ମଗାଯାଇଛି। ସୁନା ଏବଂ ରୁପା କେଜି ଆକାରରେ ଜବତ ହୋଇଛି। ମାତ୍ର ସବୁଠୁ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ମେହେଟାଙ୍କ ଫାର୍ମ ହାଉସରୁ ୧୭ ଟନ୍ ମହୁ ଜବତ କରାଯାଇଛି। ଏହାକୁ ମହଜୁଦ କରି ସଜାଇ ରଖାଯାଇଥିଲା।

ସୂଚନା ଅନୁଯାୟୀ ଲୋକାୟୁକ୍ତର ୪ ଡିଏସ୍‌ପି ର୍ୟାଙ୍କ ଅଧିକାରୀ ଗୁରୁବାର ବଡି ଭୋରରେ ମେହେଟାଙ୍କ ଭୋପାଳ ଏବଂ ନର୍ମଦାପୁରମ ସ୍ଥିତ ଚାରି ଠିକଣାରେ ଚଢ଼ଉ କରିଥିଲେ। ମଣିପୁର କଲୋନୀରେ ଥିବା ତାଙ୍କ ଘରୁ ୮.୭୯ ଲକ୍ଷ ଟଙ୍କା, ୫୦ ଲକ୍ଷର ଅଳଙ୍କାର, ୫୬ ଲକ୍ଷର ଫିକ୍ସଡ ଡିପୋଜିଟ ମିଳିଥିଲା। କିନ୍ତୁ ଅସଲ ସମ୍ପତ୍ତି ତାଙ୍କ ଦ୍ୱିତୀୟ କୋଠାରେ ଥିଲା। ଦାନା ପାନି ନିକଟରେ ଥିବା ବିଳାଶପୂର୍ଣ୍ଣ ଆପାର୍ଟମେଣ୍ଟରୁ ବିପୁଳ ସୁନା ମିଳିଥିଲା। ଏଠାରୁ ୨୬ ଲକ୍ଷ ଟଙ୍କା, ୩.୦୫ କୋଟି ଟଙ୍କାର ୨.୬ କେଜି ସୁନା ଏବଂ ୫.୫ କେଜି ରୁପା ମିଳିଥିଲା। ସହରର ସମ୍ପତ୍ତିଗୁଡ଼ିକ ଦେଖି ଆଖି ଖୋସି ହେଉଥିଲେ ମଧ୍ୟ ସୋହାଗପୁର (ନର୍ମଦାପୁରମ) ତହସିଲର ସାଇନି ଗ୍ରାମରେ ମେହରାଙ୍କ ଫାର୍ମହାଉସରୁ ସମ୍ପତ୍ତିର ବଡ଼ ସାମ୍ରାଜ୍ୟ ସାମ୍ନାକୁ ଆସିଥିଲା। ଏଠାରୁ ୧୭ ଟନ୍ ମହୁ, ଛଅଟି ଟ୍ରାକ୍ଟର, ୩୨ଟି ନିର୍ମାଣାଧୀନ କୁଟୀର, ନିର୍ମାଣ ସରିଥିବା ୭ଟି କୋଠା, ମାଛ ଚାଷ ସୁବିଧା ସହିତ ବିଶାଳ ପୋଖରୀ, ଗୋଶାଳା, ମନ୍ଦିର ଏବଂ ଏକ ଫୋର୍ଡ ଏଣ୍ଡେଭର, ସ୍କୋଡା ସ୍ଲାଭିଆ, କିଆ ସୋନେଟ୍ ଏବଂ ମାରୁତି ସିଆଜ୍ ଆଦି କାର୍ ଦେଖିବାକୁ ମିଳିଥିଲା। ଏହି ସବୁ କାର୍ ମେହରା ପରିବାରଙ୍କ ନାମରେ ପଞ୍ଜିକୃତ ହୋଇଥିଲା। ସେହିପରି ଗୋବିନ୍ଦପୁର ଶିଳ୍ପାଞ୍ଚଳରେ ମେହେରାଙ୍କ ଅଫିସ ଥିଲା। ଏଠାରୁ ଅନେକ ସାମଗ୍ରୀ, କଞ୍ଚାମାଲ, ୧.୨୫ ଲକ୍ଷ କ୍ୟାସ ଏବଂ ତାଙ୍କ ପରିବାର ସମ୍ବନ୍ଧିତ ଅନେକ ସମ୍ପତ୍ତି କାଗଜପତ୍ର ମିଳିଥିଲା। ସନ୍ଧ୍ୟା ସୁଦ୍ଧା ତାଙ୍କ ଠିକଣାରୁ ୩୬.୦୫ ଲକ୍ଷ ଟଙ୍କା, ୨.୬୪୯ କେଜି ସୁନା, ୫.୫୨୩ କେଜି ରୁପା, ଏଫଡି, ବୀମା, ଅନେକ ସମ୍ପତ୍ତି, ୪ ବିଳାଶପୂର୍ଣ୍ଣ କାର୍ ଜବତ ହୋଇଥିଲା।

ପୁଲିସ ଏସ୍ଆଇ ଚାକିରି ବେପାର

# ସିବିଆଇ ତଦନ୍ତ ଦାବିରେ ଗର୍ଜିଲା ଯୁବ ଛାତ୍ର ବିଜେଡି




## ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିଙ୍କୁ ଧରିବାରେ ପୁଲିସ ବିଫଳ

ବ୍ରହ୍ମପୁର,୧୦ ।୧୦(ସମିସ): ପୁଲିସ ଏସ୍ଆଇ ଚାକିରି କେଲେଙ୍କାରୀ ଘଟଣାରେ ରାଜରାସ୍ତାକୁ ଓହ୍ଲାଇଛି ବିଜୁ ଜନତା ଦଳ। ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ହୋଇଛି। ଏହି କ୍ରମରେ ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଓ ରାଜ୍ୟ ଛାତ୍ର ବିଜେଡି ସଭାପତି ଈପ୍ସିତା ସାହୁଙ୍କ ଆହ୍ୱାନରେ ଗଞ୍ଜାମ ଜିଲ୍ଲା ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ସ୍ଥାନୀୟ ରାମଲିଙ୍ଗମ ପାର୍କରୁ ଏକ ବିରାଟ ବିକ୍ଷୋଭ ଶୋଭାଯାତ୍ରା ବାହାରି ଖଲ୍ଲିକୋଟ କଲେଜ ଛକରେ ପହଞ୍ଚିଥିଲା। ସେଠାରେ ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

ଏହି ଅବସରରେ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ପୁଲିସ ଏସ୍ଆଇ ଚାକିରି ଜାଲିଆତି ଘଟଣାରେ ପୁଲିସ ଓ କ୍ରାଇମବ୍ରାଞ୍ଚ ଟିମ୍ ୧୧୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଯଦିଓ ୫ଜଣ ଦଲାଲଙ୍କୁ ଗିରଫ କରାଯାଇଛି, କିନ୍ତୁ ଏହା ପଛରେ ଥିବା ମୁଖ୍ୟ ଅଭିଯୁକ୍ତମାନେ ଏବେ ବି ଖୁଲମଖୁଲା ବୁଲୁଛନ୍ତି। ମୁଖ୍ୟ ଅଭିଯୁକ୍ତ ଭାବେ ଫେରାର୍ ଥିବା ଶଙ୍କର ପୃଷ୍ଟିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏଥିରୁ ସ୍ପଷ୍ଟ ହେଉଛି ଯେ ବିଜେପି ସରକାର ଏହି ଜାଲିଆତି ଘଟଣାରେ ସମ୍ପୃକ୍ତ ରହିଛି। ଏଣୁ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି ବିକ୍ଷୋଭକାରୀମାନେ ଦାବି କରିଥିଲେ। ଏପରି କରି ସରକାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ଦେଉଥିବା ଅଭିଯୋଗ କରି ଛାତ୍ର ଓ ଯୁବ ବିଜେଡି ନେତାମାନେ ଭୀଷଣ ବର୍ଷିଥିଲେ।

ବିକ୍ଷୋଭ ବେଳେ ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟକ ସୁବାସ ବେହେରା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମେୟର୍ ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ଦେବାନନ୍ଦ ମହାପାତ୍ର, ଚିକିଟି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେବ, ଆସିକା ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ, ଛାତ୍ର ବିଜେଡି ଜୋନ୍ ସଭାପତି ଜ୍ୟୋତିରଞ୍ଜନ ସାହୁ, ଜିଲ୍ଲା ସୋସିଆଲ ମିଡିଆ କୋର୍ଡିନେଟର୍ ଦୁର୍ଗାପ୍ରସାଦ ପଣ୍ଡା, ଅଜୟ ମହାରଣା, ନଚିକେତା ସ୍ୱାଇଁ, ଦୁର୍ଗା ଲାୟକ, ଜିଲ୍ଲା ଯୁବ ସଭାପତି ଭବାନୀ ସାହୁ, ବ୍ରହ୍ମପୁର ଯୁବ ସଭାପତି ଅଜିତ ପଣ୍ଡା, ବ୍ରହ୍ମପୁର ଛାତ୍ର ସଭାପତି ଶୋଭନ ନାୟକଙ୍କ ସମେତ ବହୁ ବିଜୁ ଯୁବ ଓ ଛାତ୍ର ଜନତା ଦଳର କର୍ମୀ ଓ ନେତା ଉପସ୍ଥିତ ଥିଲେ।

# ରାଜ୍ୟ କ୍ୟାବିନେଟ୍‌ରେ ୧୫ ପ୍ରସ୍ତାବକୁ ମୋହର



## ଏଥର ୯୩ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ

## ନଭେମ୍ବରରୁ ଆରମ୍ଭ ହେବ ଖରିଫ ଧାନ କିଣା

ଭୁବନେଶ୍ୱର,୧୦।୧୦(ସମିସ): ଏବର୍ଷ ରାଜ୍ୟରେ ୬୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ ହେବ। ଧାନ ହିସାବରେ ଏହା ପ୍ରାୟ ୯୩ ଲକ୍ଷ ମେଟ୍ରିକ୍ ଟନ୍ ହେବ। ଖରିଫ ଓ ରବିରେ ଧାନ ସଂଗ୍ରହର ଧାର୍ଯ୍ୟ ଲକ୍ଷ୍ୟ ଯଥାକ୍ରମେ ୭୩ ଓ ୨୦ ଲକ୍ଷ ମେଟ୍ରିକ୍ ଟନ୍ ରହିବ। ଏହାଠାରୁ ଯଦି ପଞ୍ଜିକୃତ ଚାଷୀଙ୍କଠାରୁ ମଣ୍ଡିକୁ ଅଧିକ ଧାନ ଆସେ ତେବେ ତାହା ମଧ ରାଜ୍ୟ ସରକାର ଗ୍ରହଣ କରିବେ ବୋଲି ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୨୮ ତମ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକ ପରେ ଗଣମାଧ୍ୟମକୁ ସୂଚନାଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇଛନ୍ତି। ଏହି ବୈଠକରେ ମୋଟ ୧୦ ଟ ବିଭାଗର ୧୫ ଟି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏଥିରେ ଖରିଫ ଧାନ ସଂଗ୍ରହ ନୀତି ସମ୍ପର୍କରେ ନିଷ୍ପତ୍ତି ହୋଇଛି। ନିଷ୍ପତ୍ତି ଅନୁଯାୟୀ ଆସନ୍ତା ନଭେମ୍ବର ମାସରୁ ଖରିଫ ଧାନ ସଂଗ୍ରହ କରାଯିବ। ରବି ଧାନ ମେ ୨୦୨୬ରୁ ସଂଗ୍ରହ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ସେହିପରି ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଭାବେ କ୍ୟାବିନେଟ୍ ବୈଠକରେ 'ଓଡ଼ିଶା ଜନ ବିଶ୍ୱାସ' ଅଧ୍ୟାଦେଶକୁ ଅନୁମୋଦନ ମିଳିଛି। ଏହି ଅଧ୍ୟାଦେଶ ବଳରେ ଏଣିକି ରାଜ୍ୟରେ ଛୋଟ ଅପରାଧକୁ ଅପରାଧମୁକ୍ତ କରିବା ଏବଂ ବିଶ୍ୱାସଭିତ୍ତିକ ଶାସନ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଅର୍ଥାତ ଅଣ-ଗୁରୁତର ଖିଲାପ ପାଇଁ ଜେଲ୍ ଦଣ୍ଡ ବଦଳରେ ଦେୱାନୀ ଦଣ୍ଡ ସହିତ, ବ୍ୟବସାୟ ଏବଂ ବ୍ୟକ୍ତିବେଶ। ଉଭୟଙ୍କ ଉପରେ ନିୟାମକ ବୋଝ ଯଥେଷ୍ଟ ହ୍ରାସ ପାଇବ ବୋଲି ରାଜ୍ୟ ସରକାର କହିଛନ୍ତି। ସେହିପରି ରାଜ୍ୟ ସରକାର 'ଓଡ଼ିଶା ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ନିୟମ-୨୦୨୫' ପ୍ରଣୟନ ପାଇଁ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ଓଡ଼ିଶା ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ନିୟମ-୨୦୦୧ ଅନୁଯାୟୀ କରାଯାଉଛି। ଏହି ନିୟମ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ଅଧିନିୟମ, ୧୯୬୯ ଉପରେ ପର୍ଯ୍ୟବେସିତ ରହିଛି।

ସେହିପରି ଜଳସମ୍ପଦ ବିଭାଗ ପକ୍ଷରୁ ଆଗତ ପ୍ରସ୍ତାବରେ ଅନ୍ତଃ ନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣ, ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା, ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା ଆଦିରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ କ୍ୟାବିନେଟ୍ ମୋହର ବାଜିଛି।

ଆଇଏଏସ୍ ସ୍ତରରେ ଅଦଳବଦଳ

# ଚଞ୍ଚଳ ରାଣାଙ୍କୁ ବିଡିଏ ଓ ସ୍ମାର୍ଟସିଟିର ଅତିରିକ୍ତ ଦାୟିତ୍ୱ

- ୩ ବରିଷ୍ଠ ଆଇଏଏସଙ୍କୁ ଦାୟିତ୍ୱମୁକ୍ତ କଲେ ସରକାର
- ହଟିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବ୍ୟକ୍ତିଗତ ସଚିବ
- ଏନ୍ ଥିରୁମାଳା ନାଏକ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ ନିଯୁକ୍ତ

ଭୁବନେଶ୍ୱର,୧୦।୧୦(ସମିସ): ଆଇଏଏସ୍ ସ୍ତରରେ ରାଜ୍ୟ ସରକାର ଏକ ବଡ଼ ଅଦଳବଦଳ କରିଛନ୍ତି। ଏହି ଅଦଳବଦଳରେ ୩ ଜଣ ବରିଷ୍ଠ ଆଇଏଏସ୍ ଅଫିସର କେନ୍ଦ୍ରୀୟ ଡେପୁଟେସନରେ ଯିବାପରେ ଖାଲି ପଡ଼ିଥିବା ତାଙ୍କ ପଦବୀରେ ଅନ୍ୟ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ଏହାସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବ୍ୟକ୍ତିଗତ ସଚିବ ତଥା ବରିଷ୍ଠ ଓଏଏସ୍ ଅଫିସର କାହ୍ନୁଚରଣ ଧୀରଙ୍କୁ ତାଙ୍କ ପଦରୁ ବଦଳି କରାଯାଇଛି।

ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୨୦୦୧ ବ୍ୟାଚ୍ ଆଇଏଏସ୍ ଶାଳିନୀ ପଣ୍ଡିତ, ୨୦୧୧ ବ୍ୟାଚ୍ ଆଇଏଏସ୍ ସମର୍ଥ ବର୍ମା ଓ ୨୦୧୪ ବ୍ୟାଚ୍ ଆଇଏଏସ୍ ସ୍ୱଧା ଦେବ ସିଂହ କେନ୍ଦ୍ରୀୟ ଡେପୁଟେସନରେ ଯାଇ ସାରିଥିବାରୁ ରାଜ୍ୟ ସରକାର ଏହି ୩ ଜଣ ଅଫିସରଙ୍କୁ ଚଳିତମାସ ୧୩ ତାରିଖ ଅପରାହ୍ନରୁ ଦାୟିତ୍ୱମୁକ୍ତ କରିଛନ୍ତି। ଅନ୍ୟପଟେ ବିଏମ୍‌ସି କମିସନର ଚଞ୍ଚଳ କୁମାର ରାଣାଙ୍କୁ ଅତିରିକ୍ତ ଭାବେ ବିଡିଏ ଉପାଧ୍ୟକ୍ଷ ସହ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ସେହିପରି ପଞ୍ଚାୟତିରାଜ ବିଭାଗ ସଚିବ ୨୦୦୨ ବ୍ୟାଚ୍ ଆଇଏଏସ୍ ଏସଏନ୍ ଗିରୀଶଙ୍କୁ ମିଶନ ଶକ୍ତି ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ସେହିପରି ବିଡିଏ ଉପାଧ୍ୟକ୍ଷ ୨୦୦୯ ବ୍ୟାଚ୍ ଆଇଏଏସ୍ ଏନ୍ ଥିରୁମାଳା ନାଏକଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ ଭାବେ ବଦଳି କରାଯାଇଛି। ୨୦୧୦ ବ୍ୟାଚ୍ ଆଇଏଏସ୍ ମାନସୀ ନିମ୍ଭଲଙ୍କୁ ଓଡ଼ିଶା ଉଠାଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶକ ସହ ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ମାନସୀ ଏବେ ପର୍ଯ୍ୟଟନ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ୨୦୧୨ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାର ମୀନାଙ୍କୁ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ଶ୍ରୀ ମୀନା ଏବେ ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ସଚିବ ସମେତ ଏସ୍ଆଇଆରଡି ନିର୍ଦ୍ଦେଶକ ଦାୟିତ୍ୱରେ ଅଛନ୍ତି।

ସେହିପରି ୨୦୧୪ ବ୍ୟାଚ୍ ଆଇଏଏସ୍ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟଙ୍କୁ ଗୃହ ବିଭାଗର ଅତିରକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ୨୦୧୪ ବ୍ୟାଚ୍ ଆଇଏଏସ୍ ଦୀପଙ୍କର ମହାପାତ୍ରଙ୍କୁ ଓଡ଼ିଶା ପର୍ଯ୍ୟଟନ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ତାଙ୍କୁ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ(ଓଟିଡିସି)ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଶ୍ରୀ ମହାପାତ୍ର ଏବେ ହକି ପ୍ରମୋସନ କାଉନସିଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଗୃହ ବିଭାଗର ଅତିରିକ୍ତ ସଚିବ ଥିବା ୨୦୧୫ ବ୍ୟାଚ୍ ଆଇଏଏସ୍ ନିବେଦିତା ପୃଷ୍ଟିଙ୍କୁ ବୟନିକା ପରିଚାଳନା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସେ ହସ୍ତତନ୍ତ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ। ଏସ୍‌ଟି ଏସ୍‌ସି ବିଭାଗର ଅତିରିକ୍ତ ସଚିବ ପ୍ରେମଜିତ ନାୟକଙ୍କୁ ଅନୁସୂଚୀତ ଜନଜାତି ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

ସେହିପରି ୨୦୧୫ ବ୍ୟାଚ୍ ଆଇଏଏସ୍ ମଧୁସ୍ମିତା ସାମଲଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ଶ୍ରୀମତୀ ସାମଲ ଏବେ ଯୋଜନା ଓ ସମନ୍ୱୟ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ଅଛନ୍ତି। ୨୦୧୫ ବ୍ୟାଚ୍ ଆଇଏଏସ୍ ସଞ୍ଜୟ କୁମାର ବିଶ୍ୱାଲଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବ୍ୟକ୍ତିଗତ ସଚିବ ବରିଷ୍ଠ ଓଏଏସ୍ କାହ୍ନୁଚରଣ ଧୀର୍‌ଙ୍କୁ ମାଇନର ମିନେରାଲସ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ଘଟଣା

# ପୁରୁଣା ଅପରାଧୀଙ୍କ ଫାଇଲ ଓଲଟାଉଛି ପୁଲିସ

ସ୍କାନରରେ ସାର୍ପ ସୁଟର୍


ଆସିଲା ବ୍ୟବଚ୍ଛେଦ ଓ ସାଇଣ୍ଟିଫିକ ରିପୋର୍ଟ

ବାଲିଷ୍ଟିକ ରିପୋର୍ଟକୁ ଅପେକ୍ଷା

୫ଦିନ ପରେ ବି ସ୍ପଷ୍ଟ ହେଉନି କାରଣ

ସନ୍ଦେହରେ ୫-୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପଚରାଉଚରା

୬ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଅଟକ ଓ ଦାମୀ ଗାଡ଼ି ଜବତ: ଏସ୍‌ପି



ବ୍ରହ୍ମପୁର, ୧୦।୧୦ (ସମିସ): ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟାକୁ ଇତିମଧ୍ୟରେ ୫ ଦିନ ବିତିଯାଇଥିଲେ ହେଁ ଏପର୍ଯ୍ୟନ୍ତ ପୁଲିସ କାହାରିକୁ ଗିରଫ କରିପାରିନାହିଁ। ସେହିପରି, କେଉଁ କାରଣରୁ ତାଙ୍କୁ ହତ୍ୟା କରାଯାଇଛି, ତାହାର ମଧ ରହସ୍ୟ ପୁଲିସ ଭେଦି ପାରିନାହିଁ। ହତ୍ୟାକାଣ୍ଡ ପଛରେ ଏକାଧିକ କାରଣ ଥିବା ନେଇ ଆଲୋଚନା ପରେ ପୁଲିସର ଦ୍ୱନ୍ଦ୍ୱ ବଢ଼ିଯାଇଛି। କେଉଁ ଦିଗକୁ ଧରିବ, କାହାକୁ ଛାଡ଼ିବ; ବର୍ତ୍ତମାନ ସ୍ଥିତିରେ ପୁଲିସ ପାଇଁ ତାହା ବଡ଼ ଚ୍ୟାଲେଞ୍ଜ ହୋଇଛି। ତେବେ ଏପରି ଦୋଦୁଲ୍ୟମାନ ସ୍ଥିତିରେ ପୁଲିସ୍ ଏବେ ଦାଗୀ ଅପରାଧୀଙ୍କ ଫାଇଲ ଓଲଟାଇବା ଆରମ୍ଭ କରିଛି। ବିଶେଷକରି, ପୁଲିସ୍ ସାର୍ପ-ସୁଟର୍‌ଙ୍କ ତାଲିକା ବାହାର କରୁଛି। ଏହି ହତ୍ୟାକାଣ୍ଡରେ ସାର୍ପସୁଟର୍ ସୁପାରି କିଲର୍‌ଙ୍କ ହାତ ଥିବା ସନ୍ଦେହ କରାଯାଉଛି। ଆତତାୟୀଙ୍କ ଗୁଳି କରିବାର ତରିକାରୁ ପୁଲିସର ଏପରି ସନ୍ଦେହ ହୋଇଛି। ତେଣୁ, ଜିଲ୍ଲାରେ ପୂର୍ବରୁ ସଂଘଟିତ ବିଭିନ୍ନ ଗୁଳିକାଣ୍ଡ ଘଟଣାରେ ନିୟୋଜିତ ସାର୍ପସୁଟର୍‌ଙ୍କ ତାଲିକା ବାହାର କରୁଛି। ପୂର୍ବରୁ କେଉଁକେଉଁ ମାମଲାରେ ସୁପାରି କିଲରଙ୍କୁ ନିୟୋଜିତ କରାଯାଇଥିଲା ଏବଂ ସେମାନଙ୍କୁ କେଉଁଠାରୁ ଆମଦାନୀ କରାଯାଇଥିଲା, ସେମାନଙ୍କ କୁଣ୍ଡଳୀ ଖୋଜୁଛି ପୁଲିସ।

ଅପରପକ୍ଷେ, ପୀତବାସଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଆଜି ପୁଲିସର ହସ୍ତଗତ ହୋଇଛି। ପୀତବାସଙ୍କୁ ଅନ୍ୟୁନ ୨ରୁ ୨.୫ମିଟର ଦୂରରୁ ଗୁଳିମାଡ଼ ହୋଇଥିଲା। ଗୁଳିମାଡ଼ ପରେ ତାଙ୍କ ଶରୀରରୁ ପ୍ରାୟ ୪ଲିଟର ରକ୍ତସ୍ରାବ ହୋଇଥିଲା। ପ୍ରଚୁର ରକ୍ତସ୍ରାବ ଓ ଛାନିଆ ଯୋଗୁଁ ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରେ ଉଲ୍ଲେଖ ଥିବା ଜଣାପଡ଼ିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଦୁର୍ବୃତ୍ତମାନଙ୍କ ଗୁଳି ଛାତିରେ ସିଧା ନବାଜି ସାମାନ୍ୟ ବଙ୍କା ହୋଇ ବାଜିଥିଲା। ଫଳରେ ଗୁଳିଟି ଶରୀରର ଅନେକ ଶିରାପ୍ରଶିରାକୁ ଭେଦ କରି ମେରୁଦଣ୍ଡ ନିକଟରେ ଲାଖି ରହିଥିଲା। ଗୁଳିଟିକୁ ବାହାର କରିବାକୁ ପ୍ରାୟ ଦେଢ଼ଘଣ୍ଟା ସମୟ ଲାଗିଥିଲା। ଏଭଳି ପୂର୍ବରୁ ଅନ୍ୟ କେଉଁ ମାମଲାରେ ଦେଖାଯାଇନଥିବା କହିଛନ୍ତି ଏମ୍‌କେସିଜି ମେଡିକାଲର ଏଫଏମ୍‌ଟି ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡାକ୍ତର ସୁଦୀପା ଦାସ। ସାଇଣ୍ଟିଫିକ ରିପୋର୍ଟ ମଧ ପୁଲିସର ହସ୍ତଗତ ହୋଇଛି। ତେବେ ପୁଲିସ ଜବତ ଖୋଖା ଓ ଶରୀରରୁ ଉଦ୍ଧାର କରାଯାଇଥିବା ଗୁଳିର ବାଲାଷ୍ଟିକ୍ ରିପୋର୍ଟକୁ ଅପେକ୍ଷା କରିଛି। ରିପୋର୍ଟରୁ ତାହା କି' ପ୍ରକାରର ଗୁଳି ଓ କେଉଁ କିସମର ବନ୍ଧୁକରେ ବ୍ୟବହାର ହୋଇଥିଲା, ତାହା ଜଣାପଡ଼ିବ।

ଅପରପକ୍ଷେ, ସହରର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସ୍ଥାନରୁ ସଂଗୃହୀତ ସିସିଟିଭି ଫୁଟେଜ ଆଧାରରେ ୫-୫ରୁ ଅଧିକ ବ୍ୟକ୍ତିଙ୍କୁ ସନ୍ଦେହରେ ପଚରାଉଚରା କରିଛି ପୁଲିସ। ସେପଟେ ଦାମୀ ଗାଡ଼ି ସହ ୬ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଜାରି ରହିଥିବା କହିଛନ୍ତି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ। ସେଥିମଧ୍ୟରେ ଜଣେ ଏସ୍‌ଓଜି କମାଣ୍ଡୋ ଓ ଅନ୍ୟ ଜଣେ ସିଆଇଏସଏଫ ଯବାନ ରହିଛନ୍ତି। ଅପରାଧୀଙ୍କୁ ଧରିବା ପୁଲିସ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ରହସ୍ୟ ଉନ୍ମୋଚନ ପାଇଁ ବଛାବଛା ଅଧିକାରୀଙ୍କୁ ନେଇ ଗଠିତ ୬ଟି ସ୍ୱତନ୍ତ୍ର ଟିମ୍ ପକ୍ଷରୁ ଗଞ୍ଜାମ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଗୋଟିଏ ଟିମ୍ ପୁରୀ ଯାଇଥିବା ବେଳେ ଅନ୍ୟ ଟିମ୍ ଖଲ୍ଲିକୋଟ, କବିସୂର୍ଯ୍ୟନଗର ଓ ପୋଲସରାରେ ଡେରା ପକାଇଛନ୍ତି। ଏପରିକି ବିଭିନ୍ନ ସ୍ଥାନରୁ ଏକାଧିକ ବ୍ୟକ୍ତିଙ୍କୁ ସନ୍ଦେହରେ ଉଠାଯାଇଥିବା ମଧ ଜଣାପଡ଼ିଛି।

## ହତ୍ୟା ପୂର୍ବରୁ ପିଛା କରିଥିଲେ ଅପରାଧୀ

ପୀତବାସଙ୍କ ହତ୍ୟାକାଣ୍ଡରେ ଏକାଧିକ ଲୋକଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି। ହତ୍ୟା ପୂର୍ବରୁ ତାଙ୍କୁ ପିଛା କରାଯାଇଥିଲା ଏବଂ ଅତ୍ୟନ୍ତ ଯୋଜନାବଦ୍ଧ ଭାବେ ହତ୍ୟାକାଣ୍ଡକୁ ରୂପ ଦିଆଯାଇଛି ବୋଲି ଏସପି କହିଛନ୍ତି। ଏହି ମାମଲାରେ ପୁଲିସ ବର୍ତ୍ତମାନ ୬ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଥିବା ବେଳେ ଅଟକଙ୍କ ମଧ୍ୟରେ ଦୁଇଜଣ ଯବାନ ଓ ଦାମୀ ଗାଡ଼ିକୁ ମଧ ଜବତ କରାଯାଇଥିବା ଏସପି ସ୍ୱୀକାର କରିଛନ୍ତି।

## ପୀତବାସଙ୍କୁ ବିଜେପିର ଅଣଦେଖା!

ପୀତବାସ ପଣ୍ଡା ବିଜେପିର ଜଣେ ଆଗଧାଡିର ନେତା ଭାବେ ଗଞ୍ଜାମ ଜିଲ୍ଲାରେ ବେଶ ପରିଚିତ। ଗତ ସାଧାରଣ ନିର୍ବାଚନ ବେଳେ ସେ କଂଗ୍ରେସ ଛାଡ଼ି ବିଜେପିରେ ସାମିଲ ହୋଇଥିଲେ ହେଁ ଖୁବ୍ କମ୍ ଦିନରେ ଗୋପାଳପୁର ବିଧାୟକ ତଥା ଖଣିମନ୍ତ୍ରୀ ବିଭୂତି ଜେନାଙ୍କ ଅତ୍ୟନ୍ତ ଘନିଷ୍ଠ ଓ ନିକଟତର ହୋଇପାରିଥିଲେ। ପୀତବାସଙ୍କୁ ଗୁଳି କରାଯାଇଥିବା ଖବର ପାଇ ମନ୍ତ୍ରୀ ଶ୍ରୀ ଜେନା ମେଡିକାଲରେ ପହଞ୍ଚିବା ସହ ଅନ୍ତ୍ୟେଷ୍ଟିକ୍ରିୟା ପର୍ଯ୍ୟନ୍ତ ସାଙ୍ଗରେ ରହିଥିଲେ। ଏପରିକି, ସେହିଦିନ ବିଳମ୍ବିତ ରାତିରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ସମେତ ଜିଲ୍ଲାର ଅନ୍ୟ ବିଧାୟକମାନେ ମଧ ଉପସ୍ଥିତ ଥିଲେ। ସମସ୍ତେ ଗଣମାଧ୍ୟମରେ ଶୋକବ୍ୟକ୍ତ ମଧ କରିଥିଲେ। ତେବେ ଘଟଣାକୁ ଇତି ମଧ୍ୟରେ ୫ଦିନ ବିତିଯାଇଥିଲେ ହେଁ ଦଳର ଜଣେ ନେତାଙ୍କୁ ହରାଇଥିବା ବିଜେପି ପକ୍ଷରୁ ଶୋକ ସଭାଟିଏ ଆୟୋଜନ କରାନଯିବା ଘଟଣାକୁ ନେଇ ସମଗ୍ର ଜିଲ୍ଲାରେ ସବୁଠି ଚର୍ଚ୍ଚା ଜୋର୍ ଧରିଛି। ଆଇନଜୀବୀଙ୍କ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ସହ କ୍ୟାଣ୍ଡେଲ ଶୋଭାଯାତ୍ରା ସହ ଶୋକସଭାର ଆୟୋଜନ କରାଯାଇଛି। ହେଲେ ପୀତବାସଙ୍କ ନିଜ ଦଳ ବିଜେପି ତାଙ୍କୁ ସ୍ୱଳ୍ପ ଦିନରେ ଅଣଦେଖା କରିଦେଇଥିବା ନେଇ ସାଧାରଣରେ ଆଲୋଚନା ହେଉଛି।

# ୧୪ ସୁଦ୍ଧା ରାଜ୍ୟରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ

ଭୁବନେଶ୍ୱର,୧୦।୧୦(ସମିସ): ଆସନ୍ତା ୩-୪ ଦିନ ମଧ୍ୟରେ ରାଜ୍ୟରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେବ। ଦେଶର ବିଭିନ୍ନ ସ୍ଥାନ ସମେତ ଓଡ଼ିଶାର କିଛି ଅଞ୍ଚଳରୁ ମୌସୁମୀ ଅପସାରାଣ ପାଇଁ ପାଗ ଅନୁକୂଳ ରହିଛି। ତେଣୁ ରାଜ୍ୟରୁ ମୌସୁମୀ ବିଦାୟ ନେଇ ଆଇଏମ୍‌ଡି ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ରାଜ୍ୟରେ କିଛି କିଛି ଅଞ୍ଚଳରେ କାଁ ଭାଁ ବର୍ଷା ଛାଡ଼ି ଦେଲେ ବାକି ଅଞ୍ଚଳରେ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ। ତେବେ ୧୩ ଓ ୧୪ରେ ସମୁଦ୍ର ସଂଲଗ୍ନ ଜିଲ୍ଲାରେ ହାଲୁକାରୁ ସ୍ୱଳ୍ପ ବର୍ଷା ହୋଇପାରେ। ୧୫ ତାରିଖରୁ ରାତିର ତାପମାତ୍ରା କ୍ରମଶଃ କମିବା ସହ ୧୭ ତାରିଖ ସୁଦ୍ଧା କେତେକ ଆଭ୍ୟନ୍ତରୀଣ ଅଞ୍ଚଳରେ ତାପମାତ୍ରା ପ୍ରାୟ ୨-୩ ଡିଗ୍ରୀ କମିପାରେ। କନ୍ଧମାଳ, କୋରାପୁଟ,



ଗଜପତି, ମୟୂରଭଞ୍ଜ ଓ କେନ୍ଦୁଝରରେ ତାପମାତ୍ରା ସବୁଠାରୁ କମ୍ ରହିବ। ଏହି ସ୍ଥାନମାନଙ୍କରେ ସର୍ବନିମ୍ନ ତାପମାତ୍ରା ୨-୩ ଡିଗ୍ରୀ କମିବା ହେତୁ ଶିଶିରପାତ ସହ କୁହୁଡ଼ି ହେବାର ସମ୍ଭାବନା ରହିଛି। ୧୭ ତାରିଖରେ ଦକ୍ଷିଣ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ସମୁଦ୍ରରେ ୫ ଦିନରୁ ଅଧିକ ରହିବାରୁ ଘନୀଭୂତ ହେବାର ସମ୍ଭାବନା ରହିଛି। ତେବେ ଏହା କେତେ ଘନୀଭୂତ ହେବ ଓ କେଉଁ ଆଡ଼କୁ ଗତି କରିବ ଆଗକୁ ସ୍ପଷ୍ଟ ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପରିବର୍ତ୍ତନ ହୋଇ ଉତ୍ତର-ପୂର୍ବ ବାୟୁ ଉପକୂଳରେ ହେବ, ଯାହାକି ପ୍ରତ୍ୟାବର୍ତ୍ତନ ମୌସୁମୀକୁ ସୁଚାଉଛି। ବିଭିନ୍ନ ମଡେଲ୍ ଓ ପାଣିପାଗ ସଂସ୍ଥାର ସୂଚନା ଅନୁଯାୟୀ ବର୍ତ୍ତମାନ ଲା-ନିନା ସ୍ଥିତି ସୃଷ୍ଟି ହୋଇ ସାରିଛି। ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଅର୍ଥାତ ସ୍ୱଳ୍ପ ଅବଧି ପାଇଁ ଏହା ରହିପାରେ। ଲା-ନିନା ବର୍ଷରେ ଅନେକ ସମୟରେ ଅତ୍ୟଧିକ ବର୍ଷା ଓ ଶୀତ ହେବାର ନଜୀର ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଗତ ୨୪ ଘଣ୍ଟାରେ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିଛି। ଏହି ସମୟରେ ବାଲେଶ୍ୱରରେ ୧୧.୭ ମିମି ବର୍ଷା ରେକର୍ଡ ହୋଇଛି।

ପୁଲିସ ଏସ୍ଆଇ ଚାକିରି ବେପାର

# ବିଜେପି ପ୍ରଭାରୀଙ୍କ ଆଡ଼କୁ କଂଗ୍ରେସର ଅଙ୍ଗୁଳି ନିର୍ଦ୍ଦେଶ



## ପ୍ରଭାବଶାଳୀ ଅତୁଲ ପ୍ରଭାକରଙ୍କ ଭୂମିକା ବି ସନ୍ଦେହରେ

ଭୁବନେଶ୍ୱର,୧୦।୧୦(ସମିସ): ରାଜ୍ୟରେ ପୁଲିସ ଏସ୍ଆଇ ନିଯୁକ୍ତି କେଲେଙ୍କାରୀ ଘଟଣାରେ ବଡ଼ ମୁଣ୍ଡଙ୍କୁ ଯୋଡ଼ିଛି ରାଜ୍ୟ କଂଗ୍ରେସ। ଏହି କେଲେଙ୍କାରୀରେ ବିଜେପିର କେନ୍ଦ୍ରୀୟ ନେତୃତ୍ୱଙ୍କ ମଧ ସମ୍ପୃକ୍ତି ରହିଛି ବୋଲି କଂଗ୍ରେସ କହିଛି। ବିଜେପିର ଏହି କେନ୍ଦ୍ରୀୟ ନେତୃତ୍ୱ ତାଙ୍କର ଜଣେ ଅତ୍ୟନ୍ତ ଅନୁଗାମୀଙ୍କ ଜରିଆରେ ଏହି କେଲେଙ୍କାରୀରେ ସାମିଲ ଥିବା କଂଗ୍ରେସ ଅଭିଯୋଗ କରିଛି।

ଦଳ ପକ୍ଷରୁ ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ ଓପିଆରବିର ବରିଷ୍ଠ ପୁଲିସ ଅଧିକାରୀ, ରାଜ୍ୟ ସରକାରଙ୍କର ବରିଷ୍ଠ ମନ୍ତ୍ରୀ ଓ ନେତୃବୃନ୍ଦଙ୍କ ବିନା ଅଗୋଚରରେ ଏହି କେଲେଙ୍କାରୀ ହୋଇପାରିବ ନାହିଁ। ବିଜେପି ନେତାଙ୍କ ସହ ଏହି କେଲେଙ୍କାରୀର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ଘନିଷ୍ଠ ସମ୍ପର୍କ ରହିଥିଲା। ଏହାସହିତ ଅତୁଲ ପ୍ରଭାକର ନାମକ ଜଣେ ବ୍ୟକ୍ତି ମଧ ଉଭୟ ବିଜେପି ନେତା ଓ ଶଙ୍କର ପୃଷ୍ଟିଙ୍କ ସହ ଘନିଷ୍ଠ ଥିଲେ। ଏହି ଅତୁଲ ପ୍ରଭାକର କିଏ ? ସେ ଶଙ୍କର ପୃଷ୍ଟିଙ୍କୁ କିଭଳି ଜାଣିଲେ? ଅତୁଲ ପ୍ରଭାକରଙ୍କ ସହ ରାଜ୍ୟ ବିଜେପି ପ୍ରଭାରୀ ବିଜୟପାଲ୍ ସିଂ ତୋମାରଙ୍କ କି ସମ୍ପର୍କ ଅଛି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ରଜନୀ ମହାନ୍ତି କହିଛନ୍ତି ଯେ ଅତୁଲ ପ୍ରଭାକର ମହାରାଷ୍ଟ୍ରର ଅଧିବାସୀ। ମାତ୍ର ତାଙ୍କର ଓଡ଼ିଶାରେ କି କାର୍ଯ୍ୟ? ଭୁବନେଶ୍ୱରରେ ସେ ମାସ ମାସ ଧରି ରହୁଛନ୍ତି କାହିଁକି? ଶଙ୍କର ପୃଷ୍ଟିଙ୍କ ସହ ତାଙ୍କର ନିବିଡ ସମ୍ପର୍କ କେବେ ଠୁଁ ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ପୁଲିସ ଚାକିରି ବିକ୍ରି ରାକେଟକୁ ଶଙ୍କର ପୃଷ୍ଟି ସହିତ ଅତୁଲ ପ୍ରଭାକର ଚଳାଉଛନ୍ତି ବୋଲି କଂଗ୍ରେସ ସନ୍ଦେହ କରିଛି।

ଦଳ ପକ୍ଷରୁ ଆହୁରି କୁହାଯାଇଛି ଯେ ଏସଆଇ ନିଯୁକ୍ତି ପରୀକ୍ଷାର ମହାଦୁର୍ନୀତିର ଚେର ପଞ୍ଚସପ୍ଟ ମାଲିକ ଶଙ୍କର ପୃଷ୍ଟି ଓ ଆଜି ପର୍ଯ୍ୟନ୍ତ ଗିରଫ ହୋଇଥିବା ମଧ୍ୟସ୍ଥ ଏବଂ ପରୀକ୍ଷାର୍ଥୀଙ୍କ ଭିତରେ ସୀମିତ ନାହିଁ। ଯେଉଁମାନେ ବିଜେପିର ଓଡ଼ିଶା ଦାୟିତ୍ୱରେ ରହିଛନ୍ତି, ସେମାନଙ୍କ ପର୍ଯ୍ୟନ୍ତ ଦୁର୍ନୀତିର ଚେର ଲମ୍ବିଛି। ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ପ୍ରଥମ ଥର ରାଜ୍ୟରେ କ୍ଷମତାକୁ ଆସିଥିବା ବିଜେପି ସରକାର ୧୫ ମାସ ଭିତରେ ୧୬ଟି ନିଯୁକ୍ତିଭିତ୍ତିକ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍‌ଠାରୁ ଆରମ୍ଭ କରି ଚାକିରି ଦେବା ପାଇଁ ଅର୍ଥ ଆଦାୟର ଅଭିଯୋଗ ହେବା ପରେ ଏହାକୁ ବାତିଲ କରାଯାଇଛି। ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ ରାଜ୍ୟରେ ଖାଲିପଡ଼ିଥିବା ୯୩୩ ପଦବୀ ପୂରଣ କରିବା ପାଇଁ ଲିଖିତ ପରୀକ୍ଷା କରିବା ପାଇଁ କେନ୍ଦ୍ର ସରକାରଙ୍କ ଆଇଟିଆଇ ସଂସ୍ଥା ସହିତ ଚୁକ୍ତିନାମା କରିଥିଲେ। ଉକ୍ତ ଚୁକ୍ତିନାମାରେ ସର୍ତ୍ତାବଳୀ ଅନୁସାରେ ଆଇଟିଆଇ ସଂସ୍ଥା ପରୀକ୍ଷା ପରିଚାଳନା କରିବା ପାଇଁ ଅନ୍ୟ କୌଣସି ସଂସ୍ଥାକୁ ସବ୍ କଣ୍ଟ୍ରାକ୍ଟ ଦେଇପାରିବେ। ସେହି ଅନୁସାରେ ସିଲିକନ ଟେକ୍ ଲାବକୁ ଆଇଟିଆଇ ସଂସ୍ଥା ସବ୍ କଣ୍ଟ୍ରାକ୍ଟ ଦେଇଥିଲା। କିନ୍ତୁ ସବ୍ କଣ୍ଟ୍ରାକ୍ଟ ପାଇଥିବା ସଂସ୍ଥା ଅନ୍ୟ ଏକ ସଂସ୍ଥାକୁ ସବ୍ କଣ୍ଟ୍ରାକ୍ଟ ଦେଇପାରିବ ନାହିଁ। କିଭଳି ଭାବରେ ସମସ୍ତ ନିୟମକୁ ଉଲଂଘନ କରି ପଞ୍ଚସପ୍ଟକୁ ପରୀକ୍ଷା କରିବାକୁ ଦିଆଗଲା ବୋଲି କଂଗ୍ରେସ ପ୍ରଶ୍ନ କରିଛି।

## ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ଅଭିଯୋଗ

# ୨୦ ଲକ୍ଷ ଟଙ୍କା ଦାବିରେ ଶବ ରଖି ରାସ୍ତାରୋକ

ପାଟଣାଗଡ଼, ୧୦।୧୦(ସମିସ)



ଦୁର୍ଘଟଣାରେ ଗୁରୁତର ପାଟଣାଗଡ଼ ଥାନା ବଡପଡ଼ାର ସୁରଜ ତାଣ୍ଡି (ରବି) ଚିକିତ୍ସା ଅବହେଳାରୁ ଆଖି ବୁଜିଛନ୍ତି। ପରିବାର ଲୋକେ କ୍ଷତିପୂରଣ ଦାବି କରି ପାଟଣାଗଡ଼ ମୁଖ୍ୟ ରାସ୍ତାରେ ଶବ ରଖି ଅବରୋଧ କରିଥିଲେ। ପ୍ରଶାସନ କିନ୍ତୁ ରେଡକ୍ରସରୁ ମାତ୍ର ୨୦ ହଜାର ଟଙ୍କା ଦେଇ ଭଣ୍ଡେଇ ଦେଇଛି। ଦୁର୍ଘଟଣା ଘଟାଇଥିବା କାର୍ ଚାଳକଙ୍କୁ ଗିରଫ କରାଯିବ ବୋଲି ପୁଲିସ ପ୍ରତିଶ୍ରୁତି ଦେଇଛି।

୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ପରିବାର ଲୋକଙ୍କୁ ନିଯୁକ୍ତି ଦେବାକୁ ଦାବି କରି ଗୁରୁବାର ଅପରାହ୍ନ ୪ଟାରେ ପାଟଣାଗଡ଼ର ମୁଖ୍ୟ ରାସ୍ତା କଲେଜ ଛକ ସମ୍ମୁଖରେ ଶବ ରଖି ପରିବାର ଲୋକେ ରାସ୍ତାରୋକ କରିଥିଲେ। ଘଟଣାସ୍ଥଳରେ ପାଟଣାଗଡ଼ ପୁଲିସ ଓ ତହସିଲଦାର ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ପରିବାର ଲୋକେ ଜିଦରେ ଅଟଳ ରହଥିଲେ। ରବିଙ୍କ ବାପା ଲବ ତାଣ୍ଡିଙ୍କ ଅଭିଯୋଗ ଅନୁସାରେ ଗତ ୨୯ ତାରିଖ ବେଲପଡ଼ାରୁ ରବି ତାଙ୍କ ବାଇକ୍ (ଓଡି ୦୩ ଏବି ୬୮୪୮) ରେ ଫେରୁଥିଲେ। ମଣ୍ଡୋଦୋରୋ ଛକ ନିକଟରେ ଅନ୍ୟପଟୁ ଆସୁଥିବା ଏକ କାର (ଓଡି ୧୭ ୱାଇ ୧୯୦୨) ସହ ଧକ୍କା ହୋଇଥିଲା। ଏହା ଫଳରେ ରବିଙ୍କ ରକ୍ତସ୍ରାବ ହେବା ସହ ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ବେଲପଡ଼ା ଡାକ୍ତରଖାନା ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ବଲାଙ୍ଗିର ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ଓ ପରେ ରାୟପୁର ସ୍ଥାନାନ୍ତର କରାଯାଇଥିଲା। ରାୟପୁରରେ ପ୍ରତିଦିନ ଚିକିତ୍ସା ପାଇଁ ୩୦/୪୦ ହଜାର ଟଙ୍କା ଦରକାର ହୋଇଥିଲା। ଗରିବ ଖଟିଖିଆ ବାପା ବେଲପଡ଼ା ଥାନାକୁ ଯାଇ ଦୁର୍ଘଟଣା ଘଟାଇଥିବା ଗାଡି ମାଲିକଙ୍କଠାରୁ କିଛି ସହାୟତା ପାଇଁ କହିଥିଲେ; କିନ୍ତୁ ପୁଲିସ କୌଣସି ପଦକ୍ଷେପ ନେଇ ନ ଥିଲା। ଏହାପରେ ବେଲପଡ଼ାରେ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଜିଲ୍ଲାପାଳ ପାଟଣାଗଡ଼ ଉପଜିଲ୍ଲାପାଳଙ୍କ ନିକଟକୁ ପଠାଇଥିଲେ; ହେଲେ କିଛି ଲାଭ ହୋଇ ନ ଥିଲା।

ଅଭିଯୋଗ ଆଧାରରେ ବେଲପଡ଼ା ପୁଲିସ ଏକ ମାମଲା

### ସହଯୋଗ କଲାନି ପୁଲିସ କି ପ୍ରଶାସନ

### ଜିଲ୍ଲାପାଳ, ଉପ ଜିଲ୍ଲାପାଳଙ୍କୁ ଅଭିଯୋଗ କରି ଲାଭ ମିଳିଲାନି

ରୁଜୁ କରିଛି। ଦୁର୍ଘଟଣା ଘଟଇଥିବା ଗାଡି ମାଲିକ କଣ୍ଟାବାଞ୍ଜି ୟୁକୋ ବ୍ୟାଙ୍କର ମ୍ୟାନେଜର ବୋଲି ପୁଲିସ ଜାଣିଥିଲା; କୌଣସି ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୋଇଛି।

# ଲାଖ ଚାଲାଣ ରୋକିବାକୁ କାହାରି ଆନ୍ତରିକତା ନାହିଁ

**ବଲାଙ୍ଗିର, ୧୦।୧୦(ସମିସ):** ବଲାଙ୍ଗିର ଜିଲ୍ଲାରୁ ଚାଲାଣ ହେଉଛି ଲାଖ। ସ୍ଥାନୀୟ କିଛି ବ୍ୟବସାୟୀଙ୍କ ଲିଙ୍କରେ ଏହି ବେଆଇନ ଚାଲାଣ ଚାଲିଛି। ସ୍ଥାନୀୟ ଜଙ୍ଗଲରୁ ଏହାକୁ ସଂଗ୍ରହ କରି ରାଜ୍ୟ ବାହାରକୁ ଏହା ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଏହା ଶୁଣିବାକୁ ଅଜବ ଲାଗୁଥିଲେ ମଧ ବଲାଙ୍ଗିର ଜିଲ୍ଲାରେ ଏହିଭଳି କାରବାର ଚାଲିଛି। ଏହା ଆଜି କି କାଲି ନୁହଁ; ଗତ କିଛି ବର୍ଷ ହେଲା ଏହି ଅଞ୍ଚଳରୁ ଲାଖ ଚାଲାଣ ହେଉଛି। ହାରି ଭିତରେ କେବଳ ଥରେ ବନ ବିଭାଗ ପକ୍ଷରୁ ବେଆଇନ ଲାଖ ଚାଲାଣ ଉପରେ ପ୍ରାୟ ୨ ବର୍ଷ ଆଗରୁ ଚଢଉ କରାଯାଇଥିଲା। କିଛି ଦିନ ଏହି ଚାଲାଣ ଯଦିଓ କମିଥିଲା ତଥାପି ପୁଣି ଏହା ସକ୍ରିୟ ଭାବେ ଚାଲିଛି। ତେବେ ବଲାଙ୍ଗିର ଜିଲ୍ଲାରୁ ଏହା ବେଆଇନ ଭାବେ ଚାଲାଣ ହେଉଥିବା ବେଳେ ଏହାକୁ ରୋକିବା ପାଇଁ କିଏ ଓ କେଉଁ ଭାବରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା ତାହା ମଧ ଅସ୍ପଷ୍ଟ ରହିଛି। ଏହାର ସୁଯୋଗ ନେଇ ରାଜ୍ୟ ବାହାର ବଡ ବଡ ବ୍ୟବସାୟୀ ସ୍ଥାନୀୟ ଛୋଟ ବ୍ୟବସାୟୀଙ୍କୁ ହାତ କରି ଏହି ର୍‌ୟାକେଟ୍ ଚଳାଇଥିବା ଅଭିଯୋଗ ହୋଇଛି।

ବଲାଙ୍ଗିର ଜିଲ୍ଲାରେ ଥିବା ସଂରକ୍ଷିତ ଜଙ୍ଗଲରେ ବହୁ ପରିମାଣର ମୂଲ୍ୟବାନ ଗଛ ରହିଛି। ଏହି ସଂରକ୍ଷିତ ଜଙ୍ଗଲରୁ ନିୟମିତ କେନ୍ଦୁ, ଖଇର, ଶାଗୁଆନ ଗଛ ଚୋରା ଚୋଲାଣ ହେଉଛି। ଗତ କିଛି ବର୍ଷ ହେଲା ଜଙ୍ଗଲରୁ ଲାଖ ଚାଲାଣ ହେଉଥିବା ମଧ ଅଭିଯୋଗ ହୋଇଆସୁଛି; କିନ୍ତୁ ଏହା ପରେ ବନ ବିଭାଗ ନା ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଉଛି। ଦେଓଗାଁ, ସଇଁନ୍ତଲା, ମୁରିବାହାଲ, ହରିଶଙ୍କର ସମେତ ବିଭିନ୍ନ ରେଞ୍ଜରେ ଥିବା ସଂରକ୍ଷିତ ଜଙ୍ଗଲରେ ବହୁ ପରିମାଣର ଲାଖ ମିଳିଥାଏ। ଜଙ୍ଗଲ ସୀମାରେ ଥିବା ଗ୍ରାମବାସୀ ଜଙ୍ଗଲକୁ ଯାଇ ଏହା ସଂଗ୍ରହ କରି କମ୍ ଦରରେ ରାଜ୍ୟ ବାହାରକୁ ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଲାଖ ଚାଲାଣ କରିବା

> **ବର୍ଷ ବର୍ଷ ଧରି ବଲାଙ୍ଗିରରୁ ରାୟପୁର ଚାଲାଣ ହେଉଛି**
>
> **ଦେଓଗାଁ, ମୁରିବାହାଲ, ସଇଁନ୍ତଲା, ହରିଶଙ୍କର ଅଞ୍ଚଳରେ ଚାଲିଛି କାରବାର**

ସମ୍ପୂର୍ଣ୍ଣ ଭାବେ ବେଆଇନ ହୋଇଥିବା ବେଳେ କିଭଳି ଏହି କାରବାର ଚାଲିଛି ତାକୁ ନେଇ ପ୍ରଶ୍ନ ଉଠିଛି। ଏହି କାରବାର ରୋକିବା ପାଇଁ ବନ ବିଭାଗ କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ଚାଲାଣକାରୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ୨ ବର୍ଷ ତଳେ ବଲାଙ୍ଗିର ଜିଲ୍ଲାରେ ଲାଖ ଚାଲାଣ ହେଉଥିବା ଏକ ମାମଲା ସାମ୍ନାକୁ ଆସିଥିଲା। ସେହି ସମୟରେ ବଲାଙ୍ଗିର ବନ ବିଭାଗର ଏକ ଟିମ୍ ଦେଓଗାଁ ରେଞ୍ଜ ଅର୍ଡା ଗାଁରେ ଚଢଉ କରିଥିଲେ। ଗାଁରୁ ପ୍ରାୟ ପ୍ରାୟ ଏକ କ୍ୱିଣ୍ଟାଲ ଲାଖ ବନ ବିଭାଗ ଜବତ କରିଥିଲା। ଏହାକୁ ବାହାରକୁ ଚାଲାଣ କରିବାକୁ ଉଦ୍ୟମ କରୁଥିବା ବେଳେ ୪ ଜଣ ଅଭିଯୁକ୍ତଙ୍କୁ ବନ ବିଭାଗ ଗିରଫ କରିଥିଲା। ଏହା ସାମ୍ନାକୁ ଆସିବା ପରେ ବଲାଙ୍ଗିର ଜିଲ୍ଲାରେ ଏହିଭଳି ଏକ କାରବାର ଚାଲିଥିବା ଜଣାପଡ଼ିଥିଲା। ତେବେ ଏହି ଘଟଣା ପରେ ଆଉ ବନ ବିଭାଗ ପକ୍ଷରୁ ଅନ୍ୟସ୍ଥାନରେ କୌଣସି ପ୍ରକାର ଚଢଉ କରାଯାଇ ନ ଥିଲା। ଜଣେ ବନ ବିଭାଗ ଅଧିକାରୀଙ୍କ କହିବା ଅନୁସାରେ ଲାଖ ସଂଗ୍ରହ କରିବା ନନ ଟିମ୍ବର ବନ୍ୟ ଉତ୍ପାଦ କ୍ୟାଟାଗୋରୀରେ ଯାଉଛି। ଯାହାକି ସଂଗ୍ରହ କରାଯାଇପାରିବ; କିନ୍ତୁ ତାକୁ ଚାଲାଣ କରିବା ଦଣ୍ଡନୀୟ ଅପରାଧ। ଯେହେତୁ ଏହା ନନ୍ ଟିମ୍ବର ବନ୍ୟ ଉତ୍ପାଦ କ୍ୟାଟାଗୋରୀରେ ଯାଉଛି ତେଣୁ ବନ ବିଭାଗ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରିପାରିବ ନାହିଁ। ତେବେ ସ୍ଥାନୀୟ ପ୍ରଶାସନ ଏଦିଗରେ ପଦକ୍ଷେପ ଗ୍ରହଣ କରିପାରିବ ବୋଲି ସେ କହିଛନ୍ତି। ଏହି ଲାଖ ଜିଲ୍ଲାର ବିଭିନ୍ନ ଜଙ୍ଗଲରୁ ସଂଗ୍ରହ କରାଯାଇ ସ୍ଥାନୀୟ ଦଲାଲଙ୍କ ସହାୟତାରେ ରାୟପୁର ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି। ପାଟଣାଗଡ଼, ମୁରିବାହାଲ ଅଞ୍ଚଳରେ ଏହି ଲାଖର ବେଆଇନ ଚାଲାଣ କରୁଥିବା ବ୍ୟବସାୟୀ ରହିଛନ୍ତି; ଯେଉଁମାନେ କମ୍ ଦରରେ ଲାଖ କିଣି ବାହାରକୁ ଅଧିକ ଦରରେ ଚାଲାଣ କରିଥାନ୍ତି। ଏହା ରୋକିବା ପାଇଁ ସ୍ଥାନୀୟ ପ୍ରଶାସନ, ପୁଲିସ ଓ ବନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ମିଳିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ

**ବଲାଙ୍ଗିର, ୧୦।୧୦ (ସମିସ):** ଶାସ୍ତ୍ରୀନଗରସ୍ଥିତ ଆଶ୍ରା ପ୍ରତିଷ୍ଠାନରେ ମାନସିକ ଅକ୍ଷମ ବ୍ୟକ୍ତି ବିଶେଷଙ୍କ ନିମନ୍ତେ ବଲାଙ୍ଗିର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଏକ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଏହି ଦିବସ ପାଳନ ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପବିତ୍ରାନନ୍ଦ ପ୍ରଧାନ, ଜିଲ୍ଲା ମାନସିକ ସାମାଜିକ କର୍ମୀ ଶିବା କର୍ମୀ, ପୂର୍ବତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କ୍ଷିରୋଦ୍ର ତ୍ରିପାଠୀ, ଆଶ୍ରା ପ୍ରତିଷ୍ଠାନର ସଚିବ ରଞ୍ଜିତ ପ୍ରସାଦ ମହାନ୍ତି, ସ୍ନେହଲତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମାନସିକ ଅକ୍ଷମ ଅନ୍ତେବାସୀମାନେ ସମସ୍ତ ସୁବିଧା ସୁଯୋଗ କିପରି ପାଇପାରିବେ ସେ ନିମନ୍ତେ ସୂଚନା ପ୍ରଦାନ କରାଯାଇଥିଲା। ସଚିବ ଶ୍ରୀ ପ୍ରଧାନ ମାନସିକ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଆଇନ ସେବା ପ୍ରାଧିକରଣର ଭୂମିକା ଓ ଏଲ୍ଏସୟୁଏମ କମିଟିର କାର୍ଯ୍ୟକାରିତା ଉପରେ ଅବଗତ କରାଇଥିଲେ।

## ନାଇଜେରିଆରେ ଚମକିଲେ ଓଡ଼ିଆ ଖେଳାଳି



**ଟିଟିଲାଗଡ଼, ୧୦।୧୦ (ସମିସ):** ଓମ୍‌ଭ୍ୟାଲି ସ୍କୁଲର ପ୍ରାକ୍ତନ ଛାତ୍ର ବିଶ୍ୱାସ ରଞ୍ଜନ ପଣ୍ଡା ବିଦେଶରେ ଚମକିଛନ୍ତି। ନାଇଜେରିଆରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ସେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ସେ କାଂସ୍ୟ ପଦକ ହାସଲ କରିଛନ୍ତି। ସେହିଭଳି ଶିକ୍ଷାନୁଷ୍ଠାନର ସନ୍ତରଣ ପ୍ରଶିକ୍ଷକ ଅମୀୟ ପ୍ରଧାନ ମଧ୍ୟପ୍ରଦେଶର ଇନ୍ଦୋରରେ ଅନୁଷ୍ଠିତ ୧୪ତମ ବାୟାଥଲ ଏବଂ ଟ୍ରାଏଥଲ ଜାତୀୟ ଚମ୍ପିଏନ୍ ସିପ୍‌ରେ କାଂସ୍ୟ ପଦକ ହାସଲ କରିଛନ୍ତି। ସେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହେବାକୁ ଯାଉଥିବା ବିଶ୍ୱ ଚାମ୍ପିଅନସିପ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏନେଇ ଓମଭ୍ୟାଲି ବିଦ୍ୟାଳୟର ପରିଚାଳନା କମିଟି ଅଧ୍ୟକ୍ଷ ଦୀପକ ସାହୁ, ଆଇନ ପରାମର୍ଶଦାତା ମନୋଜ ହାତୀ ଅଭିନନ୍ଦନ ଜଣାଇଛନ୍ତି।

## ଜରାସିଂହା ଯୁକ୍ତ ଦୁଇ କଲେଜରେ ଏଡ଼୍ସ ସଚେତନତା କାର୍ଯ୍ୟକ୍ରମ



**ଦେଓଗାଁ, ୧୦।୧୦(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଜରାସିଂହା ଯୁକ୍ତଦୁଇ କଲେଜରେ ଶୁକ୍ରବାର ଏଡ଼ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ବସନ୍ତ ମନହୀରା ଅଧ୍ୟକ୍ଷତା କରିଥିଲେ। ଯୁବରେଡକ୍ରସ କାଉନସେଲର ଟିଙ୍କୁ ମେହେର ସଂଯୋଜନା କରିଥିଲେ। ଏଡସ ନିୟନ୍ତ୍ରଣ ପରିଚାଳକ ହେମନ୍ତ ଦାସ ଓ ଏଡସ ନିୟନ୍ତ୍ରଣ କାର୍ଯ୍ୟକ୍ରମର ପର୍ଯ୍ୟବେକ୍ଷକ ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଏଡସ ରୋଗର ଭୟାବହତା ଉପରେ ଆଲୋକପାତ କରିବା ସହ ଏହାର ନିୟନ୍ତ୍ରଣ ତଥା ସତର୍କତା ଉପରେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ ହୃଷିକେଶ ପଧାନ, ଚୂଳମଣୀ ମାଝୀ, ପ୍ରଶାନ୍ତ ଥନାପତି, ଅଧ୍ୟାପିକା ପ୍ରତିଭା ମୁନ୍ନା, ଜ୍ୟୋତି ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## କଙ୍ଗାଲୁ ବାରିକଙ୍କୁ ଶ୍ରଦ୍ଧାଞ୍ଜଳି

**ବଲାଙ୍ଗିର, ୧୦।୧୦(ସମିସ):** ବଲାଙ୍ଗିର ଜିଲ୍ଲା ବାରିକ ସମାଜ ପକ୍ଷରୁ କଙ୍ଗାଲୁ ବାରିକଙ୍କ ଏକାଦଶାହ ଉପଲକ୍ଷେ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ପୈତୃକ ଗ୍ରାମ ରାକ୍ସିମୁଣ୍ଡାଠାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ନିଖିଳ ଉତ୍କଳ ବାରିକ ସମିତିର ରାଜ୍ୟ ସଭପତି ହେମନ୍ତ ବାରିକ, ରାଜ୍ୟ ସଧାରଣ ସମ୍ପାଦକ କମ୍ବୁପାଣି ପରିଛା, ରାଜ୍ୟ ଉପ ସଭାପତି ହୀରାଲାଲ୍ ବେହେରା, ପୁଇଁନ୍ତଲା ବ୍ଲକ ଅଧ୍ୟକ୍ଷ ସରୋଜ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ଶିବଦତ୍ତ ମିଶ୍ର, ପଶ୍ଚିମ ଓଡ଼ିଶା ବାରିକ ମହାସଂଘ ସମ୍ପାଦକ ବୃନ୍ଦାବନ ବାରିକ, ଉପ ସଭାପତି ସନ୍ତୋଷ ବାରିକ, ନୟାଗଡ଼ ଜିଲ୍ଲା ସଭାପତି ଦଣ୍ଡପାଣି ବାରିକ, କଟକ ଜିଲ୍ଲା ସଭପତି ଅକ୍ଷୟ ବାରିକ, ଭୁବନେଶ୍ୱର ମହାନଗର ସଭାପତି ରୋହିତ ବାରିକ, କନ୍ଧମାଳ ସଭାପତି ପ୍ରଶାନ୍ତ ବେହେରା, ଦେବଗଡ଼ ସଭାପତି ପ୍ରସନ୍ନ ବସନ୍ତରା, ବରଗଡ଼ ସଭାପତି ରୋହିତ ବାରିକ, ଯାଜପୁର ପ୍ରତିନିଧି ବାବାଜୀ ଚରଣ ବାରିକ, ସୋନପୁର ପ୍ରତିନିଧି ଅଜିତ ରାଜ ବାରିକ ପ୍ରମୁଖ ପ୍ରାୟ ସ୍ମୃତିଚାରଣ କରିଥିଲେ। ବଲାଙ୍ଗିର ଜିଲ୍ଲା ସମ୍ପାଦକ ଦଶରଥ ପଶାୟତ ଶାନ୍ତି ପାଠ କରିଥିଲେ। ବଲାଙ୍ଗୀର ଜିଲ୍ଲା ବାରିକ ସମାଜ କାର୍ଯ୍ୟକାରୀ ସଭାପତି ଶଙ୍କର ବାରିକ, ଉପ ସଭାପତି ନବୀନ ପଶାୟତ ମଞ୍ଚାସୀନ ଥିଲେ। ଅଧ୍ୟାପକ ଦିଲ୍ଲୀପ ପଶାୟତ ମଞ୍ଚ ସଂଯୋଜନାରେ ସହାୟତା କରିଥିଲେ।

# ଗ୍ରାମସାଥୀଙ୍କ ନୂଆଁଖାଇ ଭେଟ୍‌ଘାଟ୍



**ଟିଟିଲାଗଡ଼, ୧୦।୧୦ (ସମିସ):** ଟିଟିଲାଗଡ଼ ଉପଖଣ୍ଡକୁ ଦାଦନଗଡ଼ ଆଖ୍ୟା ମିଳିଛି। ଏହା ଆମ ପାଇଁ ଏକ ଅପମାନ ସଦୃଶ। ଏଭଳିକ୍ଷେତ୍ରରେ ମନରେଗା ଯୋଜନାର ଶତ ପ୍ରତିଶତ ସଫଳତା ଆମର ମୂଳ ଲକ୍ଷ୍ୟ ରହିଛି। ଏନେଇ ଯୋଜନା କାର୍ଯ୍ୟାନ୍ୱୟନ ନେଇ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଗ୍ରାମ ସାଥି (ମେଟ) ନିଜ ଭୂମିକା ସ୍ୱଚ୍ଛତାର ସହ ନିର୍ବାହ କରିବା ଆବଶ୍ୟକ। ସ୍ଥାନୀୟ କୁମୁଡା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଟିଟିଲାଗଡ଼ ବ୍ଲକ ଗ୍ରାମସାଥୀ ସଂଘର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ବିଡ଼ିଓ ଚନ୍ଦ୍ରମଣୀ ନାଗ ଏହା କହିବା ସହ ଗ୍ରାମ ସାଥୀ (ମେଟ) ମାନଙ୍କୁ ପରାମର୍ଶ ଦେଇଛନ୍ତି। ଅନେକ ଗ୍ରାମସାଥୀଙ୍କ କଠିନ ପରିଶ୍ରମ ଯୋଗୁଁ ଟିଟିଲାଗଡ଼ ବ୍ଲକର ଅନେକ ପଞ୍ଚାୟତରେ ଦାଦନ ଚାଲାଣ ରୋକାଯାଇ ପାରିଥିବାବିଡ଼ିଓ ଶ୍ରୀ ନାଗ ପ୍ରଶଂସା କରିଥିଲେ। ମଞ୍ଚାସୀନ ବ୍ଲକ ନିର୍ବାହୀ ଯନ୍ତ୍ରୀ ଶିବାନୀ ପ୍ରଧାନ, ମନରେଗା ଏପିଓ ବନଜା ଦାଶ, ଗ୍ରାମସାଥୀ ସଂଘ ଜିଲା ସଭାପତି ସଞ୍ଜୟ ଗଡ଼ତିଆ, ସମ୍ପାଦକ କରୁଣାକର ବାଗ, ଉପଦେଷ୍ଟା ରମେଶ ରଣା, ବ୍ଲକ ସଭାପତି ଜଳଧର ଧରୁଆ, ଉପଦେଷ୍ଟା ସଞ୍ଜୟ ତ୍ରିପାଠୀ ପ୍ରମୁଖ ମତବ୍ୟକ୍ତ କରିଥିଲେ। ମନରେଗାରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସିଥିବା ଗ୍ରାମସାଥୀଙ୍କ ସମସ୍ୟା ଅବତାରଣା କରିଥିଲେ। ଏହାସହ ଗ୍ରାମ ରୋଜଗାର ସେବକଙ୍କ ଭଳି ନିୟମିତ କରିବାକୁ ପୂର୍ବ ଦାବି ଦୋହରାଇଥିଲେ। ବ୍ଲକ ଉପସଭାପତି ପରମାନନ୍ଦ ତାଣ୍ଡି, ସମ୍ପାଦକ ଧର୍ମେନ୍ଦ୍ର ନାଗ, ଯୁଗ୍ମ ସମ୍ପାଦକ ରୋହିତ ବାଗ, କୋଷାଧ୍ୟକ୍ଷ ମୁକେଶ ଛତର ପ୍ରମୁଖ ଉପସ୍ଥିତ ଥିଲେ।

## ଦିନିକିଆ ରିମାଣ୍ଡରେ ଗଲା ଅଙ୍କୁର ଅଗ୍ରୱାଲ



**ବଲାଙ୍ଗିର/ଟିଟିଲାଗଡ଼, ୧୦।୧୦(ସମିସ):** ଟିଟିଲାଗଡ଼ର ବ୍ୟବସାୟୀ ଶିବ ଦୟାଲ ଜୈନଙ୍କୁ ହତ୍ୟା ଉଦ୍ୟମ ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ବିଜେପି ନେତା ଅଙ୍କୁର ଅଗ୍ରୱାଲଙ୍କୁ ଟିଟିଲାଗଡ଼ ପୁଲିସ ଦିନିକିଆ ରିମାଣ୍ଡରେ ନେଇଛି। ଅଙ୍କୁର ନାଁରେ ହତ୍ୟା ଉଦ୍ୟମ, ନକଲି ସିମ୍, ବ୍ଲାକମେଲ ଭଳି ସଙ୍ଗୀନ ଅଭିଯୋଗ ଆସିବା ପରେ ପୁଲିସ ଅଧିକ ତଦନ୍ତ ପାଇଁ ତାଙ୍କୁ ରିମାଣ୍ଡରେ ନେଇଥିଲା। ଅଙ୍କୁରଙ୍କୁ ପୁଲିସ ୩ ଦିନ ପୂର୍ବରୁ ଗିରଫ କରିଥିଲା। ଏହି ଘଟଣାରେ ଗୁରୁବାର ଆଉ ଦୁଇ ଅଭିଯୁକ୍ତ ଗିରଫ ହୋଇଥିଲେ। ଏହି ଷଡଯନ୍ତ୍ର ପାଇଁ ଅଙ୍କୁର ଅନ୍ୟ ୨ ଅଭିଯୁକ୍ତଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ସୁପାରି ଦେଇଥିଲା।

## ଦେହରେ ଗଞ୍ଜେଇ ବାନ୍ଧି ଚାଲାଣବେଳେ ୬ ଗିରଫ

**ଟିଟିଲାଗଡ଼, ୧୦।୧୦ (ସମିସ):** ଟିଟିଲାଗଡ଼ ରେଳ ଜଙ୍କସନରୁ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ଏକ ସାଧାରଣ କଥା ପାଲଟିଛି। ସାର୍ଟ ଭିତରେ ନିଜେ ଦେହରେ ବାନ୍ଧି ଗଞ୍ଜେଇ ଚାଲାଣ କରିବାବେଳେ ଟିଟିଲାଗଡ଼ ଜିଆରପି ୬ ଜଣଙ୍କୁ ଗିରଫ କରିଛି। ଏମାନେ ସମସ୍ତେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ବୃନ୍ଦାବନ ଭୋଇ, ସଞ୍ଜୁ ଶର୍ମା, ରାହୁଲ ଶର୍ମା, ସେବକ ରାମ, ରାଜେଶ ଶର୍ମା ଏବଂ ଅନ୍ୟ ଜଣେ। ଏମାନେ ପ୍ରାୟ ୨୩ କେଜି ଗଞ୍ଜେଇ ନିଜ ଦେହରେ ଚାଲାଣ ଉଦ୍ୟମ କରିଥିଲେ। ଟିଟିଲାଗଡ଼ ଜିଆରପି ଅଧିକାରୀ ବିନୟ ଭୋଇ ଏହି ସୂଚନା ଦେଇଛନ୍ତି।



## ସଇଁତଲାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ



**ସଇଁତଲା, ୧୦।୧୦(ସମିସ):** ସଇଁତଲା ବ୍ଲକ କାର୍ଯ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ବିଡ଼ିଓ ପୁରୁଷୋତ୍ତମ ମିର୍ଦ୍ଧାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଗୁଣ ସାଗର ମାଝୀ, ଏବିଇଓ ନାରାୟଣ ଭୋଇ, ଜିଲ୍ଲା ପରିଷଦ ପ୍ରମୋଦ ଭୋଇ, ସ୍ଥାନୀୟ ପଞ୍ଚାୟତ ସମିତି ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଥମେ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମାଜିକ ସୁରକ୍ଷା ଅଧିକାରୀ ଭାନୁ ପ୍ରତାବ ଭୋଇ ସଭା ପରିଚାଳନା କରିଥିଲେ। ଏହି ଅବସରରେ ପ୍ରବନ୍ଧ ପ୍ରତିଯୋଗିତାରେ ଅସ୍ମିତା ରଣା, ଅନୁରାଗ ପଧାନ, ପରିସ୍ମିତା ରଣା ପ୍ରମୁଖ ବିଜୟତାଙ୍କୁ ଟ୍ରଫି ସହ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା।

## ସୁଶ୍ରୀ ଆଇଟିସିର ସମାବର୍ତ୍ତନ ଉତ୍ସବ



**ବଲାଙ୍ଗିର, ୧୦।୧୦ (ସମିସ):** ସଦାଇପାଲିଠାରେ ଅବସ୍ଥିତ ସୁଶ୍ରୀ ଆଇଟିସିର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖରିଆର ସରକାରୀ ଆଇଟିଆଇର ଅବସରପ୍ରାପ୍ତ ଅଧ୍ୟକ୍ଷ ଇଂ. ସନ୍ତୋଷ ହୋତା ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ଉଦ୍‌ବୋଧନ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ସାଇଟ୍ ନର୍ସିଂ ଅଧ୍ୟକ୍ଷା ସ୍ନିଗ୍ଧା ମିନତି ଦାନୀ ଏବଂ ଉପାଧ୍ୟକ୍ଷା ଲୋପାମୁଦ୍ରା ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ସମସ୍ତ ତାଲିମପ୍ରାପ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା। ଏହି ସମାରୋହକୁ ସୁଶ୍ରୀ ଆଇଟିସିର ଅଧ୍ୟକ୍ଷ ଇଂ. ସନ୍ତୋଷ ବ୍ରହ୍ମା ପରିଚାଳନା କରିଥିଲେ। ଟ୍ରେନିଂ ଅଫିସର ଆଶୁତୋଷ ଶତପଥୀ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକାଶ ରଞ୍ଜନ ବାଗ, ପ୍ରକାଶ ମିଶ୍ର, ଗଣେଶ୍ୱର ଶତପଥୀ, ନିଶାରକାନ୍ତ ନାଗ, ଆଶିଷ ମିଶ୍ର, ଦିଗାମ୍ବର ସାଏ, ସୁଧାକର ସାହୁ, ଲୋକନାଥ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ

**ମୁରିବାହାଲ, ୯।୧୦(ସମିସ):** ସ୍ଥାନୀୟ ଗୋପବନ୍ଧୁ ଯୁବକ ସଂଘରେ ପୁଣ୍ୟାତ୍ମା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ସଂଘର ବରିଷ୍ଠ ସଦସ୍ୟ ତଥା ବିଜେପି ଜିଲ୍ଲା ସଭାପତି ଶ୍ରୀ ଶ୍ରୀବତ୍ସ ବେହେରା ଗୋପବନ୍ଧୁ ଦାସଙ୍କ ଜୀବନୀ ଓ ଚରିତ୍ର ବିଷୟରେ ଉଦ୍‌ବୋଧନ ଦେଇଥିଲେ। ସଂଘ ସମ୍ପାଦକ ଜିତେନ୍ଦ୍ରିୟ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ଶାନ୍ତରାମ ପଧାନ, ଯୁଧିଷ୍ଠିର ବଘାର, ଅନ୍ତରାମ ପଧାନ, ତପନ ବଘାର, ଅଜିତ ତରିଆ, ନିରାକାର ବଘାର, ବାସୁଦେବ ପଧାନ, ବସନ୍ତ ଭୋଇ, ତ୍ରିଲୋଚନ ବାଗ, ଶ୍ରୀୟାପତି ଅଗସ୍ତି, ସଞ୍ଜୟ ବାଗ, କେଦାର ବଡ଼ଜେନା, ଅବିନାଶ ଭୋଇ, ମଣ୍ଟୁ ପୁଟେଲ, ହୃଦାନନ୍ଦ ପଧାନ, ସତ୍ୟନାରାୟଣ ତରିଆ, ଭୋଳା ଭୋଇ, ଜୟ ପଧାନ, ବଳରାମ ବାଗ ଓ ଉମାକାନ୍ତ କର୍ମୀ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

# ବ୍ରାହ୍ମଣ ମହାସଭାର ସାଧାରଣ ବୈଠକ



**ବଲାଙ୍ଗିର, ୧୦।୧୦(ସମିସ):** ସ୍ଥାନୀୟ ଶ୍ରୀନୃସିଂହ ମନ୍ଦିର ପରିସରରେ ବଲାଙ୍ଗିର ଜିଲ୍ଲା ବ୍ରାହ୍ମଣ ମହାସଭାର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ବିଧାନ ସଂଶୋଧନ ସହିତ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି। ନୂତନ ଭାବେ ଉପଦେଷ୍ଟା ମଣ୍ଡଳୀରେ ସର୍ବଶ୍ରୀ ଶିବ ଶଙ୍କର ଖୁଆସ, ଜୟରାମ ମିଶ୍ର, ପର୍ଶୁରାମ ନେପାକ ଓ ବସନ୍ତ ଆଚାର୍ଯ୍ୟଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକାରୀ କମିଟିରେ ସଭାତି ପ୍ରାଣବଲ୍ଲଭ ତ୍ରିପାଠୀ, ଉପସଭାପତି ଭାବେ କିଶୋର ପୁରୋହିତ ଓ ସୁଶ୍ରୀ ରାଜଶ୍ରୀ ତ୍ରିପାଠୀ, ସାଧାରଣ ସମ୍ପାଦକ ଭାବେ ନରେନ୍ଦ୍ର ଆଚାର୍ଯ୍ୟ, ସହ ସମ୍ପାଦକ ଭାବେ ସଂକୀର୍ତ୍ତନ ତ୍ରିପାଠୀ, କୋଷାଧ୍ୟକ୍ଷ ଭାବେ ରାଜେନ୍ଦ୍ର ମିଶ୍ର, ସଂଗଠନ ସମ୍ପାଦକ ଭାବେ ସୋମନାଥ ମିଶ୍ର, ନଗର ସଭାପତି ଭାବେ ରାକେଶ ପଣ୍ଡା, ନଗର ସମ୍ପାଦକ ଭାବେ ସର୍ଜନ ଆଚାର୍ଯ୍ୟ ମନୋନିତ କରାଯାଇଛି। କାର୍ଯ୍ୟକାରୀ କମିଟିର ସଦସ୍ୟ ରୂପେ କସ୍ତୁରୀ ରଥ, ଜଗଦୀଶ ପ୍ରସାଦ ନାଥ, ଦିବାକର ହୋତା, ବିଧୁ ଭୂଷଣ ତ୍ରିପାଠି, ପଣ୍ଡିତ ସନ୍ତୋଷ ଶତପଥୀ, ପଣ୍ଡିତ ସୁରେନ୍ଦ୍ର ପାଣି, ଇଂ. କିଶୋର ମୋହନ ମିଶ୍ର, ରଞ୍ଜନ ତ୍ରିପାଠୀ, ନିହାରିକା ମିଶ୍ର, ଆଶୁତୋଷ ମିଶ୍ର, ସୁବାଷ ଶତପଥୀ, ସୁରେଶ ଚନ୍ଦ୍ର ମିଶ୍ର ଓ ଗୋକୁଳା ମିଶ୍ର (ସୁପକାର)ଙ୍କୁ ମନୋନୀତ କରାଯାଇଛି। ଶେଷରେ କିଶୋର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଳତା ସମାଜର ଶାରଦୀୟ ପୂଜା ଉତ୍ସବ

# ଯୁବବର୍ଗ ହିଁ ସମାଜର ଭବିଷ୍ୟତ, ମେରୁଦଣ୍ଡ

ବଲାଙ୍ଗିର, ୯।୧୦(ସମିସ)



ନିକଟ ଭବିଷ୍ୟତରେ ଭାରତ ବର୍ଷ ସମଗ୍ର ବିଶ୍ୱ ମାନଚିତ୍ରରେ ଏକ ଯୁବଶକ୍ତିର ଦେଶ ହେବାକୁ ଯାଉଛି; ଯେଉଁଠି ୧୮ରୁ ୩୫ ବର୍ଷ ମଧ୍ୟରେ ବୟସ ରହିଥିବ। ଏହାକୁ ଦୃଷ୍ଟିରେ ରଖି ବଲାଙ୍ଗିର ଜିଲା କୁଳତା ସମାଜ ଯୁବକମାନଙ୍କ ଶୈକ୍ଷିକ, ବୌଦ୍ଧିକ ବିକାଶ ସହ ଏକ ଯୁବଶକ୍ତିର ନେତୃତ୍ୱକୁ ସ୍ୱୀକୃତି ଦେଇଛି। ଯୁବବର୍ଗ ହିଁ ସମାଜର ଭବିଷ୍ୟତ, ମେରୁଦଣ୍ଡ। ଏଣୁ ଏଣିକି ବୟସ୍କମାନେ ମାର୍ଗଦର୍ଶନ କରିବେ। ଯୁବବର୍ଗ ସମାଜର ନେତୃତ୍ୱ ନେବେ। ବଲାଙ୍ଗିର ସଦର ବ୍ଲକ ହର୍ଡାଟାଲ ରଣେଶ୍ୱର ରାମଚଣ୍ଡୀଙ୍କ ପୀଠରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ ପାଇଛି। ବାବା ବିଶାଶହେ କୁଳତା ସମାଜ ବଲାଙ୍ଗିର ଜିଲା ମୁଖ୍ୟ କେନ୍ଦ୍ର ପକ୍ଷରୁ ବାର୍ଷିକ ଶାରଦୀୟ ପୂଜା ଉତ୍ସବ ଓ ବାର୍ଷିକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସଭାପତି ଇଂ.ବେଲାର ସିଂ ଭୋଇ ସଭାପତିତ୍ୱ କରିଥିଲେ। ଜିଲା କୁଳତା ସମାଜର ଯୁବ ସଭାପତି ଉମେଶଚନ୍ଦ୍ର ଗଡ଼ତ୍ୟା, ଡା. ବର୍ଷାରାଣୀ ଭୋଇ, ଯୁବ ଚାଷୀ ଅଜିତ ବିଶ୍ୱାଳ, ପ୍ରଶାସନିକ ଅଧିକାରୀ ଟୁକୁ ପଧାନ, ବିଭୁ କଲ୍ୟାଣ ଗଡ଼ତ୍ୟା ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ସଭାକୁ ବିଭିନ୍ନ ପର୍ଯ୍ୟାୟରେ ମହେନ୍ଦ୍ର ପଧାନ, ଭକ୍ତବନ୍ଧୁ ବିଶ୍ୱାଳ ଓ ରଘୁନାଥ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଶିକ୍ଷା, କ୍ରୀଡ଼ା, ଚାଷ, ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ସମସ୍ତ କୃତୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜରେ ରହିଥିବା ଅବହେଳିତ ବର୍ଗଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା, ଶିକ୍ଷା ଓ ସଂସ୍କୃତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଚଳିତ ବର୍ଷ ପ୍ରଥମ କରି ଆୟୋଜିତ ସଭାକୁ ଯୁବବର୍ଗଙ୍କ ସମ୍ମାନାର୍ଥେ ଅର୍ପଣ କରାଯାଇଥିଲା। ବରିଷ୍ଠମାନେ ଏଣିକି ମାର୍ଗଦର୍ଶନ କରି ଯୁବବର୍ଗଙ୍କୁ ସଶକ୍ତ କରିବେ ବୋଲି ସଭାରେ ମତପ୍ରକାଶ ପାଇଥିଲା। ଯୁବ କୁଳତା ସମାଜ ନିଜ ଅଧିକାର ପାଇଁ ଉଲଗୁଲାନ୍ ଦେଇଥିଲା। ଦୀର୍ଘ ୯ ଦିନ ବ୍ୟାପୀ ହର୍ଡାଟାଲ ପୀଠରେ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା ହୋଇଥଲା। ପୂଜା ଉତ୍ସବରେ ପାରାୟଣ ଆୟୋଜନ କରାଯାଇଥିଲା। ନୂଆଁପାଲି ଗାଁର ବ୍ରଜେଶ୍ୱରୀ ତୁଳସୀ ରାମାୟଣ ପାରାୟଣ ସଂଘର କଳାକାରମାନେ ରାମାୟଣ ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲାର ବିଭିନ୍ନ ଆଞ୍ଚଳିକ କେନ୍ଦ୍ରରୁ ଶହ ଶହ କୁଳତା ଜାତିର ପୁରୁଷ ଓ ମହିଳା ସାମିଲ ହୋଇଥିଲେ। ହର୍ଡାଟାଲ କେନ୍ଦ୍ରର ସମସ୍ତ ସଦସ୍ୟ/ସଦସ୍ୟା ସହଯୋଗ କରିଥିଲେ।

## ଭୋଟ ଚୋରି ବିରୋଧରେ ଦସ୍ତଖତ ଅଭିଯାନ

ଚାରବାହାଲ,୧୦ ।୧୦(ସମିସ):କଳାହାଣ୍ଡି ଜିଲ୍ଲା ଜୁନାଗଡ ବ୍ଲକ୍ ଚାରବାହାଲ ବଜାର ପଡିଆରେ ଭୋଟ ଚୋରି ବିରୋଧରେ ଦସ୍ତଖତ ଅଭିଯାନ ଜୁନାଗଡ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ତୁଲେଶ୍ୱର୍ ନାଏକଙ୍କ ଦ୍ୱାରା ଆରମ୍ଭ ହେଇଯାଇଛି । ସେପ୍ଟେମ୍ବର ୨୨ ରୁ ଅକ୍ଟୋବର ୧୨ ପର୍ଯ୍ୟନ୍ତ ଦସ୍ତଖତ ଅଭିଯାନ ଚାଲିବ ବୋଲି ଜୁନାଗଡ଼ କଂଗ୍ରେସ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଦେଶରେ ବିଭିନ୍ନ ରାଜ୍ୟରେ ନିର୍ବାଚନ ସମୟରେ ବିଜେପି ପକ୍ଷରୁ ଭୋଟ ଚୋରି ହେଇଛି ବୋଲି ବିରୋଧି ଦଳର ନେତା ରାହୁଲ ଗାନ୍ଧୀଙ୍କ ଖୁଲାସା ପରେ ସାରା ଦେଶର ଜନସାଧାରଣଙ୍କୁ ସଚେତନା କରିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ବୋଲି କଂଗ୍ରେସ ବିଧାୟକ ପ୍ରାର୍ଥୀ ତୁଲେଶ୍ୱର ନାଏକ କହିଛନ୍ତି ।କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଆଶିଷ କୁମାର ପଣ୍ଡା,ଝସ କେତନ ନାଏକ, ମୋହନ ବିହାରୀଙ୍କ ସହିତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

## ଭୋଟ ଚୋର ଗାଦି ଛାଡ ଦସ୍ତଖତ ଅଭିଯାନ

କେସିଙ୍ଗା,୧୦ ।୧୦(ସମିସ):କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀ ବିଜେପି ବିରୋଧରେ ଆଣିଥିବା ଭୋଟଚୋରି ପ୍ରସଙ୍ଗ ଇତି ମଧ୍ୟରେ ସାରା ଭାରତରେ ହଇଚଇ ସୃଷ୍ଟି କରିଥିବା ବେଳେ କଂଗ୍ରେସ ବିଜେପିକୁ ଭୋଟ ଚୋରି କରି କ୍ଷମତାକୁ ଆସିଥିବା ଅଭିଯୋଗ କରି ରାଜ୍ୟ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ କେସିଙ୍ଗା କଂଗ୍ରେସ ପକ୍ଷରୁ ଟାଉନ ସଭାପତି ସୁଭାଷ ଜୈନ ଓ ଯୁବ ଜିଲ୍ଲା ଯୁବ କଂଗ୍ରେସ ଇନଚାର୍ଜ ବିଜୟ ଦୀପଙ୍କ ନେତୃତ୍ୱରେ କେସିଙ୍ଗା କଂଗ୍ରେସର ଅନେକ ଆଗଧାଡିର କର୍ମୀଙ୍କ ସହଯୋଗରେ ଆରମ୍ଭ ହୋଇଛି ଭୋଟ ଚୋର ଗାଦି ଛାଡ ଅଭିଯାନ ।କେସିଙ୍ଗା ଅଞ୍ଚଳରୁ ପ୍ରାୟ ୧୦ ହଜାର ଲୋକଙ୍କ ଦସ୍ତଖତ ଅଭିଯାନ ନାମରେ ସଂଗ୍ରହ କରାଯିବ ବୋଲି କେସିଙ୍ଗା କଂଗ୍ରେସ ପକ୍ଷରୁ ସ୍ୱଷ୍ଟ କରାଯାଇଛି । ଉକ୍ତ ଦସ୍ତଖତ ଗୁଡ଼ିକୁ ଦେଶର ରାଷ୍ଟ୍ରପତିଙ୍କୁ ପଠାଯିବ ବୋଲି କୁହାଯାଇଛି । ସହରରର ସମସ୍ତ ୧୨ଟି ୱାର୍ଡର ଘର ଘର ଯାଇ କଂଗ୍ରେସ କର୍ମୀ ମାନେ ଲୋକଙ୍କୁ ଅଭିଯାନ ସମ୍ବନ୍ଧରେ ଓ ଅଭିଯାନର ଉଦ୍ଦେଶ୍ୟ ଲୋକଙ୍କୁ ବୁଝାଇ ଦସ୍ତଖତ ସଂଗ୍ରହ କରିବେ ବୋଲି ଉକ୍ତ ଅଭିଯାନର ନେତୃତ୍ୱ ନେଇଥିବା କଂଗ୍ରେସ ନେତା ପ୍ରକାଶ କରିଛନ୍ତି ।ଅଭିଯାନରେ ରାମଜୀ ମାତଖଣ୍ଡିଆ, ଧରଣୀଧର ନାଏକ, ମୋତି କୈବର୍ତ୍ତ, ନବୀନ,ପ୍ରତାପ ବାଗ, ନିରୁପମା ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

## ପୂଜା ଛୁଟି ସରିଲା:ପିଲାଙ୍କୁ ମିଳିଲାନି ପୋଷାକ

ମ.ରାମପୁର,୧୦ ।୧୦(ସମିସ):ସରକାର ଶିକ୍ଷା ବିଭାଗରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଅଗଷ୍ଟ ପନ୍ଦରରେ ସ୍କୁଲ ପିଲାଙ୍କୁ ନୂତନ ପୋଷାକ ପିନ୍ଧେଇବାର ଯୋଜନା ରଖିଥାନ୍ତି । ଚଳିତ ବର୍ଷ କିନ୍ତୁ ଏଥିରେ ଅନିୟମିତତା ଦେଖାଯାଇଛି । ଅଗଷ୍ଟ ଯାଇ ଦଶହରାର ପୂଜାଛୁଟି ସରି ସ୍କୁଲ ଖୋଲି ସାରିଲାଣି । କିନ୍ତୁ ଅଦ୍ୟାବଧି ମ.ରାମପୁର ବ୍ଲକ୍‌ରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ପୋଷାକ ଦିଆଯାଇପାରିନାହିଁ । ଏଥି ସହିତ ଚଳିତ ବର୍ଷ ବାଲ୍ ବାଟିକା ଶ୍ରେଣୀ ଖୋଲିଥିବା ବେଳେ ଛାତ୍ରଛାତ୍ରୀଙ୍କ ପାଇଁ ଅର୍ଥ ବି ସରକାର ଦେଇନାହାନ୍ତି । କିନ୍ତୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପୋଷାକ ବାବଦକୁ ପ୍ରଥମ କିସ୍ତି ୬୦୦ ଟଙ୍କା ଅଗଷ୍ଟମାସରୁ ବିଦ୍ୟାଳୟ ପରିଚାଳନା ପାଣ୍ଠି ବହିରେ ଜମା ହେଇସାରିଛି । ମ.ରାମପୁର ବ୍ଲକର ୧୬୫ ଗୋଟି ସ୍କୁଲରେ ପ୍ରାୟ ଦଶ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ରହିଥିବା ବେଳେ ମ.ରାମପୁର, ଗୌଡକର୍ଲାଖୁଣ୍ଟା, ଉର୍ଲଦାନୀ, ବିଡାବାରୁ, ମୋହନଗିରି, ପଣ୍ଡାପଦର, ବିଜାମାଲ, ଅରସକୁପା,ମଦନପୁର,ସାଗରପାଲି,କୁମେର ପଟା, ବେଲୁର, ଜାମ୍ ବାହାଲି, ଅଏଁଲାପାଲି, ମୁଡିଙ୍ଗ, ବାରବନ୍ଧା, ଜାମ୍‌ଗୁଡା ୧୭ଟି କ୍ଲଷ୍ଟରରେ ଏହା ବିଭକ୍ତି । ପୋଷାକ ବଣ୍ଟନ ପାଇଁ ଏକ ବ୍ଲକ୍ କମିଟୀ ଗଠନ କରାଯାଇ ଚଳିତ ବର୍ଷ ଚାରୋଟି ଏସଏଚ୍‌ଜିକୁ ଦାୟିତ୍ୱ ଦିଆଯାଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ମାତ୍ର ପଚାଶ ପ୍ରତିଶତ ବିଦ୍ୟାଳୟର ଏଗ୍ରିମେଣ୍ଟ ସରିଥିବା ଜଣାପଡିଛି । ଏ ନେଇ ଏବିଇଓ ଜୟସେନ୍ ନିଆଲଙ୍କୁ ପଚାରିବାରୁ,ସେ ପ୍ରୋସେସ୍ ଆରମ୍ଭ ହେଇ ପୋଷାକ ବଣ୍ଟନ ଚାଲୁଛି ବୋଲି କହିଛନ୍ତି ।ଅପରପକ୍ଷେ ପଣ୍ଡକାମାଲ୍ ଏସଏଚଜିର ସମ୍ପାଦିକା କିନ୍ତୁ ଅଦ୍ୟାବଧି ଅଧା ଏଗ୍ରିମେଣ୍ଟ ସରିଛି, ସ୍କୁଲ ଖୋଲିଲା ପରେ ପ୍ରକ୍ରିୟା ଶେଷ କରି ପୋଷାକ ବଣ୍ଟନ କରାଯିବ ବୋଲି କହିଛନ୍ତି ।କେବେ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଉଛି,ତାହା ଦେଖିବାକୁ ବାକି ରହିଛି ।

### ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

# ବରିଷ୍ଠ ନାଗରିକଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ଶ୍ରେଷ୍ଠ ଉପହାର

ଭବାନୀପାଟଣା,୧୦ ।୧୦(ସମିସ)




କଳାହାଣ୍ଡି ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ସ୍ଥାନୀୟ ଟାଉନହଲରେ ଅନୁଷ୍ଠିତ ହୋଇଯାଇଛି । ଗୁରୁବାରଦିନ ଅମଳା ଭବନରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ଶୁକ୍ରବାର ଟାଉନ୍ ହଲ୍ ଭବାନୀପାଟଣାରେ ଜିଲ୍ଲାସ୍ତରୀୟ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ସକାଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ନିହାରେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା । ତେବେ ଟିକେ ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ବରିଷ୍ଠ ନାଗରିକଙ୍କ କ୍ଷେତ୍ରରେ ଶ୍ରେଷ୍ଠ ଉପହାର ହେବ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଯୋଗ ଶିବିର ପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଶମିତା ରାୟଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତନ୍ମୟ କୁମାର ଦରୱାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ନିହାରେନ୍ଦ୍ର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଶୁଭ୍ରାଂଶୁ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସାଙ୍ଗ ରାଉତ, ଜିଲ୍ଲା ବରିଷ୍ଠ ନାଗରିକ ସଂଘର ଉପ ସଭାପତି ମଳୟ ମୁଣ୍ଡ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ଶରତ ଚନ୍ଦ୍ର ନାୟକ, ଭାଜପା ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼,ଏମ୍‌ପିଙ୍କ ପ୍ରତିନିଧି ଜୟଶଙ୍କର ନାୟକ ଯୋଗଦେଇ ବରିଷ୍ଠ ନାଗରିକ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ କିଛି ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରିବା ସହିତ ବରିଷ୍ଠ ନାଗରିକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିଲା ।

ଏହି ଅବସରରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଜୁନାଗଡ ତୁଷାର ରଞ୍ଜନ ସାହୁ ପରିଚାଳନା କରିଥିଲେ ।ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ ସହଯୋଗ କରିଥିଲେ ।

## ମାଁ ମାଣିକେଶ୍ୱରୀଙ୍କ ଦଶହରା ସମ୍ପନ୍ନ



ଥୁଆମୂଳରାମପୁର,୧୦ ।୧୦(ସମିସ): କଳାହାଣ୍ଡି ଜିଲ୍ଲାର ଇଷ୍ଟଦେବୀ ମାଁ ମାଣିକେଶ୍ୱରୀଙ୍କ ଦଶହରା ଉତ୍ସବ ମହାସମାରୋହରେ ଶେଷ ହୋଇଯାଇଛି । ମାଁ ମାଣିକେଶ୍ୱରୀଙ୍କ ମୂଳପୀଠ ଥୁଆମୂଳରାମପୁର ବ୍ଲକ୍‌ର ଥୁଆମୂଳ ଗାଁ ଠାରେ ମାଁଙ୍କ ଦଶହରା ଉତ୍ସବ ଶାନ୍ତି ଶୃଙ୍ଖଳା ଭାବରେ ଉଦ୍‌ଯାପିତ ହୋଇଛି । କୁଆଁର ପୁର୍ଣ୍ଣିମା ଦିନରେ ହିଁ ଏଠାରେ ମାଁଙ୍କ ଆବିର୍ଭାବ ହୋଇଥିଲା ବୋଲି ମତ ରହି ଆସିଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏହି ଶକ୍ତି ପୀଠରେ ଦଶହରା ପର୍ବ ଅନୁଷ୍ଠିତ ହେବାର ପୂରାତନ ବିଧି ରହିଛି । ରୀତିନୀତି ଅନୁସାରେ ମାଁଙ୍କ ପୂଜାର୍ଚ୍ଚନା ହୋଇଥିଲା । ଆଖପାଖ ଅଞ୍ଚଳ ସହିତ ପଡୋଶୀ କାଶୀପୁର ଅଞ୍ଚଳରୁ ଶହଶହ ମାଁଙ୍କ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିବାର ଦେଖିବାକୁ ମିଳିଥିଲା । ଏହି ଅବସରରେ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମଞ୍ଚ ଶୁଭ ଉଦ୍‌ଘାଟନ କରିଥିବା ବେଳେ ବ୍ଲକ୍ ସରପଞ୍ଚ ସଂଘର ସଭାପତି ବଳଭଦ୍ର ଯାନୀ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଲୋକେ ଉପଭୋଗ କରିଥିଲେ ।

## କଂଗ୍ରେସର ମିଶ୍ରଣ ପର୍ବ



ନୂଆପଡ଼ା,୧୦ ।୧୦(ସମିସ):ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଖେଇ ଆସିଥିବା ବେଳେ କଂଗ୍ରେସ ଦଳ ଚଳ ଚଞ୍ଚଳ ହୋଇ ଉଠିଛି । ନୂଆପଡ଼ା ସହର ପୁଲିସ ପଡ଼ିଆ ଠାରେ କଂଗ୍ରେସ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ ନୂଆପଡ଼ା ଏନ୍‌ଏସି ପୂର୍ବତନ ଅଧ୍ୟକ୍ଷ ମହେଶ ନିଆଲ ଓ ଗରିବସେନା ସଭାପତି ରବି ମଙ୍ଗରାଜଙ୍କ ସହ ଶତାଧିକ କର୍ମୀ କଂଗ୍ରେସରେ ଯୋଗଦାନ କରିଛନ୍ତି । ସଭାରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ, ଜିଲ୍ଲାପରିଷଦ ସଦସ୍ୟ ଭରତଲାଲ ରାଉତ, କଂଗ୍ରେସ ବରିଷ୍ଠ ନେତା ଫକିର ମୋହନ ଜଗତ, ନୂଆପଡ଼ା ପର୍ଯ୍ୟବେକ୍ଷକ ମୁରଲୀଧର ନାଏକ, ଯୁବନେତା କମଳ ଚରଣ ତାଣ୍ଡି, କିଷାନ ସେଲ୍ ରାଜ୍ୟ ସଭାପତି ଆଲୋକ ଗୁରୁ,ଜିଲ୍ଲା ସୋସିଆଲମିଡିଆ ସଂଯୋଜକ ଦେବଦତ୍ତ ଦୀକ୍ଷିତ ଉପସ୍ଥିତ ଥିଲେ । ରାଜ୍ୟ ପିସିସି ସଭାପତି ଭକ୍ତ ଚରଣ ଦାସ ଏହି ସଭାରେ ନବାଗତଙ୍କୁ ଫୁଲ ମାଲ ଦେଇ ସ୍ୱାଗତ କରିଥିଲେ । ଏହି ଅବସରରେ ଭକ୍ତ ଦାସ ଉପନିର୍ବାଚରେ କଂଗ୍ରେସ ଦଳ ପକ୍ଷରୁ ଜଣେ ଆଦିବାସୀ ସଂପ୍ରଦାୟ ବ୍ୟକ୍ତି ଘାସିରାମ ମାଝୀଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି ବୋଲି କହିଥିଲେ । ୨୦୨୪ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଶ୍ରୀ ମାଝୀ ୫୧ ହଜାର ଭୋଟ ପାଇ ଦ୍ୱତୀୟ ସ୍ଥାନରେ ରହିଥିଲା ।ଏଥର ଉପନିର୍ବାଚରେ କଂଗ୍ରେସ ଦଳ ନିଶ୍ଚିତ ଜିତିବୁ । ସେଥିପାଇଁ ଦଳ ପକ୍ଷରୁ ସୁବ ପ୍ରକାର ରଣନିତି ପ୍ରସ୍ତୁତ ହୋଇଛି ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

ଧର୍ମଗଡ଼,୧୦ ।୧୦(ସମିସ):କଳାହାଣ୍ଡି ଜିଲ୍ଲା ଧର୍ମଗଡ ଥାନା ଗୋଡ଼ଭଞ୍ଜା ଗୋଲେଇ ଛକ ନିକଟରେ ବାଇକ୍‌କୁ ଅଜଣା ଗାଡି ଧକ୍କା ଦେଇଥିଲା । ଫଳରେ ବାଇକ୍ ଆରୋହୀ ଜଣକ ଗୁରୁତର ହୋଇଥିଲେ । ବାଇକ ଆରୋହୀ ଧର୍ମଗଡରୁ ଗୋଡ଼ଭଞ୍ଜା ରାସ୍ତା ଦେଇ ଯାଉଥିବା ବେଳେ ଅଜଣା ଗାଡି ଆସି ଧକ୍କା ଦେଇ ଚମ୍ପଟ ମାରିଥିଲା । ସ୍ଥାନୀୟଲୋକେ ପହଞ୍ଚି ଗୁରୁତର ବାଇକ ଆରୋହୀଙ୍କୁ ଉଦ୍ଧାର କରି ଧର୍ମଗଡ ଉପଖଣ୍ଡ ଡାକ୍ତରଖାନା ନେଇଥିଲେ । ଦୁର୍ଘଟଣା ହେବା ଫଳରେ ବାଇକ ଆରୋହୀ ଜଣକର ମୁଣ୍ଡ ଫାଟି ଯାଇଥିବା ବେଳେ ୧୫ ରୁ ଅଧିକ ଷ୍ଟିଚ ଲାଗି ଥିଲା । ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ବାଇକ୍ ଆରୋହୀ ଛତିଶଗଡ ବଜାଡି ଗାଁର ଜଗଦୀଶ ନାଗେଶ ବୋଲି ସୂଚନା ମିଳିଛି । ଘଟଣା ସ୍ଥଳରେ ଧର୍ମଗଡ଼ ପୁଲିସ ପହଁଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି ।

## ଅବକାରୀ ଚଢ଼ଉ; ଦୁଇ ଗିରଫ

ଧର୍ମଗଡ,୧୦ ।୧୦(ସମିସ): ଧର୍ମଗଡ଼ ଅବକାରୀ ବିଭାଗ ତରଫରୁ ଗୋଲାମୁଣ୍ଡା ବ୍ଲକ୍ କେଗାଁ ଥାନା ଶିଆଳଯୋଡି ଓ ଗୋଲାମୁଣ୍ଡା ଥାନା ଖଲିଆକାନି ଗ୍ରାମରେ ଚଢ଼ଉ କରାଯାଇଛି । ଚଢ଼ାଉରେ ବେଆଇନ ବିଦେଶୀ ମଦ ବିକ୍ରି କରୁଥିବା ନେଇ ଦୁଇ ଜଣକୁ ଗିରଫ କରିଛି ଅବକାରୀ ବିଭାଗ । ଗିରଫ ଦୁଇ ଜଣ ଶିଆଳଯୋଡି ଗାଁର ବ୍ୟାସଦେବ ରଣା ଏବଂ ଖଲିଆକାନି ଗାଁର ସୁଦର୍ଶନ ପୁଞ୍ଜି । ଉଭୟଙ୍କ ଠାରୁ ସମୁଦାୟ ୨୪.୫୪୦ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି । ଏନେଇ ଅବକାରୀ ବିଭାଗ ତରଫରୁ କେଶ ନମ୍ବର ୧୧୯ ଏବଂ ୧୨୦ରେ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଧର୍ମଗଡ଼ ଅବକାରୀ ଅଧିକାରୀ ପ୍ରତିମା ବେହେରା ସୂଚନା ଦେଇଛନ୍ତି ।

## ବସ୍ ଧକ୍କାରେ ଯୁବକ ଗୁରୁତର

ଭବାନୀପାଟଣା,୧୦ ।୧୦(ସମିସ):କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରସ୍ଥିତ ଘୋଡାଘାଟ ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଘରୋଇ ବସ୍‌ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି । ଗୁରୁତର ଯୁବକ ସ୍ଥାନୀୟ ଟିଭି ସେଣ୍ଟର ପଦାର ସୁଦର୍ଶନ ଦୀପ ବୋଲି ଜଣାପଡିଛି । ସୁଦର୍ଶନ ସାଇକଲରେ ଆସୁଥିବା ବେଳେ ବସ୍ ସହିତ ଧକ୍କା ହୋଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ସେଠାରୁ ବୁର୍ଲାକୁ ସ୍ଥାନାନ୍ତରିତ କରାଯାଇଥିବା ପୁଲିସ ପକ୍ଷରୁ ଜଣାପଡିଛି ।

## ନୂତନ ଥାନା ଅଧିକାରୀଙ୍କୁ ସ୍ୱଗତ ସମ୍ବର୍ଦ୍ଧନା



ସିନାପାଲି ,୧୦ ।୧୦(ସମିସ):ନୂଆପଡ଼ା ଜିଲ୍ଲା ସିନାପାଲି ଥାନାରେ ନୂତନ ଥାନା ଅଧିକାରୀ ଭାବରେ ଦୁର୍ଗା ମାଧବ ବାଗଙ୍କ ଯୋଗଦାନ ପରେ ସିନାପାଲି ଜୟଜଗନ୍ନାଥ ସାମ୍ବାଦିକ ସଂଘ ତରଫରୁ ସ୍ୱାଗତ କରାଯାଇଥିଲା । ଅଞ୍ଚଳର ଦାଦନ ସମସ୍ୟା ରୋକିବା, ଅପରାଧ ରୋକିବା ନିଶାମୁକ୍ତ ଏବଂ ଗରିବ ନିରୀହ ସମସ୍ତଙ୍କୁ ଯେମିତି ନ୍ୟାୟ ମିଳିବ, ଅତ୍ୟଧିକ ନିଶା କାରବାରକୁ ରୋକିବାକୁ ଏବଂ ସିନାପାଲି ଅଞ୍ଚଳକୁ ଶାନ୍ତିପୂର୍ଣ୍ଣ ଅଞ୍ଚଳରେ ପରିଣତ କରିବା ପାଇଁ ଆଲୋଚନା କରାଯାଇଥିଲା । ସଂଘର ସଭାପତି ବିଘ୍ନରାଜ ତାଣ୍ଡିଙ୍କ ନେତୃତ୍ୱରେ ସଂଘର କାର୍ଯ୍ୟକର୍ତ୍ତା ଜଗନ୍ନାଥ ସାଗର,ଛତିଶ ଯୋଶୀ,ଆଶିଷ ମେହେର,ବନମେହେର,ଯୌବନଗହିର,ସୁଶାନ୍ତ ନାୟକ,ପରମେଶ୍ୱର ମେହେର,ଚିନ୍ତାମଣି ନେତାମ,ଦିନେଶ ଛତ୍ରିଆ,ଧର୍ମେନ୍ଦ୍ର ଗହିର,ଝଙ୍କେଶ୍ୱର ବନ୍ଧିଛୋର୍,ମଳୟ ମେହେର ବିଶେଷ ଆଲୋଚନାରେ ସାମିଲ ଥିଲେ ।

### ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

# ଜୀବନ ଗୋଟିଏ ଜିଇଁବାର ପ୍ରକ୍ରିୟା



ତରଭା,୧୦ ।୧୦(ସମିସ): ଜୀବନ ଗୋଟିଏ ଜିଇଁବାର ପ୍ରକ୍ରିୟା । ସୁଖ, ଦୁଃଖ, ବିଶ୍ୱାସ, ଅବିଶ୍ୱାସ, ପ୍ରତାରଣା ଏ ସବୁକୁ ଫେଣ୍ଟା ଫେଣ୍ଟି କରିଦେଲେ ହେବ ଜୀବନ । ସମୟ ପରିବର୍ତ୍ତନଶୀଳ । ସମୟ ସହିତ ଖାପ ଖୁଆଇ ଚଳି ପାରିଲେ ଜୀବନ ସୁନ୍ଦର ଭାବେ କଟିଯିବ । ଯଦି ଖୁସି କେଉଁଠି ଅଛି ତେବେ ତାହା କେବଳ ପରିବାର ମଧ୍ୟରେ ରହିଛି । ଶୁକ୍ରବାର ସୋନପୁର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ-୨୦୨୫ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୋନପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କ ଉଦ୍ଦେଶ୍ୟରେ ଏହା କହିଛନ୍ତି । ଜିଲ୍ଲା ପ୍ରଶାସନ (ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଶାଖା) ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶେଷ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଦେବାଶିଷ ଦାସ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଉଷାରାଣୀ ଦାଶ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ଅତିଥିମାନେ ବରିଷ୍ଠ ନାଗରିକମାନଙ୍କ ଅଧିକାର, ସୁରକ୍ଷା ଓ ସୁଖମୟ ଜୀବନ ନେଇ ମତ ବ୍ୟକ୍ତ କରିଥିଲେ ।

ବରିଷ୍ଠ ନାଗରିକ ରାଜକିଶୋର ସାହୁ, ଡ. ପ୍ରଫୁଲ୍ଲ ରଥ, ଜ୍ୟୋତିରଞ୍ଜନ ବହିଦାର ପ୍ରମୁଖ ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଉପସ୍ଥିତ ବରିଷ୍ଠ ନାଗରିକମାନେ ଜିଲ୍ଲାର ସ୍ୱାସ୍ଥ୍ୟସେବାକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ କରି ଏହାର ପ୍ରତିକାର ପାଇଁ ସିଡିଏମଓଙ୍କୁ କହିଥିଲେ । ବୟସ୍କମାନଙ୍କ ପ୍ରତି ସମାଜର ଦାୟିତ୍ୱ ଓ ସେମାନଙ୍କୁ ସମ୍ମାନ ଦେବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ । ଜିଲ୍ଲାର ବିଭିନ୍ନ ବରିଷ୍ଠ ନାଗରିକ କମିଟିର ସଦସ୍ୟ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂସ୍ଥାର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସେମାନଙ୍କ ଅନୁଭବ ବର୍ଣ୍ଣନା କରଥିଲେ । ବରିଷ୍ଠ ନାଗରିକଙ୍କ ଅସୁବିଧା ଓ ଅଧିକାର ଉପରେ ପ୍ରସ୍ତାବ ଦେଇଥିଲେ ।

ଏହି ଅବସରରେ ଜିଲ୍ଲାର ଶତାୟୁ ତଥା ବରିଷ୍ଠ ନାଗରିକ ତରଭାର ବଂଶୀଧର ନାଏକ (୧୦୧) ଙ୍କୁ ସମ୍ମାନିତ କରାଯାଇଲା । ଏଥି ସହିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ସୋନପୁରର ବରିଷ୍ଠ ଆଇନଜୀବୀ ଇନ୍ଦ୍ରମଣି ଦାସ, ଅବସରପ୍ରାପ୍ତ ମେଡ଼ିକାଲ ଅଫିସର ପୂର୍ଣ୍ଣଚନ୍ଦ୍ର ଦାଶ, ବିଏମପୁରର ପ୍ରତାପ ଶଙ୍କର ପାଣିଗ୍ରାହୀ ଓ ଗୋପୀନାଥ ମହାକୁର, ସୁବଳୟାର ବରିଷ୍ଠ ସାମ୍ବାଦିକ ନନ୍ଦକିଶୋର ମିଶ୍ର, ବିଏମପୁରର ପୂର୍ବତନ ସରପଞ୍ଚ ପ୍ରମୋଦ ମହାପାତ୍ର, ତରଭାର ବରିଷ୍ଠ ସାମ୍ବାଦିକ ଅଶୋକ ସାହୁ, ପରିବେଶବିତ ଶିବତୁଲା ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ରାଜକିଶୋର ସାହୁ, ପ୍ରମୋଦ ପଣ୍ଡା, ସନ୍ତୋଷ କୁମାର ସାହୁ,ଙ୍କୁ ଜିଲ୍ଲାପାଳଙ୍କ ସମ୍ବର୍ଦ୍ଧିତ କରଯାଇଥିଲା । ତରଭା ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କର୍ଣ୍ଣ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




# ସମ୍ପାଦକୀୟ



ଯଦି ଶୀଘ୍ର ଚାଲିବାକୁ ଚାହୁଁଛ ତେବେ ଏକୁଟିଆ ଚାଲ; ଯଦି ବହୁଦୂର ବାଟ ଯିବାର ଅଛି ତେବେ ସାଥୀମାନଙ୍କୁ ସାଙ୍ଗରେ ନେଇ ଚାଲ।

-ରତନ ଟାଟା

ସକାଳ THE SAKALA

## ଆଉ ଢିଲା ଦିଅନି, ବାନ୍ଧ

ପୁଲିସ ମହାନିର୍ଦ୍ଦେଶକଙ୍କୁ ଏବେ ବିଶୃଙ୍ଖଳା ସୃଷ୍ଟିକାରୀ ଓ ଅସାମାଜିକ ତତ୍ତ୍ୱଙ୍କୁ ବାନ୍ଧିବା ପାଇଁ ନିର୍ଦ୍ଦେଶ ମିଳିଛି। ଇଏ ବି ଠିକ୍ କଥା। ନହେଲେ ଆମ ରାଜ୍ୟରେ ଭୁଶୁଡ଼ି ପଡୁଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ଏତେ ସହଜ ହେବନି। କ୍ଷମତା କେନ୍ଦ୍ର ପ୍ରତି ଲୋକେ ଆଙ୍ଗୁଠି ଉଠାଇବା ଆରମ୍ଭ କଲେଣି। ହେଲେ ମନରେ ସ୍ୱତଃ ପ୍ରଶ୍ନ ଉଠେ ଏମାନଙ୍କୁ ନବାନ୍ଧିବା ସକାଶେ ଆଗରୁ କ'ଣ ଗୋପନ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଏବେ ବାନ୍ଧିବାକୁ ନିର୍ଦ୍ଦେଶ ଦେବା ପାଇଁ ବାଧ୍ୟବାଧକତା ଉପୁଜିଲା? ବିଶୃଙ୍ଖଳା ନିୟନ୍ତ୍ରଣ ବାହାରକୁ ଚାଲିଯାଉଥିବାରୁ ସରକାରଙ୍କୁ ଏହି ସୀମିତ ସମୟ ମଧ୍ୟରେ ତିନି ତିନି ଥର ସାନ୍ଧ୍ୟ ଆଇନ ଜାରି କରିବାକୁ ପଡ଼ିଛି। ଆତ୍ମାହୁତି ଓ ଆତ୍ମହତ୍ୟା ଘଟଣା ରାଜ୍ୟବାସୀଙ୍କୁ ଏଭଳି ବିଚଳିତ କରିପକାଇଲା ଯେ ସରକାର ବ୍ୟବସ୍ଥାକୁ ସୁଧାରି ନପାରି କେବଳ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରି ନିଶ୍ଚିନ୍ତ ହୋଇପଡ଼ିଛନ୍ତି। ଅଥଚ ଘଟଣାର ଅନୁସନ୍ଧାନ ରିପୋର୍ଟ ଓ ଚାର୍ଜସିଟ ଦାଖଲରେ ଅକ୍ଷମଣୀୟ ବିଳମ୍ବ ପ୍ରତି ଧ୍ୟାନ ନ ଦେବାରୁ ଅପରାଧ ବଢ଼ିଚାଲିଛି। ଧର୍ଷଣକଷଣ ଦିନକୁ ଦିନ ସୀମାତିକ୍ରମ କରୁଥିବାରୁ ମହିଳା ନିଜକୁ ଅସୁରକ୍ଷିତ ମଣୁଛନ୍ତି। ତେବେ ଏହି ବାନ୍ଧିବା ନିର୍ଦ୍ଦେଶରୁ ପୁଲିସର ନ ପାରିବା ପଣିଆ ବାରି ହୋଇପଡୁଛି।

ନିକଟରେ ୨୦୨୩ର ଏନ୍‌ସିଆରବି ରିପୋର୍ଟ ପ୍ରକାଶ ପାଇଛି। ଏହାକୁ ସାମଗ୍ରିକ ଭାବେ ଦେଶର ଅପରାଧ ଚିତ୍ର ଓ ଚରିତ୍ର ସଂକ୍ରାନ୍ତ ଠୋସ୍ ଆକଳନ କୁହାଯାଇପାରେ। ଠିକ ଠିକ ହିସାବ କଲେ ଦେଶର ଅପରାଧ ହାର ପ୍ରତି ୧ଲକ୍ଷ ନାଗରିକ କ୍ଷେତ୍ରରେ ୪୪୮.୩ ପହଞ୍ଚିଛି। ଦେଶରେ ପଞ୍ଜିକୃତ ହୋଇଥିବା ଆପରାଧିକ କାର୍ଯ୍ୟକଳାପ ସଂଖ୍ୟା ୬.୪ନିୟୁତ ଏବଂ ଏହା ପୂର୍ବବର୍ଷ ତୁଳନାରେ ୭.୨ ପ୍ରତିଶତ ଅଧିକ। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ଦେଶର ସହରାଞ୍ଚଳର ଅପରାଧ ସଂଖ୍ୟା ସୀମା ଅତିକ୍ରମ କରିଛି। ତେଣୁ ପୂର୍ବବର୍ଷ ତୁଳନାରେ ସହରାଞ୍ଚଳ ଅପରାଧ ସଂଖ୍ୟା ୧୦.୬ ପ୍ରତିଶତ ବଢ଼ିଛି। ଜାତୀୟସ୍ତରରେ ହାରାହାରି ପ୍ରତି ୫ ସେକେଣ୍ଡରେ ଗୋଟିଏ ଅପରାଧ ଘଟୁଛି। ମହିଳାଙ୍କ କ୍ଷେତ୍ରରେ ଅସୁରକ୍ଷିତ ପରିବେଶ ସବୁଠାରୁ ଅଧିକ ଚିନ୍ତାଜନକ। ଦେଶର ପ୍ରତି ୧ ଲକ୍ଷ ମହିଳାଙ୍କ ମଧ୍ୟରୁ ୬୬.୭ ଜଣ ଅପରାଧିକ କାର୍ଯ୍ୟକଳାପର ସମ୍ମୁଖୀନ ହେଉଛନ୍ତି। ବିଗତ ୧୨ ବର୍ଷ ମଧ୍ୟରେ ମହିଳାବିରୋଧୀ ଅପରାଧ ତିନିଗୁଣ ବଢ଼ିଛି। ଦିଲ୍ଲୀ ଓ ତେଲେଙ୍ଗନାରେ ମହିଳା ସବୁଠାରୁ ଅଧିକ ଅସୁରକ୍ଷିତ। ଏହି ଦୁଇ ରାଜ୍ୟରେ ପ୍ରତି ୧ ଲକ୍ଷ ମହିଳାଙ୍କ କ୍ଷେତ୍ରରେ ଯଥାକ୍ରମେ ୧୩୩ ଓ ୧୨୪ ଅପରାଧର ସମ୍ମୁଖୀନ ହୋଇଛନ୍ତି। ଗତ ଦଶବର୍ଷ ମଧ୍ୟରେ ଅନୁସୂଚିତ ଜାତି ଓ ଜନଜାତି ମହିଳା ନିଜକୁ ସବୁଠାରୁ ଅଧିକ ଅସୁରକ୍ଷିତ ମଣୁଛନ୍ତି। ସେମାନଙ୍କ ଉତ୍ପୀଡ଼ନ ହାର କ୍ରମାଗତ ଭାବେ ବୃଦ୍ଧି ଚାଲିଛି।

ରିପୋର୍ଟର ନିର୍ଯାସ ହେଉଛି, ସାମାଜିକ ପରିବେଶରେ ପରିବର୍ତ୍ତନ ଓ ସୁରକ୍ଷା ବ୍ୟବସ୍ଥା ପ୍ରତି ଆସ୍ଥା ବଢ଼ିଥିବାରୁ ମହିଳା ନିରବ ନ ରହି ସେମାନେ ସମ୍ମୁଖୀନ ହେଉଥିବା ଉତ୍ପୀଡ଼ନ ସଂପର୍କରେ ଥାନାରେ ରିପୋର୍ଟ କରୁଛନ୍ତି। ସେହିଭଳି ସହରାଞ୍ଚଳରେ ବର୍ଦ୍ଧିତ ଅପରାଧିକ କାର୍ଯ୍ୟକଳାପ ଓ ସାଇବର ଅପରାଧ ଚିନ୍ତାଜନକ। ଏହାକୁ ପରିବର୍ଦ୍ଧିତ ପରିସଂଖ୍ୟାନର ଅସଲ କାରଣ ବୋଲି ଦର୍ଶାଯାଇଛି। ୨୦୨୩ ପରେ ଘଟଣାକ୍ରମ ସୁଧୁରିବା ପରିବର୍ତ୍ତେ ଅଧିକ ବିଗୁଡୁଥିବାର ପରିଲକ୍ଷିତ ହେଉଛି। ତେଣୁ ଏନସିଆରବି ରିପୋର୍ଟରେ ଯେଉଁ ପରିସଂଖ୍ୟାନ ଉପସ୍ଥାପନ କରାଯାଇଛି ତାହା ନିଶ୍ଚିୟ ଚିନ୍ତା ଉଦ୍ରେକକାରୀ।

## ଅଳିକ ଅହଂକାର

ଡୋନାଲ୍ଡ ଟ୍ରମ୍ପଙ୍କ କୋଳାଶ୍ରିତ ହେବା ପରେ ପାକିସ୍ତାନ ନେତାମାନେ ହଠାତ୍ ମୁଖର ହୋଇପଡ଼ିଛନ୍ତି। ଆମେରିକା ପରେ ସାଉଦୀ ଆରବ ସହ ସୁସଂପର୍କକୁ ଏକ କୂଟନୈତିକ ସଫଳତା ରୂପେ ବିଚାର କରି ପାକିସ୍ତାନର ପ୍ରତିରକ୍ଷାମନ୍ତ୍ରୀ ଖାଜା ଆସିଫ ଯେଉଁ ଭାରତ ବିରୋଧୀ ବିବୃତି ଦେଇଛନ୍ତି ତାହାର ସୁଦୂରପ୍ରସାରୀ ପ୍ରଭାବ ନେଇ ଏପର୍ଯ୍ୟନ୍ତ ଅନିଶ୍ଚିତ ଥିବା ମନେହୁଏ। 'ଅପରେସନ ସିନ୍ଦୂର'ର ପରିଣତି ଓ ପରାଭବରୁ ନିଜକୁ ମୁକ୍ତ କରି ନଥିବା ପାକ୍‌ନେତାମାନେ ଆଭ୍ୟନ୍ତରୀଣ କନ୍ଦଳ ଓ ଆତଙ୍କୀ କାର୍ଯ୍ୟକଳାପରେ ବ୍ୟସ୍ତ ଓ ବିବ୍ରତ। ବେଲୁଚିସ୍ତାନ ଓ ଖାଇବରପଖ୍‌ତୁନଖ୍ୱା ପ୍ରଦେଶରେ ବିଦ୍ରୋହୀଙ୍କୁ ଜବତ କରିବାରେ ପାକ୍ ସେନାଙ୍କ ଅସାମର୍ଥ୍ୟ ପଦାରେ ପଡ଼ି ଯାଇଛି। ଦେଶର ସମଗ୍ର ଶାସନତନ୍ତ୍ର ସେନାବାହିନୀ ନିୟନ୍ତ୍ରଣରେ ଥିବାରୁ ସେମାନଙ୍କ ଇଙ୍ଗିତରେ ନେତାମାନେ ଭାରତ ବିରୋଧରେ ଯୁଦ୍ଧ ପ୍ରସ୍ତୁତ ନେଇ ଅପରିଣାମଦର୍ଶୀ ବୟାନ ଆରମ୍ଭ କରିଛନ୍ତି। ଆସିଫ୍ ସ୍ୱୀକାର କରିଛନ୍ତି ଯେ ପାକିସ୍ତାନରେ ଐକ୍ୟ ଓ ସଂହତି ପ୍ରତିଷ୍ଠାରେ ଏହା ସହାୟକ ହୋଇଆସିଛି। ଏଥିରୁ ସ୍ପଷ୍ଟ ଯେ ପାକ୍ ସୈନ୍ୟଙ୍କ କ୍ରମାଗତ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ବିଚ୍ଛିନ୍ନତାବାଦୀ ଆତଙ୍କୀଙ୍କ ଉପଦ୍ରବ ନିୟନ୍ତ୍ରଣ ହୋଇପାରିନାହିଁ। ତେଣୁ ବିଚଳିତ ଓ ବିବ୍ରତ ସେନାଧ୍ୟକ୍ଷଙ୍କ ବିରୋଧରେ ଦେଶବାସୀଙ୍କ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।

ସମୟର ଆବଶ୍ୟକତା ଦୃଷ୍ଟିରୁ ଅସ୍ଥାୟୀ ଓ କାମଚଳା କୂଟନୈତିକ ସଂପର୍କ ନେଇ ଆଶାର ପିରାମିଡ୍ ଗଢ଼ିବାରେ କାହାକୁ ମନା ନାହିଁ। ଗାଜା ପ୍ରସଙ୍ଗକୁ କେନ୍ଦ୍ରକରି ଆରବ ରାଷ୍ଟ୍ରଙ୍କ ମଧ୍ୟରେ ନୂଆ ଅଙ୍କ କଷିବା ଆରମ୍ଭ ହୋଇଥିବା ବେଳେ ସାଉଦୀ ନେତୃତ୍ୱର ପାକିସ୍ତାନ ଉପରେ ନିର୍ଭରଶୀଳତା ଯେ ଅଧିକ ତାହା ଜଳଜଳ ଦୃଶ୍ୟମାନ ହେଉଛି। ଅନ୍ୟପକ୍ଷରେ ଚୀନ ସହ ପାକିସ୍ତାନ ସଂପର୍କର ଗଭୀରତା ନିକଟରେ ଟ୍ରମ୍ପ ଯେ କେତେବେଳେ ପଛଘୁଞ୍ଚା ଦେବେ ତାହାର କିଛି ଠିକଣା ନାହିଁ। ଏସିଆ କପ ରାଜନୀତିରେ ପାକିସ୍ତାନ ଯେପରି ଅପଦସ୍ତ ହୋଇଛି ତାହା କ୍ରିକେଟ ସହ ସଂଶ୍ଳିଷ୍ଟ କୂଟନୈତିକ ସଂପର୍କରେ ପ୍ରତିବନ୍ଧକ ହୋଇଛି। ଏହି କ୍ରିକେଟ୍ ରାଜନୀତି ସହ ପାକିସ୍ତାନ ଅର୍ଥମନ୍ତ୍ରୀ ପ୍ରତ୍ୟକ୍ଷ ଭାବେ ଜଡିତ ଥିବାରୁ ତାହା ସରକାରଙ୍କ ସକାଶେ ଅଧିକ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଛି। ଏସବୁକୁ ବିଚାର କଲେ ଆସିଫ୍‌ଙ୍କ ଅହଙ୍କାର ଯେ କେତେ ଅଳିକ ତାହା ସହଜରେ ଅନୁମାନ କରାଯାଇପାରେ।

ଆଫଗାନିସ୍ତାନ ସୀମାବର୍ତ୍ତୀ ଖାଇବରପଖ୍‌ତୁନଖ୍ୱା ପ୍ରଦେଶରେ ସକ୍ରିୟ ଟିଟିପି ଆତଙ୍କବାଦୀ ଗୋଷ୍ଠୀ ବିରୋଧରେ ପାକ ସରକାର ନିଷେଧାଦେଶ ଜାରି କରିଥିଲେ ମଧ୍ୟ ସେମାନଙ୍କ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରାଯାଇ ପାରିନାହିଁ। ବୁଧବାରର ସାମରିକ କାର୍ଯ୍ୟାନୁଷ୍ଠାନରେ ୧୯ ଟିଟିପି କାର୍ମୀ ନିହତ ହୋଇଥିଲେ ମଧ୍ୟ ଜଣେ ଲେଫ୍ଟନାଣ୍ଟ କର୍ଣ୍ଣେଲ ଓ ଜଣେ ମେଜରଙ୍କ ସମେତ ୧୧ ଜଣଙ୍କୁ ହରାଇଛି ସେନାବାହିନୀ। ଏହି ପ୍ରଦେଶର ନେତୃତ୍ୱ ପୂର୍ବତନ ପ୍ରଧାନମନ୍ତ୍ରୀ ଇମରାନ ଖାଁଙ୍କ ପାକିସ୍ତାନ ତେହେରିକ ଇ ଇନସାଫ ଦଳ ହାତରେ ରହିଛି। ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଅଲ୍ଲି ଅମିନ ଗଣ୍ଡପୁରଙ୍କୁ ସ୍ଥାନରେ ମହମ୍ମଦ ସୋହେଲ ଆଫ୍ରିଦିଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଦଳ ଅବସ୍ଥାପିତ କରିଛି। ଅନ୍ୟପକ୍ଷରେ ବେଲୁଚିସ୍ତାନ ଉପକୂଳରେ ଗ୍ୱାଦର ବନ୍ଦର ନିକଟରେ ଆଉ ଏକ ବନ୍ଦର ପ୍ରତିଷ୍ଠା ସକାଶେ ଆମେରିକାକୁ ପ୍ରସ୍ତାବ ଦେଇ ପାକିସ୍ତାନ ଉଭୟ ବିଦ୍ରୋହୀ ବିଏଲଓ ଏବଂ ଚୀନ ଅସନ୍ତୋଷର କାରଣ ହୋଇଛି। ଏଭଳି ପ୍ରତିକୂଳ ପରିସ୍ଥିତିରେ ପାକ୍ ନେତାଙ୍କ ମିଛ ଅହଂକାର କାହିଁକି?

# ଓଡ଼ିଶାର ବିକାଶ ଓ ସୁସମ୍ପନ୍ନ ସହରୀକରଣ

ଡ. ପିୟୁଷ ରଞ୍ଜନ ରାଉତ

ବିଶ୍ୱର ନିରନ୍ତର ବିକାଶଯାତ୍ରାରେ ଆଧୁନିକ ସହର ଯୋଜନା ଏକ ଅପରିହାର୍ଯ୍ୟ ଅଙ୍ଗ। ସାମ୍ପ୍ରତିକ ବିବିଧତା ଭରା ଆହ୍ୱାନରେ ସହରର ଆକାର ବଢ଼େଇବା ଅପେକ୍ଷା ସ୍ୱଳ୍ପ ସମୟ ମଧ୍ୟରେ ବିକଶିତ କରିବାର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ 'ପନ୍ଦର ମିନଟ ସହର ଯୋଜନା' ଏକ ସୁନ୍ଦର ପରିକଳ୍ପନା। ପନ୍ଦର ମିନିଟ ସହର ଯୋଜନାର କେନ୍ଦ୍ରବିନ୍ଦୁ ହେଉଛି, ଦୈନନ୍ଦିନ ଜୀବନରେ ମଣିଷର ଜୀବନଶୈଳୀରେ ଯାହା ଆବଶ୍ୟକ, ଯେପରି ପନ୍ଦର ମିନଟ ଦୂରତ୍ୱ ମଧ୍ୟରେ ତାହା ମିଳିପାରୁଥିବ। ଜଣେ ସାଇକେଲ ଚଳାଇ କିମ୍ବା ଚାଲିକି ଯାଇ ଆଣି ପାରୁଥିବ। ଯେତେବେଳ ଦୂର ଜାଗାକୁ ଯାତ୍ରା କରିବାର ଥିବ ସେତେବେଳେ ସର୍ବସାଧାରଣ ପାଇଁ ଉଦିଷ୍ଟ ବସ ପରିବହନ ବ୍ୟବହାର କରିପାରିବେ ଅବା ନିଜର କାର ବ୍ୟବହାର କରିପାରିବେ। ଏହା ଲୋକମାନଙ୍କ ପାଇଁ ଏକ ବନ୍ଧୁତ୍ୱପୂର୍ଣ୍ଣ ଭାଇଚାରାର ସହର ସୃଷ୍ଟି କରିବ। ପରିସ୍ଥିତିକୁ ବଦଳାଇ ପାରିବାର ଦକ୍ଷତା ରଖିଥିବ। ଅଧିବାସୀଙ୍କର ଆବଶ୍ୟକତା ଅନୁସାରେ ଯୋଜନା ପ୍ରସ୍ତୁତ ହେବ। ଫଳସ୍ୱରୂପ ଗୋଟିଏ ସହର ମଧ୍ୟରେ ଅନେକ ଆତ୍ମନିର୍ଭରଶୀଳ ସହର ଗଢ଼ିଉଠିବ।

ଶିଳ୍ପ ବିପ୍ଳବ ପରେ ଏବଂ କାର ଉଦ୍ଭାବନ ପରେ ଯେଉଁ ସହର ଯୋଜନା ପ୍ରସ୍ତୁତ ହେଉଥିଲା, ତାହା କେବଳ ଧନୀ ଓ ଗରିବ ମଧ୍ୟରେ ଦୂରତ୍ୱ ସୃଷ୍ଟି କରୁଥିଲା। ସହର ମଧ୍ୟରେ ବାସସ୍ଥାନ, କର୍ମକ୍ଷେତ୍ର, ଶିଳ୍ପ, ବାଣିଜ୍ୟ ପାଇଁ ଅଲଗା ଅଲଗା ସ୍ଥାନ ନିରୂପଣ ହେଉଥିଲା, ଯାହା ସହରକୁ ଖଣ୍ଡବିଖଣ୍ଡ କରିଦେଉଥିଲା। ତେଣୁ ସମୟକ୍ରମେ ପନ୍ଦର ମିନିଟର ସହରୀ ଯୋଜନା ପରିକଳ୍ପନା କରାଗଲା।

ଆଜିର ସହରୀକରଣର ମୁଖ୍ୟ ଆହ୍ୱାନ ହେଉଛି ସହରାଞ୍ଚଳରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ପ୍ରତିହତ କରିବା ଲାଗି ସ୍ଥାନୀୟ ଯୋଜନା ଏବଂ ତା'ର ସଫଳ ରୂପାୟନ। ଆମେ ବର୍ତ୍ତମାନ ଏପରି ଏକ ସହରୀ ସଭ୍ୟତାରେ ବସବାସ କରୁଛେ, ଯାହାକୁ ସହର ଶତାବ୍ଦୀ ବୋଲି କହିବାରେ ଦ୍ୱିଧା ନାହିଁ। ମିଳିତ ଜାତିସଂଘର ଭବିଷ୍ୟତ ଚିନ୍ତାଧାରା ଅନୁସାରେ ୨୦୩୦ ସୁଦ୍ଧା ସମଗ୍ର ବିଶ୍ୱରେ ୭୦% ଲୋକ ସହରରେ ବସବାସ କରିବେ। ସହରୀକରଣ ବିଶ୍ୱର ବହୁଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ବଡ଼ ଭୂମିକା ଗ୍ରହଣ କରିଛି। ଆପାତତଃ ବିଶ୍ୱର ୭୫% ଅର୍ଥନୀତିର ଆଦାନ ପ୍ରଦାନ ସହର ମଧ୍ୟରେ ଘଟିଥାଏ, ଯାହାକି ବହୁତ ଲୋକଙ୍କୁ ଗରିବ ସୀମା ରେଖାରୁ ଉପରକୁ ଉଠେଇବାରେ ସହାୟକ ହୋଇଛି। ସହରୀକରଣରେ ଅଧିକ ପ୍ରାକୃତିକ ସମ୍ବଳ ବ୍ୟବହାର ହୋଇଥାଏ। ବିଶ୍ୱର ୩% ସ୍ଥାନ ସହର ପାଇଁ ବ୍ୟବହୃତ ହୁଏ। ସେହିପରି ବିଶ୍ୱର ୬୦% ସହର ଅଧିବାସୀ ଏହାର ୭୫% ସମ୍ବଳ ବ୍ୟବହାର କରିଥା'ନ୍ତି। ସହରରେ ବସବାସ କରୁଥିବା ଲୋକ ବିଶ୍ୱର ଦୁଇ-ତୃତୀୟାଂଶ ଶକ୍ତି ବ୍ୟବହାର କରିଥା'ନ୍ତି, ଯାହା ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଆଗାମୀ ଦିନରେ ଏହି ଆହ୍ୱାନର ମୁକାବିଲା କରିବା ପାଇଁ ସହରଗୁଡ଼ିକୁ ଏକ ଉନ୍ନତଶୈଳୀରେ ପରିବେଶ ସୁରକ୍ଷିତ କରି ଗଢ଼ିବାକୁ ପଡ଼ିବ।

ଭାରତ ଏକ ବୃହତ ସହରୀକରଣ ଦିଗରେ ଅଗ୍ରସର। ୨୦୩୦ସୁଦ୍ଧା ସମ୍ଭବତଃ ୩୫୦ ନିୟୁତ ଜନସଂଖ୍ୟା ସହରରେ ବସବାସ କରୁଥିବେ ଏବଂ ୨୦୫୦ ବେଳକୁ ଏହା ୭୦୦ ନିୟୁତରେ ପହଞ୍ଚିବ। ସେହିଭଳି ଓଡ଼ିଶାର ଜନସଂଖ୍ୟାର ୧୬% ଲୋକେ ବର୍ତ୍ତମାନ ସହରରେ ବସବାସ କରୁଛନ୍ତି, ଯାହାକି ୨୦୩୦ ବେଳକୁ ସମ୍ଭବତଃ ୨୫% ପହଞ୍ଚିପାରେ। କିନ୍ତୁ ସହରାଞ୍ଚଳରେ ବସବାସ କରିବା ପାଇଁ ଯେଉଁଭଳି ମାନଦଣ୍ଡର ସୁବିଧା ସୁଯୋଗ ରହିବା କଥା ଆଜି ମଧ୍ୟ ତାହା ଦେଖିବାକୁ ମିଳୁନି। ଯାହାଫଳରେ ସହରମାନଙ୍କରେ ସମସ୍ୟା ବଢ଼ିବାରେ ଲାଗିଛି। ଭାରତରେ ସହର ଭିତ୍ତିଭୂମି ବିକାଶ ପାଇଁ ପ୍ରତି ବାସିନ୍ଦାଙ୍କ ପାଇଁ ଖର୍ଚ୍ଚ ହେଉଛି ହାରାହାରି ୨୦ ଆମେରିକୀୟ ଡଲାର, ଯାହାକି ବ୍ରିଟେନରେ ୮୦୦ ଆମେରିକୀୟ ଡଲାର ଏବଂ ଚୀନରେ ୧୨୦ ଆମେରିକୀୟ ଡଲାର। ସମ୍ଭବତଃ ଭାରତରେ ଗ୍ରାମାଞ୍ଚଳ ଅପେକ୍ଷା ବହୁତ କମ ଅର୍ଥ ପ୍ରଦାନ କରାଯାଉଥିବାରୁ ସହରଗୁଡ଼ିକ ବିଶ୍ୱସ୍ତରରେ ପଛରେ ପଡ଼ିଯାଇଛନ୍ତି।

ଓଡ଼ିଶାର ସହରଗୁଡ଼ିକୁ ଯୋଜନାବଦ୍ଧ ଓ ସୁନ୍ଦର କରିବା ପାଇଁ ଏହା ହିଁ ଏକ ପ୍ରକୃଷ୍ଟ ସୁଯୋଗ। ଯୋଜନାବଦ୍ଧ ସୁନ୍ଦର ସହରର ଅର୍ଥ ନୁହେଁ କେବଳ ଉଚ୍ଚ ଅଟ୍ଟାଳିକା, ଚଉଡ଼ା ରାସ୍ତା। ବରଂ ସହରକୁ ଗରିବ ମୁକ୍ତ କରିବା, ଅର୍ଥନୈତିକ ଅଭିବୃଦ୍ଧି, ପରିବେଶ ସନ୍ତୁଳିତ ଏବଂ ଜଳବାୟୁ ପରିବର୍ତ୍ତନକୁ ନେଇ ଯୋଜନା ଆଧାରରେ ପ୍ରସ୍ତୁତ କରିବା। ଯେପରି ଦକ୍ଷିଣ କୋରିଆ ସିଓଲ ସହରକୁ ସମଗ୍ର ବିଶ୍ୱ ପାଇଁ ଉଦାହରଣୀୟ କରିପାରିଛି। ମାତ୍ର ତିରିଶ ବର୍ଷ ମଧ୍ୟରେ ଏକ ଗରିବ କୃଷିପ୍ରଧାନ ଦେଶରୁ ବିଶ୍ୱର ପ୍ରମୁଖ ଅର୍ଥନୈତିକ ପେଣ୍ଠସ୍ଥଳୀ ଏବଂ ବିଶ୍ୱର ଅନ୍ୟତମ ବିକଶିତ ସହରରେ ପରିବର୍ତ୍ତନ ହୋଇପାରିଛି। ପାରମ୍ପରିକ ସହର ଯୋଜାନାଠାରୁ ବହୁମାତ୍ରାରେ ଉନ୍ନତ ଓ ଲୋକାଭିମୁଖୀ କରି ଦକ୍ଷିଣ କୋରିଆ ଏହି ସଫଳତା ହାସଲ କରିଛି।

ସିଓଲ ଭଳି ବିଶ୍ୱରେ ଅନେକ ସହର ଅଛି, ଯେଉଁଗୁଡ଼ିକ ନୂତନତ୍ୱକୁ ମାନଦଣ୍ଡ କରି ଆଜି ସାରା ବିଶ୍ୱ ପାଇଁ ଉଦାହରଣ ହେଇପାରିଛନ୍ତି। ଆଉ ଏକ ସହର ହଉଛି ବୋଗଟା ଯାହାକି ବିଶ୍ୱରେ ସୁନ୍ଦର ପରିବହନ ପରିକଳ୍ପନା କରି ସ୍ୱଳ୍ପ ସମୟ ଯୋଜନାର ସହର ଭାବେ ଆପଣେଇ ପାରିଛନ୍ତି। ବୋଗଟା ସହର ନିଜ ଲୋକଙ୍କ ପାଇଁ କାର ରାସ୍ତା କରିବା ଅପେକ୍ଷା ୪୦୦ କିମି. ସାଇକେଲ ରାସ୍ତା ପ୍ରସ୍ତୁତ କରିଛନ୍ତି, ଯାହାକୁ ୪୦% ରୁ ଅଧିକ ଲୋକେ ଦୈନିକ ବ୍ୟବହାର କରୁଛନ୍ତି। ସେହିଭଳି କୁରୀଟିବା ସହର ବସ ପରିବହନ ପାଇଁ ସାରା ବିଶ୍ୱରେ ଉଦାହରଣ ସୃଷ୍ଟି କରିପାରିଛି। ଜାପାନର ୟୋକହମା ସହର ଲୋକସଂଖ୍ୟା ବଢ଼ିବା ପରେ ବି ବର୍ଜ୍ୟ ନିଷ୍କାସନକୁ ୪୦% ପର୍ଯ୍ୟନ୍ତ ହ୍ରାସ କରିପାରିଛନ୍ତି କେବଳ ଲୋକଙ୍କ ମଧ୍ୟରେ ପରିବେଶ ସମ୍ବନ୍ଧୀୟ ସଚେତନତା ଓ ସହଯୋଗିତା ଯୋଗୁଁ।

ଆମ ରାଜଧାନୀ ଭୁବନେଶ୍ୱର ପାଇଁ ମଧ୍ୟ ଏଭଳି ଅପାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଜିକୁ ସାତ ଦଶନ୍ଧି ପୂର୍ବେ ଦୂରତ୍ୱ ଅନୁସାରେ 'ପନ୍ଦର ମିନିଟ ସହର' ଭାବେ ଗଢ଼ା ଯାଇଥିଲା। କିନ୍ତୁ ସମୟ ସହିତ ତାଳ ନ ଦେଇପାରିବା ଯୋଗୁଁ ଲକ୍ଷ୍ୟରୁ ଦୂରେଇ ଯାଇଛି। 'ପନ୍ଦର ମିନିଟର ସହର' ପରିକଳ୍ପନା ବର୍ତ୍ତମାନ ସମୟରେ ଆବଶ୍ୟକତା। କାରଣ ଭବିଷ୍ୟତରେ ଜନସଂଖ୍ୟା ବୃଦ୍ଧି ସହିତ ଯେତେ ବଡ଼ ସହର ହେବ ସେତେ ଅଧିକ ସମସ୍ୟା ସୃଷ୍ଟି ହେବ। ଭୂମି, ଜଳ, ଗ୍ୟାସ ଏତେ ସହଜରେ ମିଳିନପାରେ; ତେଣୁ ଆମକୁ ଅଳ୍ପ ସମୟ ଏବଂ ଦୂରତ୍ୱ ମଧ୍ୟରେ କିପରି ଅଧିକ ଲୋକ ବସବାସ କରିପାରିବେ ଏବଂ ସୁରକ୍ଷିତରେ ରହିପାରିବେ ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ।

ଭୁବନେଶ୍ୱର ଏକ ଯୋଜନାବଦ୍ଧ, ପରିବେଶ ସନ୍ତୁଳିତ ଏବଂ ସମସ୍ତଙ୍କ ପାଇଁ ଉଦିଷ୍ଟ ସହର ଭଳି ଗଢ଼ି ଉଠୁ, ଯାହାକି ଅନ୍ୟ ସହର ପାଇଁ ଉଦାହରଣ ହେବ। କାରଣ ଦେଶ ଓ ରାଜ୍ୟର ଭବିଷ୍ୟତ ଦକ୍ଷତା ସମ୍ପନ୍ନ ସହରୀକରଣ ଉପରେ ନିର୍ଭରଶୀଳ। ଉପରେ।"

(ସହର ଯୋଜନା ବିଶେଷଜ୍ଞ)
ଭୁବନେଶ୍ୱର, ମୋ: ୯୪୩୭୧୭୬୭୧୭

## ଚିକିତ୍ସା ବିଜ୍ଞାନ ନୋବେଲ-୨୦୨୫

# ପ୍ରତିରକ୍ଷା ତନ୍ତ୍ରୀ-ସଜାଗପ୍ରହରୀର ଆବିଷ୍କାର

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ମେରୀ ଇ ବ୍ରଙ୍କୋ, ଫ୍ରେଡ ରାମସଡେଲ ଓ ଡାକ୍ତର ସାଇମୋନ୍ ସାକାଗୁଚି ୨୦୨୫ ମସିହାର ଚିକିତ୍ସା ବିଜ୍ଞାନରେ ନୋବେଲ ପୁରସ୍କାର ପାଇବାର ଗୌରବ ପ୍ରାପ୍ତ ହୋଇଛନ୍ତି। ପ୍ରଥମ ବିଜ୍ଞାନୀଦ୍ୱୟ ଆମେରିକୀୟ, ଡାକ୍ତର ସାକାଗୁଚି ଜାପାନର ଅଧିବାସୀ। ମେରୀ ବ୍ରଙ୍କୋ ଜଣେ ମହିଳା। ସେମାନଙ୍କ ବୟସ ଯଥାକ୍ରମେ ୬୪, ୬୪ ଓ ୭୪। ମେରୀ ବ୍ରଙ୍କୋ ଜିନୋମିକ୍ସ ଓ ଅଟୋଇମ୍ୟୁନ୍ ରୋଗ ଉପରେ ଗବେଷଣା କରୁଛନ୍ତି ସିୟାଟେଲ ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଫର ସିଷ୍ଟମସ ବାୟୋଲୋଜି ପ୍ରତିଷ୍ଠାନରେ। ଫ୍ରେଡ ରାମସଡେଲ ସାନଫ୍ରାନସିସ୍‌କୋର ସୋନୋମା ବାୟୋ ନାମକ ଏକ ଜୈବ ପ୍ରଯୁକ୍ତି ସଂସ୍ଥାରେ ଗବେଷଣାରତ। ସାଇମୋନ୍ ସାକାଗୁଚି ଜାପାନର ସୋକା ବିଶ୍ୱବିଦ୍ୟାଳୟରେ ଇମ୍ୟୁନୋଲୋଜି ବିଭାଗର ପ୍ରଫେସର।

ଗୋଟିଏ ଗୋଷ୍ଠୀର ରୋଗ ଅଛନ୍ତି, ଯେଉଁଗୁଡ଼ିକୁ କୁହାଯାଏ ଅଟୋଇମ୍ୟୁନ। 'ଅଟୋ' ଏକ ଗ୍ରୀକ୍ ଶବ୍ଦ। ଏହାର ଅର୍ଥ ସ୍ୱ ବା ନିଜର। 'ଇମ୍ୟୁନ'ର ଅର୍ଥ ରୋଗ କବଳରୁ ପ୍ରତିରୋଧକ୍ଷମ। ଆମ ଶରୀରରେ ରହିଛି ବିଭିନ୍ନ ତନ୍ତ୍ର। ପ୍ରତ୍ୟେକ ତନ୍ତ୍ରର କାର୍ଯ୍ୟ ନିର୍ଦ୍ଦିଷ୍ଟ। ସେହି ତନ୍ତ୍ରଗୁଡ଼ିକ ମଧ୍ୟରୁ ପ୍ରତିରକ୍ଷା ତନ୍ତ୍ର ବା ଇମ୍ୟୁନ ସିଷ୍ଟମ ହେଉଛି ଅନ୍ୟତମ। ଜୀବାଣୁ, ଭୂତାଣୁ ଓ ଅନ୍ୟାନ୍ୟ ଅଣୁଜୀବଗୁଡ଼ିକର ଆକ୍ରମଣରୁ ଶରୀରକୁ ସୁରକ୍ଷିତ ରଖିବା ହେଉଛି ପ୍ରତିରକ୍ଷା ତନ୍ତ୍ରର କାମ। କିନ୍ତୁ ପ୍ରତିରକ୍ଷା ତନ୍ତ୍ରଗୁଡ଼ିକ ବେଳେ ବେଳେ ହୋଇପଡ଼େ ରୋଗ ସୃଷ୍ଟିର କାରଣ। ନିଜସ୍ୱ ପ୍ରତିରକ୍ଷା ତନ୍ତ୍ର ବା ଇମ୍ୟୁନ ସିଷ୍ଟମ ଦ୍ୱାରା ସୃଷ୍ଟି ହେଉଥିବାରୁ ସେହି ରୋଗଗୁଡ଼ିକୁ ଡାକ୍ତରୀ ଭାଷାରେ 'ଅଟୋଇମ୍ୟୁନ୍' ରୋଗ ବୋଲି କହନ୍ତି। ଏବେ ଏହିଧରଣର ରୋଗସଂଖ୍ୟା ବଢ଼ି ଚାଲିଛି। ଏ ସଂପର୍କିତ ଗବେଷଣାକୁ ସ୍ୱୀକୃତି ଜଣେଇ ନୋବେଲ ପୁରସ୍କାର କମିଟି ପ୍ରଦାନ କରିଛି ୨୦୨୫ ମସିହାର ଚିକିତ୍ସା ବିଜ୍ଞାନ ନୋବେଲ ପୁରସ୍କାର। ପୁରସ୍କାରଟି ପ୍ରଦତ୍ତ ହୋଇଛି 'ପେରିଫେରାଲ ଇମ୍ୟୁନ ଟଲେରାନ୍ସ' ବା 'ପ୍ରାନ୍ତୀୟ ରୋଗ ପ୍ରତିରକ୍ଷା ସହନଶୀଳତା' ବିଷୟକ ସେମାନଙ୍କର ଯୁଗାନ୍ତକାରୀ ଆବିଷ୍କାର ପାଇଁ। ପୁରସ୍କାର ବାବଦକୁ ପ୍ରତ୍ୟେକ ନୋବେଲ ବିଜେତାଙ୍କୁ ଦିଆଯିବ ୪ ଲକ୍ଷ ଡଲାର (ଭାରତୀୟ ମୁଦ୍ରାର ପାଖାପାଖି ୩୫୦ ଲକ୍ଷ ଟଙ୍କା), ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ଓ ପୁରସ୍କାର ପ୍ରମାଣପତ୍ର ବା ନୋବେଲ ଡିପ୍ଲୋମା। ଏହା ପ୍ରଦତ୍ତ ହେବ ନୋବେଲ ପୁରସ୍କାରର ପ୍ରତିଷ୍ଠାତା ଆଲ୍‌ଫ୍ରେଡ୍ ନୋବେଲଙ୍କ ତିରୋଧାନ ଦିବସ ଡିସେମ୍ବର ୧୦ ତାରିଖରେ। ଏହି ଦିବସକୁ 'ନୋବେଲ ଦିବସ' ଭାବରେ ପାଳନ କରାଯାଏ।

ପ୍ରଶ୍ନ ଉଠେ, ଆମ ଶରୀରରେ ଯଦି ପ୍ରତିରକ୍ଷା ତନ୍ତ୍ର ଭଳି ଏକ ସ୍ୱତନ୍ତ୍ର ପ୍ରଣାଳୀ ଆମକୁ ସୁରକ୍ଷିତ ରଖିବା ପାଇଁ କାମ କରୁଛି ଏବଂ ତାହା ଶରୀରର ସୁସ୍ଥ କୋଷଗୁଡ଼ିକୁ ସୁରକ୍ଷିତ ରଖି ରୋଗ ସୃଷ୍ଟିକାରୀ ଜୀବାଣୁ ଭୂତାଣୁ ଇତ୍ୟାଦିକୁ ଆକ୍ରମଣ କରି ଧ୍ୱଂସ କରିଦେଉଛି; ତେବେ ଆମ ଭିତରୁ କେତେକ ପୁଣି ଅଟୋଇମ୍ୟୁନ ରୋଗ ଦ୍ୱାରା ଆକ୍ରାନ୍ତ ହୋଇପଡୁଛନ୍ତି କିପରି? କାହିଁକି ଅବା ଆମେ ସମସ୍ତେ ଅଟୋଇମ୍ୟୁନ ରୋଗ ଭୋଗୁନେ? ସାଇମୋନ ସାକାଗୁଚି ଆବିଷ୍କାର କଲେ ଏକନୂତନ ପ୍ରକାରର ଇମ୍ୟୁନ୍ ସେଲ୍‌ଫ। ସେହି ସେଲ ବା କୋଷର ନାଁ 'ରେଗୁଲେଟରୀ ଟିସେଲ'। ସଂକ୍ଷେପରେ 'ଟି ରେଗ୍‌ସ ରେଗୁଲେଟରୀ ଟି ସେଲ' ହେଉଛି ନିଅନ୍ତ୍ରଣକାରୀ। ତାହା ସିକ୍ୟୁରିଟି ଗାର୍ଡ ବା ନିରାପତ୍ତା ରକ୍ଷୀ ଭାବରେ କାର୍ଯ୍ୟ କରି ଶରୀରର ସୁସ୍ଥକୋଷଗୁଡ଼ିକୁ ପ୍ରତିରକ୍ଷା ତନ୍ତ୍ରର ଆକ୍ରମଣରୁ ରକ୍ଷା କରେ। ଯେଉଁ ପ୍ରତିରକ୍ଷାତନ୍ତ୍ର ପୁଲିସ ଭଳି କାମ କରି ରୋଗ ସୃଷ୍ଟି କରୁଥିବା ଜୀବାଣୁ ଭୂତାଣୁମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ କାବୁ କରି ଦେଉଛି, ସେହି ପ୍ରତିରକ୍ଷା ତନ୍ତ୍ର ଯେପରି ସୁସ୍ଥ କୋଷଗୁଡ଼ିକୁ ଆକ୍ରମଣ ନ କରି ପାରିବ ସେଥିପ୍ରତି ପୁଲିସ ଭଳି ସେଥିପ୍ରତି କଡ଼ା ନିଘା ରଖିଛି ରେଗୁଲେଟରୀ ଟି ସେଲ ବା ନିରାପତ୍ତା ରକ୍ଷୀ। ଫଳରେ ପ୍ରତିରକ୍ଷା ତନ୍ତ୍ର ସୁସ୍ଥ କୋଷଗୁଡ଼ିକୁ ଆକ୍ରମଣ କରିପାରୁନାହିଁ।

ପ୍ରଶ୍ନ ଉଠେ ରେଗୁଲେଟରୀ ଟି ସେଲ ରହିଥିବା ସତ୍ତ୍ୱେ ନିରାପତ୍ତା ରକ୍ଷୀ ଭାବରେ ତାହା ପ୍ରତିରକ୍ଷା ତନ୍ତ୍ର ଉପରେ ସତର୍କ ଦୃଷ୍ଟି ରଖିଥିବା ସତ୍ତ୍ୱେ, ପୁଣି ପ୍ରତିରକ୍ଷା ତନ୍ତ୍ର ତା'ର ଭାରସାମ୍ୟ ହରେଇ ସୁସ୍ଥକୋଷକୁ ଆକ୍ରମଣ କରି ପକାଉଛି କିପରି? କିପରି ପୁଣି ଜାତ ହୋଇପାରୁଛି ଅଟୋଇମ୍ୟୁନ ରୋଗ? ଏହି ଆବିଷ୍କାରର ରହିଛି ଏକ ଦ୍ୱିତୀୟ ଅଂଶ। ଦ୍ୱିତୀୟ ଅଂଶଟିର ଆବିଷ୍କାରକ ହେଉଛନ୍ତି ମେରୀ ବ୍ରଙ୍କୋ ଓ ଫ୍ରେଡ ରାମସଡେଲ। ସେମାନେ ଏପରି ଏକ ପ୍ରଜାତିର ମୂଷାଙ୍କ ସନ୍ଧାନ ପାଇଲେ, ଯେଉଁ ମୂଷାମାନେ ଅଟୋଇମ୍ୟୁନ ରୋଗ ପ୍ରତି ଅତିମାତ୍ରାରେ ସଂବେଦନଶୀଳ। ରୋଗଭୋଗୀ ଅଳ୍ପ କେଇଟି ସପ୍ତାହ ଭିତରେ ସେମାନେ ମୃତ୍ୟୁବରଣ କରିବା ପାଇଁ ବାଧ୍ୟ ହୋଇଥା'ନ୍ତି। ସେହି ପ୍ରଜାତିର ମୂଷାଙ୍କୁ କୁହାଯାଉଛି ସ୍କର୍ଫି। କେବଳ ଅଣ୍ଡିରା ମୂଷା ଏଥିରେ ଆକ୍ରାନ୍ତ ହେଉଥିବାରୁ ମେରୀ ଓ ଫ୍ରେଡ ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଅଣ୍ଡିରା ସ୍କର୍ଫି ମୂଷାଙ୍କ ଏକ୍ସ କ୍ରୋମୋଜୋମରେ କିଛି ତ୍ରୁଟି ରହିଛି। ଆହୁରି ଅଧିକ ଅନୁଧ୍ୟାନ କରି ସେମାନେ ଦେଖିଲେ ଯେ ଏକ୍ସ କ୍ରୋମୋଜୋମ୍‌ରେ ଫକ୍ସପି ୩ ନାମକ ଏକ ଜିନ୍‌ରେ ରହିଛି ଏକ ପରିବର୍ତ୍ତନ (ଜିନରେ ଏଭଳି ପରିବର୍ତ୍ତନକୁ ବିଜ୍ଞାନ ଭାଷାରେ କୁହାଯାଏ ମ୍ୟୁଟେସନ)। ଫକ୍ସପି ୩ ଜିନରେ ମ୍ୟୁଟେସନ ଯୋଗୁଁ ହିଁ ମୂଷା ଅଟୋଇମ୍ୟୁନ ରୋଗରେ ଆକ୍ରାନ୍ତ ହୋଇପଡୁଛନ୍ତି। ସେମାନେ ଏହା ବି ଦେଖିଲେ ଯେ ମଣିଷ ଶିଶୁମାନଙ୍କ ଭିତରୁ କେତେକ ଭୋଗିଥା'ନ୍ତି ଆଇପେକ୍ସ ନାମକ ଗୁରୁତର ଅଟୋଇମ୍ୟୁନ ରୋଗ। ସେହି ରୋଗୀଙ୍କଠାରେ ବି ଫକ୍ସପି ୩ଜିନରେ ପରିଲକ୍ଷିତ ହୋଇଛି ମ୍ୟୁଟେସନ। ସୁତରାଂ ମେରୀ ଓ ଫ୍ରେଡ ନିଶ୍ଚିତ ହୋଇଗଲେ ଯେ ଫକ୍ସପି ୩ ରେ ମ୍ୟୁଟେସନ କରେଇପାରେ ଅଟୋଇମ୍ୟୁନ୍ ରୋଗ।

ଏହି ତଥ୍ୟ ମିଳିଗଲା ପରେ ସାକାଗୁଚି ପୁଣି ଲାଗିପଡ଼ିଲେ ଗବେଷଣାରେ। ଦୁଇବର୍ଷ ଧରି ଗବେଷଣା ପରେ ସାକାଗୁଚି ଦର୍ଶେଇଦେଲେ ଯେ ଫକ୍ସପି ୩ ଜିନଟି ନିୟନ୍ତ୍ରଣ କରିଥାଏ ରେଗୁଲେଟରି ଟି ସେଲର ବିକାଶକୁ। ଫଳରେ ପ୍ରତିରକ୍ଷା ତନ୍ତ୍ର ଶରୀରର ସୁସ୍ଥ କୋଷଗୁଡ଼ିକୁ ଆକ୍ରମଣ କରିପାରେନି। କିନ୍ତୁ ଫକ୍ସପି୩ ଜିନରେ ମ୍ୟୁଟେସନ ହୋଇ ତାହା ତ୍ରୁଟିଯୁକ୍ତ ହୋଇ ପଡ଼ିଲେ ରେଗୁଲେଟରୀ ଟି ସେଲ ବା ପ୍ରତିରକ୍ଷା ତନ୍ତ୍ରର ନିରାପତ୍ତାର ରକ୍ଷୀ ଦାୟିତ୍ୱ ନିର୍ବାହ କରିବାରେ ବିଫଳ ହେବାରୁ ଜାତ ହୋଇପଡ଼େ ଅଟୋଇମ୍ୟୁନ ରୋଗ।

ଆମର ଅତିପରିଚିତ ରିଉମାଟଏଡ ଆଥ୍ରାଇଟିସ ନାମକ ଗଣ୍ଠିରୋଗ ଓ ଟାଇପ-୧ ଡାଇବେଟିସ ହେଉଛି ଅଟୋଇମ୍ୟୁନ ରୋଗର ଉଦାହରଣ। ଅଙ୍ଗ ପ୍ରତିରୋପଣ ଓ କେତେକ କ୍ୟାନସରରେ ମଧ୍ୟ ଏହି ଆବିଷ୍କାରର ଗୁରୁତ୍ୱ ରହିଛି। ମାତ୍ର ରେଗୁଲେଟରୀ ଟି ସେଲ ଭିତ୍ତିକ ଚିକିସା ପଦ୍ଧତି ସଂପ୍ରତି ରହିଛି ପରୀକ୍ଷା ସ୍ତରରେ। ହେଲେ ଏହି ଚିକିତ୍ସା ପଦ୍ଧତିର ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ।

କଟକ, ମୋ: ୯୪୩୭୭୬୬୧୧୭

# ତିବ୍ବତରେ ବୌଦ୍ଧ ବିହାର

ପ୍ରବୀର କୁମାର ପଟ୍ଟନାୟକ

ପୂର୍ବପ୍ରକାଶିତ ଉତ୍ତାରୁ...

ପ୍ରାୟତଃ ସମସ୍ତ ବୌଦ୍ଧବିହାର ଶିକ୍ଷାକେନ୍ଦ୍ର ଭାବେ କାର୍ଯ୍ୟ କରିଥା'ନ୍ତି। ଏଗୁଡ଼ିକରେ ତିବ୍ବତୀୟ ଭାଷାରେ ଅନୁଦିତ କଞ୍ଜୁର ଓ ତଞ୍ଜୁର ଦୁଇଟି ବର୍ଗର ଧର୍ମୀୟ ପୁସ୍ତକ ତଥା ବିଭିନ୍ନ ଶାସ୍ତ୍ରସବୁର ବିଶାଳ ଭଣ୍ଡାର ସଂଗୃହୀତ। ତିବ୍ବତରେ ବୌଦ୍ଧବିହାର ତଥା ମନ୍ଦିରମାନ ପ୍ରତିଷ୍ଠା କାର୍ଯ୍ୟ ତଥା ଏଥିପାଇଁ ରାଜକୀୟ ଅଥବା ଶାସକୀୟ ସହାୟତା, ମୁଖିଆ ତଥା ଅଭିଜାତ ବର୍ଗର ସହୟତା ପ୍ରାପ୍ତି ସପ୍ତମ /ଅଷ୍ଟମ ଶତାବ୍ଦୀରୁ ଆରମ୍ଭ ହୋଇ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଚାଲି ରହିଲା। ଭାରତ ଭଳି ତିବ୍ବତୀୟ ବୌଦ୍ଧ ଧର୍ମରେ ମଧ୍ୟ ବିଭିନ୍ନ ସଂପ୍ରଦାୟ ରହିଛନ୍ତି। ଏହିମାନେ ଧର୍ମର ପ୍ରଚାର ପ୍ରସାର ଅଧିକ ମାତ୍ରାରେ କରିଛନ୍ତି। ଏହି ସଂପ୍ରଦାୟଗୁଡ଼ିକ ମଧ୍ୟରେ ମୁଖ୍ୟ ହେଲେ ନିଙ୍ଗ୍‌ମାପା, ଶାସ୍‌କ୍ୟାପା ଓ କାବ୍‌ରଗ୍ୟୁଡପା। ମିଳିତ ଭାବେ ଏମାନେ 'ନାଲିଟୋପି' ସଂପ୍ରଦାୟ ଭାବେ ପରିଚିତ ଏବଂ ଏମାନଙ୍କର ସବୁଠାରୁ ଅଧିକ ସଂଖ୍ୟକ ବିହାର ରହିଛି।



ତିବ୍ବତ ହେଉଛି ବୌଦ୍ଧ ବିହାରର ଦେଶ। ସେଥିମଧ୍ୟରୁ କେତେକ ଉଲ୍ଲେଖଯୋଗ୍ୟ ବିହାର ହେଲା (୧) ସମୟେ- ଏହା ହେଉଛି ରାଜା ଖ୍ରୀ-ସ୍ରନ୍‌ଙ୍କ ଦ୍ୱାରା ପଦ୍ମସମ୍ଭବ ଓ ଶାନ୍ତରକ୍ଷିତଙ୍କ ସହାୟତାରେ ଲାସା ନିକଟରେ ନିର୍ମିତ ପ୍ରଥମ ବୌଦ୍ଧ ମହାବିହାର। ଏହି ମହାବିହାରଟି ମଗଧର ଓଦନ୍ତପୁରୀ ମହାବିହାର ଅବିକଳ ଢାଞ୍ଚାରେ ଖ୍ରୀ ୭୪୯ ରେ ନିର୍ମିତ ହୋଇଥିଲା। ଏହାଥିଲା ତିବ୍ବତର ମୁଖ୍ୟ ତଥା ପ୍ରଧାନ ବୌଦ୍ଧ ଶିକ୍ଷାକେନ୍ଦ୍ର। ଆଚାର୍ଯ୍ୟ ଶାନ୍ତରକ୍ଷିତ ଏହି ବିହାରର ପ୍ରଥମ ମୁଖ୍ୟ ଆଚାର୍ଯ୍ୟ ଭାବେ ନିଯୁକ୍ତ ହୋଇ ଜୀବନର ଶେଷକାଳ ପର୍ଯ୍ୟନ୍ତ ସେହି ଦାୟିତ୍ୱ ତୁଲାଇଥିଲେ। ଏହି ବିହାରର ଅଧିକାଂଶ ଭିକ୍ଷୁ ନିଙ୍ଗ୍‌ମାପା ସଂପ୍ରଦୟର ହୋଇଥିଲେ ମଧ୍ୟ ଏହାର ମୁଖ୍ୟ ଶସ୍‌କ୍ୟାପା ଗୋଷ୍ଠୀର। (୨) ଗାଲ୍‌ଡାନ୍- ଏହାର ସଂସ୍କୃତ ଅର୍ଥ ହେଲା ତୁଷିତ (ଦେବତାମାନଙ୍କର ବାସସ୍ଥାନ, ଗୋଟିଏ ସ୍ୱର୍ଗ)। ଏହି ବିହାରଟି ଗେଲୁଗ୍‌ସ୍ପା ସଂପ୍ରଦାୟର (ହଳଦିଆ ଟୋପି) ବିରାଟ ତଥା ପ୍ରସିଦ୍ଧ ମହାବିହାର। ଲାସାର ପୂର୍ବକୁ ତିରିଶ ମାଇଲ ଦୂରରେ ଏହା ଅବସ୍ଥିତ। ତିବ୍ବତର ମହାନ ବୌଦ୍ଧ ସଂସ୍କାରକ ସଙ୍ଗ୍-ଖା-ପା ଏହି ବିହାରକୁ ଖ୍ରୀ୧୪୦୯ ରେ ନିର୍ମାଣ କରାଇଥିଲେ। ଏହି ବିହାରଟି ଭାବିବୁଦ୍ଧ ମୈତ୍ରେୟଙ୍କର ଚିତ୍ତାକର୍ଷକ ପ୍ରତିମୂର୍ତ୍ତି ପାଇଁ ପ୍ରସିଦ୍ଧ। କିମ୍ବଦନ୍ତୀ କୁହେ ଏହା ମଗଧରୁ ଏଠାକୁ ଉଡ଼ି କରି ଆସିଛନ୍ତି। (୩) ଦେ-ପୁଙ୍ଗସ୍- ଏହା ହେଉଛି ତିବ୍ବତର ସବୁଠାରୁ ଅଧିକ କ୍ଷମତାଶାଳୀ ତଥା ଜାନାକୀର୍ଣ୍ଣ ମହାବିହାର। ଏହା ଖ୍ରୀ ୧୪୧୫ରେ ନିର୍ମିତ। ଏହି ବିହାରଟିର ବହୁ ଉଚ୍ଚ ଉଚ୍ଚ କୋଠାମାନଙ୍କର ସମାହାର ଏହାକୁ ଏକ ସହର ଭଳି ଦର୍ଶାଇଥାଏ। ଏହି ବିହାରଟି ଲାସାର ପଶ୍ଚିମକୁ ମାତ୍ର ତିନି ମାଇଲ ଦୂରରେ ଅବସ୍ଥିତ। ଏଠାରେ ପ୍ରାୟ ସାତ ହଜାର ଭିକ୍ଷୁ ବସବାସ କରିଥା'ନ୍ତି। ଏଠାରେର ଶିକ୍ଷା ନିମିତ୍ତ ଆଠ ଗୋଟି ମହାବିଦ୍ୟାଳୟ ରହିଥିଲା। ଏବେ ମାତ୍ର ଚାରିଗୋଟି କାର୍ଯ୍ୟକ୍ଷମ। (୪)ସେରା - ସଙ୍ଗ୍-ଖା-ପାଙ୍କର ମହାପ୍ରୟାଣ ବର୍ଷ ଖ୍ରୀ ୧୪୧୮ ରେ ଏହି ବିହାରଟି ଲାସାର ଅତି ନିକଟରେ ଥିବା ତାଟି ପୁ ପାହାଡ଼ରେ ଗଡ଼ାଣିଆ ସ୍ଥଳରେ ନିର୍ମିତ। ଏହା ମଧ୍ୟରେ ବହୁତଳ ବିଶିଷ୍ଟ ତିନିଗୋଟି ବିଶାଳ ବୌଦ୍ଧ ମନ୍ଦିର ରହିଛନ୍ତି। ଏହା ଚାରିଗୋଟି ମହାବିଦ୍ୟାଳୟ ସହ ଗୋଟିଏ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ। କୁହାଯାଏ ସମ୍ରାଟ ଅଶୋକଙ୍କ ଦ୍ୱାରା ନିର୍ମିତ ୮୪, ୦୦୦ ଚୈତ୍ୟମଧ୍ୟରୁ ଏଇଟି ଗୋଟିଏ ଏବଂ ଏହାକୁ ମଗଧରୁ ଅଣାଯାଇ ଥିଲା। (୫) ତାସୀ-ଲୁନ୍-ପୋ - ଏହି ବିଶାଳ ମହାବିହାରଟି ଲାସାର ଦକ୍ଷିଣ-ପଶ୍ଚିମକୁ ଶିଗାତ୍‌ସେ ଠାରେ ଅବସ୍ଥିତ। (କ୍ରମଶଃ)

### ଦ୍ୱିତୀୟ-ବୁଦ୍ଧ କଥା

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ

# ହାତୀ-ମଣିଷ ଲଢ଼େଇକୁ ନେଇ ରାଜ୍ୟପାଳଙ୍କ ଚିନ୍ତାପ୍ରକଟ



ଭୁବନେଶ୍ୱର, ୧୦।୧୦ (ସମିସ): ରାଜ୍ୟରେ ମଣିଷ-ହାତୀ ସଂଘର୍ଷ ଚନ୍ତାଜନକ। ଭିତ୍ତିଭୂମି, ବିକାଶମୂଳକ ପ୍ରକଳ୍ପ ଏବଂ ଭୂମି ବ୍ୟବହାର ପରିବର୍ତ୍ତନ ଯୋଗୁଁ ହାତୀ କରିଡର୍ ସଙ୍କୁଚିତ ହେଉଛି। ଏଥିପାଇଁ ମଣିଷ ଓ ହାତୀଙ୍କ ମଧ୍ୟରେ ବିବାଦ ବୃଦ୍ଧି ହେଉଛି। ଏହା ଦୁଃଖଦ ପରିସ୍ଥିତି ସୃଷ୍ଟି କରୁଛି। ତେଣୁ ରାଜ୍ୟର ହାତୀ କରିଡର୍‌ଗୁଡ଼ିକର ସୁରକ୍ଷା ଏବଂ ପୁନରୁଦ୍ଧାର କରିବା ଉପରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଗୁରୁତ୍ୱ ଦେଇଛନ୍ତି।

ଗୁରୁବାର ଲୋକସେବା ଭବନର କନ୍‌ଭେନସନ୍ ସେଣ୍ଟର୍‌ଠାରେ ଆୟୋଜିତ ୭୧ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଯେ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସାମୂହିକ ଦାୟିତ୍ୱର ଏକାନ୍ତ ଆବଶ୍ୟକ। ମଣିଷ ଏବଂ ବନ୍ୟପ୍ରାଣୀଙ୍କ କଲ୍ୟାଣ ପ୍ରାକୃତିକ ସମନ୍ୱୟର ଅବିଚ୍ଛେଦ୍ୟ ଅଂଶ। ତେଣୁ ହାତୀ-ମଣିଷ ଲଢ଼େଇ ପ୍ରତିହତ କରିବା ପାଇଁ ଡ୍ରୋନ୍ ନିରୀକ୍ଷଣ ଏବଂ ଜିପିଏସ୍ ଟ୍ରାକିଂ ଭଳି ଆଧୁନିକ ଉପକରଣ ବ୍ୟବହାର ସହ ଏଥିରେ ଯୁବପିଢ଼ି ଏବଂ ଗୋଷ୍ଠୀକୁ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି।

# ରେଳଧାରଣାରେ ଶୋଇପଡ଼ିଲେ ମହିଳା

ବୈଶିଙ୍ଗା, ୧୦।୧୦ (ସମିସ): ବେତନଟୀ ବ୍ଲକ ଆମ୍ବଗଡ଼ିଆ ଉପକଣ୍ଠ ନୂଆସାହିଠାରେ ଜଣେ ମହିଳା ଟ୍ରେନ୍‌ରେ କଟି ପ୍ରାଣ ହରାଇଛନ୍ତି। ମୃତ ମହିଳା ହେଲେ ନୂଆସାହି ଗ୍ରାମର ପରମାନନ୍ଦ ସିଂଙ୍କ ସ୍ତ୍ରୀ ସିତୁ ଓରଫ କଟି ସିଂ (୪୬)। ସୂଚନାନୁଯାୟୀ, ବାଙ୍ଗିରିପୋଷିରୁ ବାଲେଶ୍ୱର ଅଭିମୁଖେ ମେମୁ ଟ୍ରେନ୍ ଯାଉଥିବା ବେଳେ ଅନତି ଦୂରରେ ଅଟକିବାର ଥିଲା। ତେବେ ଠାକୁରତୋଟା ଷ୍ଟେସନର ପହଞ୍ଚିବା ଅବ୍ୟବହିତ ପୂର୍ବରୁ ସିତୁ ଦୌଡ଼ି ଆସି ରେଳଧାରଣା ଉପରେ ମୁଣ୍ଡ ରଖି ଶୋଇ ପଡ଼ିଥିଲେ। ଫଳରେ ତାଙ୍କର ମୁଣ୍ଡଗଣ୍ଡି ଅଲଗା ହୋଇଯାଇଥିଲା। ଲୋକୋପାଇଲଟଙ୍କଠାରୁ ସୂଚନା ପାଇ ରୁପ୍ସା ଜଙ୍କସନରୁ ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିବା ବେଳକୁ ମହିଳାଙ୍କ ପରିବାର ମୃତଦେହକୁ ନେଇ ପଳାଇଥିଲେ। ତେବେ ପାରିବାରିକ କଳହରୁ ସେ ଏପରି ଚରମ ପଦକ୍ଷେପ ନେଇଥିବା କୁହାଯାଉଛି।


## AFFIDAVIT

By virtue of an affidavit (No. 5392, dtd- 09/10/2025) before the Executive Magistrate, Angul. I, **Bijaya Kumar Panda**, resident of At-Kaliadama, Po- Balipasi, Ps-Rengali Dam Site, Dist-Angul, PIN- 759105, Odisha declare that, I want to correction my wife name from **Subasini Satpathy** to **Subhasini Satpathy** & my name from **Bijaya Ku. Panda** to **Bijaya Kumar Panda** in my son's (**Anwesh Panda**) school admission register / records.

## AFFIDAVIT

By virtue of an affidavit before the Notary Public, Nuapada, I, Narayan Majhi, resident of At-Darlipali ORF Chuhuri, Po-Kodomeri, Ps- Jonk, Dist-Nuapada, Odisha, PIN-766104 have changed my minor son name from Rehaan Sahu to Aryan Majhi. Henceforth, he shall be known and called as Aryan Majhi for all purposes.

**Sd/-Narayan Majhi**

## AFFIDAVIT

By virtue of an affidavit before the Executive Magistrate, Tigiria vide No-03/08.10.2025 I Pravati Das W/o Lokanath Das of Vill-Badabhuindal, Po-Badabhuin, Ps-Athagarh, Dist-Cuttack that I have changed my name from Pravati Manjari Das to Pravati Das. Henceforth I shall be known as Pravati Das for all purpose.

## AFFIDAVIT

By virtue of an affidavit before the Notary Public, Paralakhemundi, I, Smt. Satyabati Pradhan, resident of Subhadra Vihar, 4th Lane, PO/PS Paralakhemundi, Dist. Gajapati, Odisha, PIN-761211 have changed my minor son's name from Bibek Pradhan to Suman Pradhan. Henceforth, he shall be known as **Suman Pradhan** for all purposes.

**Sd/- Satyabati Pradhan**

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, dated 10.10. 2025 I, Iswar Tentulikhuntia, S/o - Samaru Tentulikhuntia, Village-Gundriguda, Po- Binjili, Ps.-Kosagumuda, Dist.- Nabarangpur, Odisha, Pin - 764058, declare that, I have changed the name of my Son from **LAKHAN KANTA TENTULIKHUNTIA** to **LAXMIKANTA TENTULIKHUNTIA**. Henceforth, he shall be known as **LAXMIKANTA TENTULIKHUNTIA** for all purposes.

Sd/- Iswar Tentulikhuntia

## AFFIDAVIT

By virtue of an affidavit (No. 6165, dtd- 25/06/2025) sworn before The Executive Magistrate, Jajpur. I, **Sudharani Pati**, W/o Asish Kumar Pati, resident of Vill: Seepura, PO: Pubasahi, PS: Dasarathur, Dist: Jajpur, PIN: 755006, Odisha declare that I have changed my minor daughter's name from **Somali Pati** (old name) to **Sonali Pati** (new name). Henceforth, she shall be known as **Sonali Pati** (new name) for all purposes.

**Sudharani Pati**

## AFFIDAVIT

I, Shaikh Safiyan Ali, aged about 58 years, S/o-Shaikh Usman Ali, resident of AT/PO: Jhalpada, PS: Brahmabarada, Dist: Jajpur, PIN: 755005, Odisha declared by this affidavit No. 2031, dtd-09/10/2025 that now onwards I shall be known as **SHAIKH SUFIYAN ALI** for all future purposes.

## PUJA OFFER SALE

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

## AFFIDAVIT

By virtue of an affidavit before the Executive Magistrate, Gajapati, I, Satyanarayan Karjee, resident of Village Kesara, P.O. Govindapur, P.S. Mohana, Dist.: Gajapati, Odisha (Pin: 761015), have changed my name & DOB from Satya Karjyee (D.O.B: 01.01.1985) to Satyanarayan Karjee (D.O.B: 07.08.1985) for all purposes.

**Sd/-Satyanarayan Karjee**

## AFFIDAVIT

I, Samarjit Mohapatra, S/o- Amulya Kumar Mohapatra, Resident of Plot No.: 45,Near Kali Mandir, Satya Nagar, Bhubaneswar, Khordha, Odisha, PIN-751007 declared by this Affidavit No.: 1149/2025, Dated: 09.10.2025 that now onwards I shall Be Known As **SAMARRJIT MOHAPPATRA** for all future Purposes.

## AFFIDAVIT

By virtue of an affidavit sworn before Executive Magistrate, Nabarangpur, No.911 dated 10/10/2025 I, Nalini Gonda, D/o- Sisusanta Gonda resident of Village- Dangriguda, Po.- Bikrampur, Ps.- Nabarangpur, Odisha, Pin- 764059 state that, I have changed my name from **Nalini Nagesh** to **Nalini Gonda**. Henceforth I shall be known as **Nalini Gonda** for all future purposes.

**Nalini Gonda**

## AFFIDAVIT

I, Simanchala Malu, S/o- Dhundar Malu, Resident of Plot No.: 2077/5113, Mahadev Nagar, Near Gangua Canal, Jharpada, Bhubaneswar, Bhubaneswar (M.C), PO: Budheswari Colony, Dist.: Khordha Odisha, PIN- 751006 declared by this Affidavit No.1157/2025, Dated: 10.10.2025. That now onwards I shall be known as **SIMANCHAL MALU** for all future Purposes.

## VEHICLE FOR SALE

MAHINDRA BOLERO B6, Model - 2022, Registration No-OD-02-CC-9936, in as is where is condition, Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409, within 7 days .

## AFFIDAVIT

By an affidavit No.- 3459, sworn before the Executive Magistrate, Dharmasala on dtd- 2/9/25, I Kodanda Pal, S/o- Nrushingh Pal of Kanipatla, Jaraka, Dharmasala, Jajpur declare that in Aadhaar- 258083961419 my DOB is mentioned as 01.01.1952 instead of 24.10.1944 which is genuine and in pension PPO No.- 12020076504 it is mentioned as Kodanda, S/o- Narasingha. Both Kodanda Pal, S/o- Nrusingha Pal and Kodanda, S/o- Narasingha is same and one person.

## AFFIDAVIT

By virtue of an affidavit sworn before the Executive Magistrate, At-Narasinghpur, dated-26.09.2025 I Aparajita Pati, w/o-santosh Had village/Po-Phulapada,Ps-Narasinghpur, Dist- Cuttack declare that I have changed my old name Aparajita Had to New name Aparajita pati. Henceforth,she shall be known as Aparajita pati for all purposes.

## AFFIDAVIT

By virtue of an affidavit (No. 9620, dtd- 03/10/2025) sworn before The Executive Magistrate, Jajpur. I, **Sanatan Ketaki** (new name), S/o Anu Ketaki, permanent resident of Vill: Talagadia, PO: Malapara, PS: Jajpur Sadar, Dist: Jajpur, PIN: 755043, Odisha declare that I have changed my name from **Sonatan Ketki** (old name) to **Sanatan Ketaki** (new name). Henceforth, I shall be known as **Sanatan Ketaki** (new name) for all purposes.

**Sanatan Ketaki**

## VEHICLE FOR SALE

MAHINDRA BOLERO NEO N8, Model - 2022, Registration No-OD-33-AG-9337, in as is where is condition, Contact: M/S Sundaram Finance Limited, BHUBANESWAR RETAIL BRANCH, Ph:9437575689 within 7 days.

## କେନ୍ଦ୍ରାପଡା ପୌରପରିଷଦ , କେନ୍ଦ୍ରାପଡା

"ଗଜଲକ୍ଷ୍ମୀ ପୂଜା - ୨୦୨୫" ପାଳନ ଅବସରରେ କେନ୍ଦ୍ରାପଡା ପୌର ପରିଷଦ ତାହାର ସମସ୍ତ କର ଦାତା ଓ ପୌରାଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଛି।

### ନିବେଦନ

୧. ସହରର ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟାଟେରୀ ଚଳିତ ଅଳିଆ ଗାଡ଼ିରେ ଶୁଖିଲା ଓ ଓଦା ଅଳିଆ ଅଲଗା ଅଲଗା କରି ଦିଅନ୍ତୁ । ଦିନକୁ ୨ ଥର ଆପଣଙ୍କ ଅଂଚଳକୁ ଏହି ଗାଡି ଅଳିଆ ସଂଗ୍ରହ ନିମନ୍ତେ ଯାଉଛି । ଅଳିଆ ସଂଗ୍ରହ ଗାଡି ଯିବା ପୂର୍ବରୁ କିମ୍ବା ପରେ ରାସ୍ତା ଉପରେ ଘରର ଅଳିଆ ପକାନ୍ତୁ ନାହିଁ ।

୨. ରାସ୍ତା ଅବରୋଧ କରି ଇଟା, ଗୋଡି , ମାଟି କିମ୍ବା ବାଲି ରଖନ୍ତୁ ନାହିଁ।

୩. ପ୍ଲାଷ୍ଟିକ ଜରି, ଥରମୋକୁଲ (ସୋଲ ) ଗିନା , ଥାଳି ଓ କାଗଜ ନିର୍ମିତ ଚା କପ ବ୍ୟବହାରକୁ ନିଷିଦ୍ଧ କରାଯାଇଛି ।ଏସବୁ ବ୍ୟବହାର କରୁଥିବାର ଦେଖାଗଲେ, ଆଇନ ଅନୁଯାୟୀ ଦଣ୍ଡିତ ହେବେ । ଏଣୁ ଏ ସବୁ ବ୍ୟବହାର ନ କରି ସହରକୁ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ ।

୪. ସ୍ୱଚ୍ଛ ଭାରତ ଅଭିଯାନ (ସହରାଞ୍ଚଳ) ଯୋଜନା ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ ଉପବିଧି ୧୫ ଅନ୍ତର୍ଗତ ଆଇନ ଭାଗ ୬ ଅନୁଯାୟୀ ୟୁଜର ଫି ସଂଗ୍ରହ ନିମନ୍ତେ ଉଲ୍ଲେଖ ରହିଛି, ଯାହାକୁ ସ୍ୱଚ୍ଛ ସାଥି , ସୁପର ଭାଇଜର , ସ୍ୱଚ୍ଛ କର୍ମୀଙ୍କ ମାସିକ ପ୍ରୋତ୍ସାହନ ରାଶି, ବୈଜବକେନ୍ଦ୍ରର ରକ୍ଷଣାବେକ୍ଷଣ ସହିତ ସଫେଇ ନିମନ୍ତେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ଅଛି ଏଣୁ ଅନୁରୋଧ ଧାର୍ଯ୍ୟ ୟୁଜର ଫି କୁ ପୌରସଂସ୍ଥା ର କର୍ମଚାରୀଙ୍କ ନିକଟରେ ପୈଠ କରି ପୌରପରିଷଦର ଉନ୍ନତିରେ ସାମିଲ ହୁଅନ୍ତୁ ।

୫. ନୂତନ ବାସଗୃହ, ଦୋକାନ ଗୃହ ଆଦି ନିର୍ମାଣ କରିବା ପୂର୍ବରୁ ପୌରସଂସ୍ଥାର ଗୃହର ନକ୍ସା ଅନୁମୋଦନ କରି ନିଅନ୍ତୁ ।ଯଦି ପୂର୍ବରୁ ପୌର ସଂସ୍ଥା ର ବିନା ଅନୁମୋଦନ ଘର ନିର୍ମାଣ କରିସାରିଛନ୍ତି , ଆଗାମୀ ଦିନରେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ହେବାକୁ ଥିବା ସର୍ବକ୍ଷମା ଯୋଜନାରେ ଗୃହର ନକ୍ସା ଓ ପ୍ଲାନ ଅନୁମୋଦନ କରି ନିଅନ୍ତୁ ।

ଶ୍ରୀଯୁକ୍ତ ଅଜିତ ନାରାୟଣ ପ୍ରସାଦ ଗିରି, ନିର୍ବାହୀ ଅଧିକାରୀ | ଆକବରୀ ଖାତୁନ, ଉପାଧ୍ୟକ୍ଷା | ଶ୍ରୀମତୀ ସରିତା ସାହୁ, ଅଧ୍ୟକ୍ଷା

## OFFICE OF THE SRI NILACHAKRA WEAVERS' CO-OPERATIVE SOCIETY LTD.,

REGD.NO.18 PLB(TEX), DATED: 08.03.1992

AT: THAPAPALI, PO: SAN GOCHHAPADA, PS: BAUNSUNI, BLOCK/DIST: BOUDH

### ADVERTISEMENT

No: 01 DATE: 09.10.2025

Applications are invited in the prescribed form from the desirous candidates for 01 (One) post of the Secretary of Sri Nilachakra Weavers' Co-operative Society Ltd., At: Thapapali, Post: San Gochhapada, Dist: Boudh, PIN: 762015. Application form can be obtained in person from the Office of the Sri Nilachakra W.C.S. Ltd., Thapapali on payment of Rs.100.00 (Rupees One Hundred only) from dated: 10.10.2025 to 25.10.2025 during 10.00 AM to 5.30 PM (Except holidays). The duly filled in application form along with required documents (Self attested) should be submitted in the office of the Sri Nilachakra W.C.S. Ltd. in person obtaining the acknowledgement receipt or by Registered Post from Dated: 10.10.2025 to 25.10.2025 (Except holidays) during 10.00 AM to 5.30 PM and no application will be received after 5.30 PM of dated: 25.10.2025.

**ELIGIBILITY, EDUCATIONAL QUALIFICATION AND SELECTION CRITERIA:**

1. The candidate must be permanent resident of the Area operation of the Sri Nilachakra W.C.S. Ltd.
2. The candidate must passed the Matriculation/HSC examination from the recognized institution/Board.
3. Preference shall be given to the candidate having knowledge in weaving of handloom products.
4. A candidate must not be less than 21 years or more than 38 years of age as on dated: 01.01.2025. The upper age limit shall be 43 years in respect of person belonging to SC/ST/OBC including SEBC.
5. There is no scale of pay/salary for the post. However, remuneration shall be considered by the Managing Committee taking into the working performance of the employees and profit of the Society.
6. The candidate if selected for the post will deposit the Security Money of Rs.25,000/- and Surety Bond of Rs.1,00,000/- at the time of joining in the post in the Society.
7. The employee must obey the Odisha Co-operative Societies Act, 1962 (Odisha Act-2 of 1963)/Rule, 1965 and Bye-Laws of the Society and his engagement depends on the satisfactory performance by the Managing Committee of the Society.
8. Appointment for the post of Secretary will be made by the Managing Committee basis on the mark secured in the written test/Viva-voce and additional mark if any by the candidate.
9. Submission of the incomplete application and late receipt of the application will be rejected outrightly.

**NB: The Managing Committee/Administrator of the Society reserves all right to cancel/alter/ modify/reject the advertisement at any time without assigning any reason thereof.**

**By order of the Administrator**
**Sd/-Secretary,**
**Sri Nilachakra W.C.S. Ltd., Thapapali**

## यूनियन बैंक ऑफ़ इंडिया Union Bank of India

भारत सरकार का उपक्रम — A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା,
ଫୋନ୍: ୦୬୮୦-୨୨୨୫୨୭୨

**ବିକ୍ରୟ ନୋଟିସ୍ (୩୦ ଦିନିଆ ନୋଟିସ୍)**
{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ/ ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| ଶାଖା ଏବଂ ଯୋଗାଯୋଗ ନଂ. / ଋଣଗ୍ରହୀତା / କୋ-ଓବ୍ଲିଗାଣ୍ଟ / କୋ-ଆପ୍ଲିକାଣ୍ଟ/ ବନ୍ଧକଦାତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** ୧) **ଅଜିତ୍ କୁମାର ପଣ୍ଡା,** ପିତା: ଦୁର୍ଗା ମାଧବ ପଣ୍ଡା, ସା: ମେନ୍ ରୋଡ଼, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩, ୨) **ଦୁର୍ଗା ମାଧବ ପଣ୍ଡା,** ପିତା: ଗୋପିନାଥ ପଣ୍ଡା, ସା: ମେନ୍ ରୋଡ଼, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩ | **ଶ୍ରୀ ଦୁର୍ଗା ମାଧବ ପଣ୍ଡା (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୦୩/୨୮୩୫, ଖାତା ନଂ.: ୪୫୦/୪୭୮, ମୌଜା: ଟାଙ୍ଗଣାପଲ୍ଲୀ, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୧୨ ଡିସିମିଲି ଯାହା ୫୨୩ ବର୍ଗଫୁଟ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ଦିନବନ୍ଧୁ ରାଉଳଙ୍କ ସମ୍ପତ୍ତି, ଦକ୍ଷିଣ: କରୁଣା ରାଉଳଙ୍କ ସମ୍ପତ୍ତି | ୦୮.୦୪.୨୦୨୧ / ୧୮.୧୧.୨୦୨୧ / ୦୮.୧୦.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** ୧) **ଶ୍ରୀ ଅରୁଣ ଗୌଡ,** ପିତା: କାଶୀ ଗୌଡ, ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୨) **ଶ୍ରୀ କାଶୀ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୩) **ଶ୍ରୀ ସୀମାଞ୍ଚଳ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା | **ଶ୍ରୀ ଅରୁଣ ଗୌଡ, ଶ୍ରୀ କାଶୀ ଗୌଡ ଏବଂ ଶ୍ରୀ ସୀମାଞ୍ଚଳ ଗୌଡ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: ସୁକୁଣ୍ଡା, ମେନ୍ ରୋଡ୍, ସୁକୁଣ୍ଡା, ବ୍ରହ୍ମପୁର, ପରିମିତ କ୍ଷେତ୍ର: ୮୭୧ ବର୍ଗଫୁଟ, ପ୍ଲଟ୍ ନଂ.: ୨୯୮/୪୯୯, ଖାତା ନଂ.: ୧୦୪/୨୩୫, ଏହାର ଚାରିପାର୍ଶ୍ୱରେ ପୂର୍ବ:ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରଙ୍କନିଧି ଗୌଡଙ୍କ ଗୃହ, ଦକ୍ଷିଣ:କାମନା ଗୌଡଙ୍କ ଗୃହ | ୦୭.୧୧.୨୦୧୭ / ୨୫.୦୪.୨୦୧୮ / ୦୮.୧୦.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** ୧) **ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା,** ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, ୨) **ଦିବ୍ୟ ଲୋଚନ ବେହେରା,** ପିତା: ଶତ୍ରୁଘନ ବେହେରା, ୩) **ଶତ୍ରୁଘନ ବେହେରା,** ପିତା: ସୁବୁଦ୍ଧି ବେହେରା, କ୍ର. ନଂ.: ୨ ଏବଂ ୩ର ଠିକଣା- ଗ୍ରାମ: ହୁଣ୍ଡତ, ପୋ.: ହତାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ | **ଶ୍ରୀ ଶତ୍ରୁଘନ ବେହେରା**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.:୯୭୩/୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର:ଏକର୦.୦୪୧ଡିସିମିଲି ଯାହା ୧୭୮୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତି ସାସମଲଙ୍କ ଜମି, ଉତ୍ତର: କ୍ରେତାମାନଙ୍କ ଜମି, ଦକ୍ଷିଣ: ରାସ୍ତା | ୦୫.୦୫.୨୦୨୧ / ୦୨.୧୧.୨୦୨୧ / ୦୮.୧୦.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** ୧) **ମେସର୍ସ ନବଜ୍ୟୋତି ପଲିପାଇପ୍ସ, ସ୍ୱତ୍ୱାଧିକାରୀ: ସରୋଜିନୀ ପଣ୍ଡିତ,** ସ୍ୱାମୀ: ଆଲି କୃଷ୍ଣ ପଣ୍ଡିତ, ସା: ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, ୨) **ସରୋଜିନୀ ପଣ୍ଡିତ,** ସ୍ୱାମୀ: ଆଲି କୃଷ୍ଣ ପଣ୍ଡିତ, ସା: ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ | **ସରୋଜିନୀ ପଣ୍ଡିତ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୨୩/୨୩୫୫, ଖାତା ନଂ.: ୧୮୮/୮୫୫, ଗ୍ରାମ: ଦୁବପଲ୍ଲୀ, କନିସି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୪୧ ଡ଼ିସିମିଲି ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତାଙ୍କ ବଳକା ଜମି, ପଶ୍ଚିମ: ସ୍ୱର୍ଣ୍ଣମଞ୍ଜରୀ ପଣ୍ଡାଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ସମ୍ପୃକ୍ତ ପକ୍ଷଙ୍କ ବଳକା ଜମି | ୩୧.୦୮.୨୦୧୯ / ୧୬.୦୧.୨୦୨୦ / ୦୮.୧୦.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** ୧) **ଶ୍ରୀ ପ୍ରଭାକର ସାହୁ,** ପିତା: ଶ୍ରୀ ଅଶୋକ କୁମାର ସାହୁ, ସା: ଆରୁଆପଲ୍ଲୀ, ଗଞ୍ଜୁ, ଗୋପାଳପୁର, ଗଞ୍ଜାମ, ଓଡ଼ିଶା,୨) **ଶ୍ରୀ ଅଶୋକ କୁମାର ସାହୁ,** ପିତା: ଶ୍ରୀ ଖଲ୍ଲି ସାହୁ, ସା: ଆରୁଆପଲ୍ଲୀ, ଗଞ୍ଜୁ, ଗୋପାଳପୁର, ଗଞ୍ଜାମ, ଓଡ଼ିଶା | **ଶ୍ରୀ ଅଶୋକ କୁମାର ସାହୁ(ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପରିମିତ କ୍ଷେତ୍ର:୧୦୮୯ ବର୍ଗଫୁଟ, ପ୍ଲଟ୍ ନଂ.: ୧୧୧୮, ଖାତା ନଂ.: ୪୭୦/୨୮୧, ରେଭିନ୍ୟୁ ମୌଜା: ଆରୁଆପଲ୍ଲୀ, ଆରୁଆପଲ୍ଲୀ, ଗଞ୍ଜୁ, ଗଞ୍ଜାମ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ତ୍ରିନାଥ ସାହୁଙ୍କ ଗୃହ, ପଶ୍ଚିମ: ନରସିଂଘ ସାହୁଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ସୀମା ବେହେରାଙ୍କ ସମ୍ପତ୍ତି | ୦୧.୦୯.୨୦୧୮ / ୦୨.୦୧.୨୦୧୯ / ୨୨.୦୯.୨୦୨୫ |
| **ୟୁଏମ୍ଏଫ୍‌ବି ଶାଖା, ଫୋନ୍: ୭୮୭୩୫୮୧୯୪୫ /** ୧) **ମେସର୍ସ ଆଶା ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଜେ ଆଶା,** ସା: ଗେଦଲନାଇଡୁପଲମ, ପାଲିଆ ଷ୍ଟ୍ରିଟ୍, ଛତ୍ରପୁର, ଗଞ୍ଜାମ, ଓଡିଶା-୭୬୧୦୨୦, ୨) **ଜେ ଆଶା,** ପିତା: ଜେ ଦେବରାଜ ରାଓ, ସା: ପାଲିଆ ଲକ୍ଷ୍ମୀପୁର, କାଳିପଲି, ବଡପୁଟି, ଗଞ୍ଜାମ, ଓଡିଶା-୭୬୧୦୨୦, ୩) **ଜି ଡିଲେଶ୍ୱରି,** ସ୍ୱାମୀ: ଜି ମହାଦେବ, ସା: ଗେଦଲନାଇଡୁପଲମ, ପାଲିଆ ଷ୍ଟ୍ରିଟ୍, ଛତ୍ରପୁର, ଗଞ୍ଜାମ, ଓଡିଶା-୭୬୧୦୨୦ | **ଜି ଡିଲେଶ୍ୱରି,** ସ୍ୱାମୀ: ଜି ମହାଦେବଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୮୨/୪୧୩୪, ପ୍ଲଟ୍ ନଂ.: ୨୭୫, କ୍ଷେତ୍ର: ଏକର୦.୨୪୮ ଡିସିମିଲି (ଘରବାରୀ), ରେଭିନ୍ୟୁ ମୌଜା: ଗେଦଲନାଇଡୁପଲମ, ତହସିଲ: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡିଶା, ପିନ୍-୭୬୧୦୨୦, ଏହାର ଚାରିପାର୍ଶ୍ୱରେ ଉତ୍ତର: ଜି ଡିଲେଶ୍ୱରିଙ୍କ ପ୍ଲଟ୍ ନଂ.: ୨୭୬/୪୪୮୬ର ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୨୭୪, ପୂର୍ବ: ରାସ୍ତା, ପଶ୍ଚିମ: କାମେଶ୍ୱର ରାଓଙ୍କ ଜମି | ୧୪.୦୮.୨୦୨୪ / ୨୨.୧୦.୨୦୨୪ / ୨୨.୦୯.୨୦୨୫ |
| **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** ୧) **କୈଳାସ ଚନ୍ଦ୍ର ଶତପଥୀ,** ପିତା: କୃପାସିନ୍ଧୁ ଶତପଥୀ, ୨) **ବାସନ୍ତୀ ଶତପଥୀ,** ସ୍ୱାମୀ: କୈଳାସ ଚନ୍ଦ୍ର ଶତପଥୀ, ୩) **ଲକ୍ଷ୍ମୀକାନ୍ତ ଶତପଥୀ,** ପିତା: କୈଳାସ ଚନ୍ଦ୍ର ଶତପଥୀ, ସମସ୍ତଙ୍କ ଠିକଣା- ସା.:କୁମ୍ଭାପଡା, ଭାୟା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ଓଡ଼ିଶା-୭୬୧୧୨୧ | **ବାସନ୍ତୀ ଶତପଥୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୭୮୯ ଏବଂ ୫୭୯୦,ଖାତା ନଂ.: ୧୩୨୧/୧୭୯, ରେଭିନ୍ୟୁ ମୌଜା: କୁମ୍ଭାପଡା, ତହସିଲ: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୭୯ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବାସନ୍ତୀ ଶତପଥୀଙ୍କ ଗୃହ, ପଶ୍ଚିମ: ହାଡିଆ ନାୟକ ଏବଂ ନକୁଳ ନାୟକଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଶରଥି ନାୟକଙ୍କ ଜମି | ୦୯.୦୪.୨୦୨୧ / ୧୪.୧୧.୨୦୨୧ / ୦୮.୧୦.୨୦୨୫ |
| **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** ୧) **ପ୍ରମୋଦ କୁମାର ଆରୁଖ,** ପିତା: ୪ ଲିଙ୍ଗରାଜ ଆରୁଖ, ସା/ପୋ.: ଖମାରପଲ୍ଲୀ, ଭାୟା: ବରଗାଁ, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୦, ୨) **କନ୍ଧ ଚରଣ ଆରୁଖ,** ପିତା: ଦୁର୍ଯ୍ୟୋଧନ ଆରୁଖ, ଗ୍ରାମ:ଖମାରପଲ୍ଲୀ, ଜିଲ୍ଲା: ଗଞ୍ଜାମ, ୩) **ସୁମନ୍ତ ଦିହୁଡି,** ପିତା: ସନ୍ୟାସୀ ଦିହୁଡି, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୦ | **ପ୍ରମୋଦ କୁମାର ଆରୁଖ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୫୨/୪୨୭୭, ଖାତା ନଂ.: ୪୦୫/୧୩୪, ରେଭିନ୍ୟୁ ମୌଜା: ଖମାରପଲ୍ଲୀ, ତହସିଲ: ଜଗନ୍ନାଥପ୍ରସାଦ, ସା: ଖମାରପଲ୍ଲୀ, ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦୁଃଖିଶ୍ୟାମ ଆରୁଖଙ୍କ ଗୃହ, ପଶ୍ଚିମ: ଅଭିମନ୍ୟୁ ଆରୁଖଙ୍କ ଗୃହ, ଉତ୍ତର: ହରିକୃଷ୍ଣ ଆରୁଖଙ୍କ ସମ୍ପତ୍ତି, ଦକ୍ଷିଣ: ରାସ୍ତା | ୦୧.୦୧.୨୦୨୦ / ୧୯.୧୧.୨୦୨୧ / ୦୮.୧୦.୨୦୨୫ |
| **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** ୧) **ରବିନ୍ଦ୍ରନାଥ ସେଠୀ,** ପିତା: ଖଦାଳ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୧୭, ୨) **ମନୋରମା ସେଠୀ,** ସ୍ୱାମୀ: ରବିନ୍ଦ୍ରନାଥ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୭, ୩) **ମନୋରମା ସେଠୀ,** ସ୍ଥାୟୀ ଠିକଣା- କ୍ୱାର୍ଟର ନଂ.: ଏ-୪୦୦, ସେକ୍ଟର-୨, ନାଲ୍‌କୋ ଟାଉନସିପ୍ (ମାଇନିଂ ଅପରେଟର), ଦାମନଯୋଡି-୭୬୩୦୦୮, ଜିଲ୍ଲା: କୋରାପୁଟ, ଓଡ଼ିଶା | **ରବିନ୍ଦ୍ରନାଥ ସେଠୀ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: କାଦପଡା, ଖାତା ନଂ.: ୫୨୭/୯୩, ପ୍ଲଟ୍ ନଂ.: ୭୧୯/୧୦୬୬, କ୍ଷେତ୍ର: ଏକର୦.୧୯୬ ଡିସିମିଲି, ବାଲିପଦର, ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତା ରୁଦ୍ର ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ମଞ୍ଜୁଳା ପ୍ରଧାନଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଣ୍ଡ | ୦୮.୦୫.୨୦୧୮ / ୨୦.୦୯.୨୦୧୮ / ୦୮.୧୦.୨୦୨୫ |
| **ବାଉଁଶିଆପଡା ଶାଖା, ଫୋନ୍: ୯୮୧୯୪୧୦୯୫୧ /** ୧) **ମେସର୍ସ ମା ଲକ୍ଷ୍ମୀ ସବ୍‌ଜୀ ଭଣ୍ଡାର, ସ୍ୱତ୍ୱାଧିକାରୀ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା,** ସା: ରାମଚନ୍ଦ୍ରପୁର, ପୋ: ହରେକୃଷ୍ଣପୁର, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୨) **ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା,** ପିତା: ଶ୍ରୀ ସଂସାରୀ ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୩) **ଶ୍ରୀ ଗୋପାଳ ଚନ୍ଦ୍ର ସାମନ୍ତରା,** ପିତା: ଶ୍ରୀ ସଂସାରୀ ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୪) **ଶ୍ରୀମତୀ ଲକ୍ଷ୍ମୀରାଣୀ ସାମନ୍ତରା,** ସ୍ୱାମୀ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା | **ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା ଏବଂ ଶ୍ରୀ ଗୋପାଳ ଚନ୍ଦ୍ର ସାମନ୍ତରା**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୯୯୦, ଖାତା ନଂ.: ୧୮୦/୬୯, କ୍ଷେତ୍ର: ଏକର୦.୧୨ ଡିସିମିଲି ଏବଂ ପ୍ଲଟ୍ ନଂ.: ୯୯୧/୧୧୩୮, ଖାତା ନଂ.: ୧୮୦/୨୬, କ୍ଷେତ୍ର: ଏକର୦.୦୭ ଡିସିମିଲି, ମୌଜା: ଗାତିରି, ତହସିଲ: ନୂଆଗାଁ, ଆର୍.ଆଇ ସର୍କଲ: ମହିପୁର, ଜିଲ୍ଲା: ନୟାଗଡ଼ | ୦୨.୦୮.୨୦୧୮ / ୧୮.୦୨.୨୦୧୯ / ୨୨.୦୯.୨୦୨୫ |
| **ଦିଗପହଣ୍ଡି ଶାଖା, ଫୋନ୍: ୯୭୦୪୯୧୯୨୭୦ /** ୧) **ମେସର୍ସ ଅଏଲ୍‌ଲେସ୍ ଫୁଡ୍ ଇଣ୍ଡଷ୍ଟ୍ରି, ସ୍ୱତ୍ୱାଧିକାରୀ: ଶ୍ରୀମତୀ ହିଙ୍ଗଳ ତିଳତମା ରେଡ୍ଡୀ,** ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨, ୨) **ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡୀ,** ପିତା: ଶ୍ରୀ ହିଙ୍ଗଳ ସୋମନାଥ ରେଡ୍ଡୀ, ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨ | **ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୭୧୭, ଖାତା ନଂ.: ୬୬୯, ରେଭିନ୍ୟୁ ମୌଜା: ଗୋକର୍ଣ୍ଣପୁର, ତହସିଲ/ଏସ୍ଆରଓ: ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୨୦ ଡିସିମିଲି ଯାହା ୮୭୧ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଶିବରାମ ମହାରଣାଙ୍କ ଜମି, ପୂର୍ବ: ଏଚ୍ ରଘୁନାଥ ରେଡ୍ଡୀଙ୍କ ଗୃହ, ପଶ୍ଚିମ: ଏଚ୍ କସ୍ତୁରୀଙ୍କ ଗୃହ | ୧୧.୧୦.୨୦୨୨ / ୧୫.୦୪.୨୦୨୩ / ୦୮.୧୦.୨୦୨୫ |
| **ଗୋସାଣୀନୂଆଗାଁ ଶାଖା, ଫୋନ୍: ୭୬୮୨୮୨୦୩୫୩ /** ୧) **ମୁକ୍ତା ଦାସ,** ସ୍ୱାମୀ: ବନ ଦାସ, ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧, ୨) **ଚନ୍ଦ୍ରକଳା ରାଉତ,** ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧, ୩) **କେଦାର ରାଉତ,** ମାତା: ଚନ୍ଦ୍ରକଳା ରାଉତ, ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧ | **ମୁକ୍ତା ଦାସ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୫୧, ଖାତା ନଂ.: ୭୮୨, ରେଭିନ୍ୟୁ ମୌଜା: ବିଜିପୁର, ତହସିଲ: ବ୍ରହ୍ମପୁର, ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ସାହି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୦୮ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପଦ୍ମ ଦାସଙ୍କ ଗୃହ, ପଶ୍ଚିମ: କୁନ୍ତଳା ଦାସଙ୍କ ଗୃହ, ଉତ୍ତର: ଶ୍ରୀ ସୁବୁଦ୍ଧି ସେଠୀଙ୍କ ଗୃହ, ଦକ୍ଷିଣ: ରାସ୍ତା | ୨୮.୦୭.୨୦୨୨ / ୧୧.୧୦.୨୦୨୨ / ୨୨.୦୯.୨୦୨୫ |
| **କୁଲ୍ଲାଡ ଶାଖା, ଫୋନ୍: ୭୦୦୪୮୩୬୬୭୬ /** ୧) **ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକ, ୨) **ବିଜୟ ନାୟକ,** ପିତା: ସହଦେବ ନାୟକ, ଉଭୟଙ୍କ ଠିକଣା- ସା.: ରାଇପଲ୍ଲୀ, ପୋ.: ତିଳିସିଙ୍ଗି, ଭାୟା: କୁଲ୍ଲାଡ, ଗଞ୍ଜାମ, ଓଡିଶା-୭୬୧୧୩୧ | ୧) **ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ବାଲିଆପଟା, ଏସ୍ଆରଓ /ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୬୮/୧୦୦, ପ୍ଲଟ୍ ନଂ.: ୭୬୭/୧୨୦୮, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ : ଉମା ଚରଣ ପ୍ରଧାନଙ୍କ ଜମି, ପଶ୍ଚିମ: ଶତ୍ରୁଘନ ପ୍ରଧାନଙ୍କ ଜମି, ଦକ୍ଷିଣ: ରବିନ୍ଦ୍ର ନାୟକଙ୍କ ପ୍ଲଟ୍ ନଂ.: ୭୬୮, ଉତ୍ତର: ରାସ୍ତା, ୨) **ବିଜୟ ନାୟକ,** ପିତା: ସହଦେବ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ରାଇପଲ୍ଲୀ, ଏସ୍ଆରଓ / ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୨୩, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲିଙ୍ଗରାଜ ପ୍ରଧାନଙ୍କ ଜମି, ଦକ୍ଷିଣ: କାଶୀନାଥ ଗୌଡଙ୍କ ଜମି, ଉତ୍ତର: ତ୍ରିନାଥ ନାୟକଙ୍କ ଜମି, ପଶ୍ଚିମ: ରାସ୍ତା | ୩୦.୦୪.୨୦୨୧ / ୧୦.୧୨.୨୦୨୧ / ୨୨.୦୯.୨୦୨୫ |
| **ନୀଳକଣ୍ଠନଗର ଶାଖା,ଫୋନ୍: ୯୮୬୧୨୮୧୨୩୪/** ୧) **ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ,** ପିତା: ଅଭିମନ୍ୟୁ ବିଶ୍ୱାଳ/ ସୁରକ୍ଷା ବିଶ୍ୱାଳ, ସା: ରାମ ନଗର ୨ୟ ଲେନ୍, କମାପଲ୍ଲୀ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୦୦୦୨, ୨) **ଶ୍ରୀ ନୀଳକଣ୍ଠ ମହାନ୍ତି,** ପିତା: ଶ୍ରୀ ସୁଦର୍ଶନ ମହାନ୍ତି, ସା: ଶାସ୍ତ୍ରୀ ନଗର-୨, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୧୦୧୮ | **ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ**ଙ୍କ ନାମରେ ଥିବା ଜମି ସହିତ ଫାଉଣ୍ଡେସନ୍ ଷ୍ଟ୍ରକଚର ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୨୬୭/୧୫୬୩୯/୧୬୮୩୭, ଖାତା ନଂ.: ୧୫୩୦/୭୯୪୧, ମୌଜା: ଭାବିନିପୁର, ରେଭିନ୍ୟୁ ସର୍କଲ: ବଡ଼କୁଶସ୍ଥଳି, ଥାନା: ବ୍ରହ୍ମପୁର ସଦର, ତହସିଲ: କନିସି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଗୃହ ସମ୍ପତ୍ତିର **ସମୁଦାୟ ପରିମିତ କ୍ଷେତ୍ର: ଏକର ୦.୦୧୪ ଡ଼ିସିମିଲି,** ଏହାର ଚାରିପାର୍ଶ୍ୱରେ ପୂର୍ବ: ନୀଳକଣ୍ଠ ମହାନ୍ତିଙ୍କ ସମ୍ପତ୍ତି, ପଶ୍ଚିମ: ସନ୍ତୋଷ କୁମାର ସାହୁ ଏବଂ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ସମ୍ପତ୍ତି, ଉତ୍ତର: ପ୍ଲଟ୍ ନଂ.: ୪୨୪୪, ଦକ୍ଷିଣ: ରାସ୍ତା | ୦୬.୦୪.୨୦୨୦ / ୧୭.୧୧.୨୦୨୨ / ୦୮.୧୦.୨୦୨୫ |
| **ରମ୍ଭା ଶାଖା, ଫୋନ୍: ୯୮୬୧୦୧୪୪୯୦ /** ୧) **ରଞ୍ଜନ କୁମାର ନାହାକ,** ପିତା: ରାମ ଚନ୍ଦ୍ର ନାହାକ, ୨) **ଗୁରୁବାରୀ ନାହାକ (ବନ୍ଧକଦାତା/ଗ୍ୟାରେଣ୍ଟିଦାତା),** ସ୍ୱାମୀ: ରାମ ଚନ୍ଦ୍ର ନାହାକ, ୩) **ବିକ୍ରମ କୁମାର ନାହାକ,** ପିତା: ହାଡୁ ବନ୍ଧୁ ନାହାକ, ସମସ୍ତଙ୍କ ଠିକଣା- ସା: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମ, ପିନ୍-୭୬୧୦୨୮ | **ଗୁରୁବାରୀ ନାହାକ,** ସ୍ୱାମୀ: ରାମ ଚନ୍ଦ୍ର ନାହାକ, ସା: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ସା: ଏନ୍ଏସି ମେନ୍ ରୋଡ୍, ହାଇସ୍କୁଲ ସମ୍ମୁଖ, ମୌଜା: ମଧୁରଚୁଆ, ଥାନା: ରମ୍ଭା, ତହସିଲ/ଜିଲ୍ଲା: ଗଞ୍ଜାମ, ପ୍ଲଟ୍ ନଂ.: ୫୧୩, ଖାତା ନଂ.:୧୯୫ (ପୁରୁଣା), ଖାତା ନଂ.: ୩୧୨/୨୧୩ (ନୂତନ), କ୍ଷେତ୍ର: ଏକର୦.୦୩୬ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ନାହାକଙ୍କ ଗୃହ, ପଶ୍ଚିମ: ଭିକାରୀ ନାହାକଙ୍କ ଗୃହ, ଦକ୍ଷିଣ: ଯୋଗୀ ମହାପାତ୍ର, ଉତ୍ତର: ରାସ୍ତା | ୩୦.୦୪.୨୦୨୧ / ୦୫.୦୧.୨୦୨୨ / ୨୨.୦୯.୨୦୨୫ |
| **ଏସ୍ଏମ୍ଆଇଟି ଚଣ୍ଡିପଦର ଶାଖା, ଫୋନ୍: ୯୪୮୬୦୯୮୬୫୩ /** ୧(କ) **ଶ୍ରୀ ସଞ୍ଜୟ ରାଉଳ,** ପିତା: ଶ୍ରୀ ଧୋବା ରାଉଳ, ସା/ପୋ: ଚଣ୍ଡିପଦର, ଭାୟା: ଭାଟକୁମରଡା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ଋଣଗ୍ରହୀତା),** ୧(ଖ) **ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ସହ-ଋଣଗ୍ରହୀତା),** ୨(କ) **ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ବନ୍ଧକଦାତା)** | **ଶ୍ରୀ ଧୋବା ରାଉଳ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର ୦.୦୧୯ଡିସିମିଲି (୮୨୭ ବର୍ଗଫୁଟ), ପ୍ଲଟ୍ ନଂ.: ୨୫୯୩/୪୬୩୧, ଖାତା ନଂ.: ୭୬୧/୭୩୭, ରେଭିନ୍ୟୁ ମୌଜା: ଚଣ୍ଡିପଦର, ବଡ ଷ୍ଟ୍ରିଟ୍, ଚଣ୍ଡିପଦର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ବୃନ୍ଦାବନ ରାଉଳଙ୍କ ସମ୍ପତ୍ତି, ପଶ୍ଚିମ: ମୋହନ ରାଉଳଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ୩୦.୦୪.୨୦୨୧ / ୧୪.୧୨.୨୦୨୧ / ୦୮.୧୦.୨୦୨୫ |
| **ଶେରଗଡ ଶାଖା, ଫୋନ୍: ୯୦୯୦୦୩୨୭୮୩ /** ୧) **ମେସର୍ସ ରାମଚଣ୍ଡୀ କିରାନା ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀ କୃଷ୍ଣ ଚନ୍ଦ୍ର ଗୌଡ,** ସା: ରମୁଣୀ ଷ୍ଟ୍ରିଟ୍, ଶେରଗଡ, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୧୧୦୬, ୨) **ଶ୍ରୀ କୃଷ୍ଣ ଚନ୍ଦ୍ର ଗୌଡ (ଋଣଗ୍ରହୀତା ତଥା ଗ୍ୟାରେଣ୍ଟିଦାତା),** ସା: ରମୁଣୀ ଷ୍ଟ୍ରିଟ୍, ଶେରଗଡ, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୧୧୦୬, ୩) **ଶ୍ରୀମତୀ ଧୋବୁଣି ଗୌଡ (ବନ୍ଧକଦାତା ତଥା ଗ୍ୟାରେଣ୍ଟିଦାତା),** ସ୍ୱାମୀ: କାଳିଆ ଗୌଡ, ସା: ରମୁଣୀ ଷ୍ଟ୍ରିଟ୍, ଶେରଗଡ, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୧୧୦୬ | **ଶ୍ରୀମତୀ ଧୋବୁଣି ଗୌଡ**ଙ୍କ ନାମରେ ଥିବା ଗୃହ ସମ୍ପତ୍ତି ଯାହାର ମୌଜା/ଗ୍ରାମ: ଶେରଗଡ, ପୋ/ଥାନା/ଏସ୍ଆରଓ: ଶେରଗଡ, ଜିଲ୍ଲା: ଗଞ୍ଜାମ, ଓଡିଶା, ଖାତା ନଂ.: ୮୩୩/୪୨୯, ପ୍ଲଟ୍ ନଂ.: ୩୪୬୨/୫୭୮୨, କ୍ଷେତ୍ର: ଏକର୦.୦୧୦ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଜମି, ଉତ୍ତର: ପୁରୁଷୋତ୍ତମ ଦାଶଙ୍କ ବାରି, ଦକ୍ଷିଣ: କୈଳାସ ଚନ୍ଦ୍ର ତ୍ରିପାଠୀ | ୦୯.୦୧.୨୦୨୪ / ୦୩.୦୫.୨୦୨୪ / ୧୦.୧୦.୨୦୨୫ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ ।**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ ଉପରଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ଉପରଦର୍ଶିତ ତାରିଖରେ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର **୩୦ ଦିନ** ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ଦର୍ଶିତ ସମ୍ପତ୍ତିଗୁଡିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

**ସ୍ଥାନ: ବ୍ରହ୍ମପୁର**
**ତାରିଖ: ୧୦.୧୦.୨୦୨୫**

**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**
**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

## ଦୋକାନ ଆଜବେଷ୍ଟସ ଭାଙ୍ଗି ଟଙ୍କା ଚୋରି ଅଭିଯୋଗ

**ବୀରମହାରାଜପୁର, ୧୦ ।୧୦ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଦୁର୍ଗନ୍ତଇଲା ପଞ୍ଚାୟତର ଶାଗଜୁରି ଛକରେ ଥିବା ଏକ ଦୋକାନର ଆଜବେଷ୍ଟସ ଭାଙ୍ଗି ଚୋରି ହୋଇଛି । ଦୋକାନରୁ ୫, ୬୦୫ ଟଙ୍କା ଚୋରି ହୋଇଥିବା ମାଲିକ ଗୁଲେଖ ସାହୁ ଅଭିଯୋଗ କରିଛନ୍ତି । ଶାଗଜୁରି ଛକରେ ସେ ଏକ ଜଳଖିଆ ଦୋକାନ କରିଛନ୍ତି । ଏହାସହ ସେଠାରେ ସେ ସାଇକଲ ମରାମତି କରନ୍ତି । ଦୋକାନଟି ଗାଁରୁ ଅଳ୍ପ ଦୂରରେ ରହିଛି । ଠେଙ୍ଗୋ ଫାଣ୍ଡିରେ ଏ ସମ୍ପର୍କରେ ସେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ତଦନ୍ତ ଜାରି ରହିଥିବା ଫାଣ୍ଡି ଅଧିକାରୀ ରୁଦ୍ର ବରାଳ କହିଛନ୍ତି ।

## ବାଘମାରି ଗଜଲକ୍ଷ୍ମୀପୂଜା ନାମଯଜ୍ଞ ଉଦ୍‌ଯାପିତ

**ବିରମହାରାଜପୁର, ୧୦ ।୧୦ (ସମିସ):** ବୀରମହାରାଜପୁର ସହର ଉପକଣ୍ଠ ବାଘମାରି ଗ୍ରାମର ଗଜଲକ୍ଷ୍ମୀପୂଜା ଓ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ନାମଯଜ୍ଞ ପୂର୍ଣ୍ଣାହୁତି ସହ ନଗର କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଦାଧିଭାଣ୍ଡ ଭଙ୍ଗାଯିବା ପରେ ସଙ୍କୀର୍ତ୍ତନ ବୈଠକି ଅନୁଷ୍ଠିତ ହୋଇଥିଲା । ଏଥିରେ ମହାଦା ସଙ୍କୀର୍ତ୍ତନ ଦଳ ଓ ଡୁଙ୍ଗୁରୀ ସଙ୍କୀର୍ତ୍ତନ ଦଳ ସାମିଲ ଥିଲେ । ଏ ବର୍ଷ ମା ଗଜଲକ୍ଷ୍ମୀଙ୍କ ପୂଜକ ଭାବେ ପଣ୍ଡିତ ରବିଚନ୍ଦ୍ର ପୁରୋହିତ ଓ ପ୍ରଦ୍ୟୁମ୍ନ ପୁରୋହିତ କାର୍ଯ୍ୟ ତୁଲାଇଥିଲେ । କର୍ତ୍ତା ଭାବେ ଅମିତ ପଧାନ ଓ ତାଙ୍କ ପତ୍ନୀ ରଶ୍ମିତା ପଧାନ ଦାୟିତ୍ୱ ତୁଲାଇଥିଲେ । ନାମଯଜ୍ଞ ପୂଜା ପାଇଁ ସତ୍ୟନାରାୟଣ ପଣ୍ଡା ଓ ତାଙ୍କ ପତ୍ନୀ ଉପୃତ୍ତି ମିଶ୍ର କାର୍ଯ୍ୟ ନିର୍ବାହ କରିଥିଲେ ।

## ବରିଷ୍ଠ ନାଗରିଙ୍କୁ ସମ୍ବର୍ଦ୍ଧନା

**ବୌଦ୍ଧ, ୧୦ ।୧୦(ସମିସ):** ସ୍ଥାନୀୟ ଟାଉନ ହଲଠାରେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜିନ୍ଦ୍ର କିଶାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପ ଜିଲ୍ଲାପାଳ ବିନୟ ଭୋଇ, ବରିଷ୍ଠ ନାଗରିକ ନବୀନ ମହାପାତ୍ର, ବିପ୍ର ଚରଣ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ । ବରିଷ୍ଠ ନାଗରିକ ମାନଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା ଓ ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ସଚେତନ କରାଯାଇଥିଲା । ଏହି ଅବସରରେ ବରିଷ୍ଠ ନାଗରିକଙ୍କୁ ନିଃଶୁଳ୍କରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଯୋଗାସନ କରାଯାଇଥିଲା । ସମସ୍ତ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ୫୦ ବର୍ଷ ପୂର୍ତ୍ତି କାଳୀପୂଜା ପାଇଁ ପ୍ରସ୍ତୁତି

**ବିନିକା, ୧୦ ।୧୦ (ସମିସ):** ବିନିକା ଗଡ଼ଗିତରସ୍ଥିତ କାଳୀପୂଜା ଏଥର ୫୦ବର୍ଷରେ ପଦାର୍ପଣ କରୁଛି । ଏହି ପୂଜା ମହାସମାରୋହରେ ପାଳିତ ହେବ । ସୁବର୍ଣ୍ଣଜୟନ୍ତୀ ପାଳନ ନେଇ ସ୍ଥାନୀୟ କମ୍ୟୁନିଟି ସେଣ୍ଟରରେ କମିଟି ସଭାପତି ଭୁବନେଶ୍ୱର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପଡ଼ାବାସୀ ଉପସ୍ଥିତ ଥିଲେ । ଏଥର ପୂଜାକୁ କିପରି ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରାଯିବ ସେନେଇ ସମସ୍ତେ ମତାମତ ରଖିଥିଲେ । ଚଳିତ ମାସ ୨୦ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ କାଳୀପୂଜା ହେବାକୁ ଯାଉଛି । ଅବସରରେ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଥିଲା ।

## ଗଜଲକ୍ଷ୍ମୀ ପୂଜା ଅବସରରେ ୧୦ହଜାର ୮ ଦୀପଯଜ୍ଞ

**ବୌଦ୍ଧ, ୧୦ ।୧୦ (ସମିସ):** ବୌଦ୍ଧ ସହରର ଲକ୍ଷ୍ମୀବଜାର ପୂଜା କମିଟି ତରଫରୁ ଆୟୋଜିତ ଗଜଲକ୍ଷ୍ମୀ ପୂଜାର ଚତୁର୍ଥ ସନ୍ଧ୍ୟାରେ ୧୦ହଜାର ୮ଟି ଦୀପ ଦାନ କରାଯାଇଛି । ଏହି ଅବସରରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ନଳିନୀକାନ୍ତ ଦାସ ଏବଂ ହଜାର ହଜାର ଶ୍ରଦ୍ଧାଳୁ ଦୀପ ଜାଳିଥିଲେ । ପ୍ରଥମେ ମା' ମହାଲକ୍ଷ୍ମୀଙ୍କ ପାଖରେ ସନ୍ଧ୍ୟାଆଳତୀ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା ।

## ସଂଘ ଦ୍ୱାରା ସେବା ଦିବସ

**ବୌଦ୍ଧ, ୧୦ ।୧୦(ସମିସ):** ଉତ୍କଳମଣି ଗୋପବନ୍ଧୁ ଜୟନ୍ତୀ ତଥା ସେବା ଦିବସ ଅବସରରେ ବୁଦ୍ଧଦେବ ସଂଯୁକ୍ତ ଶାଖା, ବୌଦ୍ଧର ସ୍ୱୟଂସେବକମାନେ ଗୋପବନ୍ଧୁ ପ୍ରତିମୂର୍ତ୍ତି ପରିସରରେ ସଫେଇ କରିଥିଲେ । ଶାଖାର ସ୍ୱୟଂସେବକ ରଘୁନାଥ ଷଡ଼ଙ୍ଗୀ, ଗଜେନ୍ଦ୍ର ସାହୁ, ରଞ୍ଜିତ ମହାକୁଳ, ଶ୍ୟାମସୁନ୍ଦର ମହାପାତ୍ର, ବ୍ରଜେଶ ସାହୁ ପ୍ରମୁଖ ସାମିଲ ଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷ ଅବସରରେ ଏଭଳି ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟ ଓ ପୂଜ୍ୟପୂଜା ସ୍ୱୟଂସେବକ ମାନେ କରିବାପାଇଁ ସଂକଳ୍ପ ନେଇଛନ୍ତି ।

## ବିଶ୍ୱ ଦୃଷ୍ଟି ଦିବସ ପାଳିତ

**ବୌଦ୍ଧ, ୧୦ ।୧୦(ସମିସ):** ପୀତାବଳୀ ଉଚ୍ଚ ବିଦ୍ୟାଳୟ ମର୍ଜାକୁଦ ଠାରେ ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଯାଇଛି । ଏହି ଦିବସ ପାଳନ ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ସଂଘମିତ୍ରା ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ କୁମାର ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ସାନ୍ତା ନିବେଦିତା, ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ବଲ୍ଲଭ ପ୍ରଧାନ, ସ୍ୱାସ୍ଥ୍ୟ ବିଭାଗ ର ଅନ୍ୟାନ୍ୟ କର୍ମଚାରୀ, ଆଶାକର୍ମୀ, ଶିକ୍ଷକ ଶିକ୍ଷୟିତ୍ରୀ, ଉପସ୍ଥିତ ଥିଲେ ।

## ଖଣ୍ଡହତା ଗଜଲକ୍ଷ୍ମୀ ପୂଜାରେ କଂସ ଦରବାର ଉଦ୍‌ଘାଟିତ

**ବୀରମହାରାଜପୁର, ୧୦ ।୧୦ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ଖଣ୍ଡହତାରେ ହେଉଥିବା ଗଜଲକ୍ଷ୍ମୀ ପୂଜା ଅବସରରେ କଂସ ଦରବାର ଆରମ୍ଭ ହୋଇଯାଇଛି । ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ରୁଦ୍ର ପ୍ରକାଶ ମିଶ୍ରଙ୍କ ଅଧ୍ୟତାରେ ସରପଞ୍ଚ ଜୟଶ୍ରୀ ଦେହୁରୀ ମୁଖ୍ୟଅତିଥି ଏବଂ ଇନ୍ଦିରା ଗାନ୍ଧୀ ହାଇସ୍କୁଲର ହିନ୍ଦୀ ଶିକ୍ଷକ ରଣଜିତ ମିଶ୍ର, ଶିକ୍ଷୟିତ୍ରୀ ସଂଯୁକ୍ତା ମିଶ୍ର, କୋଷାଧ୍ୟକ୍ଷ ପ୍ରଦୀପ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରମୋଦ କୁମାର ପଣ୍ଡା ସାଂସ୍କୃତିକ ମଞ୍ଚକୁ ପରିଚାଳନା କରିଥିଲେ । ମୁକ୍ତାକାଶ ରଙ୍ଗ ମଞ୍ଚରେ ପରିବେଷଣ ହୋଇଥିଲା ଲୀଳା ନାଟକ । ଦେବକୀ ବସୁଦେବଙ୍କ ବିବାହ, କଂସଙ୍କୁ ଦୈବବାଣୀ, କଂସଙ୍କ ସିଂହାସନ ଆରୋହଣ ଆଦି ପରିବେଷଣ ହୋଇଥିଲା । ଏହା ସହିତ ମଞ୍ଚରେ ସମ୍ବଲପୁରୀ, ଡାଲଖାଇ, ଆଧୁନିକ ନୃତ୍ୟ, ଲୋକନୃତ୍ୟ ଆଦି ପରିବେଷଣ ହୋଇଥିଲା ।

## ବାବୁପାଲିରେ ରକ୍ତଦାନ ଓ ଚକ୍ଷୁ ଶିବିର



**ବିନିକା, ୧୦ ।୧୦(ସମିସ):** ବାବୁପାଲି ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଗ୍ରାମ୍ୟ ଯୁବଗୋଷ୍ଠୀ, ଅମୃତ କୁଟୁମ୍ବ ଓ ତ୍ରିଲୋଚନ ନେତ୍ରାଳୟର ମିଳିତ ଆନୁକୂଲ୍ୟରେ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ବିନିକା ବିଡ଼ିଓ ମଣ୍ଟୁ ଖମାରୀ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୌଦାମିନୀ ସାହୁ, ପୂର୍ବତନ ସରପଞ୍ଚ ରୁଦ୍ର ନାରାୟଣ ସାହୁ ଯୋଗ ଦେଇଥିଲେ । ମହିଳାଙ୍କ ସମେତ ମୋଟ ୪୦ଜଣ ରକ୍ତଦାନ କରିଥିଲେ । ସେହିପରି ୨୧୦ଜଣଙ୍କ ନିଃଶୁଳ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେଥିରୁ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ୩୦ଜଣଙ୍କୁ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟକୁ ରେଫର୍ କରାଯାଇଥିବା ବେଳେ ୧୨୭ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା । ଅନ୍ୟପକ୍ଷରେ ୧୦୦ରୁ ଅଧିକ ବ୍ୟକ୍ତିଙ୍କ ସୁଗର ପରୀକ୍ଷା କରାଯାଇଥିଲା । ବୁର୍ଲା ରକ୍ତ ଭଣ୍ଡାର କର୍ମଚାରୀ ଆସି ରକ୍ତ ସଂଗ୍ରହ କରିଥିଲେ ।

# ପ୍ରହସନ ପାଲଟିଛି ସରକାରୀ ଯୋଜନା

**ବୀରମହାରାଜପୁର, ୧୦ ।୧୦(ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକରେ ସରକାରୀ ଯୋଜନା ଲୋକଙ୍କ କାମରେ ଆସୁ ନ ଥିବା ଅଭିଯୋଗ ହେଉଛି । କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଣୟନ କରୁଥିବା ବିଭିନ୍ନ ଯୋଜନା ହିତାଧିକାରୀଙ୍କ ପାଖରେ ଠିକଣା ସମୟରେ ପହଞ୍ଚି ପାରୁନି । ଏଥିଯୋଗୁଁ ହିତାଧିକାରୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଗରିବ ଲୋକଙ୍କ ପାଇଁ ପରିବାର ମଙ୍ଗଳ ଯୋଜନା ପ୍ରହସନ ପାଲଟିଛି । ପରିବାର ମୁଖ୍ୟ ଲୋକ (ଯାହାର ବୟସ ୬୦ରୁ କମ୍ ହୋଇଥିବ)ଙ୍କ ମୃତ୍ୟୁ ଘଟିଲେ ତାଙ୍କ ସ୍ତ୍ରୀଙ୍କୁ ପରିବାର ମଙ୍ଗଳ ଯୋଜନା ଆଧାରରେ ୨୦ ହଜାର ଟଙ୍କା ମିଳିଥାଏ । ବିପିଏଲ ପାରିବାରର ହୋଇ ମଧ୍ୟ ସେହି ଟଙ୍କା ବିଧବା ହିତାଧିକାରୀଙ୍କୁ ପାଇବାକୁ ୬ ମାସରୁ ଅଧିକ ସମୟ ଲାଗିଯାଉଛି । ଅନ୍ତୋଦୟ ଯୋଜନା ଅଧୀନରେ ଗରିବ ହିତାଧିକାରୀଙ୍କୁ ସାମିଲ କରି ମାସକୁ ୩୫ କେଜି ଚାଉଳ ଯୋଗାଇଦେବ ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି । ମାତ୍ର ଏହି ବ୍ଲକରେ ପ୍ରକୃତ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଉ ନ ଥିବା ଚର୍ଚ୍ଚା ହେଉଛି । ରେସନ କାର୍ଡ ପାଇଁ ୩ ହଜାରରୁ ୫ହଜାର ଯିଏ ଦେଉଛନ୍ତି ତାର ହେଉଛି । ଯେଉଁ ଗରୀବ ଲୋକମାନେ ଦେଇ ପାରୁନାହାନ୍ତି ସେମାନଙ୍କୁ ସର୍ଭର ଚାଲୁନାହି ବୋଲି କହି ଫେରାଇ ଦିଆଯାଉଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମଧ୍ୟ ପ୍ରକୃତ ହିତାଧିକାରୀ ପାଇବାରୁ ବାଦ୍

**ବୀରମହାରାଜପୁର ବ୍ଲକ**

ପଡ଼ିଥିବା ଅଭିଯୋଗ ହେଉଛି । ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣର ଲେବର୍ ଟଙ୍କା ଅନେକ ହିତାଧିକାରୀ ପାଉ ନ ଥିବା ଅଭିଯୋଗ ହେଉଛି । ବୃଦ୍ଧ ବୃଦ୍ଧା, ବିଧବା, ବିକଳାଙ୍ଗଙ୍କ ଭତ୍ତା ମଧ୍ୟ ବର୍ତ୍ତମାନ ଡିବିଟି ମାଧ୍ୟମରେ ସହଜ ଓ ସରଳ କରିବା ପାଇଁ ସରକାର ଯୋଜନା କରୁଛନ୍ତି । ମାତ୍ର ସେଇ ଟଙ୍କା ମଧ୍ୟ ଠିକ ଭାବେ ପାଉ ନ ଥିବାରୁ ହିତାଧିକାରୀ ବ୍ଲକରୁ ପଞ୍ଚାୟତ ଓ ପଞ୍ଚାୟତରୁ ବ୍ଲକକୁ ଯାଆସ କରି ହଇରାଣ ହେଉଥିବା ଦେଖିବାକୁ ମିଳିଛି । ୮୦ ବର୍ଷରୁ ଅଧିକ ବୃଦ୍ଧବୃଦ୍ଧାଙ୍କୁ ତୁରନ୍ତ ୩୫୦୦ଟଙ୍କା ଯୋଗାଇଦେବାର ନିୟମ ଥିଲେ ହେଁ ସିରିଏଲ ହିସାବରେ ମିଳିବ ବୋଲି ଦାୟିତ୍ୱରେ ଥିବା ଅଧିକାରୀ କହିଛନ୍ତି । ବିବାହ ପଞ୍ଜିକରଣ ପାଇଁ ଅଫିସକୁ ଗଲେ ଅଧିକାରୀ ପ୍ରାୟ ରହୁନାହାନ୍ତି । ୨/୩ ହଜାର ନ ଦେଲେ ରେଜିଷ୍ଟ୍ରେସନ୍ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି । ଏହାଫଳରେ ଲୋକମାନେ ଅନେକ ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଛି । ସରକାର ଜନ୍ମରୁ ମୃତ୍ୟୁ ଯାଏଁ ମାଳ ମାଳ ଯୋଜନା ପ୍ରସ୍ତୁତ କରିଚାଲିଥିବା ବେଳେ ହିତାଧିକାରୀଙ୍କ ପାଖରେ ଏହା ନ ପହଞ୍ଚି ବାଟବଣା ହେବାରେ ଲାଗିଛି । କେବଳ ଏତିକି ନୁହେଁ; ବ୍ଲକର ମୁଖ୍ୟ ଫାଟକଟି କୁଆଡେ ଗଲା ପ୍ରଶାସନର କାହାରି ପାଖରେ ଖବର ନାହିଁ । ଫାଟକ ମେଲା ପଡ଼ିଥିବାରୁ ଅବାଧରେ ଗାଈ ବଳଦ ଓ କୁକୁର ବ୍ଲକ ଭିତରକୁ ପ୍ରବେଶ କରୁଛନ୍ତି । ତେବେ ଏନେଇ ସବୁ ନେଇ ବିଡିଓଙ୍କୁ ପଚାରିବାରୁ ତାଙ୍କ ନିକଟରେ କିଛି ଅଭିଯୋଗ ନାହିଁ । ଅଭିଯୋଗ ଆସିଲେ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ମୁଖ୍ୟ ଫାଟକ ସମ୍ପର୍କରେ ମଧ୍ୟ କିଛି ଜାଣି ନ ଥିବା କହିଥିଲେ ।

## ପଲଶାଗୋରା ଉଚ୍ଚ ବିଦ୍ୟାଳୟରେ ପୋଷଣ ସଚେତନତା କାର୍ଯ୍ୟକ୍ରମ



**ପଲଶାଗୋରା, ୧୦ ।୧୦(ସମିସ):** କଣ୍ଟାମାଳ ବ୍ଲକ ଆଇସିଡିଏସ୍ ତରଫରୁ ପୋଷଣ ମାସ ପାଳନ ଅବସରରେ ପଲଶାଗୋରା ମିଳିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ସଚେତନତା ସୃଷ୍ଟି ପାଇଁ ରଚନା, କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଳି, ସିଡ଼ିପିଓ ପଙ୍କଜିନୀ ମିଶ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୀବ ପ୍ରହରାଜ, ବରିଷ୍ଠ ଶିକ୍ଷୟିତ୍ରୀ ନିରୁପମା ମହାପାତ୍ର, ସୁପରଭାଇଜର ବାସନ୍ତୀ ମହାକୁଡ଼, ସତ୍ୟଭାମା ନାଏକ, ପୋଷଣ ଇସି ପୁରନ୍ଦର ମେହେର ପ୍ରମୁଖ ଯୋଗ ଦେଇଥିଲେ ।

## ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବରିଷ୍ଠ ନାଗରିକ ଦିବସ

**ବିନିକା, ୧୦ ।୧୦(ସମିସ):** ବିନିକା ସ୍ଥିତ ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି । ବିଦ୍ୟାଳୟ ଅଧ୍ୟକ୍ଷା ରେଖା ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ । ବରିଷ୍ଠ ନାଗରିକଙ୍କ ସମାଜ ପ୍ରତି ଅବଦାନ, ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା, ଦାୟିତ୍ୱ ନିର୍ବାହର ଅଭିଜ୍ଞତା ଆଦି ବିଷୟରେ ସୂଚନା ଦେଇ ତାଙ୍କ ପ୍ରତି ନିବିଡ଼ ସମ୍ମାନ ରକ୍ଷା କରିବା ଆମର କର୍ତ୍ତବ୍ୟ ବୋଲି ଅଧ୍ୟକ୍ଷା କହିଥିଲେ । ମୁଖ୍ୟବକ୍ତା ଭାବେ ଖେଳ ଶିକ୍ଷକ ନାରାୟଣ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ମନୋଜ ମେହେର, ମନିଷ ଆଚାର୍ଯ୍ୟ, ଯତୀନ୍ଦ୍ର ଦଣ୍ଡସନା, ଆକାଶ ପ୍ରଧାନୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ବରିଷ୍ଠ ନାଗରିକଙ୍କ ପ୍ରତି ସମ୍ମାନ ସକାଶେ ଅଧ୍ୟାପକ ନୀଳମାଧବ ଛତ୍ର ଉପସ୍ଥିତ କର୍ମଚାରୀ, ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ ।

## ମୁରାସୁର ଦରବାରରେ ବିଷ୍ଣୁ-ଲକ୍ଷ୍ମୀଙ୍କ ସ୍ୱୟମ୍ବର

**ବୀରମହାରାଜପୁର, ୧୦ ।୧୦(ସମିସ):** ବୀରମହାରାଜପୁର ବ୍ଲକ ମୃଣ୍ମୟିରେ ୪୩ତମ ଗଜଲକ୍ଷ୍ମୀ ପୂଜାର ଚତୁର୍ଥ ଦିବସରେ ମୁରାସୁର ଦରବାରରେ ବିଷ୍ଣୁ-ଲକ୍ଷ୍ମୀଙ୍କ ସ୍ୱୟମ୍ବର ହୋଇଛି । ରାଜ ଅତିଥି ଭାବେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଶାଖା ପରିଚାଳକ ଭବାନୀ ଶଙ୍କର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ରବୀନ୍ଦ୍ର ହୋତା, ନମିତା ହୋତା, ଶେଷଦେବ ବାରିକ୍, ସତ୍ୟବାନ୍ ପୁରୋହିତ, ବ୍ରଜ ଗୋପାଳ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ବରୁଣ ରାଜା ଲକ୍ଷ୍ମୀଙ୍କ ବିବାହ ପାଇଁ ସ୍ୱୟମ୍ବର ସଭା ଆୟୋଜନ କରିଥିଲେ । ବିଷ୍ଣୁ ଓ ଲକ୍ଷ୍ମୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲା । ଦିନବେଳା ଗଜଲକ୍ଷ୍ମୀ ପୂଜା, ହୋମଯଜ୍ଞ, ପୁଷ୍ପାଞ୍ଜଳି ହୋଇଥିବା ବେଳେ ସନ୍ଧ୍ୟାରେ ସନ୍ଧ୍ୟା ଆଳତି ହୋଇଥଲା । ଏହି କାର୍ଯ୍ୟକ୍ରମରେ ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ଲବ ସାହୁ, ଉପସଭାପତି ଧନଞ୍ଜୟ ସାହୁ, ଉପଦେଷ୍ଟା ରାଜଗୋପାଳ ପାଣିଗ୍ରାହୀ, ସତ୍ୟଞ୍ଜିବ ମିଶ୍ର, କୁଶ ସାହୁ, ପରମାନନ୍ଦ ଜଟି, ସମ୍ପାଦକ ତ୍ରୀୟଞ୍ଜିବ ମିଶ୍ର, ବିଦ୍ୟାଧର ଖୁର୍ଡ଼ିଆ, କୋଷାଧ୍ୟକ୍ଷ ସତ୍ୟମୋହନ ବେଦପାନି ପ୍ରମୁଖ ସହଯୋଗ କରିଥିଲେ ।

## ମହିଳା ଗ୍ରାମସଭା ପ୍ରସ୍ତୁତି ବୈଠକ




**ବୌଦ୍ଧ, ୧୦ ।୧୦(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ପଞ୍ଚାୟତରେ ଅଲିଭା ମହସଂଘ ସହାୟତାରେ ମହିଳା ଗ୍ରାମସଭା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ପଞ୍ଚାୟତର ଶତାଧିକ ମହିଳା, କଲେଜ ଛାତ୍ରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ କ୍ଷେତ୍ର ସହଯୋଗୀ ସୁପ୍ରିୟା ଦେହୁରୀ ସ୍ୱାଗତ କରିଥିଲେ । କ୍ଷେତ୍ର ପ୍ରଶିକ୍ଷକ ପ୍ରତାପ ମେହେର ସଭା ପରିଚାଳନା କରିଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ବି. ପ୍ରିୟଙ୍କା ପଞ୍ଚାୟତର ମହିଳାମାନଙ୍କୁ ନେଇ ଥିବା ଅନେକ ଯୋଜନା ବିଷୟରେ କହିଥିଲେ । ସରପଞ୍ଚ ଚନ୍ଦନା ବେହେରା ଉପସ୍ଥିତ ଥିଲେ । ଶେଷରେ ଶ୍ରୀକାନ୍ତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

### ପଲଶାଗୋରାରେ ମୁରାସୁର ଦରବାରର ତୃତୀୟ ସନ୍ଧ୍ୟା

## ମୁରାସୁରର ସଞ୍ଜିବନୀପୁର, ଯମଭୁବନ ଆକ୍ରମଣ

**ପଲଶାଗୋରା, ୧୦ ।୧୦(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ସ୍ୱସ୍ତିକ କ୍ଲବ ଦ୍ୱାରା ଆୟୋଜିତ ଗଜଲକ୍ଷ୍ମୀ ପୂଜା ଅବସରରେ ମୁରାସୁର ଦରବାର କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହୁଛି । ତୃତୀୟ ସନ୍ଧ୍ୟାରେ ମୁରାସୁରର ସଞ୍ଜିବନୀପୁର ଓ ଯମଭୁବନ ଆକ୍ରମଣ ଓ ପରାସ୍ତ ଉପରେ ରହିଥିବା ପୌରାଣିକ ବର୍ଣ୍ଣନାକୁ ନେଇ ନାଟକ ମଞ୍ଚସ୍ଥ ହୋଇଛି । ମୁରାସୁରଙ୍କ ରାଜକୀୟ ଅତିଥି ଭାବେ ବରିଷ୍ଠ ବିଜେଡି ନେତା ସୁଧୀର ମହାକୁଡ଼, ବିଜେପି ଯୁବନେତା ପିନାକ ରଣା, ସୋନପୁରର ବରିଷ୍ଠ ନେତା ପ୍ରକାଶ ଚନ୍ଦ୍ର ସାହୁ, ଓକିଲ ପ୍ରତାପ ସାହୁ ପ୍ରମୁକ ଯୋଗ ଦେଇଥିଲେ । ଏହି ସଭାକୁ ଅଚ୍ୟୁତ ଖମାରି ପରିଚାଳନା କରିଥିଲେ ।



## ମେଧାବୀ ଛାତ୍ରଛାତ୍ରୀ ପ୍ରୋତ୍ସାହନ ବୃତ୍ତି ରାଶି ପ୍ରଦାନ



**ବୌଦ୍ଧ, ୧୦ ।୧୦(ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀ ପ୍ରସାଦ ପଞ୍ଚାୟତ ଅଧୀନ ଜଗତି ଯୁଜି ହାଇସ୍କୁଲ ସଭାଗୃହରେ ରଞ୍ଜିତା ମହାନ୍ତି ସ୍ମୃତି ମେଧାବୀ ଛାତ୍ରଛାତ୍ରୀ ପ୍ରୋସାହନ ବୃତ୍ତି ପ୍ରୋତ୍ସାହନ ରାଶି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ଦେବେନ୍ଦ୍ର ଦେହୁରୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେ ମୁଖ୍ୟ ଅତିଥି, ପୁରାତନ ଛାତ୍ର ଓ ଛାତ୍ରବୃତ୍ତି ଯୋଜନାର ସଂଯୋଜକ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିପ୍ରଚରଣ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉତ୍ସବ ସାହୁ, ପୁରାତନ ଛାତ୍ର ତଥା ପଣ୍ଡିତ ସୁଶୀଲ ପାଣିଗ୍ରାହୀ, ଲୋପାମୁଦ୍ରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ମନୋଜ ଗୁରୁ, ସ୍ୱେଚ୍ଛାସେବୀ ବିଶି କେସନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ୨୦୨୪ -୨୫ ହାଇସ୍କୁଲ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବାଳିକା ବର୍ଗରୁ ଅହଲ୍ୟା ସେଠୀ ଓ ବାଳକ ବର୍ଗରୁ ଜଗନ ମେହେରଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପୁରସ୍କାର ସହିତ ଦେଇ ସମ୍ମାନିତ କରାଯାଇଥିଲା । ଶିକ୍ଷୟିତ୍ରୀ ସସ୍ମିତା ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ସସ୍ମିତା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଜୟଦେବ କଳତା, ହୃଦାନନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ସଙ୍ଗୀତା ପାତ୍ର ପାଇଲେ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର

**ବିରମହାରାଜପୁର, ୧୦ ।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକର ପ୍ରକୃତିପ୍ରେମୀ ସଙ୍ଗୀତା ପାତ୍ରଙ୍କୁ ଜିଲ୍ଲା ବନ ବିଭାଗ ତରଫରୁ ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଇଛି । ସଙ୍ଗୀତା ପରିବେଶ ସୁରକ୍ଷା, ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ବ୍ୟାପକ ସଚେତନତା, ବିଲୁପ୍ତ ଘରଚଟିଆଙ୍କ ସଂରକ୍ଷଣ, ଆହତ ତଥା ଅସୁରକ୍ଷିତ ପଶୁପକ୍ଷୀଙ୍କୁ ଉଦ୍ଧାର କରି ସୁରକ୍ଷିତ ବାସସ୍ଥଳରେ ଛାଡ଼ିବା, ଗ୍ରୀଷ୍ମ ଋତୁରେ ଜୀବଜନ୍ତୁଙ୍କୁ ପ୍ରଚଣ୍ଡ ଖରାରେ ପାଣି ଯୋଗାଇବା, ପକ୍ଷୀଙ୍କ ପାଇଁ ଜଙ୍ଗଲରେ ମାଟିପତ୍ରରେ ପାଣି ଯୋଗାଇବା ଆଦି କାର୍ଯ୍ୟ କରିଥାଆନ୍ତି । ବାନାଗ୍ନି ନିରାକରଣ ଓ ଜଳବାୟୁ ପରିବର୍ତ୍ତନର ସ୍ଥିତିକୁ ସୁଧାର ଆଣିବା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ସଙ୍ଗୀତା ନିଜ ପ୍ରଚେଷ୍ଟାରେ ଜାରି ରଖିଛନ୍ତି । ବନ୍ୟ ପ୍ରାଣୀ ସୁରକ୍ଷା ଦିଗରେ ତାଙ୍କ କାର୍ଯ୍ୟକୁ ପ୍ରଶଂସା କରି ଓଡ଼ିଶା ସରକାରଙ୍କ ତରଫରୁ ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ତାଙ୍କୁ ମାନପତ୍ର, ଉତ୍ତରୀୟ ସହ ୨୫ହଜାର ଟଙ୍କାର ଚେକ୍ ମୁଖ୍ୟ ଅତିଥି ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଛି ।

## ପ୍ରତ୍ୟେକ ଦିନ ଫାଳେ ଅଣ୍ଡା ଖାଇବାକୁ ପରାମର୍ଶ



**ବୌଦ୍ଧ, ୧୦ ।୧୦(ସମିସ):** ବୌଦ୍ଧ ଜିଲ୍ଲପାଳଙ୍କ ସଦ୍‌ଭାବନା ଗୃହରେ ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ଆୟୋଜନକ୍ରମେ ବିଶ୍ୱ ଅଣ୍ଡା ଦିବସ ପାଳିତ ହୋଇଛି । ପ୍ରଥମ ଅଧିବେଶନରେ ଏକ ଆଲୋଚନାଚକ୍ର ବୈଜ୍ଞାନିକ ଓ ଚାଷୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହାକୁ ବୌଦ୍ଧ ଉପ ଜିଲ୍ଲାପାଳ ବିନୟ ଭୋଇ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଉପ ନିର୍ଦ୍ଦେଶକ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ଡା. ଶୁଭେନ୍ଦୁ ଶେଖର ସାହୁ ପରିଚାଳନା କରିଥିଲେ । ଏଥିରେ ନ୍ୟୁଷ୍ଟ୍ରିସିଆନିଷ୍ଟ ସୁଚରିତା ତ୍ରିପାଠୀ ଅଣ୍ଡାର ଉପକାରିତା ଓ ଅପକାରିତା ଉପରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ । ପ୍ରତ୍ୟେକ ଦିନ ଫାଳେ କୁକୁଡା ଓ ବତକ ଅଣ୍ଡା ଖାଇବାକୁ ପରାମର୍ଶ ଦେଇଥିଲେ । ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା ତପନ ଦ୍ୱିବେଦୀ ସଚେତନ କରାଇଥିଲେ ।

## ବୌଦ୍ଧ ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର



**ବୌଦ୍ଧ, ୧୦ ।୧୦(ସମିସ):** ସ୍ଥାନୀୟ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବୌଦ୍ଧ ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଯୋଗ ଦେଇଥିଲେ । ବରିଷ୍ଠ ବିଜ୍ଞାନ ଶିକ୍ଷକ ସତ୍ୟନାରାୟଣ ସ୍ୱାଇଁ ସଭାପତିତ୍ୱ କରିଥିଲେ । ସବ୍ୟସଚୀ ମହିସାଲ୍ ଏବଂ ଅଶ୍ରୁମୋଚନ ପଣ୍ଡା ବିଚାରକ ଭାବେ ଦାୟିତ୍ୱ ନିଭାଇଥିଲେ । ଛାତ୍ରୀ ସ୍ୱାତୀ ସ୍ନେହା ସାସିନି ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଆମ୍ବଗାଁ ଜନତା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୌସୁମୀ ସୁନା ଦ୍ୱିତୀୟ ସ୍ଥାନ ଅଧବକାର କରିଛନ୍ତି । କଣ୍ଟାମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ଣ୍ଣମାସୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ



**ବୌଦ୍ଧ, ୧୦ ।୧୦(ସମିସ)**

ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ତାଲିମକେନ୍ଦ୍ରଠାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି । ଏହି ଦିବସ ପାଳନ ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଂଘମିତ୍ରା ପଣ୍ଡା ଅଧକ୍ଷତା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ଏକ ସଚେତନତା ପଦଯାତ୍ରାକୁ ସେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ପଦଯାତ୍ରା ଜିଲ୍ଲା ତାଲିମକେନ୍ଦ୍ରଠାରୁ ଆରମ୍ଭ ହୋଇଥିଲା । ଏହା ସହର ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲା । ଏହି ପଦଯାତ୍ରାରେ ଆଶାକର୍ମୀ, ଏଏନଏମ ଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଂଘମିତ୍ରା ପଣ୍ଡା ଅଧକ୍ଷତା କରିଥିଲେ । ଏହି ବୈଠକରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରବାର କଲ୍ୟାଣ) ଡାକ୍ତର ଅମିତାଭ ଦାସ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ସାନ୍ତା ନିବେଦିତା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡାକ୍ତର ନାରାୟଣ ପସାୟତ, ଡାକ୍ତର ପ୍ରବୀର ଦାସ, ସ୍ୱାସ୍ଥ୍ୟବିଭାଗର ଅନ୍ୟାନ୍ୟ କର୍ମଚାରୀ, ଆଶାକର୍ମୀ, ଏଏନଏମ ଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଉପସ୍ଥିତ ଥିଲେ । ଆମେ କିପରି ନିଜର ମାନସିକ ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ହେବା ସେ ସମ୍ବନ୍ଧିତ ବିଭିନ୍ନ ବାର୍ତ୍ତା ଓ ଉପାୟମାନ ବକ୍ତାମାନେ ବୁଝାଇ କହିଥିଲେ । ଯେଉଁମାନେ ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ଆବଶ୍ୟକ କରୁଛନ୍ତି ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାନସିକ ସ୍ୱାସ୍ଥ୍ୟ ବିଭାଗରେ ଚିକିତ୍ସିତ ହେବା ପାଇଁ ପରାମର୍ଶ ଦିଆଯାଇଥିଲା ।

● ବିଜେଡିରେ ମିଶିଲେ ଶତାଧିକ କଂଗ୍ରେସ କର୍ମୀ

## ଉପ ନିର୍ବାଚନ ପାଇଁ ବିଜେଡିର ବ୍ଲୁପ୍ରିଣ୍ଟ



ନୂଆପଡା,୧୦ ।୧୦(ସମିସ):ବିଜେଜି ଗଡ଼ର ନୂଆପଡା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ଗଡସୁରକ୍ଷା ସହ ଦୁର୍ଗ ଭେଦ ପାଇଁ ବିରୋଧିଙ୍କୁ ଯୁଦ୍ଧଦେହି ଡାକରା ଦେଉଛି ବିଜେଡି। ପ୍ରଥମ ଦଫାରେ ବିଭିନ୍ନ ଜାତି ସମାଜ ତରଫରୁ ଖୋଲା ସମର୍ଥନର ସୁଅ ଛୁଟୁଥିବା ବେଳେ ପ୍ରଥମ ଦିନରେ କଂଗ୍ରେସର ୨୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀଙ୍କ ବିଜେଡିରେ ଯୋଗଦାନ ବିଜେଡିର ଜୟ ଯାତ୍ରାକୁ ସୁଗମ କରିଛନ୍ତି। ସ୍ଥାନୀୟ ଖରିଆରରୋଡସ୍ଥିତ ଗୁଜରାତି ଭବନରେ ଆୟୋଜିତ ବିଜେଡିର ଏକ ଉଚ୍ଚସ୍ତରୀୟ ବୈଠକରୁ ଜଣାପଡିଛି। ଶୁକ୍ରବାର ଦିନ ପୂର୍ବାହ୍ନରେ ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଷୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଦଳର ପୂର୍ବତନ ରାଜ୍ୟ ସାଂଗଠନିକ ସଂପାଦକ ତଥା ଉପସଭାପତି ପ୍ରଣବ ପ୍ରକାଶ ଦାସ, ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାଏକ,ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ,ନିରଞ୍ଜନ ପୂଜାରୀ,ସ୍ନେହାଙ୍ଗିନୀ ଛୁରିଆ,ରାଜେଶ କୁମାର ନିଗମ, ଲମ୍ବୋଦର ନିଆଲ,ଦିଲିପ କୁମାର ନିର୍ମଳକର,ଚନ୍ଦ୍ରକାନ୍ତ ଠାକୁର,ବଣ୍ଟି ଡାଗା, ରାଧେଶ୍ୟାମ ବାଗ ପ୍ରମୁଖ ଯୋଗ ଦେଇଥିଲେ।

ଆଗାମୀ ନିର୍ବାଚନକୁ କିପରି ମୁକାବିଲା କରାଯିବ ସେ ଉପରେ ପ୍ରସ୍ତୁତି କରାଯିବା ସହ ଦଳର ସାଂଗଠନିକ ବ୍ୟବସ୍ଥା ଉପରେ ବିଷଦ ଆଲୋଚନା ହୋଇଥିବା ଜଣାପଡିଛି। ଏହି ଅବସରରେ ବିଗତ ଦିନମାନଙ୍କରେ ଦଳର କାର୍ଯ୍ୟଶୈଳୀରେ ବିତସ୍ପୃହ ୧୮ଜଣ କର୍ମକର୍ତ୍ତା କଂଗ୍ରେସ ଦଳ ଛାଡି ବିଜେଡିରେ ଯୋଗଦାନ କରିଥିଲେ। ନବାଗତମାନଙ୍କୁ ଦଳ ତରଫରୁ ନେତୃବୃନ୍ଦ ଫୁଲମାଳ ସହ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।କାର୍ଯ୍ୟକ୍ରମରେ ବିଭିନ୍ନ ଜାତି ସମାଜରୁ ଶତାଧିକ ଶୁଭେଚ୍ଛୁ ଆସି ଦଳରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଧନୀରାମ ସାହୁ, ତାରେଶ୍ୱରୀ ସାହୁ, ରମାକାନ୍ତ ଠାକୁର ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

ନୂଆପଡ଼ା ଉପନିର୍ବାଚନ | ଜିଲ୍ଲାପାଳଙ୍କ ପୁଲିସ ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ

# ଉପନିର୍ବାଚନ ଶାନ୍ତିଶୃଙ୍ଖଳା ସହିତ ବ୍ୟବସ୍ଥିତ ହେବ



ନୂଆପଡା,୧୦ ।୧୦(ସମିସ):ଭାରତ ନିର୍ବାଚନ କମିଶନ ନୂଆପଡା ବିଧାନସଭା ଉପନିର୍ବାଚନ ପାଇଁ ତାରିଖ ଘୋଷଣା କରିବା ସହିତ ସମଗ୍ର ଜିଲ୍ଲାରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଏହି ସମୟରେ ନିଜ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ବନ୍ଧରେ ଅବଗତ କରିବା ପାଇଁ ଜିଲ୍ଲାପାଳ ମଧୁସୁଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ପୋଲିସ୍ ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା।ଏଥିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ୍ ସିଂ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ,ଏଡିସନାଲ ଏସପି ରଞ୍ଜିତ ନାୟକ, ଉପଜିଲ୍ଲାପାଳ ସୁର୍ମି ସୋରେନ, ସମସ୍ତ ବିଡ଼ିଓ ଓ ତହସିଲଦାର,ଡେପୁଟୀ କଲେକ୍ଟର ନିର୍ବାଚନ ଶେଖ ନସିମ, ସମସ୍ତ ପ୍ରଶାସନିକ ଅଧିକାରୀ ,ଅବକାରୀ ଅଧିକ୍ଷକ, ଆରଟିଓ, ଜି ଏସଟି ଅଧିକାରୀ, ସମସ୍ତ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ,ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ସମସ୍ତଙ୍କୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେ ଯେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ନୂଆପଡା ବିଧାନସଭା ଉପନିର୍ବାଚନ ପାଇଁ ସମଗ୍ର ଜିଲ୍ଲାରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ଅଧିକାରୀ, କର୍ମଚାରୀ ଏବଂ ଆରକ୍ଷୀ ବାହିନୀ ସମ୍ମିଳିତ ଭାବରେ ନିର୍ବାଚନ ପ୍ରକ୍ରିୟାରେ ଯୋଗଦାନ କରି ସମର୍ପଣ ଓ ନିର୍ଭୟର ସହିତ ନିଜର ଦାୟିତ୍ୱ ନିର୍ବାହ କରିବା। ଆମେ ସମସ୍ତେ ଏବେ ନିର୍ବାଚନ କମିଶନଙ୍କ ସିଧାସଳଖ ନିୟନ୍ତ୍ରଣରେ କାମ କରିବା। ସମସ୍ତ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଏବଂ ଏସଏସଟି ଦଳ ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶରେ କାମ କରିବେ।ସମସ୍ତ ଗାଡ଼ି ମୋଟର ଏପରିକି ଜିଲ୍ଲାପାଳ,ଏସପି, ପର୍ଯ୍ୟବେକ୍ଷକ ଏବଂ ସାମ୍ବାଦିକମାନଙ୍କ ଯାନ ମଧ୍ୟ ସେମାନେ ତଲାସୀ କରିବେ। ମତଦାନ ଦିନ ସକାଳ ୭ ଟାରୁ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ଏବଂ ସମ୍ବେଦନଶୀଳ ବୁଥ ମାନଙ୍କରେ ଅପରାହ୍ନ ୪ ଟା ଯାଏଁ ମତଦାନ ହେବ। ନିର୍ବାଚନ ଦିନ ଏଥର ଭୋଟରମାନଙ୍କୁ ସ୍ଲିପ କେବଳ ବିଏଲଓ ମାନେ ହିଁ ଦେବେ।ସମସ୍ତ ବୁଥରେ ୱେବ କାଷ୍ଟିଂ ହେବ।ନିର୍ବାଚନର ନିରପେକ୍ଷତା ଅଧିକ କରିବା ପାଇଁ ବିଧାନସଭା ୭୨,ଖଡିଆଳର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ବହୁ ସଂଖ୍ୟାରେ ପୋଲିଂ ଦାୟୀତ୍ୱରେ ନିୟୋଜିତ କରାଯିବ। ଏଥର ନୂଆପଡାରେ ୩ଟି ଏବଂ ଖରିଆରରୋଡରେ ୩ଟି ଏଭଳି ମୋଟ ୬ଟି ପିଙ୍କ ବୁଥ ହେବ ଯାହା କେବଳ ମହିଳା ଅଧିକାରୀମାନଙ୍କ ଦ୍ୱାରା ପରିଚାଳିତ ହେବ। ଏବେଠାରୁ ବେଆଇନ ମଦ ଡ୍ରଗ୍ସ କାରବାର ଉପରେ ଅବକାରୀ ବିଭାଗ ତୀକ୍ଷ୍ଣ ନଜର ରଖିବେ। ସବୁ ପୋଲିଂ ପାର୍ଟି ସହିତ ପୋଲିସ୍ ସବୁବେଳେ ରହିବେ। ରାତି ୧୦ ଟାରୁ ସକାଳ ୦୬ ଟା ପର୍ଯ୍ୟନ୍ତ ସମସ୍ତ ପ୍ରଚାର ପ୍ରସାର ସଭା ବନ୍ଦ ରହିବ। ଜିଲ୍ଲା ଆରକ୍ଷୀ ଅଧିକ୍ଷକ କହିଲେ ଯେ ସମଗ୍ର ଜିଲ୍ଲାରେ ଶାନ୍ତି ପୂର୍ଣ୍ଣ,ସ୍ୱାଧୀନ ଓ ନିରପେକ୍ଷ ଭାବରେ ନିର୍ବାଚନ ହେବା ପାଇଁ ପୁଲିସ ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ। ଜିଲ୍ଲାର ୩୫୮ଟି ବୁଥରୁ ସମ୍ବେଦନଶିଳ ଏବଂ ଆଇନ ଶୃଙ୍ଖଳା ଦୃଷ୍ଟିରୁ ସ୍ପର୍ଶକାତର ଥିବା ବୁଥ ଉପରେ ତୀକ୍ଷ୍ଣ ନଜର ରହିବ। ଆଦର୍ଶ ଆଚରଣ ବିଧି ସମଗ୍ର ଜିଲ୍ଲାରେ କଡାକଡି ଭାବରେ ଲାଗୁହେବ। ଶାନ୍ତି ଶୃଙ୍ଖଳା ବଜାୟ ରଖିବା ସହିତ ଶତ ପ୍ରତିଶତ ମତଦାନ ସୁନିଶ୍ଚିତ କରିବା ପାଇଁ ସେ ସମସ୍ତ ଅଧିକାରୀମାନଙ୍କ ସହଯୋଗ କାମନା କରିଥିଲେ। ଜିଲ୍ଲାପାଳ କହିଲେ ଆଗାମୀ ଉପନିର୍ବାଚନ ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ। ଏହା ଉପରେ ସମଗ୍ର ରାଜ୍ୟ ତଥା ଦେଶର ନଜର ରହିବ। ଆମେ ଏହାକୁ ଶାନ୍ତି ଶୃଙ୍ଖଳା ସହିତ ଏମିତି ବ୍ୟବସ୍ଥିତ ଭାବରେ ତୁଲାଇବା ଯେ ଏହା ଆଗାମୀ ଦିନ ପାଇଁ ଉଦାହରଣ ହୋଇ ରହିବ।

● ଓଡିଶା-ଛତିଶଗଡ଼ ପୁଲିସର ସମନ୍ୱୟ ବୈଠକ

## ସିଲ୍ ହେବ ଦୁଇ ରାଜ୍ୟର ସୀମା

ନୂଆପଡ:ନଭେମ୍ବର ୧୧ରେ ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀ-୭୧ରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଶୃଙ୍ଖଳିତ, ନିରପେକ୍ଷ ଏବଂ ଅବାଧ କରିବା ସହ ନୂଆପଡାର ପଡୋଶୀ ରାଜ୍ୟ ଛତିଶଗଡ ସୀମାକୁ ସିଲ କରିବାକୁ ଅତିରିକ୍ତ ପୁଲିସ ନିର୍ଦ୍ଦେଶକଙ୍କ(ଆଇନ ଶୃଙ୍ଖଳା) ନିର୍ଦ୍ଦେଶକ୍ରମେ ନୂଆପଡା ଏସ୍‌ପିଙ୍କ ସହ ପଡୋଶୀ ଜିଲ୍ଲା ଏସ୍‌ପିମାନଙ୍କ ସହ ସଂଯୋଜକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସୀମାକୁ ସିଲ କରିବା,ସୀମାନ୍ତରେ ଯୁଗ୍ମ ମାଓବାଦୀ ଓପେରେସନ,ଦୁର୍ଦ୍ଦାନ୍ତ ଅପରାଧିଙ୍କ ଉପରେ ନିୟନ୍ତ୍ରଣ, ବେଆଇନ ମଦ ଏବଂ ନିଶା କାରବାରକୁ ନିୟନ୍ତ୍ରଣ କରିବା ଏବଂ ଦୁଇ ରାଜ୍ୟର ପୁଲିସ ମଧ୍ୟରେ ବରାବର ସଂପର୍କ ରଖିବାକୁ ଆଲୋଚନା କରାଯାଇଥିଲା। ଏସବୁ ଅନଲାଇନରେ ବୈଠକ ବସିଥିଲା। ଏଥିରେ ନୂଆପଡା ଏସ୍‌ପି ଅମ୍ରିତପାଲ ସିଂ,ରାୟପୁର ରେଞ୍ଜ ଆଇଜିପି ଅମରେଶ ମିଶ୍ର, ମହାସମୁନ୍ଦ ଏସ୍‌ପି ଆଶୁତୋଷ ସିଂ,ଗରିଆବନ୍ଦ ଏସ୍‌ପି ନିଖିଲ ରଖେଚାଙ୍କ ସହ କୋରାପୁଟ ଡିଆଇଜିପି କନୱର ବିଶାଳ ସିଂ ପ୍ରମୁଖ ସାମିଲ ଥିଲେ। ଅଭିଯୋଗ କରିଛନ୍ତି। ସେ ଫେସବୁକରେ ତାଙ୍କ ଝିଅର ଫୋଟ ପୋଷ୍ଟ କରିଥିଲେ। ଯେଉଁଥିରେ କି ତାଙ୍କର ଡାକ୍ତରୀ ପେଷାକୁ ନେଇ ସୁବ୍ରତ ଅଶ୍ଳୀଳ କମେଣ୍ଟ କରିଛନ୍ତି; ଯାହାକି ତାଙ୍କର ସାମାଜିକ ମର୍ଯ୍ୟାଦା ହାନି କରୁଛି। ଏହାସହିତ ତାଙ୍କୁ ଧମକ ଦେଇଥିବା ନେଇ ମଧ୍ୟ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ମାଁ ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ



ଗୋଲାମୁଣ୍ଡା,୧୦ ।୧୦(ସମିସ):ମାଁ ଗଜଲକ୍ଷ୍ମୀଙ୍କ ଭଷାଣୀ ଯାତ୍ରା ସମାପ୍ତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଚପ୍ରିଆପଞ୍ଚାୟତ ଟିଙ୍ଗିପଦର ଗ୍ରାମରେ ୧୮ ତମ ମାଁ ଗଜଲକ୍ଷ୍ମୀ ପୂଜା ଗତ ୫ ତାରିଖ ଆରମ୍ଭ ହୋଇ ୯ ତାରିଖ ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ପ୍ରତ୍ୟେକ ରାତିରେ ଭିନ୍ନ, ଭିନ୍ନ ନାଟକ ପରିବେଷଣ କରାଯାଇଥିଲା। ଶ୍ରଦ୍ଧାଳୁ ଦର୍ଶକଙ୍କ ଅଧିକ ଭିଡର ସମାଗମ ହୋଇଥିଲା। କମିଟିର ସୁପରିଚାଳନା ଶୁକ୍ରବାର ମାଁ ଙ୍କ ଭଷାଣୀ କାର୍ଯ୍ୟ ସମାପ୍ତ କରାଯାଇଛି। ଏହି ଅବସରରେ ମାଁ ଗଜଲକ୍ଷ୍ମୀଙ୍କୁ ନଗର ପରିକ୍ରମା କରି ପ୍ରତ୍ୟେକ ଘର,ଘର ବୁଲି ବନ୍ଦାପନା ପରେ ଗ୍ରାମର ଗତାଖୁଟା ପୋଖରୀରେ ଭଷାଣି କରାଯାଇଥିଲା।ଗ୍ରାମର ଆବାଳ ବୃଦ୍ଧ ବନିତା ବେଶ୍ ଉତ୍ସାହର ସହିତ ରଙ୍ଗ ବେରଙ୍ଗର ଫଗୁ ରଙ୍ଗ ଖେଳି ନାଚ ଗୀତରେ ମଜି ଯାଇଥିଲେ। ପୂଜା କମିଟିର ସଭାପତି ଭାବେ କପୂର୍ଚ୍ଚନ ସେଠିଆ ଓ ସମ୍ପାଦକ ଭାବେ ଦିବ୍ୟ ରଞ୍ଜନ ମାଝୀ ଏବଂ କୋଷାଧ୍ୟକ୍ଷ ଭାବେ ମନୋହର ବିହାରୀ କାର୍ଯ୍ୟ ନିର୍ବାହ କରିଥିଲେ। ପୂଜକ କାର୍ଯ୍ୟ ପଦମନ୍ ଦାସ ଏବଂ ସାଥୀ ଗଣ ନିର୍ବାହ କରିଥିବା ବେଳେ ପୂର୍ଣ୍ଣଚନ୍ଦ୍ର ମାଝି ଏବଂ ତାଙ୍କ ସହଧର୍ମିଣୀ ନମିତା ମାଝି କର୍ତ୍ତା କାର୍ଯ୍ୟ ତୁଲାଇ ଥିଲେ।

● ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଜୋତା ଫିଙ୍ଗିବା ଘଟଣା

## ଓକିଲ ସଂଘ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଭବାନୀପାଟଣା,୧୦ ।୧୦(ସମିସ): ଦେଶର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ବି.ଆର ଗଭାଇଙ୍କୁ କୋର୍ଟରୁମ ଭିତରେ ଜୋତା ଫିଙ୍ଗି ଆକ୍ରମଣ ଘଟଣାକୁ ନେଇ ସାରା ଦେଶରେ ବିରୋଧାଭାସ ଦେଖିବାକୁ ମିଳିଛି। ଦେଶର ବିଭିନ୍ନ ରାଜନୈତିକ ଓ ସାମାଜିକ ସଂଗଠନ ପକ୍ଷରୁ ଏହାକୁ ନେଇ ଜୋରଦାର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରଧାନ ବିଚାରପତି ଜଣେ ଦଳିତ ସମ୍ପ୍ରଦାୟର ହୋଇଥିବାବେଳେ ତାଙ୍କୁ ଆକ୍ରୋଶମୂଳକ ଭାବେ ଆକ୍ରମଣ କରିଥିବା ଆଇନଜୀବୀ ରାକେଶ କିଶୋରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଜୋର ଧରିଛି। ସମ୍ବିଧାନର ସର୍ବୋଚ୍ଚ ସୁରକ୍ଷାଦାତା ଅର୍ଥାତ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କ ଉପରେ ଆକ୍ରମଣ ସମଗ୍ର ଦେଶର ବହୁଜନ ସମାଜ ଉପରେ ଆକ୍ରମଣ ବୋଲି ଦର୍ଶାଇବା ସହିତ ଅଭିଯୁକ୍ତ ଆଇନଜୀବୀ ତଥା ତାଙ୍କ ପୂର୍ବରୁ କଥାବାଚକ ଅନିରୁଦ୍ଧଚାର୍ଯ୍ୟ ତାଙ୍କୁ ଖୋଲାଖୋଲି ଧମକ ଦେବା ଘଟଣାରେ କେନ୍ଦ୍ର ଗୃହ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛି ଅନୁସୂଚିତ ଜାତି ଓ ଜନଜାତି ଆଇନଜୀବୀ ସଂଘ। ଶୁକ୍ରବାର କଳାହାଣ୍ଡି ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ଆଇନଜୀବୀ ସଂଘ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ବୈତୁରା ଦୀପଙ୍କୁ ସାକ୍ଷାତ କରି ତାଙ୍କ ଜରିଆରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘ ପକ୍ଷରୁ ଧର୍ମେନ୍ଦ୍ର ନାଏକ,ସୀମାଞ୍ଚଳ ନାଏକ, ଦିଗାମ୍ବର ଦୁରିଆ, ବିନୋଦ କୁମାର ନାୟକ, ଛବିଲାଲ ନିଆଲ, ମଣ୍ଟୁ ନାଏକ, ମନୋଜ କୁମାର ନାଏକ, ବିମ୍ବାଧର ନାଏକ, ଗଣପତି ନାଏକ, ଗୌରଚନ୍ଦ୍ର ନାଏକ, ସଚ୍ଚିଦାନନ୍ଦ ମହାକୁଡ଼, ଯୁଧିଷ୍ଠିର ବାଗ, ଗୋରେଖ ନାଏକଙ୍କ ସମେତ ଲିଙ୍ଗରାଜ ଆଜାଦ, ଯତୀନ୍ଦ୍ର କର, ଢଗ ନାଏକ, କୀର୍ତ୍ତନ ନାଏକ ଯାଦବ, ସୁଶାନ୍ତ ଜାଲ, ଦୁର୍ଯ୍ୟୋଧନ ଠାକୁର, ଦିଗାମ୍ବର ଲୁହା, କ୍ଷୀରସିନ୍ଧୁ ନାଏକ, ସଚ୍ଚିକାନ୍ତ ବାଗ, ଉଦିଆ ସୁନା, ଜୟଦ୍ରଥ ମହାନନ୍ଦ, ଅନନ୍ତ ସୁନାନୀ, ସୁଶାନ୍ତ ଜାଲ, ମୂରଲୀ ନାଏକ, ଅଭିମନ୍ୟୁ ସାଗର, ପ୍ରଦୀପ ନାଏକ, ଲୋକନାଥ ନାଏକ ଏବଂ ଜିଲ୍ଲାର ବିଭିନ୍ନ ସାମାଜିକ ଓ ଗଣ ସଂଗଠନର କର୍ମକର୍ତ୍ତା ସାମିଲ ଥିଲେ।

## କର୍କଟରୋଗୀଙ୍କୁ ଆର୍ଥିକ ସହାୟତା

ଧର୍ମଗଡ଼,୧୦ ।୧୦(ସମିସ): ଧର୍ମଗଡ ବିଜ୍ଞାପିତ ଅଞ୍ଚଳ ପରିଷଦର ବାସିନ୍ଦା ହରିହର ନାଏକ ଦୀର୍ଘ ଦିନ ହେବ କର୍କଟ ରୋଗରେ ପୀଡିତ ଥିବାରୁ ତାଙ୍କ ଚିକିତ୍ସା ନିମନ୍ତେ ଅର୍ଥ ବାଧକ ହେବାରୁ ସେ ଚିକିତ୍ସା ଠିକ ଭାବରେ କରିପାରୁନ ଥିଲେ। ଫଳରେ ସେ ମାନସିକ ଚିନ୍ତାରେ ଥିଲେ। ତାଙ୍କର କର୍କଟ ରୋଗର ଚିକିତ୍ସା ପାଇଁ ପଣ୍ଡରା ମାଳି ସମାଜ ସେବାସଂଘ ଓ ପଣ୍ଡରା ମାଳି



ଯୁବ ବାହିନୀ କଳାହାଣ୍ଡି ତରଫରୁ ଦଶ ହଜାର ଟଙ୍କା ଆର୍ଥିକ ସହଯୋଗ ଦିଆଯାଇଛି।କୁଳପତି ପ୍ରକାଶ ଚନ୍ଦ୍ର ନାଏକ ଓ ଆଇନ ପରାମର୍ଶଦାତା ଦୁର୍ଗା ପ୍ରସାଦ ନାଏକଙ୍କ ନିର୍ଦ୍ଦେଶକ୍ରମେ ଯୁବ ବାହିନୀ ସଭାପତି ଭବାନୀ ଶଙ୍କର ବଣିଆ,ଧର୍ମଗଡ ଏନ୍ଏସି ଯୁବ ବାହିନୀ ସଭାପତି ସୌମ୍ୟ ରଞ୍ଜନ ନାଏକ,ସମାଜର ବରିଷ୍ଠ ସମାଜ ସେବୀ ରାଜେନ୍ଦ୍ର ଭୋଇ,ସୁରେନ୍ଦ୍ର ନାଏକଙ୍କ ଉପସ୍ଥିତରେ ଆର୍ଥିକ ରାଶି ପ୍ରଦାନ କରାଯାଇଛି।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

କେସିଙ୍ଗା,୧୦ ।୧୦(ସମିସ):ଏସବିଆଇ ଏବଂ ରାମକି ଫାଉଣ୍ଡେସନର ମିଳିତ ସହଯୋଗରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଏହି ସଂସ୍ଥା ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ଓ ପରିବେଶ ସଚେତନତା କରି ଆସୁଛି। ଶୁକ୍ରବାର ନାଗଝୁରି ସ୍ଥିତ ଅଙ୍ଗନବାଡି କେନ୍ଦ୍ରରେ ଅଙ୍ଗନବାଡି କର୍ମୀ ଏବଂ ଆଶା ଦିଦି ଟିଲୋତମା ଜାନିଙ୍କ ଉପସ୍ଥିତିରେ ରାମକି ଫାଉଣ୍ଡେସନର ଡାକ୍ତର ବିମଳ ଚରଣ ଷଡଙ୍ଗୀ ଭେଷଜ ବିତରକ ଜ୍ୟୋତ୍ସ୍ନାମୟୀ ବେହେରା ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ର ଉପାଦାୟତା ଉପରେ ଲୋକଙ୍କୁ ଜାଗୃତ କରାଯାଇଥିଲା। ବିଶେଷ କରି ବାପା ଏବଂ ମାଁମାନେ ନିଜ ଶିଶୁଙ୍କୁ ମାନସିକ ସ୍ୱାସ୍ଥ୍ୟ ଉପରେ କେମିତି ଧ୍ୟାନ ରଖିବେ ବୁଝା ଯାଇଥିଲା।କାର୍ଯ୍ୟକ୍ରମ ଗ୍ରାମର ଅନେକ ଲୋକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କଳାହାଣ୍ଡି ପିସି, ଷ୍ଟାଫ ନର୍ସ ପଙ୍କଜିନି ରଣା, ଏଲଟି ନିତୁ ନାୟକ ପାଇଲଟ ନିରଞ୍ଜନ ହାତୀ ପ୍ରମୁଖ ଉପସ୍ଥିତ ଥିଲେ।ଏସ୍‌ବିଆଇ ଫାଉଣ୍ଡେସନ ଏବଂ ରାମକି ଫାଉଣ୍ଡେସନ ତରଫରୁ ସମାଜକୁ ସୁସ୍ଥ ରଖିବା ସହିତ ପରିବେଶକୁ ମଧ୍ୟ ସଫା ସୁତୁରା ରଖିବା ପାଇଁ ନିରନ୍ତର ଉଦ୍ୟମ କଳାହାଣ୍ଡି ଜିଲ୍ଲାରେ ଜାରି ରଖିଛି।

## ତ୍ରିଶକ୍ତି ଆଞ୍ଚଳିକ ଯାଦବ ସମିତିର ବନ୍ଧୁମିଳନ

ଗୋଲାମୁଣ୍ଡା,୧୦ ।୧୦(ସମିସ):କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଚହକାଗ୍ରାମରେ ବଡଚେରଗାଁ,ଉଚ୍ଛଲା ଓ ଚହକା ପଞ୍ଚାୟତକୁ ନେଇ ଗଠିତ ତ୍ରିଶକ୍ତି ଆଞ୍ଚଳିକ ଯାଦବ ସମିତିର ବନ୍ଧୁମିଳନ କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଯାଇଅଛି।ତ୍ରିଶକ୍ତି ଆଞ୍ଚଳିକ ଯାଦବ ସମିତିର ସଭାପତି ରେବା କଟାଙ୍କ ସଭାପତିତ୍ୱରେ ବନ୍ଧୁମିଳନ କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଥିଲା।କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ଯାଦବ ସମାଜର ଉପସଭାପତି ଅରୁପା ନାଗ ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଗିରିଧାରୀ ତେଜୀ ଗୋଲାମୁଣ୍ଡା ବ୍ଲକ୍ ଯାଦବ ସମାଜ ସଭାପତି,ଧର୍ମଗଡ ବ୍ଲକ୍ ସଭାପତି ଶଙ୍କର ଜୋଏଡ, ଜୁନାଗଡ଼ ବ୍ଲକ୍ ସଭାପତି ଗୌରହରି ବାଗ, ଭବାନୀପାଟଣା ବ୍ଲକ୍ ସଭାପତି ଲିଙ୍ଗରାଜ ଗହିର,ଜୋନାଲ ସଭାପତି ଦିନରାମ କେତକୀ,ତିଲେଶ୍ୱର ଘି,ଟଙ୍କଧର ବାଗ,ଗୋଲାମୁଣ୍ଡା ବ୍ଲକ୍ ଯୁଗ୍ମ ସଂପାଦକ ସଦାଶିବ ବେମାଲ,ଚହକା ଆଞ୍ଚଳିକ ସଂପାଦକ ଦେବାର୍ଚ୍ଚନ ଚଣ୍ଡୀ, ବଡଚେରଗାଁ ସଭାପତି ବରୁଣ ବେମାଲ,ମୁଖ୍ୟବକ୍ତା କମଳିନୀ ଯାଦବ,ସମାଜବାଦୀ ପାର୍ଟି କଳାହାଣ୍ଡି ଜିଲ୍ଲା ସଭାପତି ଜଗଦୀଶ ଯାଦବ, ସାମ୍ବାଦିକ ବ୍ରହ୍ମା ପ୍ରସାଦ କାଣ୍ଡ.ସମାଜସେବୀ ରାଜେଶ ବଗର୍ତ୍ତି ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରଥମେ ଯଦୁକୂଳ ଶିରୋମଣି ଶ୍ରୀ କୃଷ୍ଣଙ୍କ ଫଟୋ ଚିତ୍ରକୁ ପୂଜାର୍ଚ୍ଚନା କରି ସଭା ଆରମ୍ଭ ହୋଇଥିଲା।କାର୍ଯ୍ୟକ୍ରମକୁ ଗୋଲାମୁଣ୍ଡା ବ୍ଲକ ଯାଦବ ସମିତି ର ସଂପାଦକ ପରୀକ୍ଷିତ ଖର୍ସେଲ ଓ ତ୍ରିଶକ୍ତି ଆଞ୍ଚଳିକ ଯାଦବ ସମିତିର ସଂପାଦକ ଶ୍ୱେତାମ୍ବର ବାଗ ସଭା ପରିଚାଳନା କରିଥିଲାବେଳେ ସମସ୍ତ ଅତିଥି ଅଧିକାରୀ ଯାଦବ ସମାଜ ରେ ଥିବା କୁସଂସ୍କାର ଦୂର କରି ସମାଜକୁ ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ ଅଭିଭାଷଣ ପ୍ରଦାନ କରିଥିଲେ।

# ସରିଆଁ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ଭବାନୀପାଟଣା,୧୦ ।୧୦(ସମିସ):କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ସରିଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସରିଆଁ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ,ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏମ୍ ପୋଷଣ ଚିତ୍ରକଳା ଓ ଶିଳ୍ପକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସରିଆଁର ପ୍ରଧାନଶିକ୍ଷକ ସାଧୁରାମ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟଅତିଥି ଭାବେ ନର୍ଲା ବରିଷ୍ଠ ବିଇଓ ତପିମଣି ଜାନୀ, ସମ୍ମାନିତ ଅତିଥି ଭାବେ ଏବିଇଓ ତଥା ବିଆରସିସି ଗୋବର୍ଦ୍ଧନ ମାଝୀ,ଏବିଇଓ ସୁଢଳଦେବ ମୁଣ୍ଡ,ଏବିଇଓ ସୂର୍ଯ୍ୟଦେବ ବାଗ, ସରିଆଁ ସମିତି ସଭ୍ୟ ଭାସ୍କର ଭୋଇ, ନର୍ଲା ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସଂପାଦକ ଅମିତ ଶର୍ମା, ସରିଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଟଙ୍କଧର ସାହା, ଚିଆଁପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ୍ତ ସେଠୀ, ସିଆରସିସି ଜିତେନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଶିକ୍ଷକ ସୁଧୀର ଧଙ୍ଗଡ଼ାମାଝୀ ମଞ୍ଚ ପରିଚାଳନା କରିଥିଲେ। ସିଆରସିସି ଜିତେନ୍ଦ୍ର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ବାସୁଦେବ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଗୋକୁଳ ସାହୁ,ଭଗବାନ ମାଝୀ, ଶୁକଦେବ ସାହା, ଦେବରାଜ ପ୍ରଧାନ, ଲକ୍ଷ୍ମୀଧର ସାହୁ, ଚନ୍ଦ୍ରମଣି ନାଗ, ଲମ୍ବୋଦର ବେହେରା, କୃତାଞ୍ଜଳ ସାହୁ,ଗଙ୍ଗାନାରାୟଣ ଦାଶ,ଜଗନ୍ନାଥ ମୁର୍ମୁ, ହେମନ୍ତ ସାହୁ, କିଶୋର ତ୍ରିପାଠୀ,ବଳଭଦ୍ର ହରିଜନଙ୍କ ସମେତ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଦଶରା ଯାତ୍ରା ପାଇଁ ଚଳଚଞ୍ଚଳ ଆମପାଣି



### ଆଜି ଭକ୍ତଙ୍କୁ ଦର୍ଶନ ଦେବେ ବୁଢ଼ାରଜା ଦେବ

କୋକସରା,୧୦ ।୧୦(ସମିସ):ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତିକ ଆମପାଣି ବୁଢ଼ାରଜା ଦେବଙ୍କ ବାର୍ଷିକ ଦଶରା ଯାତ୍ରା ଆଜି ପାଳିତ ହେବ। ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍‌ର ଆମପାଣି ଅଞ୍ଚଳ। ଯାତ୍ରାରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ। ଅଭିଚାର ତନ୍ତ୍ର ଧାରାର ଏକ ବଳିଷ୍ଠ ଦେବାତା ହେଉଛନ୍ତି ପ୍ରଭୁ ବୁଢ଼ାରଜା। ସମସ୍ତ ଦେବାଦେବୀ ମାନଙ୍କ ମାମୁଁ ରୂପରେ ସୁପରିଚିତ କଳାହାଣ୍ଡିର ଆରାଧ୍ୟ ଦେବତା ପ୍ରଭୁ ବୁଢ଼ାରଜାଙ୍କ ବାର୍ଷିକ ଦଶରା ପର୍ବ ଶୁକ୍ରବାର ପାଳିତ ହେଉଛି। ଚଳିତ ବର୍ଷ ପ୍ରଭୁ ବୁଢ଼ାରଜାଙ୍କ ଦଶରା ପାଇଁ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି।ଦଶରା ଯାତ୍ରାର ଲାଠିଯାତ୍ରା ଓ ଲାଖବିନ୍ଧା କାର୍ଯ୍ୟକ୍ରମରେ ଲକ୍ଷାଧିକ ଲୋକଙ୍କ ସମାଗମ ହେବା ନେଇ ଆକଳନ କରାଯାଉଛି। କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ସୀମାନ୍ତ ଆମପାଣି ଘାଟି ମୁଣ୍ଡରେ କେଉଁ ଏକ ଆବାହମାନ କାଳରୁ ପ୍ରଭୁ ବୁଢ଼ାରଜା ଦେବ ପୂଜା ପାଇଁ ଆସୁଛନ୍ତି। ଏହି ରାସ୍ତାଦେଇ ଘାଟି ଚଢ଼ିବା ଆଗରୁ ବୁଢ଼ାରଜା ଦେବଙ୍କ ଠାରେ ଯାତ୍ରାର ଶୁଭମନାସି ମୁଣ୍ଡିଆ ମାରି ଯିବା ପରମ୍ପରା ରହିଛି। କୁହାଯାଏ' ବର୍ତ୍ତମାନର ବୁଢ଼ାରଜାଙ୍କ ପୀଠ ନିକଟରେ ପୂର୍ବରୁ ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ରହିଥିଲା। ସେହି ସମୟରେ ସ୍ଥାନୀୟ ଜଣେ ଆଦିବାସୀ ଯୁବକ ପ୍ରତ୍ୟେକ ଦିନ ଗାଈ ଗୋଠ କରୁଥିଲେ। ତେବେ ସେଠାକାର ଏକ ନିର୍ଦ୍ଦିଷ୍ଟ ସ୍ଥାନ ସବୁବେଳେ ସଫା ରହୁଥିବା ବେଳେ ଦିନେ ହଠାତ୍ ପଥରର ଲିଙ୍ଗ ଆବିର୍ଭାବ ହେଇଥିଲା। ଗୋବର ସଂଗ୍ରହକାରୀ ସବୁବେଳେ ଏହି ପଥରକୁ ଫୋପାଡିଦେଉଥିଲେ। ହେଲେ ବାରମ୍ବାର କିନ୍ତୁ ସ୍ୱପ୍ନାଦେଶ ଯୋଗୁଁ ଦେବତାଙ୍କ ଆବିର୍ଭାବ ଜାଣି ଆଦିବାସୀମାନେ ପୂଜା କରିବା ଆରମ୍ଭ କରିଥିବା ଜନଶ୍ରୁତିରୁ ଜଣାପଡେ। ଆବାହମାନ କାଳରୁ ବୁଢ଼ାରଜା ଦେବ ଏଠାରେ ପ୍ରତ୍ୟହ ପୂଜିତ ହେଉଥିବାବେଳେ ମଙ୍ଗଳବାର ଓ ଶନିବାର ଦୁଇଦିନ ଏଠାରେ ବିଦ୍ଧିବଦ୍ଧ ଭାବେ ପୂଜା କରାଯାଇଥାଏ। ପ୍ରତିବର୍ଷ କୁମାର ପୂର୍ଣ୍ଣିମା ଶେଷ ହେବାପରେ ପ୍ରଥମ ଶନିବାର ଦିନ ବୁଢାରଜା ଦେବଙ୍କ ବାର୍ଷିକ "ଦଶରା' ଯାତ୍ରା ପାଳନ କରାଯାଇଥାଏ। ଚଳିତ ବର୍ଷ ଦଶରା ପ୍ରାରମ୍ଭ ହେବା ସପ୍ତାହେ ଆଗରୁ ଗତ ୨ ତାରିଖ ଖଣ୍ଡବସା କାର୍ଯ୍ୟ ସମାପନ ହୋଇଛି। ୧୦ ତାରିଖ ଦିନ ଅପରାହ୍ନରେ ଲାଠି ପୂଜୋନତ୍ସବ ଓ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିଲା। ୧୧ ତାରିଖ ଶନିବାର ଦିନ ଦଶରା ମହୋତ୍ସବ ପାଳନ ହେବ। ସକାଳ ୭ ଘଣ୍ଟାରୁ ପୂଜା ଆରମ୍ଭ ହେବାକୁ ଥିବାବେଳେ ପୂର୍ବାହ୍ନ ୧୦ଟାରେ ଲାଠିଯାତ୍ରା, ଅପରାହ୍ନ ୩ଟାରେ ଲାଖବିନ୍ଧା କାର୍ଯ୍ୟକ୍ରମ ଓ ସନ୍ଧ୍ୟା ୭ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରାତିରେ ନାଟକ ଓ ଘୁମୁରା ପ୍ରତିଯୋଗିତା ହେବାକୁ ସ୍ଥିରୀକୃତ ହେଇଛି। ଆମପାଣି ବୁଢ଼ାରଜା ପୀଠର ଆଖପାଖ ଗାଁ, ଜିଲ୍ଲା ତଥା ରାଜ୍ୟ ବହାରରୁ ଆସି ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥାନ୍ତି ଦର୍ଶନ ଓ ଶ୍ରଦ୍ଧାଳୁ ବୃନ୍ଦ। ଶାନ୍ତି ଶୃଙ୍ଖଳା ଓ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

## ବେଆଇନ ମଦକୋଠିରୁ ୨ ଗିରଫ

ଧର୍ମଗଡ଼,୧୦ ।୧୦(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ ଥାନା ବଡ଼ଫୁର୍ଲା ଓ ବାଗବାହିଲିରେ ଖୁଲମଖୁଲା ଦେଶୀ ମଦ କାରବାର ଚାଲୁଥିବା ବେଳେ ଶୁକ୍ରବାର ଅବକାରୀ ବିଭାଗ ଚଢ଼ାଉ କରିଛି।ଚଢ଼ାଉ ସମୟରେ ଉଭୟ ସ୍ଥାନରୁ ମୋଟ ୧୯.୬ ଲିଟର ଭାଟି ମଦ ଜବତ କରିଛି ଅବକାରୀ ବିଭାଗ।ବେଆଇନ ଭାବରେ ମଦ ବିକ୍ରି କରୁଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରି ଅବକାରୀ ଥାନା କେଶ ନମ୍ବର ୧୨୧ ଓ ୧୨୨ରେ ମାମଲା ରୁଜୁ କରି ଲକ୍ଷ୍ମୀକାନ୍ତ ଶବର ଓ ଭଗବାନ ବିଶ୍ୱାଳକୁ କୋର୍ଟ ଚାଲାଣ କରିଥିବା ଅବକାରୀ ଥାନା ଏସ୍‌ଆଇ ପ୍ରତିମା ବେହେରା ସୂଚନା ଦେଇଛନ୍ତି।



ସକାଳ THE SAKALA



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମାରିଆ ମାଚାଡ଼ୋଙ୍କୁ...

୨୦ ବର୍ଷଧରି ନିରବଚ୍ଛିନ୍ନ ଭାବେ ପ୍ରୟାସ କରିଆସୁଥିବା ମାରିଆଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ନୋବେଲ ଶାନ୍ତି ପୁରସ୍କାର ପାଇବେ ବୋଲି ସ୍ୱିଡିଶ ଏକାଡେମୀ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ମାରିଆ ପ୍ରତିଷ୍ଠା କରିଥିବା 'ସୁମାତେ' ନାମକ ଏନ୍‌ଜିଓ ଦେଶରେ ଏକଛତ୍ରବାଦ ଶାସନ ବିରୋଧରେ ଏବଂ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ କାର୍ଯ୍ୟ କରିଆସୁଛି। ଏହି ସଂସ୍ଥା ଦେଶରେ ମୁକ୍ତ ତଥା ନିରପେକ୍ଷ ନିର୍ବାଚନ ପାଇଁ ଦାବି କରିଆସୁଛି।

ମାରିଆଙ୍କୁ ପୁରସ୍କାର ବାବଦରେ ୧୧ ମିଲିଅନ ସ୍ୱିଡିଶ କ୍ରୋନର ଅର୍ଥାତ ୧୦.୩ କୋଟି ଟଙ୍କା, ଏକ ସ୍ୱର୍ଣ୍ଣ ପଦକ ଓ ପ୍ରମାଣପତ୍ର ମିଳିବ। ଡିସେମ୍ବର ୧୦ରେ ନରୱେର ରାଜଧାନୀ ଓସଲୋରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ୧୯୬୭ ଅକ୍ଟୋବର ୭ରେ ଭେନେଜୁଏଲାର କାରାକାସ୍‌ରେ ଜନ୍ମଗ୍ରହଣ କରିଥିବା ମାରିଆ ରାଜନୀତିକୁ ଆସିବା ପୂର୍ବରୁ ଜଣେ ଇଣ୍ଡଷ୍ଟ୍ରିଆଲ ଇଞ୍ଜିନିୟର ଭାବେ ବେଶ୍ ସଫଳତା ହାସଲ କରିଥିଲେ। ୨୦୨୫ରେ ପ୍ରକାଶିତ ସବୁଠାରୁ ପ୍ରଭାବଶାଳୀ ତାଲିକାରେ ମାରିଆଙ୍କୁ ସାମିଲ କରାଯାଇଥିଲା। ୨୦୧୧ରୁ ୨୦୧୪ ମଧ୍ୟରେ ସେ ଭେନେଜୁଏଲାର ରାଷ୍ଟ୍ରୀୟ ସଭାକୁ ନିର୍ବାଚିତ ହୋଇଥିଲେ। ପୂର୍ବରୁ ମଧ୍ୟ ସେ ଏକାଧିକ ଅନ୍ତର୍ଜାତୀୟ ପୁରସ୍କାର ପାଇଛନ୍ତି। ୨୦୨୪ରେ ୟୁରୋପୀୟ ସଂଘର ସାଖାରୋଭ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା। ଏହା ୟୁରୋପୀୟ ସଂଘ ତାଙ୍କୁ ସର୍ବୋଚ୍ଚ ମାନବାଧୀକାର ପୁରସ୍କାର ଦେଇଥିଲା। ୨୦୨୪ରେ ସେ ଭେନଜୁଏଲାରେ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲେ। ସେ ଏବଂ ତାଙ୍କ ପାର୍ଟି ବିଜୟୀ ହୋଇଥିଲେ ମଧ୍ୟ ତାଙ୍କୁ ଶାସନରୁ ଦୂରେଇ ରଖାଯାଇଥିଲା।

ଶୁଳ୍କ ଯୁଦ୍ଧ ଆରମ୍ଭ କରି ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତିଙ୍କୁ ନିରାଶ ହେବାକୁ ପଡ଼ିଛି। ପାକିସ୍ତାନ, ତୁର୍କୀ, ଇସ୍ରାଏଲ, କାମ୍ବୋଡିଆ, ଥାଇଲାଣ୍ଡ, ରାୱାଣ୍ଡା, କଙ୍ଗୋ, ଆର୍ମେନିଆ, ଆଜରବୈଜାନ ଏବଂ ଶେଷରେ ରୁଷ୍‌ର ସମର୍ଥନ ସତ୍ତ୍ୱେ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିପାରି ନାହିଁ। ଏହି ପୁରସ୍କାର ପାଇବା ପାଇଁ ଦୀର୍ଘ ଦିନ ହେଲା ଟ୍ରମ୍ପ କରିଥିବା ପ୍ରଚାରପ୍ରସାର ବ୍ୟର୍ଥ ହୋଇଯାଇଛି। ୮ଟି ଯୁଦ୍ଧ ବନ୍ଦ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଓ ସ୍ଥିରତା ଦାବି ସହିତ ସ୍ୱିଡେନ ଅର୍ଥମନ୍ତ୍ରୀଙ୍କୁ ଫୋନ କରିବା ପରେ ବି ଚଳିତ ବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ଟ୍ରମ୍ପ ଅଯୋଗ୍ୟ ହୋଇଛନ୍ତି।

ହ୍ୱାଇଟ୍ ହାଉସ୍ ପକ୍ଷରୁ ଅସନ୍ତୋଷ ଜାହିର କରି କୁହାଯାଇଛି ଯେ, ପୁରସ୍କାର ଚୟନ କମିଟି ଶାନ୍ତି ଅପେକ୍ଷା ରାଜନୀତିକୁ ଅଗ୍ରାଧିକାର ଦେଉଥିବା ପୁଣି ଥରେ ପ୍ରମାଣିତ ହୋଇଛି। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନେଇ ଟ୍ରମ୍ପ କରୁଥିବା ନିରନ୍ତର ପ୍ରୟାସକୁ ଚୟନ କମିଟି ଅଣଦେଖା କରିଛି। ଏହା ସତ୍ତ୍ୱେ ରାଷ୍ଟ୍ରପତି ଶାନ୍ତି ପାଇଁ ତାଙ୍କ ପ୍ରୟାସ ଜାରି ରଖିବା ସହ ବିଭିନ୍ନ ଦେଶ ମଧ୍ୟରେ ଯୁଦ୍ଧ ସମାପ୍ତ କରାଇବେ ଏବଂ ଜୀବନ ବଞ୍ଚାଇବା ଦିଗରେ କାର୍ଯ୍ୟ ଜାରି ରଖିବେ।

## ପୂର୍ବତନ ଜେଲ୍...

ରେଟ୍ ଛିଡ଼ିଥିବା ଓ ପ୍ରାୟ ୫ରୁ ୧୦ ଲକ୍ଷ ଟଙ୍କା ଅଗ୍ରୀମ ନିଆଯାଇଥିବା କୁହାଯାଉଛି। ସେହିପରି ଜେଲ୍ ବିଭାଗ ଡ଼ିଜି ସମ୍ପ୍ରତି ଓପିଆର୍‌ବି ଅଧ୍ୟକ୍ଷ ଥିବାରୁ ଏହି ଘଟଣାରେ ଜେଲ୍ ବିଭାଗର ଅବସରପ୍ରାପ୍ତ ଡ଼ିଆଇଜି କୁଳମଣି ବେହେରାଙ୍କ ଭୂମିକା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ତେଣୁ କ୍ରାଇମବ୍ରାଞ୍ଚ ଆଜି ତାଙ୍କୁ ଜେରା କରିଥିବା କୁହାଯାଉଛି।

ଅନ୍ୟପକ୍ଷରେ ଏହି ସମଗ୍ର ଘଟଣାରେ ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ଼ (ଓପିଆର୍‌ବି) ସହ ନିଯୁକ୍ତି ପରୀକ୍ଷା ଟେଣ୍ଡର ପାଇଥିବା ଆଇଟିଆଇ ଲିମିଟେଡ୍ ଅନୁରୂପ ଦାୟୀ ବୋଲି ଅଭିଯୋଗ ହୋଇଛି । ଓପିଆରବି ସହ ଆଇଟିଆଇ କରିଥିବା ବୁଝାମଣା ଅନୁସାରେ ସମ୍ପୃକ୍ତ ସଂସ୍ଥା କେବଳ ପରୀକ୍ଷା ପରିଚାଳନା ନିମନ୍ତେ ଅନ୍ୟ ସଂସ୍ଥାଠାରୁ ମାନବସମ୍ବଳ ସହଯୋଗ ନେବା ବ୍ୟବସ୍ଥା ରହିଥିଲା । ମାତ୍ର ପରୀକ୍ଷା ପରିଚାଳନାରେ ସହଯୋଗ ନେବା ପରିବର୍ତ୍ତେ ଆଇଟିଆଇ ଲିଃ ପୁରା ବ୍ୟବସ୍ଥାକୁ ସିଲିକନ୍ ଟେକ୍‌ଲାବ୍‌କୁ ପ୍ରଦାନ କରିଥିଲା। ଅର୍ଥାତ୍ ପରୀକ୍ଷା ନିମନ୍ତେ ପ୍ରଶ୍ନପତ୍ର ପ୍ରସ୍ତୁତି, ଏହାକୁ ଛାପିବା, ଲିଖିତ ପରୀକ୍ଷା ପରିଚାଳନା କରିବା ସମସ୍ତ ଦାୟିତ୍ୱ ସିଲିକନ୍ ନେଇଥିଲା। କୌତୂହଳର କଥା ହେଉଛି ସିଲିକନ୍ ଟେକଲାବ୍ ନିଜେ ପରୀକ୍ଷା ପରିଚାଳନା କରିବା ପରିବର୍ତ୍ତେ ଏହାକୁ ଅନ୍ୟଏକ ଅଖ୍ୟାତ ସଂସ୍ଥା ପଞ୍ଚସଫ୍ଟକୁ ପ୍ରଦାନ କରିଥିଲା। ଦୁଇଟି ପର୍ଯ୍ୟାୟରେ ଦୁଇଟି ସବ୍‌ଲେଟ୍ ଏସ୍‌ଆଇ ପରୀକ୍ଷାରେ ଦୁର୍ନୀତି ପାଇଁ ବାଟ ଖୋଲି ଦେଇଥିଲା । ଅନୁରୂପ ଟେଣ୍ଡରରେ ରହିଥିବା ଅନ୍ୟଏକ ସର୍ତ୍ତ ଅନୁସାରେ ଆଇଟିଆଇ ପରୀକ୍ଷା ପରିଚାଳନା ନିମନ୍ତେ ଯେଉଁ ସଂସ୍ଥାଠାରୁ ମାନବସମ୍ବଳ ସହଯୋଗ ନେବ, ସେହି ସଂସ୍ଥା ସମ୍ପର୍କରେ ପୁରା ବିବରଣୀ ଓପିଆର୍‌ବିକୁ ଆଗୁଆ ଦେବା କଥା। ମାତ୍ର ତାହା କରାଯାଇ ନ ଥିବା ଯୋଗୁଁ ଆଇଟିଆଇକୁ ଓପିଆର୍‌ବି ପକ୍ଷରୁ ନୋଟିସ ଜାରି କରାଯାଇଥିବା କୁହାଯାଉଛି।

କୌତୂହଳର କଥା ହେଉଛି ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ଼ ଏସ୍‌ଆଇ ପରୀକ୍ଷା ସମ୍ପର୍କରେ ଏବେ ଦେଖାଉଥିବା ଅଜ୍ଞତା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ଦାୟିତ୍ୱ ପାଇଥିବା ସଂସ୍ଥା ଆଇଟିଆଇ ଲିମିଟେଡ୍ ପରୀକ୍ଷା ପରିଚାଳନା କରୁ ନ ଥିବା ଓ ଏହାକୁ ଅନ୍ୟ ସଂସ୍ଥାକୁ ସବ୍‌ଲେଟ କରାଯାଇଥିବା ସଂକ୍ରାନ୍ତରେ ଓପିଆର୍‌ବିର ସମସ୍ତ ଅଧିକାରୀ ଅବଗତ ଥିଲେ । ଏପରିକି ଓପିଆରବି ସହ ଜଡ଼ିତ ଅନେକ ଅଧିକାରୀ ନିୟମିତ ଭାବରେ ସିଲିକନ୍ ଟେକ୍‌ଲାବ ଓ ପଞ୍ଚସଫ୍ଟ ଅଫିସକୁ ଯାତାୟତ କରିବା ଏହି ସନ୍ଦେହକୁ ଦୃଢ଼ୀଭୂତ କରିଛି । ଅନୁରୂପ ଭାବରେ ସିଲିକନ କର୍ତ୍ତୃପକ୍ଷଙ୍କ ସହ ରାଜ୍ୟ ପ୍ରଶାସନର ଅନେକ ବଡ଼ ଅଧିକାରୀଙ୍କ ସମ୍ପର୍କ ଏବଂ ପଞ୍ଚ ସଫ୍ଟ ମୁଖ୍ୟ କୁହାଯାଉଥିବା ଶଙ୍କର ପୃଷ୍ଟି, ତାର ସହଯୋଗୀ ମୁନ୍ନା ମହାନ୍ତି ସହ ଶାସକ ଦଳର ବହୁ ନେତାଙ୍କ ଘନିଷ୍ଠତାର ପ୍ରମାଣ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି । ଏହି ପରିପ୍ରେକ୍ଷୀରେ ଓପିଆର୍‌ବି ନିଜ ମୁଣ୍ଡରୁ ଅଠା ଛଡ଼ାଇବାକୁ ଯେପରି ବ୍ୟାକୁଳ, ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚ ମଧ୍ୟ ଓପିଆରବି ଓ ଶଙ୍କର ପୃଷ୍ଟି ସହ ଜଡ଼ିତ ଶାସକ ଦଳ ନେତାଙ୍କୁ ସୁରକ୍ଷା ଦେବାକୁ ବ୍ୟସ୍ତ ।

ମାତ୍ର ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଓଡ଼ିଶାରେ ଏସ୍‌ଆଇ ଚାକିରି ବିକ୍ରି କେବଳ ରାଜ୍ୟ ପ୍ରସଙ୍ଗ ହୋଇନାହିଁ । ଏହାର ଚେର ଅନ୍ୟ ରାଜ୍ୟକୁ ବି ବ୍ୟାପିଥିବା ସୂଚନା ମିଳିଛି । ଶଙ୍କର ପୃଷ୍ଟିର ମହାରାଷ୍ଟ୍ର ସମ୍ପର୍କ ଜଣାପଡ଼ିବା ପରେ ଶାସକ ଦଳର କିଛି ନେତାଙ୍କ ପାଇଁ ଏହା ଅଡୁଆ ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି ।

ଅନ୍ୟପକ୍ଷରେ ପୁଲିସ୍ ଏସ୍‌ଆଇ କେଲେଙ୍କାରୀ ମାମଲାରେ ଆଜି କ୍ରାଇମ୍‌ବ୍ରାଞ୍ଚ କାର୍ଯ୍ୟାଳୟରେ ହାଜର ହୋଇଛନ୍ତି ବଣିକ କୋଚିଂ ସେଣ୍ଟରଏଚ୍‌ଆର ମ୍ୟାନେଜର, ଆକାଉଣ୍ଟ ହେଡ୍ ଏବଂ ଅନ୍ୟ ଜଣେ କର୍ମଚାରୀ। କ୍ରାଇମ୍‌ବ୍ରାଞ୍ଚ ମାଗିଥିବା ଦସ୍ତାବିଜ୍ ସେମାନେ ଦାଖଲ କରିବା ସହ ତଦନ୍ତ ଅଧିକାରୀ ପଚାରିଥିବା ପ୍ରଶ୍ନର ଉତ୍ତର ରଖିଛନ୍ତି।

ଅନ୍ୟପଟରେ କ୍ରାଇମ୍‌ବ୍ରାଞ୍ଚ ନୋଟିସ ଆଧାରରେ ଆଇଟିଆଇ ଏବଂ ସିଲିକନ୍ ଟେକ୍‌ଲ୍ୟାବ୍ ଆବଶ୍ୟକ ଦସ୍ତାବିଜ ଦାଖଲ କରିଛନ୍ତି । ପଞ୍ଚସଫ୍ଟ ମୁଖ୍ୟ ଶଙ୍କରର ଘନିଷ୍ଠ କୁହାଯାଉଥିବା ମୁନ୍ନା ସହ ନିରନ୍ତର ଯୋଗାଯୋଗରେ ଥିବା ଦଶପଲ୍ଲା ଅଞ୍ଚଳର ଶ୍ରୀକାନ୍ତ ଓରଫ୍ ରିଙ୍କୁକୁ ଧରିବାକୁ କ୍ରାଇମବ୍ରାଞ୍ଚ ବିଭିନ୍ନ ସ୍ଥାନରେ ଚଢ଼ଉ କରିଛି। ଦଶପଲ୍ଲରୁ ପିଲା ଯୋଗାଡ଼ କରି ମୁନ୍ନା ନିକଟରେ ପହଞ୍ଚାଉଥିଲା ଶ୍ରୀକାନ୍ତ। ସେହି ପିଲାମାନଙ୍କ ସହ ମୁନ୍ନା ମୂଲଚାଲ ଛିଡ଼ାଉଥିଲା ଓ ସେମାନଙ୍କଠାରୁ ଟଙ୍କା ରଖୁଥିଲା ବୋଲି ସୂଚନା ମିଳିଛି । ଅନ୍ୟପକ୍ଷରେ ଶଙ୍କର ପୃଷ୍ଟି ଏବଂ ମୁନ୍ନାର ବ୍ୟାଙ୍କ୍ ଆକାଉଣ୍ଟ ଟ୍ରାଞ୍ଜାକ୍‌ସନ କ୍ରାଇମ୍‌ବ୍ରାଞ୍ଚ ହାତରେ ହସ୍ତଗତ ହୋଇଛି। ମୁନ୍ନା ଓ ଶଙ୍କର ଏକାଉଣ୍ଟକୁ ବହୁ ବ୍ୟକ୍ତି ଲକ୍ଷଲକ୍ଷ ଟଙ୍କା ପଠାଇଛନ୍ତି। ତେଣୁ ଟଙ୍କା ପଠାଇଥିବା ଲୋକମାନଙ୍କ ତଥ୍ୟ ସଂଗ୍ରହ କରି ସେମାନଙ୍କୁ କ୍ରାଇମବ୍ରାଞ୍ଚ ୨୦ ଜଣଙ୍କୁ ନୋଟିସ କରିଛି। କେଉଁ କାରଣ ପାଇଁ ସେମାନେ ଏତେ ପରିମାଣର ଟଙ୍କା ପଠାଇଛନ୍ତି, ତାହାର ଉତ୍ତର ରଖିବାକୁ ସେମାନଙ୍କୁ କୁହାଯାଇଛି। ତେବେ ବଡ଼କଥା ହେଉଛି ଟଙ୍କା ନେଣଦେଣ କରିଥିବା ଲୋକଙ୍କ ମଧ୍ୟରେ ଥିବା ୫ ପୁଲିସ ଅଧିକାରୀଙ୍କୁ ନୋଟିସ କରା ନ ଯିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

## ଦିଲ୍ଲୀରୁ ଫେରିଲେ...

ନଜର ରଖୁଥିବା ଓ ନିୟମିତ ଭାବରେ ସାମାଜିକ ଗଣମାଧ୍ୟମରେ ନିଜର ପ୍ରତିକ୍ରିୟା ଦେଉଥିବା ଦେଖା ଯାଇଥିଲା।

ସମ୍ପ୍ରତି ପୁଲିସ ଚାକିରି ବିକ୍ରି ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି । ସେହିପରି ଭସାଣି ସମୟରେ କଟକରେ ଘଟିଥିବା ଅଘଟଣ ମଧ୍ୟ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନିରନ୍ତର ଏହି ଘଟଣା ସମ୍ପର୍କରେ ଖବର ରଖୁଥିବା ଓ ପ୍ରତିକ୍ରିୟା ଦେଉଥିବା ସତ୍ତ୍ୱେ ନବୀନଙ୍କ ଓଡ଼ିଶା ପ୍ରତ୍ୟାବର୍ତ୍ତନକୁ ରାଜ୍ୟବାସୀ ଚାହିଁ ରହିଥିଲେ। ଏହା ସହିତ ଆଗକୁ ନୂଆପଡ଼ା ଉପନିର୍ବାଚନ ଥିବାରୁ ନବୀନଙ୍କ ନିଷ୍ପତ୍ତି ଉପରେ ସବୁ ଦଳର ନଜର ରହିଛି । ଯଦିଓ ନୂଆପଡ଼ା ଉପନିର୍ବାଚନ ପାଇଁ ଦଳ ପକ୍ଷରୁ ନବୀନ ବରିଷ୍ଠ ନେତାଙ୍କୁ ନେଇ ଷ୍ଟିଅରିଂ କମିଟି ଗଠନ କରିଛନ୍ତି, ତଥାପି ଦଳର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନାହିଁ । ଏହି ପରିପ୍ରେକ୍ଷୀରେ ଦିନେ ଦୁଇଦିନ ମଧ୍ୟରେ ନୂଆପଡ଼ା ଆସନ ପାଇଁ ନବୀନ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି ।

---

**ବ୍ୟାଙ୍କରୁ ଡକାୟତି ଯୋଜନା ପଣ୍ଡ**

# ପୁଲିସ ପଞ୍ଝାରେ କୁଖ୍ୟାତ 'ମହାକାଳ ଗ୍ରୁପ୍'

**୯ ଗିରଫ, ୫ ପିସ୍ତଲ ସହ ଗୁଳି ଜବତ**
**ଅପରାଧ ସାମ୍ରାଜ୍ୟ ଚଳାଉଥିଲା ବିଶ୍ୱଜିତ**
**କେନ୍ଦୁଝରରେ ଡନ୍ ହେବା ଥିଲା ଲକ୍ଷ୍ୟ**

**କେନ୍ଦୁଝର, ୧୦।୧୦(ସମିସ):** ଡକାୟତି, ହତ୍ୟା, ଖଣିଜ ପଦାର୍ଥ ଚୋରାଚାଲାଣ ଓ ଦାଦାବଟି ଆଦାୟ ଭଳି ସଙ୍ଗିନ୍ ଅପରାଧରେ ସାମିଲ ଏକ କୁଖ୍ୟାତ ଗ୍ୟାଙ୍ଗର ପର୍ଦ୍ଦାଫାସ୍ କରିଛି କେନ୍ଦୁଝର ପୁଲିସ। ଗ୍ୟାଙ୍ଗର ୯ସଦସ୍ୟଙ୍କୁ ଗିରଫ କରିବା ସହ ପୁଲିସ ସେମାନଙ୍କଠାରୁ ୫ଟି ପିସ୍ତଲ, ୨୫ଟି ଗୁଳି, ୭ଟି ମାଗାଜିନ ସହ ୫ଟି ଅନ୍ୟାନ୍ୟ ମାରଣାସ୍ତ୍ର, ଏକ ଥାର୍ ଗାଡ଼ି ଜବତ କରିଛି। ସେମାନେ ହେଲେ, ମୟୂରଭଞ୍ଜ ଜିଲ୍ଲା ଛେଲିଆନାଳ ଅଞ୍ଚଳର ବିଶ୍ୱଜିତ ଗିରି ଓରଫ୍ ଗଣେଶ (୩୨), ମୟୂରଭଞ୍ଜ ଉଦ୍ଦରପଶିର ଶୁଭାଶିଷ ଗିରି(୨୭), କେନ୍ଦୁଝର କାଶୀପୁରର ପ୍ରିୟଦର୍ଶନ (୨୯), ଯୋଡ଼ା ଅଞ୍ଚଳର ନିର୍ମଳ ପ୍ରଧାନ (୪୦), ଯୋଡ଼ା କୁଦ୍ରୁନାଳାର ବିନୋଦ ମୁଣ୍ଡା(୩୨), ଯୋଡ଼ା ଜାହିର ହଟିଙ୍ଗର ରୋହିତ ନାଏକ (୨୧), ମାଝୀ ହଟିଙ୍ଗଯୋଡ଼ାର ମହମ୍ମଦ ଜିସନ(୨୫), ବଡ଼ବିଲ ଠାକୁରାଣୀ ଅଞ୍ଚଳର ରଞ୍ଜନ ପଲେଇ (୨୬) ଓ ଝାଡ଼ଖଣ୍ଡ ଗୋବରଗାଁର ପର୍ଶୁରାମ ପ୍ରଧାନ(୫୫)। ବିଶ୍ୱଜିତ ଏହି ଗ୍ୟାଙ୍ଗର ମୁଖିଆ ହୋଇଥିବା ବେଳେ ଏମାନେ 'ମହାକାଳ' ନାମକ ଏକ ଗ୍ରୁପ୍ ଗଢ଼ିଥିଲେ। କେନ୍ଦୁଝର ନିକଟ ନରଣପୁରସ୍ଥିତ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖାରୁ ଡକାୟତି ପାଇଁ ଏମାନେ ଗତ ରାତିରେ ଯୋଜନା କରୁଥିବା ବେଳେ ସ୍ଥାନୀୟ ଘଡ଼ଘଡ଼ି ମନ୍ଦିର ନିକଟସ୍ଥ ଏକ ପରିତ୍ୟକ୍ତ ଘରୁ ପୁଲିସ ସମସ୍ତଙ୍କୁ ଗିରଫ କରିଛି।

ପାଠ ପଢ଼ି କିଏ ଆଇଏଏସ୍, ଆଇପିଏସ୍ କିମ୍ବା ବଡ଼ବଡ଼ ପଦରେ ଚାକିରି କରିବାକୁ ଇଚ୍ଛା କରିଥାଏ। କିନ୍ତୁ, ବିଶ୍ୱଜିତ୍‌ର ଇଚ୍ଛା ଓ ସ୍ୱପ୍ନ ଥିଲା ଗ୍ୟାଙ୍ଗଷ୍ଟାର୍ ହେବାକୁ। ପ୍ରଥମେ ପ୍ରଥମେ ଛୋଟଛୋଟ ଅପରାଧ ଘଟାଇ ସେ ଅପରାଧ ଦୁନିଆରେ ପାଦ ଥାପିଥିଲା। କିନ୍ତୁ, ଗ୍ୟାଙ୍ଗ୍ ନ ଗଢ଼ିଲେ ବଡ଼ବଡ଼ ଅପରାଧ ଭିଆଇପାରିବ ନାହିଁ ବୋଲି ସେ ଖୁବ୍‌ଶୀଘ୍ର ବୁଝିଯାଇଥିଲା। ତେଣୁ ନିଜକୁ କେନ୍ଦୁଝରର ଡନ୍ ଭାବେ ଗଢ଼ି ତୋଳିବା ପାଇଁ ସେ ଗଠନ କରିଥିଲା ମହାକାଳ ଗ୍ରୁପ୍। ଏଥିରେ ସେ ସାମିଲ କରିଥିଲା ଓଡ଼ିଶା ଓ ଝାଡ଼ଖଣ୍ଡର ବଛାବଛା ଏକାଧିକ ଅପରାଧୀଙ୍କୁ।

# ବାଇକ୍ ଡିକି ଭାଙ୍ଗି ୪.୭ଲକ୍ଷ ଲୁଟ୍

**ଭଦ୍ରକ, ୧୦।୧୦(ସମିସ):** ବାଇକ୍ ଡିକି ଭାଙ୍ଗି ୪ ଲକ୍ଷ ୭୦ ହଜାର ଟଙ୍କା ଲୁଟିନେଲେ। ଭଦ୍ରକ ଟାଉନ୍ ଥାନା ଅଧୀନ ଚରମ୍ପା ବଜାରରେ ଆଜି ଏହି ଘଟଣା ଘଟିଛି। ପୁଲିସ ଘଟଣାର ତଦନ୍ତ କରୁଛି। ସୂଚନା ଅନୁସାରେ, ଚରମ୍ପା ବରାଳ ପୋଖରୀ ଅଞ୍ଚଳର ଗୌରହରି ମହାନ୍ତି ସୋର ଅଞ୍ଚଳର ନିଜ ଭଣଜାର ଏଲଆଇସି ବୀମା ଟଙ୍କା ଜମା କରିବାକୁ ୪ ଲକ୍ଷ ୭୦ ହଜାର ଟଙ୍କା ଗୋଟିଏ ବ୍ୟାଗରେ ଭର୍ତ୍ତି କରି ବାଇକ୍ ଡିକିରେ ନେଉଥିଲେ। ଚରମ୍ପା ବଜାରରେ ଗୋଟିଏ ଡକୁମେଣ୍ଟ ଜେରକ୍ସ ପାଇଁ ସେ ଦୋକାନୀ ପାଖରେ ଅଟକିଥିଲା ବେଳେ ଜଣେ ଦୁର୍ବୃତ୍ତ ହେଲମେଟ୍ ପିନ୍ଧି ହଠାତ ତାଙ୍କ ଡିକିକୁ ଭାଙ୍ଗି ଟଙ୍କା ବ୍ୟାଗ୍ ନେଇ ଫେରାର୍ ହୋଇଯାଇଥିଲା। ଏସବୁର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି।

---

# ସିବିଆଇ ପଞ୍ଝାରେ ଆରପିଏଫ୍ ଯବାନ

**ରାଉରକେଲା, ୧୦।୧୦ (ସମିସ):** ଚକ୍ରଧରପୁର ରେଳ ଡିଭିଜନ୍ ଅଧୀନ ବନ୍ଧମୁଣ୍ଡାରେ ଜଣେ ଅଳିଆ ସଂଗ୍ରହକାରୀଙ୍କଠାରୁ ଲାଞ୍ଚ ନେବା ବେଳେ ଜଣେ ଆରପିଏଫ୍ ଯବାନଙ୍କୁ ସିବିଆଇ ଗିରଫ କରିଛି। ଗିରଫ ଆରପିଏଫ୍ ଯବାନ ହେଉଛନ୍ତି, ମହମ୍ମଦ ଅସରାର। ସୂଚନାନୁସାରେ, ଅସରାର ବନ୍ଧମୁଣ୍ଡା ଆରପିଏଫ୍ ପୋଷ୍ଟରେ ନିଯୁକ୍ତ ଥିଲେ। ସ୍ଥାନୀୟ ରେଲୱେ କଲୋନୀରେ ପ୍ଲାଷ୍ଟିକ୍ ବୋତଲ ଏବଂ ସ୍କ୍ରାପ୍ ଅଳିଆ ସଂଗ୍ରହ କରୁଥିବା ଜଣେ ମହିଳାଙ୍କଠାରୁ ପ୍ରତି ମାସରେ ୧୫ହଜାର ଟଙ୍କା ଦାବି କରିଥିଲେ। ଏନେଇ ସେ ସିବିଆଇରେ ଅଭିଯୋଗ କରିଥିଲେ। ଏହି କ୍ରମରେ ଶୁକ୍ରବାର ସକାଳେ ଅଭିଯୋଗକାରିଣୀଙ୍କଠାରୁ ବିଶ୍ରା ଛକଠାରେ ଆରପିଏଫ୍ ଯବାନ ମହମ୍ମଦ ଅସରାର ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ସିବିଆଇ ଟିମ୍ ଚଢ଼ଉ କରିଥିଲେ। ଏହା ଦେଖି ଯବାନଜଣଙ୍କ ଖସି ପଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସିବିଆଇ ଟିମ ତାଙ୍କୁ କାବୁ କରିନେବା ସହ ତାଙ୍କଠାରୁ ରାସାୟନିକ ରଙ୍ଗ ବୋଳା ଉକ୍ତ ଲାଞ୍ଚ ଟଙ୍କାକୁ ଜବତ କରିଥିଲା। ସିବିଆଇ ଟିମ୍ ଅସରାରଙ୍କୁ ଅଧିକ ପଚରାଉଚରା ପାଇଁ ନେଇଯାଇଛି।



**■ ଯୌତୁକ ପାଇଁ ସୈତାନ ସାଜିଲା ସ୍ୱାମୀ**

# ଗ୍ୟାସ୍ ନିଆଁରେ ସ୍ତ୍ରୀକୁ ଜିଅନ୍ତା ଜାଳିଦେଲା

**କୋରାପୁଟ, ୧୦।୧୦ (ସମିସ):** ଲୁହାରଡ଼୍‌ରେ ପିଟି ସ୍ତ୍ରୀକୁ ଗୁରୁତର କରିବା ପରେ ଗ୍ୟାସ୍ ନିଆଁରେ ଜିଅନ୍ତା ଜାଳିଦେଲା। ପରେ ତାକୁ ଲୁଚାଇବା ପାଇଁ ଦୁର୍ଘଟଣାର ରୂପ ଦେବା ପାଇଁ ଅପଚେଷ୍ଟା କରିଥିଲା। କୋରାପୁଟ ଟାଉନ୍ ଥାନା ପୁଲିସ ଆଜି ଏପରି ଜଘନ୍ୟ ହତ୍ୟାକାଣ୍ଡ ଉପରୁ ପରଦା ହଟାଇବା ସହ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି। ସେ ହେଲା, ଟାଉନ୍ ଥାନା ଅନ୍ତର୍ଗତ ଓଏମ୍‌ପି କଲୋନୀର ଶିବ ଶଙ୍କର ପାତ୍ର। ପୁଲିସ ଆଜି ତାକୁ ଗିରଫ କରି କୋର୍ଟଚାଲାଣ କରିଛି। ଯୌତୁକ ପାଇଁ ଶିବ ନିଜ ପତ୍ନୀ ପ୍ରିୟଙ୍କା ପଣ୍ଡାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛି।

ସୂଚନା ଅନୁଯାୟୀ, ଆଇଆରବିରେ କାର୍ଯ୍ୟରତ ଶିବ ବୁଧବାର ରାତି ପ୍ରାୟ ସାଢ଼େ ୮ଟା ବେଳେ ପ୍ରିୟଙ୍କାଙ୍କୁ ପୋଡ଼ି ମାରିବା ପରେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲା ଟେକଲି ବ୍ରାହ୍ମଣ ସାହିରେ ରହୁଥିବା ଶ୍ୱଶୁର ତାରିଣୀ ପ୍ରସାଦ ପଣ୍ଡାଙ୍କୁ ଫୋନ କରି ତାଙ୍କ ଝିଅ ବିଦ୍ୟୁତ୍ ଆଘାତରେ ଗୁରୁତର ଆହତ ହୋଇଥିବା ସୂଚନା ଦେଇଥିଲା। ପ୍ରିୟଙ୍କାଙ୍କ ବାପା ସପରିବାର କୋରାପୁଟ ଓଏମ୍‌ପି କ୍ୱାର୍ଟର୍ସରେ ପହଞ୍ଚିବା ପରେ ପ୍ରକୃତ ଘଟଣା ଜାଣି ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଟାଉନ ଥାନାରେ କରିଥିଲେ। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ନିଜେ ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ସ୍ୱାମୀ ଶିବ ଶଙ୍କର ପାତ୍ରକୁ ଅଟକ ରଖି ପଚରାଉଚରା କରିଥିଲେ। ପୁଲିସର ଜେରା ବେଳେ ଶିବ ସବୁ ସତ ମାନି ଯାଇଥିଲା।




# ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥିବା ଯୁବକଙ୍କୁ ୨ ବର୍ଷ ଜେଲ

**କାକଟପୁର, ୧୦।୧୦ (ସମିସ):** ଜୁଡିସିଆଲ ଫାଷ୍ଟକ୍ଲାସ୍ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ପ୍ରଥମ ରାୟରେ ଏକ ସମ୍ବେଦନଶୀଳ ଘଟଣାର ଶୁଣାଣି ହୋଇଥିଲା। ଶୁଣାଣିରେ ଏକ ଐତିହାସିକ ରାୟ ଶୁଣାଇଛନ୍ତି ବିଚାରପତି ଶ୍ରୀଚନ୍ଦନ ଦାଶ। ଜଣେ ଯୁବକ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥିବା ବେଳେ ପ୍ରଥମ ପତ୍ନୀ ଆପତ୍ତି ଉଠାଇ ନ୍ୟାୟଭିକ୍ଷା କରିଥିଲେ। ଯାହାର ବିଚାର କରି ବିଚାରପତି ସଂପୃକ୍ତ ଯୁବକଙ୍କୁ ୨ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି।

ସୂଚନାନୁଯାୟୀ, କାକଟପୁର ଥାନା ବାଲିସାହି ଗ୍ରାମର ସୁକାନ୍ତ କାନୁନ୍‌ଗୋ, ଶକୁନ୍ତଳା କାନୁନ୍‌ଗୋଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ପରେ ତାଙ୍କୁ ନିର୍ଯାତନା ଦେଇ ଘରୁ ତଡ଼ିଦେବା ପରେ ପୁଣି ନୟାହାଟ ଅଞ୍ଚଳ ବିନିସପୁର ଗ୍ରାମର ଗୀତା ତରାଇଙ୍କୁ ଦ୍ୱିତୀୟ ବିବାହ କରି ଏକାଠି ରହି ଆସୁଥିଲେ। ତେବେ ପ୍ରଥମ ପତ୍ନୀ ଶକୁନ୍ତଳା ଏହାର ପ୍ରତିବାଦ କରି ୨୦୦୫ରେ କାକଟପୁର ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନା କେସ୍ ନମ୍ବର ୬୬/୨୦୦୫ର ତଦନ୍ତ କରିଥିଲା ପୁଲିସ। ପରବର୍ତ୍ତୀ ସମୟରେ ଏହି ମାମଲା ନିମାପଡ଼ା କୋର୍ଟଙ୍କ ଦ୍ୱାରା ପରିଚାଳିତ ହୋଇଆସୁଥିଲା। ତେବେ କାକଟପୁରରେ ନୂତନ କୋର୍ଟ ଖୋଲିବା ପରେ ଉକ୍ତ ମାମଲାଟି କାକଟପୁର କୋର୍ଟକୁ ବିଚାର ପାଇଁ ପଠାଯାଇଥିଲା। ଯାହାକି କୋର୍ଟର ପ୍ରଥମ ମାମଲା ଥିଲା। ଏହାର ବିଚାର କରି ଶୁକ୍ରବାର କୋର୍ଟଙ୍କ ଦ୍ୱାରା ରାୟ ପ୍ରକାଶ ପାଇଛି। ଜୁଡିସିଆଲ ମାଜିଷ୍ଟ୍ରେଟ୍ ଶ୍ରୀଚନ୍ଦନ ଦାଶଙ୍କ ଦ୍ୱାରା ସୁକାନ୍ତଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ଆଦେଶ କରାଯାଇଛି। ଜରିମାନା ଅନାଦେୟ ଆହୁରି ୨ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ଦର୍ଶାଇଛନ୍ତି। ଶକୁନ୍ତଳାଙ୍କ ପକ୍ଷରୁ ସରକାରୀ ଓକିଲ ଅନୀଲ କୁମାର ଦୀକ୍ଷିତ ମାମଲା ପରିଚାଳନା କରୁଥିଲେ। ସେହିପରି ସୁକାନ୍ତଙ୍କ ପାଇଁ ଏମ୍‌କେଏମ୍ ମହାପାତ୍ର ଏବଂ ଗୀତା ତରାଇଙ୍କ ପକ୍ଷରୁ ଓକିଲ ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରିଥିଲେ।

---

# ଆଇଇଡି ବିସ୍ଫୋରଣରେ ଶିଶୁ ଗୁରୁତର



**ମାଲକାନଗିରି, ୧୦।୧୦(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲା ପିଡ଼ିଆ ଅଞ୍ଚଳରେ ନକ୍ସଲମାନଙ୍କ ଦ୍ୱାରା ଖଞ୍ଜାଯାଇଥିବା ଏକ ଆଇଇଡି ବୋମା ବିସ୍ଫୋରଣରେ ଜଣେ ନିର୍ଦ୍ଦୋଷ ଶିଶୁ ଗୁରୁତର ଆହତ ହୋଇଛି। ଗ୍ରାମୀଣ ଅଞ୍ଚଳରେ ଏହି ପ୍ରକାର ଘଟଣା ଲଗାତାର ଘଟୁଥିବାରୁ ସ୍ଥାନୀୟ ଲୋକମାନେ ଭୟଭୀତ ଓ ଉତ୍ତେଜିତ ହୋଇପଡ଼ିଛନ୍ତି।

ସୂଚନାନୁସାରେ, ଶିଶୁଟି ଗ୍ରାମ ନିକଟସ୍ଥ ଜଙ୍ଗଲ ମଧ୍ୟରେ ଯାଉଥିବା ବେଳେ ଆଇଇଡି ଉପରେ ତା'ର ପାଦ ପଡ଼ିଯିବାରୁ ବିସ୍ଫୋରଣ ଘଟିଥିଲା। ଫଳରେ ଶିଶୁଟି ଗୁରୁତର ଭାବେ ଆହତ ହୋଇଥିଲା। ଘଟଣାସ୍ଥଳରେ ସିଆରପିଏଫର ୧୯୯ ଓ ୮୫ ବଟାଲିଅନ୍‌ର ଯବାନମାନେ ପହଞ୍ଚି ଆହତ ଶିଶୁକୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ଶିଶୁଟିର ଗୋଟିଏ ଗୋଡ଼ରେ ଗଭୀର ଆଘାତ ଲାଗିଛି। ସେ ଗାଈ ଚରାଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ପରେ ଅଞ୍ଚଳରେ ତଲାସି ଅଭିଯାନକୁ ବଢାଇ ଦିଆଯାଇଛି।

# ୩ ମାଓବାଦୀଙ୍କ ଆତ୍ମସମର୍ପଣ



**ମାଲକାନଗିରି, ୧୦।୧୦(ସମିସ):** ତେଲେଙ୍ଗାନାରେ ମାଓବାଦୀ ଆନ୍ଦୋଳନକୁ ଝଟ୍‌କା ଲାଗିଛି। ମାଓବାଦୀ ସଂଗଠନର ତିନିଜଣ ବରିଷ୍ଠ ମାଓନେତା ଆଜି ଡିଜିପି ଶିବଧର ରେଡ୍ଡୀଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, କୁକାଟି ଭେଙ୍କଟ ଓରଫ ବିକାଶ, ମୋଗିଲିଚର୍ଲା ରାଜୁ ଓରଫ୍ ସିଏନଏମ ଚନ୍ଦୁ ଏବଂ ଗଙ୍ଗୱା ଓରଫ ସୋନି। ଏମାନେ ଦୀର୍ଘବର୍ଷ ଧରି ମାଓବାଦୀ ସଂଗଠନର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିଲେ। ତେଲେଙ୍ଗାନା, ଓଡ଼ିଶା, ଛତିଶଗଡ଼ ଆଦି ଅଞ୍ଚଳରେ ମାଓ ଅଭିଯାନ ଚଳାଇଥିଲେ। ଡିଜିପି ଶିବଧର ରେଡ୍ଡୀ କହିଛନ୍ତି ଯେ ରାଜ୍ୟ ସରକାର ଯେକୌଣସି ମାଓବାଦୀଙ୍କୁ ହିଂସା ଛାଡ଼ି ସମାଜର ମୁଖ୍ୟଧାରାକୁ ଫେରିବା ପାଇଁ ସୁଯୋଗ ଦେଉଛନ୍ତି। ଯେଉଁମାନେ ଆତ୍ମସମର୍ପଣ କରିଛନ୍ତି, ସେମାନଙ୍କୁ ପୁନର୍ବାସ ଯୋଜନା ଅନୁଯାୟୀ ସମସ୍ତ ସହାୟତା ଦିଆଯିବ।

---

**ପଦୋନ୍ନତି ପାଇ କି' ଲାଭ**

# ୫ ମାସ ପରେ ବି ଇନ୍ସପେକ୍ଟର୍ ପଦରେ ଡିଏସ୍‌ପି

**■ ନିଯୁକ୍ତି ଅପେକ୍ଷାରେ ୯୯ ଡିଏସ୍‌ପି**
**■ ଚୌଦ୍ୱାର ହାଜତ ମୃତ୍ୟୁ ପରେ ମନରେ ଛନକା**

**ଭୁବନେଶ୍ୱର, ୧୦।୧୦(ସମିସ):** ଗତ ଏପ୍ରିଲରେ ୧୬୯ଜଣ ଇନ୍ସପେକ୍ଟର୍‌ଙ୍କ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି କରାଯାଇଥିଲା। ଜୁନ୍ ୨୬ରେ ସେଥିମଧ୍ୟରୁ ୭୦ଜଣଙ୍କୁ ବିଭିନ୍ନ ସ୍ଥାନରେ ନିଯୁକ୍ତି ଦିଆଗଲା। ଅର୍ଡର୍ ସିନା ବାହାରିଗଲା, ହେଲେ ସେମାନଙ୍କୁ ରିଲିଭ୍ କରାଗଲା ନାହିଁ। କେତେଜଣ ଅଧିକାରୀଙ୍କୁ ଛାଡ଼ିଦେଲେ, ବାକି ଯିଏ ଯୋଉଠି ଥିଲେ, ଏବେ ବି ସେଇଠି ଅଛନ୍ତି। ଅଧା ପଦୋନ୍ନତି ପାଇଥିଲେ ମଧ୍ୟ ନିଯୁକ୍ତି ପାଇନାହାନ୍ତି। ଆଉ କିଛି ନିଯୁକ୍ତି ପାଇଥିଲେ ବି ନୂଆ ସ୍ଥାନରେ ଯୋଗ ଦେଇପାରୁନାହାନ୍ତି। ରାଜ୍ୟ ପୁଲିସର ଅନ୍ୟତମ ମେରୁଦଣ୍ଡ କୁହାଯାଉଥିବା ଡିଏସ୍‌ପି ରାଙ୍କର ଅଧିକାରୀଙ୍କ ଅବସ୍ଥା ଏବେ ଏମିତି।

ପୂର୍ବରୁ ଡିଏସ୍‌ପି ବଦଳି କ୍ଷମତା ପୁଲିସ ଡିଜି କରୁଥିବା ବେଳେ ନୂଆ ସରକାର ଆସିବା ପରେ ଏହି କ୍ଷମତା ରାଜ୍ୟ ଗୃହ ବିଭାଗ ଛଡ଼ାଇ ନେଇଥିଲା। ଡିଏସ୍‌ପିମାନେ ନିଯୁକ୍ତି ନ ପାଇବା ଖୋଦ୍ ଗୃହ ବିଭାଗର ଅକ୍ଷମତାକୁ ପଦାରେ ପକାଇଥିବା ବେଳେ ପୁଲିସ ଅଧିକାରୀଙ୍କ ମନୋବଳ ଭାଙ୍ଗିବାରେ ଲାଗିଛି।

ସୂଚନାନୁସାରେ, ଗତ ଏପ୍ରିଲ ୨୩ ତାରିଖ ଦିନ ରାଜ୍ୟ ସରକାର ୧୬୮ ଇନ୍ସପେକ୍ଟର୍‌ଙ୍କୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ଦେଇଥିଲେ। ପରବର୍ତ୍ତୀ ସମୟରେ ଆଉ ଜଣେ ଅଧିକାରୀ ମଧ୍ୟ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ହୋଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେହି ସ୍ଥାନରେ କାର୍ଯ୍ୟ କରିବାକୁ ଗୃହ ବିଭାଗ କୁହାଯାଇଥିଲା। ଏହାର ଦୁଇ ମାସ ପରେ ଅର୍ଥାତ୍ ଜୁନ୍ ୨୬ରେ ନୂଆ କରି ପଦୋନ୍ନତି ପାଇଥିବା ୭୦ ଜଣଙ୍କୁ ମିଶାଇ ମୋଟ ୭୯ ଡିଏସ୍‌ପିଙ୍କୁ ନିଯୁକ୍ତି ମିଳିଥିଲା। ହେଲେ, ବାକି ୯୯ ଜଣ ଡିଏସ୍‌ପି ଏବେ ମଧ୍ୟ ପୂର୍ବ ପଦବୀରେ କାର୍ଯ୍ୟ କରୁଛନ୍ତି। ଡିଏସ୍‌ପି ନିଯୁକ୍ତି କ୍ରମାନ୍ୱୟରେ ହୋଇନଥିବାରୁ ଅନେକ କନିଷ୍ଠ ବ୍ୟାଚ୍‌ର ଅଧିକାରୀଙ୍କୁ ନିଯୁକ୍ତି ମିଳିଥିବା ବେଳେ ବରିଷ୍ଠମାନଙ୍କୁ ଏ ପର୍ଯ୍ୟନ୍ତ ମିଳିନାହିଁ। ଫଳରେ କନିଷ୍ଠ ଓ ବରିଷ୍ଠଙ୍କ ମଧ୍ୟରେ ଭେଦଭାବ ଭଳି ପରିସ୍ଥିତି ଉପୁଜିଛି। ଏହା ଭିତରେ ପଦୋନ୍ନତିକୁ ୫ ମାସ ବିତିଯାଇଥିଲେ ମଧ୍ୟ ୯୯ଜଣ ଏପର୍ଯ୍ୟନ୍ତ ନିଯୁକ୍ତି ପାଇନାହାନ୍ତି। ଫଳରେ, ନିଯୁକ୍ତି ନପାଇ ଥାନା ଦାୟିତ୍ୱରେ ଥିବା ଇନ୍ସପେକ୍ଟର୍‌ମାନେ ଡିଏସ୍‌ପି(ଇନ୍‌ଚାର୍ଜ) ଭାବେ କାର୍ଯ୍ୟ କରୁଛନ୍ତି।

ସେପଟେ ଗତ ମାସ ତୃତୀୟ ସପ୍ତାହରେ ଚୌଦ୍ୱାର ଥାନାରେ ହାଜତ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ନୂଆ କରି ପଦୋନ୍ନତି ପାଇଥିବା ଡିଏସ୍‌ପି ତଥା ତତ୍କାଳୀନ ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁଙ୍କୁ ନିଲମ୍ବିତ କରାଯାଇଥିଲା। ଏହାଦ୍ୱାରା ପଦୋନ୍ନତି ପାଇ ଥାନା ଦାୟିତ୍ୱରେ ଥିବା ଡିଏସ୍‌ପିମାନଙ୍କ ମନରେ ଛନକା ପଶିଛି। ଗୋଟିଏପଟେ, ଉପର ପାହ୍ୟାର ଅଧିକାରୀ ହୋଇ ଥାନା ଦାୟିତ୍ୱରେ ରହିବେ, ଅନ୍ୟପଟେ କୌଣସି ଅଘଟଣ ଘଟିଲେ ନିନ୍ଦା ଅପବାଦ ମୁଣ୍ଡାଇବା ସହ ନିଲମ୍ବନ ହେବାର ଭୟ ଏବେ ସେମାନଙ୍କୁ ଘାରିଛି। ଏଥିସହ ପଦୋନ୍ନତି ପାଇ ଅସ୍ଥାୟୀ ଭାବେ ଥାନା ଦାୟିତ୍ୱରେ ଥିବାରୁ ତଳ କର୍ମଚାରୀମାନେ ମଧ୍ୟ ସେମାନଙ୍କ କଥାକୁ ବିଶେଷ ଗୁରୁତ୍ୱ ଦେଉନାହାନ୍ତି। ପଦୋନ୍ନତିର ୫ ମାସ ପରେ ମଧ୍ୟ ଡିଏସ୍‌ପିମାନଙ୍କୁ ନିଯୁକ୍ତି ନ ମିଳିବା ସରକାରଙ୍କ ନିଷ୍ପତ୍ତି ନେବାର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

---

**ପିଲାଙ୍କ କଫ ସିରପ୍ ବ୍ୟବହାରକୁ ଅଧିକ ନିୟନ୍ତ୍ରିତ କରିବାକୁ ନିମନ୍ତେ ପରାମର୍ଶ**

# ୨ବର୍ଷରୁ କମ ଶିଶୁଙ୍କ କଫ ଓ ଥଣ୍ଡା ପାଇଁ ସିରପ୍ ମନା

**ଭୁବନେଶ୍ୱର,୧୦।୧୦(ସମିସ):** ଦେଶର ବିଭିନ୍ନ ସ୍ଥାନରେ ବିଷାକ୍ତ କଫ ସିରଫ ଯୋଗୁଁ ଶିଶୁମାନଙ୍କ ମୃତ୍ୟୁ ପରେ ଓଡ଼ିଶାରେ ମଧ୍ୟ ଏହାକୁ ନେଇ ଚର୍ଚ୍ଚା ହେଉଛି। ଏଣୁ ଶୁକ୍ରବାର ଓଡ଼ିଶା ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟର ସମସ୍ତ ମେଡିକାଲ କଲେଜ, ହସ୍ପିଟାଲ ଅଧିକ୍ଷକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଶିଶୁ ଚିକିତ୍ସା ବିଶେଷଜ୍ଞ ସଂଘ, ଓଡ଼ିଶା ମେଡିକାଲ ସେବା ସଂଘ ପ୍ରଭୃତିକୁ କଫ ସିରପ୍ ବ୍ୟବହାରକୁ ଅଧିକ ନିୟନ୍ତ୍ରିତ,ସୁଚିନ୍ତିତ ଓ ଯୌକ୍ତିକ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି। ପିଲାମାନଙ୍କ ମଧ୍ୟରେ ଦେଖାଯାଉଥିବା ଥଣ୍ଡା ଓ କଫ ରୋଗ ପ୍ରାୟତଃ ଆପେଆପେ ଶରୀରର ପ୍ରତିରୋଧକ ଶକ୍ତି ବଳରେ ଭଲ ହୋଇଥାଏ। ସେଥିପାଇଁ ସବୁବେଳେ ବାହ୍ୟ ଔଷଧ ପ୍ରୟୋଗର ବିଶେଷ ଆବଶ୍ୟକତା ନାହିଁ। ଅପରପକ୍ଷେ ଶରୀରର ପର୍ଯ୍ୟାପ୍ତ ଜଳଯୋଜନ (ଆଡ଼ିକ୍ୟୁଏଟ ହାଇଡ୍ରେସନ), ବିଶ୍ରାମ ଏବଂ ଆନୁସଙ୍ଗିକ ସହାୟତା ଆଦି ଉପରେ ଅଗ୍ରାଧିକାର ଦିଆଯିବା ଦରକାର। ୨ବର୍ଷରୁ କମ ଶିଶୁଙ୍କ କଫ ଓ ଥଣ୍ଡା ପାଇଁ ସିରପ୍ ଦିଆଯିବା ଉଚିତ୍ ନୁହେଁ। ଏହି ସବୁ ଔଷଧ ମଧ୍ୟ ୫ବର୍ଷରୁ କମ ପିଲାଙ୍କ ପାଇଁ ସୁପାରିଶ ଯୋଗ୍ୟ ନୁହେଁ। ଏପରିକି ୫ବର୍ଷରୁ ଅଧିକ ବୟସ୍କ ପିଲାଙ୍କ ପାଇଁ ଏସବୁ ପ୍ରକାର ଔଷଧ ଉପଯୁକ୍ତ ପରୀକ୍ଷା ନିରୀକ୍ଷା, ସମ୍ପୃକ୍ତ ପିଲାର ସ୍ୱାସ୍ଥ୍ୟ ଅବସ୍ଥାର ସଠିକ୍ ଆକଳନ ଆଦି ପରେ ଡାକ୍ତରଙ୍କ ସିଧାସଳଖ ତତ୍ତ୍ୱାବଧାନରେ କରାଯିବା ଦରକାର। ପିଲା କେତେ ମାତ୍ରାରେ ଔଷଧ କେତେ ଥର ଓ କେତେବେଳେ ଖାଇବ ତାହା ମଧ୍ୟ ଡ଼ାକ୍ତରଙ୍କ ପରାମର୍ଶ ଅନୁସାରେ ନିର୍ଦ୍ଧାରିତ ହେବା ଦରକାର।

ଶିଶୁ ରୋଗ ଚିକିତ୍ସା ଓ ଔଷଧ ବଣ୍ଟନ କରୁଥିବା ସମସ୍ତ ସରକାରୀ ଓ ଘରୋଇ ଚିକିତ୍ସାଳୟମାନଙ୍କୁ ଏହି ପରାମର୍ଶ ଅନୁପାଳନ ନିମନ୍ତେ କୁହାଯାଇଛି।


**Government of Odisha "e" Procurement Notice**

Bid Identification No. TENDER ONLINE SNPR-03 OF 2025-26 O-967

| | | |
|---|---|---|
| 1. | Name of the work | Building Works as per DTCN available in the website www.tendersodisha.gov.in |
| 2. | Total No. of Work | 02 (Two) Nos. |
| 3. | Approximate Estimated Cost | Vary from Rs. 23.57 lakh to Rs. 47.70 lakh |
| 4. | Period of Completion | 6 (Six Calendar months) to 9 (Nine Calendar months) |
| 5. | Period and time of availability of bid document in the portal for bidding | 13.10.2025 at 11.00 AM to 24.10.2025 up to 5.00 PM |
| 6. | Date and time of opening of Tender | 27.10.2025 at 11.00 AM (Technical Bid) & (Financial Bid will be intimated later on) |
| 7. | Name and address of the officer inviting bid | S.E.R.W. Division, Sonepur |

(1) Other details can be seen from detailed notice
(2) Inviting tenders, available in website www.tendersodisha.gov.in
(3) Corrigendum if any shall only be published in the website: www.tendersodisha.gov.in

Executive Engineer,
Rural Works Division, Sonepur.

OIPR-25054/11/0037/2526

## ଆଜିର ରାଶିଫଳ

**ମେଷ:** ପରିବାର ଲୋକଙ୍କ ସହ ହସ ଖୁସିରେ ଦିନ ବିତିବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିବେ। ସଫଳତା ପାଇଁ କଠିନ ପରିଶ୍ରମ କରିବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ଯାତ୍ରା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ।

## ଆଜିର ଇତିହାସ

- ୧୮୫୨- ସିଡ୍‌ନୀ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୦୨- ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜନ୍ମ।
- ୧୯୩୭- ପ୍ରଫେସର କ୍ୱିଜ୍ ନାମରେ ରେଡିଓରେ ପ୍ରଥମ କ୍ୱିଜ୍ କାର୍ଯ୍ୟକ୍ରମର ପ୍ରସାରଣ ଆରମ୍ଭ ହେଲା।
- ୧୯୪୨- ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନଙ୍କ ଜନ୍ମ।
- ୧୯୪୫- ଚୀନ୍‌ରେ ଗୃହଯୁଦ୍ଧ ଆରମ୍ଭ ହେଲା।
- ୧୯୮୭- ଭାରତୀୟ ଶାନ୍ତି ସେନା ଶ୍ରୀଲଙ୍କାରେ ଅପରେସନ୍ ପବନର ଆରମ୍ଭ କଲା।

## ଆନ୍ତର୍ଜାତିକ ବାଳିକା ଦିବସ



ସମଗ୍ର ବିଶ୍ୱରେ ଝିଅମାନେ ସମ୍ମୁଖୀନ ହେଉଥିବା ଲିଙ୍ଗଗତ ଅସମାନତା, ଆଇନ ଅଧିକାର, ସ୍ୱାସ୍ଥ୍ୟସେବା, ହିଂସା, ଭେଦଭାବ ଏବଂ ଅପରିପକ୍ୱ ବୟସରେ ବିବାହ ଭଳି ଅସମାନତା ବିରୋଧରେ ମିଳିତ ଜାତିସଂଘ ପକ୍ଷରୁ ପ୍ରତିବର୍ଷ ଅକ୍ଟୋବର ୧୧ରେ 'ଆନ୍ତର୍ଜାତିକ ବାଳିକା ଦିବସ' ପାଳନ କରାଯାଉଛି। ବାଳିକାମାନଙ୍କୁ ସେମାନଙ୍କ ଅଧିକାର, ଆହ୍ୱାନ ଏବଂ ସୁଯୋଗ ବିଷୟରେ ଅବଗତ କରାଇବା ପାଇଁ ଏହି ଦିବସ ପାଳନ କରାଯାଏ। ୧୯ ଡିସେମ୍ବର ୨୦୧୧ରେ ଜାତିସଂଘ ସାଧାରଣ ପରିଷଦରେ ଏହି ଦିବସ ପାଳନ କରାଯିବା ପାଇଁ ଘୋଷଣା କରାଯିବା ପରେ ୨୦୧୨ରେ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା। ଆଜି ବି ବାଳିକାମାନେ ସବୁ କ୍ଷେତ୍ରରେ ଉପେକ୍ଷିତ। ଶିକ୍ଷା, ପୋଷଣ, ଶାରୀରିକ ଓ ମାନସିକ କଲ୍ୟାଣ, ଆଇନଗତ ଅଧିକାର, ସ୍ୱାସ୍ଥ୍ୟ ଏବଂ ହିଂସା ବିନା ସୁରକ୍ଷିତ ଜୀବନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବାଳିକାମାନେ ଭେଦଭାବର ସମ୍ମୁଖୀନ ହେଉଛନ୍ତି। ଏଣୁ ସେମାନଙ୍କ ପାଇଁ ବି ଏକ ସୁରକ୍ଷିତ ପରିବେଶର ଆବଶ୍ୟକତା ରହିଛି। ଏହା ସହ ବାଲ୍ୟ ବିବାହ, ଭ୍ରୂଣହତ୍ୟା ରୋକିବାର ଆବଶ୍ୟକତା ରହିଛି। ଏହି କଥାକୁ ଗମ୍ଭୀରତାର ସହ ଉପଲବ୍ଧି କରି ମିଳିତ ଜାତିସଂଘ ପକ୍ଷରୁ ବାଳିକାଙ୍କ ସଶକ୍ତୀକରଣ ପାଇଁ ପ୍ରତିବର୍ଷ ଅକ୍ଟୋବର ୧୧ରେ 'ଆନ୍ତର୍ଜାତିକ ବାଳିକା ଦିବସ' ପାଳନ କରାଯାଉଛି। ବିଶ୍ୱରେ ଲିଙ୍ଗଗତ ସମାନତା ଏବଂ ବାଳିକାମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ଦିଗରେ ସଚେତନ ସୃଷ୍ଟି କରିବା ଏହି ଦିବସର ମୂଳ ଲକ୍ଷ୍ୟ। ଭାରତ ସରକାର ବାଳିକାମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ 'ବେଟି ବଚାଓ ବେଟି ପଢ଼ାଓ' ଯୋଜନାର ଆରମ୍ଭ କରିଛନ୍ତି। କେବଳ ସରକାର ନୁହେଁ, ଆମ ସମସ୍ତଙ୍କ ଭିତରେ କନ୍ୟା ଶିଶୁଟି ପ୍ରତି ଆନ୍ତରିକ ଭଲପାଇବା ସହ ତାଙ୍କର ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ନିଜ ନିଜର ଦାୟିତ୍ୱବୋଧତାର ଅଗ୍ରଗତି ଜରୁରି। ତାହେଲେ ଯାଇ ଆଜି ଦିନଟିର ସାର୍ଥକତା ପ୍ରତିପାଦିତ ହେବ। ବିଶ୍ୱର କୋଣ ଅନୁକୋଣରେ ଥିବା ପ୍ରତିଟି ଝିଅ କିପରି ପାଠ ପଢ଼ିବେ, ଶିକ୍ଷିତ ହେବେ, ସମାନ ଅଧିକାର ପାଇବା ସହ କିପରି ସମାଜ କଲ୍ୟାଣ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବେ ସେ ବାବଦରେ ଧ୍ୟାନ ଦେବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ।

## ମୃତ୍ୟୁ ପରର ଦୁନିଆ ଦେଖିଥିବା କହିଲେ ଡାକ୍ତର



କଥାରେ ଅଛି, 'ରଖେ ହରି ତ ମାରେ କିଏ'। ଏହାର ଅର୍ଥ ଭଗବାନ ଯାହାକୁ ରକ୍ଷା କରିବାକୁ ଚାହିଁବେ ଅନ୍ୟ କୌଣସି ଶକ୍ତି ସେହି ପ୍ରାଣୀର ଜୀବନ ନେଇପାରିବ ନାହିଁ। ବିଶ୍ୱରେ ଅନେକ ଲୋକ ମୃତ୍ୟୁକୁ ଅତି ନିକଟରେ ଦେଖି ପୁଣି ଜୀବିତ ରହିଥିବା କଥା ଯୁକ୍ତି ବାଢ଼ନ୍ତି। ଏଭଳି ଏକ ଘଟଣା ବିଷୟରେ ନିକଟରେ ଖୋଦ୍ ଜଣେ ଡାକ୍ତର କହିଛନ୍ତି। ଭାରତୀୟ ବଂଶୋଦ୍ଭବ ରାଜୀବ ପାରତୀ ଏକଦା ଆମେରିକାର କାର୍ଲିଫର୍ଣ୍ଣିଆ ସ୍ଥିତ ବେକର୍ସଫିଲ୍ଡ ହାର୍ଟ ହସ୍‌ପିଟାଲର ମୁଖ୍ୟ ନିଶ୍ଚେତକ ବିଶେଷଜ୍ଞ ଭାବେ କାର୍ଯ୍ୟ କରୁଥିଲେ। ଏକଦା ସେ କିପରି ମୃତ୍ୟୁକୁ ଅତି ନିକଟରେ ଦେଖିଥିଲେ ସେକଥା ନିକଟରେ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି। ୨୦୦୮ ମସିହାରେ ତାଙ୍କୁ ୫୧ ବର୍ଷ ହୋଇଥିବାବେଳେ ତାଙ୍କର ମୂତ୍ରାଶୟ କର୍କଟ ଅସ୍ତ୍ରୋପଚାର କରାଯାଇଥିଲା। ଏହିସମୟରେ ହଠାତ୍ ତାଙ୍କର ହୃଦ୍‌ସ୍ପନ୍ଦନ କିଛି ସମୟ ପାଇଁ ବନ୍ଦ ହୋଇଯାଇଥିଲା। କିଛି ସମୟ ପାଇଁ ସେ ମରି ଯାଇଥିଲେ ବୋଲି କହିଛନ୍ତି। ତାଙ୍କ କହିବାନୁସାରେ, ମୃତ୍ୟୁ ପରେ ସେ ଯନ୍ତ୍ରଣା ଜର୍ଜରିତ କିଛି ଲୋକଙ୍କ ଆର୍ତ୍ତ ଚିତ୍କାର ଶୁଣିଥିଲେ। ଏହି ସମୟରେ ସେ ଏକ ଜଳନ୍ତା ରାସ୍ତାରେ ଥିବାର ଅନୁଭବ କଲେ। ତାଙ୍କୁ ପୋଡ଼ା ମାଂସର ଗନ୍ଧ ଆସିଥିଲା। ଧୂଆଁ ତାଙ୍କ ନାକରେ ଭର୍ତ୍ତି ହୋଇଗଲା। ସେତେବେଳେ ସେ ନର୍କଦ୍ୱାରରେ ଥିବା ପରି ଅନୁଭବ କରିଥିବା କୁହନ୍ତି। ଏହାପରେ ତାଙ୍କୁ ଦୁଇଜଣ ଦେବଦୂତ ମିଳିଥିଲେ। ସେମାନେ ତାଙ୍କୁ ନର୍କରୁ ଏକ ସୁଡ଼ଙ୍ଗ ପରି ଦ୍ୱାର ଦେଇ ଏକ ଅଦ୍ଭୁତ ଓ ସୁନ୍ଦର ସ୍ଥାନକୁ ନେଇଗଲେ। ସେଠାରେ ସେ କେବଳ ଉଜ୍ଜ୍ୱଳ ଆଲୋକ ଦେଖିପାରୁଥିଲେ। ସେହି ଆଲୋକରୁ ଜଣେ ବ୍ୟକ୍ତି ବାହାରି ଡାକ୍ତରଙ୍କୁ କିଛି ପ୍ରଶ୍ନ ପଚାରିଥିବା ସେ କହିଥିଲେ। ସେହିସମୟରେ ସେ ଅସ୍ତ୍ରୋପଚାର ଟେବୁଲ ଉପରେ ନିଜକୁ ପଡ଼ିଥିବାର ମଧ୍ୟ ଦେଖିଥିଲେ। ଏହା ତାଙ୍କର ମୃତ୍ୟୁ ପରର ଜୀବନ ଥିଲା ବୋଲି ଡାକ୍ତର ଜଣକ ଦାବି କରିଛନ୍ତି। ଏହି ଘଟଣା ପରେ ତାଙ୍କ ଜୀବନ ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଥିଲା। ସେ ତାଙ୍କ ଡାକ୍ତରୀ ପେସା ମଧ୍ୟ ଛାଡ଼ିଦେଇଥିଲେ।

## ଆସିବ 'ବାହୁବଳି ୩'



ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ଅଭିନୀତ 'ବାହୁବଳି' ଓ 'ବାହୁବଳି ୨'କୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଦୁଇଟି ଯାକ ଫିଲ୍ମ ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଥିଲା। ଏବେ ଏହି ଦୁଇଟି ଫିଲ୍ମକୁ ମିଶାଇ ଏସ୍. ଏସ୍. ରାଜମୌଲି 'ବାହୁବଳି: ଦ ଏପିକ୍' ନିର୍ମାଣ କରିଛନ୍ତି। ଏହା ଏଇ ୩୧ରେ ରିଲିଜ୍ ହେବ। ଇତିମଧ୍ୟରେ ଫିଲ୍ମ ନିର୍ମାତା ଶୋଭୁ ୟାର୍ଲାଗଡ୍ଡା 'ବାହୁବଳି ୩'କୁ ନେଇ ଖୁଲାସା କରିଛନ୍ତି। 'ବାହୁବଳି: ଦ ଏପିକ୍'ର ପ୍ରଚାର ସମୟରେ 'ବାହୁବଳି ୩'କୁ ନେଇ କୌଣସି ପ୍ରକାରର ଘୋଷଣା କରାଯିବ ନାହିଁ ବୋଲି ସେ କହିଛନ୍ତି। ଯଦିଓ ଶୋଭୁ ଫିଲ୍ମ ରିଲିଜ୍ କେବେ ହେବ ସେନେଇ କିଛି କହିନାହାନ୍ତି କିନ୍ତୁ ଦର୍ଶକେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ତେବେ 'ବାହୁବଳି: ଦ ଏପିକ୍'ର ଶେଷରେ ଫିଲ୍ମ ନିର୍ମାତା 'ବାହୁବଳି ୩' ବିଷୟରେ କିଛି ସୂଚନା ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି।

## ଆମ ବିଦ୍ୟାଳୟ



**କ୍ଷମାନିଧି ଭୋଇ**

ଆମ ବିଦ୍ୟାଳୟ ଶିକ୍ଷାର ଭଣ୍ଡାର
ଦିଶଇ କେଡ଼େ ସୁନ୍ଦର
ଆମକୁ ଦିଅଇ କେତେ କେତେ ଶିକ୍ଷା
ଅଭୁଲା ତା' ଉପକାର।
ତା' ପାଖରେ କେତେ ଗୁରୁଜୀ ଗୁରୁମା
ଅଟନ୍ତି ସତେ ଈଶ୍ୱର
ଶିକ୍ଷା ଦେଇଥାନ୍ତି ସେନେହ ସହିତ
ଅଜ୍ଞାନକୁ କରି ଦୂର।
ବଗିଚା ତାହାର ଆହା କି ସୁନ୍ଦର
ମନ ପ୍ରାଣ ନିଏ ଟାଣି
ସୁରଭିତ ଫୁଲ ସୁଆଦିଆ ଫଳ
ଭରି ରହିଅଛି ପୁଣି।
ପରଜାପତି ଓ ଭଅଁର ଉଡ଼ନ୍ତି
ଫୁଲେ ଫୁଲେ ଚୁମି ଚୁମି
କେତେ ଆନନ୍ଦରେ ଡେଣାକୁ ମେଲେଇ
ଚାରିଆଡ଼େ ଯାନ୍ତି ଘୂମି।
କେତେ ବୈଜ୍ଞାନିକ କେତେ ଗାଣିତିକ
କେତେ କେତେ ରାଜନେତା
ଗଢ଼ି ଦେଇଅଛି ବିଦ୍ୟାଳୟ ଏହି
ଦେଖାଇ ତା' ମହାନତା।
କେତେ ଶାସ୍ତ୍ର ଜ୍ଞାନ କେତେ ତର୍କ ଜ୍ଞାନ
ଇଂରାଜୀ ଓ ଚିତ୍ରାଙ୍କନ
ସାମାଜିକ ପାଠ କେତେ ନାଚ ଗୀତ
ଶିଖିଅଛୁ ତା'ଠୁଁ ପୁଣ।
ଆହା କି ସୁନ୍ଦର ଆମ ବିଦ୍ୟାଳୟ
ଅଟଇ ଶିକ୍ଷା ମନ୍ଦିର
ମଣିଷ ଗଢ଼ା ଏ କାରଖାନା ପରା
ଆମେ ରତନ ତାହାର।
ଆମକୁ ଗଢ଼ଇ ମଣିଷ ପରି ସେ
ସେନେହ ଆଦର କରି
ଆସ ଆମେ ତା'ର କରିବା ବିକାଶ
ତନୁ ମନ ପ୍ରାଣ ଭରି।■

ସାଗୁନପାଲି, ସମ୍ବଲପୁର
ମୋ -୯୩୮୨୯୨୯୩୩





## ବାଇଆ ବସା





**ମନୀଷା ପଣ୍ଡା**


କି ଦିନ ରାତି ଖରା ବରଷା
ଆନନ୍ଦେ ଝୁଲୁଥାଏ
ଦେଖିଲେ ତା'ର ଟିକି ବସାଟି
ସବୁରି ମନ ପାଏ।
ଗୋଟେଇ ନେଇ କାଠି କୁଟାକୁ
ଅଣ୍ଟେ ପତର ଚିରି,
ବାୟା ଚଢ଼େଇ ଗଢ଼ଇ ବସା
କେତେ ଯତନ କରି।
ବସାଟି ତା'ର ଏଡ଼େ ସୁନ୍ଦର
ଧନ୍ୟ ତା' କାରିଗରୀ,
ଟିକି ମୁଣ୍ଡରେ ଗଦାଏ ବୁଦ୍ଧି
ବିହି ଦେଇଛି ଭରି।
ମାଟିଆ ରଙ୍ଗ ଦେହଟି ତା'ର
ଥଣ୍ଟରେ ପୋକ ଖୁଣ୍ଟି,
ପେଟର ଭୋକ ମେଣ୍ଟାଇ ନିଏ
ଛୁଆଙ୍କୁ ଦିଏ ବାଣ୍ଟି।
ଝୁଲାମୁଣି ଭଳି ଝୁଲାଇ ବସା
ଭିତରେ ଖୋପ କରି,
ଛୁଆଙ୍କୁ ତା'ର ଅତି ଯତନେ
ଆହାର ଦିଏ ଭରି।
କଳି କଜିଆ ରାଗ ରୁଷାରୁ
ବାଇଆର କି' ଯାଏ!
ଗଛରେ ଥାଇ ବାଆ ବେଳେ ତା
ବସାରେ ଝୁଲୁଥାଏ।■

ଅଙ୍କରାନ୍ତିପୁର, ଢେଙ୍କାନାଳ
ମୋ-୮୨୪୯୬୮୬୦୯୩

## ସୁମନ



## ଭାଲୁର ଆଳୁ ଚାଷ



**ରମେଶ ଚନ୍ଦ୍ର ଦାଶ**

ବିଲୁଆ ଆଳୁ ଚାଷ କରିବା ଦେଖି ବଣରାଇଜର ସମସ୍ତ ପ୍ରାଣୀ ପ୍ରଶଂସା କଲେ। ଏହା ଦେଖି ଭାଲୁ ବି ଆଳୁ ଚାଷ କରିବାକୁ ବାହାରିଲା। ସେ ଦିନେ ସଂଧ୍ୟାରେ ବିଲୁଆ ପାଖରେ ପହଞ୍ଚି ଆଳୁ ଚାଷ ବିଷୟରେ ପଚାରି ବୁଝିଲା। ବିଲୁଆ ବି ଯାହା ଜାଣିଥିଲା ସବୁ କହିଲା। ଶେଷରେ ବିଲୁଆ ଭାଲୁକୁ କହିଲା- ଆଉ ଯାହା ଜାଣିବାର ଅଛି, ଚାଷ ସମୟରେ ନିଜେ ଚେଷ୍ଟାକଲେ ଜାଣିପାରିବ। ଏଥିରେ ଭାଲୁର ମନ ବୁଝିଲା ନାହିଁ। ସେ ବିଲୁଆକୁ କହିଲା- ତୁ ମୋତେ ଅସଲ କଥା ଲୁଚାଉଛୁ। ଆଳୁ ଚାଷ କଲେ ସମସ୍ତେ ମୋତେ ପ୍ରଶଂସା କରିବେ ବୋଲି ତୁ ଈର୍ଷା କରୁଛୁ। ଏତକ କହିବା ସହିତ ଭାଲୁ ନିଜେ ଆଳୁ ଚାଷ କଲା। ମଝିରେ ମଝିରେ ଯାହା ଦରକାର ପଡ଼େ ବିଲୁଆ ପାଖକୁ ଯାଇ ବୁଝେ। ତା'ର ଆଗ୍ରହ ଥିବାରୁ ଆଳୁଚାଷ ଭଲ ହେଲା। ଏହା ଦେଖି ସମସ୍ତେ ପ୍ରଶଂସା କଲେ। ଏପରିକି ନିଜେ ବିଲୁଆ ମଧ୍ୟ ପ୍ରଶଂସା କଲା। ଦିନେ ଭାଲୁ ବିଲୁଆକୁ କହିଲା- ମୋର ବୁଦ୍ଧି ଅଧିକ ଯୋଗୁଁ ମୁଁ ତୋ ଠାରୁ ବଢ଼ିଆ ଆଳୁଚାଷ କଲି। ଏଥିରେ ବିଲୁଆ ଆଶ୍ଚର୍ଯ୍ୟ ହୋଇଗଲା। ସେ ଆଉ କିଛି ନ କହି କହିଲା- ହଁ ହଁ ନିଶ୍ଚୟ। ତୁମେ ତ ବୟସରେ ବଡ଼। ତୁମର ବୁଦ୍ଧି ବି ଅଧିକ। ତେଣୁ ତୁମ ଆଳୁ ଚାଷ ବଢ଼ିଆ ହୋଇଛି। ମୋର ସେଭଳି କରିବାର ଯୋଗ୍ୟତା ନାହିଁ। ଏହା ଶୁଣି ଭାଲୁର ମନ କୁଣ୍ଢେମୋଟ ହୋଇଗଲା। ବିଲୁଆ ଓ ଭାଲୁର କଥାବାର୍ତ୍ତା ସମୟରେ ଶୁଆଟିଏ ସେଇବାଟେ ଯାଉଥିଲା। ଭାଲୁ ଯେଉଁଦିନ ବିଲୁଆ ପାଖକୁ ଯାଇ ଆଳୁଚାଷ ସମ୍ପର୍କରେ ବୁଝୁଥିଲା, ସେଦିନ ବି ଶୁଆଟି ଗଛ ଡାଳରେ ରହି ସବୁ ଶୁଣିଥିଲା। ସେ ନିଜକୁ ସମ୍ଭାଳି ନ ପାରି ଭାଲୁକୁ କହିଲା- ମଉସା, ତୁମେ ବଡ଼ ଠକ। ତୁମକୁ ଆଳୁଚାଷ ବିଷୟରେ କିଛି ଜଣା ନ ଥିଲା। ବିଲୁଆ ଠାରୁ ଶିଖି ଆଳୁ ଚାଷ କଲ। ସେଥିରେ ବିଲୁଆକୁ ଧନ୍ୟବାଦ ନ ଦେଇ ନିଜକୁ ବୁଦ୍ଧିଆ ବୋଲି କହୁଛ, ଲାଜ ଲାଗୁନାହିଁ। ଏହା ଶୁଣି ଭାଲୁର ମୁହଁ ଶୁଖିଗଲା। ସେ ବିଲୁଆ ପାଖରେ ନିଜର ଭୁଲ ପାଇଁ କ୍ଷମା ପ୍ରାର୍ଥନା କଲା।■

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ
ମୋ- ୯୭୭୭୨୩୮୫୨୨

## ପ୍ରହେଳିକା

ହେମନ୍ତ ଋତୁରେ ସେ ମାସ ଆସେ
ଧର୍ମ ମାସ ବୋଲି ରାଇଜ ହସେ
ବୃନ୍ଦାବତୀ ପାଶେ ବସିକି ଆଇ
ତପ ଜପ କରେ ପ୍ରଭୁଙ୍କୁ ଧ୍ୟାୟୀ
ଶିରୀ ମନ୍ଦିରରେ ହୁଏ ଗହଳି
ବ୍ରତ ପାଳିଥାନ୍ତି ହବିଷିଆଳୀ
ପଞ୍ଚୁକରେ ହୁଏ ଶରତ ରାସ
ଏବେ କୁହ ମିତ ସେ କେଉଁ ମାସ।

ଉତ୍ତର-କାର୍ତ୍ତିକ ମାସ

ବାରଟିଏ ସିଏ କାର୍ତ୍ତିକ ମାସେ
ସାରା ଶୈବପୀଠ ଗହଳି ଦିଶେ
ସଭିଏଁ କରନ୍ତି ଜଳ ଅର୍ପଣ
ଶିବ କରିଥାନ୍ତି ରିଷ୍ଟ ଖଣ୍ଡନ
ଶୁଭ ବାର ବୋଲି ଖ୍ୟାତ
ଶିବ ପୂଜା କଲେ ପୂଣ୍ୟ ମିଳିଥାଏ
କୁହ ତା'ର ନାମ ମିତ।

ଉତ୍ତର-ସୋମବାର

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୭୩୪୩୪୬

## ଛୋଟ ହାତର ଛବି





**ଅଦ୍ୱିତା ବିଶ୍ୱାଳ**
ତୃତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର





**ଶାନ୍ତନୁ ଶାନ୍ତିସ୍ୱରୂପ**
ଷଷ୍ଠ ଶ୍ରେଣୀ
ସରସ୍ୱତୀ ବିଦ୍ୟାମନ୍ଦିର
ଭୀମଟାଙ୍ଗି
ଭୁବନେଶ୍ୱର





**କୀର୍ତ୍ତି କ୍ରିଷ୍ଣା ରାଉତ**
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ
ବିଦ୍ୟାଳୟ
ହଂସପଡ଼ା, ପୁରୀ





**ଆରୁଷି ପଟ୍ଟନାୟକ**
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଶାନ୍ତାସାହି, କେନ୍ଦ୍ରାପଡ଼ା

## ଦ୍ୱିତୀୟ ଟେଷ୍ଟରେ ଜୟସ୍ୱାଲଙ୍କ ଅପରାଜିତ ଶତକ

# ପ୍ରଥମ ଦିନରେ ଭାରତ ୩୧୮/୨

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି)

ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କର ଆକ୍ରମଣାତ୍ମକ ୧୭୩ ରନ୍ ସହାୟତାରେ ଏଠାରେ ୱେଷ୍ଟଇଣ୍ଡିଜ୍ ସହ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଭାରତ ପ୍ରାଧାନ୍ୟ ବିସ୍ତାର କରିଛି। ଜୟସ୍ୱାଲ ତାଙ୍କ ଟେଷ୍ଟ କ୍ୟାରିୟରର ୭ମ ଶତକ ଓ ଦ୍ୱିତୀୟ ୱିକେଟ ଯୋଡିରେ ସାଇ ସୁଦର୍ଶନଙ୍କ ସହ ୧୯୩ ରନ୍ ସଂଗ୍ରହ କରିବା ଫଳରେ ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଭାରତ ପ୍ରଥମ ଇନିଂସରେ ୨ ୱିକେଟ ହରାଇ ୩୧୮ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଜୟସ୍ୱାଲଙ୍କ ସହ ଅଧିନାୟକ ଶୁବମନ ଗିଲ ୨୦ ରନ୍‌ରେ ଅପରାଜିତ ରହିଛନ୍ତି। ଭାରତ ପକ୍ଷରୁ ଆଉଟ ହୋଇଥିବା ଦୁଇ ଖେଳାଳିଙ୍କ ମଧ୍ୟରୁ ଓପନର ଲୋକେଶ ରାହୁଲ ୩୮ ଓ ସୁଦର୍ଶନ ୮୭ ରନ୍ କରିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ବାମହାତୀ ସ୍ପିନର ଜୋମେଲ ୱାରିକାନ ୨ଟି ଯାକ ୱିକେଟ ଅକ୍ତିଆର କରିଥିଲେ। ଟସ୍ ଜିତିଥିବା ଭାରତ ଏଠାରେ ସିରିଜ୍ ସୁଇପ୍ ଲକ୍ଷ୍ୟ ନେଇ ପ୍ରଥମେ ବ୍ୟାଟିଂ କରିଥିଲା। ଅନ୍ୟ ପକ୍ଷରେ କ୍ରମାଗତ କ୍ଲିନ୍ ସୁଇପ୍ ଏଡାଇବା ଲାଗି ୱେଷ୍ଟଇଣ୍ଡିଜ୍ ସମସ୍ତ ପ୍ରକାର ଉଦ୍ୟମ କରିବ ବୋଲି ଅଧିନାୟକ ରୋଷ୍ଟୋନ ଚେଜ୍ କହିଥିଲେ।

ଏଠାରେ ଟସ୍ ଜିତିବା ପରେ ଶୁବମନ ଗିଲ୍ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦୁଇ ଓପନର ଜୟସ୍ୱାଲ ଓ ରାହୁଲ ପ୍ରଥମ ୱିକେଟରେ ୫୮ ରନ୍ ଉଠାଇଥିଲେ। ଏମାନେ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନ ଥିଲେ ମଧ୍ୟ ପ୍ରତିପକ୍ଷ ବାମହାତୀ ସ୍ପିନର ଜୋମେଲ ୱାରିକାନ୍‌ଙ୍କ ପ୍ରଥମ ଓଭରରେ ଓଭର ଷ୍ଟେପ୍ କରି ସଟ୍ ମାରିବାକୁ ଚେଷ୍ଟା କରିଥିବା ରାହୁଲ ୩୮ ରନ୍‌ରେ ଷ୍ଟମ୍ପ୍ ଆଉଟ ହୋଇଯାଇଥିଲେ। ଯାହା ଫଳରେ ୱେଷ୍ଟଇଣ୍ଡିଜ୍‌କୁ ବ୍ରେକ୍ ଥ୍ରୁ ଦେବାରେ ୱାରିକାନ ସମର୍ଥ ହୋଇଥିଲେ। ରାହୁଲଙ୍କ ଆଉଟ ପରେ ଜୟସ୍ୱାଲଙ୍କ ଓ ସାଇ ସୁଦର୍ଶନ ଲଞ୍ଚ୍ ସୁଦ୍ଧା ୧ ୱିକେଟରେ ୯୪ ରନ୍ କରିଥିଲା। ଲଞ୍ଚ୍ ପରେ ଉଭୟ ଖେଳାଳି ଆକ୍ରମଣାତ୍ମକ ବ୍ୟାଟିଂ କରି ଉନ୍ନତ ହାରରେ ରନ୍ ସଂଗ୍ରହ କରିଥିଲେ। ଯାହା ଫଳରେ ସୁଦର୍ଶନ ୫୮ ରନ୍ କରିଥିଲାବେଳେ ଆଉଟ ହେବାର ଏକ ସୁଯୋଗ ଦେଇଥିଲେ। ତାହାକୁ କିନ୍ତୁ ୱେଷ୍ଟଇଣ୍ଡିଜ୍ ହାତଛଡ଼ା କରିଥିଲା। ଯାହା ଫଳରେ ଜୟସ୍ୱାଲ ଓ ସୁଦର୍ଶନଙ୍କ ଭାଗୀଦାରିରୁ ୧୯୩ ରନ୍ ମିଳିଥିଲା। ସୁଦର୍ଶନ ତାଙ୍କ ସ୍ୱଳ୍ପ ଟେଷ୍ଟ କ୍ୟାରିୟରରେ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ। ଅନ୍ୟ ପକ୍ଷରେ ଜୟସ୍ୱାଲ ୨୬ତମ ଟେଷ୍ଟରେ ୭ମ ଶତକ ହାସଲ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହି ୭ଟି ଶତକ ମଧ୍ୟରେ ସେ ୫ମଥର ଲାଗି ୧୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଥିଲେ। ଏହା ମଧ୍ୟରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଡେବ୍ୟୁ ଟେଷ୍ଟରେ ୧୭୧ ରନ୍ ସାମିଲ। ଟେଷ୍ଟର ପ୍ରଥମ ଦିନରେ ଜୟସ୍ୱାଲ ଭାରତ ଲାଗି ଚତୁର୍ଥ ସର୍ବାଧିକ ସ୍କୋର କରିଛନ୍ତି। ତାଙ୍କ ପୂର୍ବରୁ ୨୦୦୭ରେ କୋଲକାତା ଟେଷ୍ଟର ପାକିସ୍ତାନ ବିପକ୍ଷରେ ୱାସିମ୍ ଜାଫର ୧୯୨, ୨୦୧୭ ଗଲ ଟେଷ୍ଟର ଶ୍ରୀଲଙ୍କା ବିପକ୍ଷରେ ଶିଖର ଧାୱନ ୧୯୦ ଓ ୨୦୨୪ ଭାଇଜାଗ ଟେଷ୍ଟରେ ଇଂଲଣ୍ଡ ବିପକ୍ଷରେ ଜୟସ୍ୱାଲ ୧୭୯ ରନ୍ କରିଥିଲେ।

ତୃତୀୟ ସେସନରେ ସୁଦର୍ଶନଙ୍କ ଆଉଟ ହେବା ପରେ ଜୟସ୍ୱାଲଙ୍କ ସହ ଯୋଗ ଦେଇ ଅଧିନାୟକ ଶୁବମନ ଗିଲ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ଉଭୟ ଖେଳାଳିଙ୍କ ଡିଫେନ୍ସ ଏତେ ଷ୍ଟ୍ରଙ୍ଗ୍ ହୋଇଥିଲା ଯେ, ୱେଷ୍ଟଇଣ୍ଡିଜ୍ ବୋଲରମାନେ ଆଉଟ କରିବାକୁ ସୁଯୋଗ ସୃଷ୍ଟି କରିପାରି ନ ଥିଲେ। ଗିଲ ୨୦ ରନ୍ କରି ଜୟସ୍ୱାଲଙ୍କ ସହ ଅପରାଜିତ ରହିଥିଲେ। ସେ ୨୫୩ଟି ବଲ୍‌ର ସାମ୍ନା କରି ୨୨ ଚୌକା ସହ ୧୭୩ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ।



ଯଶସ୍ୱୀ ଜୟସ୍ୱାଲ: ୧୭୩*

ୱେଷ୍ଟଇଣ୍ଡିଜ୍ ପକ୍ଷରୁ କୌଣସି ବୋଲର ଭାରତୀୟ ବ୍ୟାଟରଙ୍କ ଉପରେ ପ୍ରଭାବ ବିସ୍ତାର କରିବାରେ ସମର୍ଥ ହୋଇ ନ ଥିଲେ। କିନ୍ତୁ ୨ରୁ ୩ଟି ସ୍ପେଲ୍‌ରେ ଟାଇଟ ବୋଲିଂ କରି ରନ୍ ସଂଗ୍ରହ ହାର କମାଇଦେଇଥିଲେ। ଦଳର ବାମହାତୀ ସ୍ପିନର ଜୋମେଲ ୱାରିକାନ୍‌ଙ୍କୁ ୨ଟି ଯାକ ଭାରତୀୟ ୱିକେଟ ମିଳିଥିଲା। ରାହୁଲଙ୍କୁ ଆଉଟ କରିବା ଲାଗି ସେ ୮.୪ ଡିଗ୍ରି ଓ ସୁଦର୍ଶନଙ୍କୁ ଏଲବିଡବ୍ଲ୍ୟୁ କରିବାକୁ ୬.୪ ଡିଗ୍ରିରେ ବଲ ଟର୍ଣ୍ଣ କରାଇଥିଲେ। ଏହାକୁ ବାଦ୍ ଦେଲେ ଆଉ କୌଣସି ବଲ ଏତେ ଟର୍ଣ୍ଣ ନେଇ ନ ଥିଲା। ପ୍ରଥମ ଟେଷ୍ଟରେ ଇନିଂସ ବିଜୟ ହାସଲ କରିଥିବା ଭାରତୀୟ ଦଳ କୌଣସି ଖେଳାଳି ପରିବର୍ତ୍ତନ ନ କରି ଏହି ମ୍ୟାଚ୍ ଖେଳିଥିଲା। କିନ୍ତୁ ୱେଷ୍ଟଇଣ୍ଡିଜ୍ ଦୁଇ ଜଣ ଖେଳାଳି ବଦଳାଇଥିଲା। ବ୍ରାଣ୍ଡନ କିଙ୍ଗ୍‌ଙ୍କ ସ୍ଥାନରେ ଯୁବ ୱିକେଟରକ୍ଷକ ଟେଭିନ ଇମ୍‌ଲାଚ୍ ଏଠାରେ ଡେବ୍ୟୁ କରିଛନ୍ତି। ସେହିପରି ଜୋହାନ ଲେନ୍‌ଙ୍କ ସ୍ଥାନରେ ଆଣ୍ଡରସନ ଫିଲିପ୍‌ଙ୍କୁ ସାମିଲ କରାଯାଇଛି।

### ସ୍କୋର ବୋର୍ଡ

**ଭାରତ ପ୍ରଥମ ଇନିଂସ: ୩୧୮/୨, ୯୦ ଓଭର** (ଯଶସ୍ୱୀ ଜୟସ୍ୱାଲ-ବ୍ୟାଟିଂ-୧୭୩, ଲୋକେଶ ରାହୁଲ-ଷ୍ଟମ୍ପ୍. ଇମ୍‌ଲାଚ୍ ବୋ.ୱାରିକାନ୍-୩୮, ସାଇ ସୁଦର୍ଶନ-ଏଲ୍‌ବିଡବ୍ଲ୍ୟୁ ବୋ.ୱାରିକାନ୍-୮୭, ଶୁବମନ ଗିଲ-ବ୍ୟାଟିଂ-୨୦, ଅତିରିକ୍ତ-୦)।

**ୱିକେଟ ପତନ:** ୧/୫୮ (ରାହୁଲ), ୨/୨୫୧ (ସୁଦର୍ଶନ)।

**ବୋଲିଂ ବିଶ୍ଳେଷଣ (ୱେଷ୍ଟଇଣ୍ଡିଜ୍):** ଜେଡେନ ସିଲ୍ସ: ୧୬-୧-୫୯-୦, ଆଣ୍ଡରସନ ଫିଲିପ୍: ୧୩-୨-୪୪-୦, ଜଷ୍ଟିନ ଗ୍ରିଭ୍‌ସ: ୮-୧-୨୬-୦, ଖାରୀ ପିଏରେ: ୨୦-୧-୭୪-୦, ଜୋମେଲ ୱାରିକାନ୍: ୨୦-୩-୬୦-୨, ରୋଷ୍ଟୋନ ଚେଜ୍: ୧୩-୦-୫୫-୦।

## କିଂବଦନ୍ତିଙ୍କ ସହ ସମକକ୍ଷ ହେଲେ ଓପନର୍ ଯଶସ୍ୱୀ

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ଏଠାରେ ୱେଷ୍ଟଇଣ୍ଡିଜ୍ ସହ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ୧୭୩ ରନ୍ କରି କିଂବଦନ୍ତିଙ୍କ ସହ ସକମକ୍ଷ ହୋଇପାରିଛନ୍ତି। ୧୪୫ ବଲ୍‌ରେ ୭ମ ଟେଷ୍ଟ ଶତକ ହାସଲ କରିଥିବା ଏହି ଯୁବ ଓପନର ଏକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ୨୪ ବର୍ଷ ବୟସ ହେବା ପୂର୍ବରୁ ଜୟସ୍ୱାଲ ୭ଟି ଶତକ ହାସଲ କରି ପାକିସ୍ତାନର ଜାଭେଦ୍ ମିଆଁଦାଦ୍, ଦକ୍ଷିଣ ଆଫ୍ରିକାର ଗ୍ରେମ୍ ସ୍ମିଥ୍, ଇଂଲଣ୍ଡର ଆଲିଷ୍ଟର କୁକ୍ ଓ ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନଙ୍କ ସହ ସମକକ୍ଷ ହୋଇଛନ୍ତି। ଏମାନଙ୍କଠାରୁ କେବଳ ୩ଜଣ ଖେଳାଳି ୨୪ ବର୍ଷ ବୟସରେ ଅଧିକ ଶତକ ହାସଲ କରିବାର ରେକର୍ଡ କରିଛନ୍ତି। ସେମାନେ ହେଲେ ଡନ୍ ବ୍ରାଡ୍‌ମ୍ୟାନ୍ ୧୨ଟି, ସଚିନ ତେନ୍ଦୁଲକର ୧୧ଟି ଓ ଗାରଫିଲ୍ଡ ସୋବର୍ସ ୯ଟି ଶତକ ହାସଲ କରିଥିଲେ। ଯଶସ୍ୱୀ ଜୟସ୍ୱାଲ ଟେଷ୍ଟ ଡେବ୍ୟୁ କରିବା ପରେ ୭ଟି ଶତକ ହାସଲ କରିଥିଲାବେଳେ ତାଙ୍କର ପାର୍ଟନର ହୋଇଥିବା ସମସ୍ତ ଖେଳାଳି ମାତ୍ର ୬ଟି ଶତକ କରିପାରିଛନ୍ତି। ଏହି ସମୟରେ ଇଂଲଣ୍ଡର ବେନ୍ ଡକେଟ ୪ଟି ଶତକ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହାଛଡ଼ା ଅନ୍ତର୍ଜାତୀୟ କ୍ରିକେଟରେ ଯଶସ୍ୱୀ ୫୦ତମ ମ୍ୟାଚ୍‌ରେ ୩୦୦୦ ରନ୍ ପୂରଣ କରିବାରେ ସମର୍ଥ ହୋଇଛନ୍ତି। ଏହି ରନ୍ ସହ ସେ କେତେ ପରିପକ୍ୱ ହୋଇଛନ୍ତି, ତାହାର ଝଲକ ଏଠାରେ ଦେଇଛନ୍ତି।

■ ମହିଳା ବିଶ୍ୱକପ୍ କ୍ରିକେଟ

## ବାଂଲାର ଶୋଚନୀୟ ପରାଜୟ

ଗୁଆହାଟୀ,୧୦।୧୦(ଏଜେନ୍ସି): ଏଠାରେ ଶୁକ୍ରବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ମହିଳା ବିଶ୍ୱକପ୍ ମୁକାବିଲାରେ ବାଂଲାଦେଶ ଶୋଚନୀୟ ପ୍ରଦର୍ଶନ କରିଛି। ନ୍ୟୁଜିଲାଣ୍ଡ ପ୍ରଦତ୍ତ ୨୨୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୨୭ ଓଭର ଖେଳ ଶେଷସୁଦ୍ଧା ବାଂଲାଦେଶ ୭ ୱିକେଟରେ ୭୫ ରନ୍ କରି ପରାଜୟର ସମ୍ମୁଖୀନ ହୋଇଛି। ଏହି ସମୟରେ ଫାହିମା ଖାତୁନ ୧୯ ଓ ରାବେୟା ଖାନ୍ କୌଣସି ରନ୍ ନକରି ବ୍ୟାଟିଂ କରୁଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ୩ ପେସ ବୋଲର ରୋଜ୍‌ମେରୀ ମେୟାର, ଜେସ୍ କେର ଓ ଲିଆ ତାହୁହୁ ୨ଟି ଲେଖାଏଁ ୱିକେଟ ନେଇ ବାଂଲାର ବ୍ୟାଟିଂ ବିପର୍ଯ୍ୟୟ ରଚନା କରିଥିଲେ। ପୂର୍ବରୁ ଅଧିନାୟିକା ସୋଫି ଡିଭାଇନଙ୍କ ୬୩ ଓ ବ୍ରୁକ୍ ହ୍ୟାଲିଡେ'ଙ୍କ ୬୯ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୨୨୭ ରନ୍ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଜି ବେଟ୍ସ ୨୯ ଓ ମ୍ୟାଡି ଗ୍ରୀନ୍ ୨୫ ରନ୍ କରି ଉପଯୋଗୀ ସହାୟତା ଦେଇଥିଲେ। ବାଂଲା ପକ୍ଷରୁ ରାବେୟା ଖାନ୍ ସର୍ବାଧିକ ୩ଟି ୱିକେଟ ପାଇଥିଲେ।

**ଆଜିର ମ୍ୟାଚ୍**
ଇଂଲଣ୍ଡ-ଶ୍ରୀଲଙ୍କା
ଆରମ୍ଭ : ଅପରାହ୍ଣ ୩ଟା
ସ୍ଥାନ : କଲମ୍ବୋ

● ସିକେ ନାଇଡୁ ଟ୍ରଫି

## ସାଇଦୀପଙ୍କୁ ରାଜ୍ୟ ଦଳର ନେତୃତ୍ୱ

କଟକ,୧୦।୧୦(ସମିସ): ଆସନ୍ତା ୧୬ ତାରିଖରୁ ୨୩ବର୍ଷରୁ କମ୍ ପୁରୁଷ ସି.କେ ନାଇଡୁ ଟ୍ରଫି ଆରମ୍ଭ ହେବ। ଏଥି ନିମନ୍ତେ ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ୧୫ଜଣିଆ ରାଜ୍ୟ ଦଳ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଦଳ ଚୟନ କମିଟି ସଦସ୍ୟ ଅବକାଶ ଖଟୁଆ, ୨୩ବର୍ଷରୁ କମ୍ ପୁରୁଷ ଦଳର ମୁଖ୍ୟ କୋଚ୍ ସୁବିତ ବିଶ୍ୱାଳ, ସହକାରୀ କୋଚ୍ ବିଭୂଦତ୍ତ ପଣ୍ଡା ଉପସ୍ଥିତ ରହି ଦଳ ଘୋଷଣା ନେଇ ସୂଚନା ଦେଇଥିଲେ। ସାଇଦୀପ ମହାପାତ୍ର ରାଜ୍ୟ ଦଳର ନେତୃତ୍ୱ ନେବେ। ଓମ ଟି ମୁଣ୍ଡେଙ୍କୁ ଦଳର ଉପଅଧିନାୟକ ଦାୟିତ୍ୱ ମିଳିଛି। ଦଳରେ ଆୟୁଷ ସୂତାର, ପାନକଳ ଶଶାଙ୍କ, ଶ୍ରେୟାଂଶ ଭରଦ୍ୱାଜ, ସୁଜଳ ସିଂହ, ଦିନେଶ ମାଝୀ(ୱିକେଟ କିପର), ଆକାଶ ମହାପାତ୍ର(ୱିକେଟ କିପର), ବିମଳ କୁମାର, ମହମ୍ମଦ ଡାନିସ୍, ସୌମ୍ୟ ରଞ୍ଜନ ଲେଙ୍କା, ଆୟୁଷ ବାରିକ, ରିତେଶ ପ୍ରିୟରଞ୍ଜନ, ମହମ୍ମଦ ସୋହେଲ, ଆଶୁତୋଷ ଛୁରିଆ ସ୍ଥାନ ପାଇଛନ୍ତି। ହାଇଦ୍ରାବାଦର ରାଜୀବ ଗାନ୍ଧି ଅନ୍ତର୍ଜାତୀୟ ଷ୍ଟାଡିୟମରେ ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ଘରୋଇ ହାଇଦ୍ରାବାଦ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

● ଜାତୀୟ ଜୁ ଜିତ୍ସୁ ପ୍ରତିଯୋଗିତା

## ପ୍ରଥମ ଦିନରେ ଓଡ଼ିଶାକୁ ୬ ପଦକ




ଭୁବନେଶ୍ୱର,୧୦।୧୦(ସମିସ): ଜାତୀୟ ୨୧ ବର୍ଷରୁ କମ୍ ଏବଂ ବରିଷ୍ଠ ଜାତୀୟ ଜୁ ଜିତ୍ସୁ ପ୍ରତିଯୋଗିତାର ପ୍ରଥମ ଦିନରେ ଓଡ଼ିଶାକୁ ୬ଟି ପଦକ ମିଳିଛି। ଉତ୍ତରପ୍ରଦେଶର ସାହରଣପୁରଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ଖେଳାଳିମାନେ ୩ ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ହାସଲ କରିଛନ୍ତି। ବରିଷ୍ଠ ମହିଳା ଫାଇଟିଂ ସିଷ୍ଟମରେ ଅନୁପମା ସ୍ୱାଇଁ ଓ ରୋଜାଲିନ୍ ପାଲ, ୨୧ ବର୍ଷରୁ କମ୍ ନେ-ୱାଜାର ୪୫ କିଲୋଗ୍ରାମ୍‌ରେ ସୁମନ୍ତ କୁମାର ସାହୁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ବରିଷ୍ଠ ଫାଇଟିଂରେ ନିରୁପମା ସ୍ୱାଇଁ, ବିଦ୍ୟା ପୃଷ୍ଟି ଓ ପ୍ରିୟଦର୍ଶିନୀ ଘଟୁଆରୀ ରୌପ୍ୟ ପଦକ ହାସଲ କରିଛନ୍ତି।

● ୧୯ ବର୍ଷରୁ କମ୍ ମହିଳା ଟି-୨୦

## ୧୬ ଜଣିଆ ରାଜ୍ୟ ଦଳ ଘୋଷିତ

କଟକ,୧୦।୧୦(ସମିସ): ଅକ୍ଟୋବରୁ ୨୬ରୁ ୧୯ ବର୍ଷରୁ କମ୍ ମହିଳା ଟି-୨୦ ଟ୍ରଫି ଆରମ୍ଭ ହେବ। ଆଜି ଓସିଏ ସମ୍ମିଳନୀ କକ୍ଷରେ ମହିଳା ଚୟନ କମିଟି ସଦସ୍ୟା ଶୁଭ୍ରାଂଶୁବାଳା ଭୂୟାଁ ଓ ୧୯ ବର୍ଷରୁ କମ୍ ମହିଳା ଦଳ କୋଚ୍ କାଦମ୍ବିନୀ ମହାକୁଡ ଉପସ୍ଥିତ ରହି ରାଜ୍ୟ ଦଳ ଘୋଷଣା କରିଥିଲେ। ଘୋଷିତ ୧୬ଜଣିଆ ଦଳରେ ପ୍ରିୟଙ୍କାରୀ ମୁଦୁଲିଙ୍କୁ ନେତୃତ୍ୱ ଦିଆଯାଇଛି। ଅନନ୍ୟା ପ୍ରିୟଦର୍ଶିନୀ ରାଉତ, ଆଞ୍ଚୋଲ ରାଜ(ୱିକେଟ କିପର), ଅନୁଷ୍କା ମହାନ୍ତି(ୱିକେଟ କିପର), ଅନ୍ୱେଷା ବିଶ୍ୱାଳ, ଅର୍ଚ୍ଚନା ରାଉତ, ବିଜୟଲକ୍ଷ୍ମୀ ବେହେରା, ଇପସିତା ପରିଡା, ଯଶମଣି ମୁର୍ମୁ, ମେଘା ପ୍ରଧାନ, ଶୁଭଶ୍ରୀ ପ୍ରିୟଦର୍ଶିନୀ ପରମାଣିକ, ଶୀତଲ ରାଉତ, ଶ୍ରେୟା ପ୍ରିୟଦର୍ଶିନୀ, ଶୁଭଲକ୍ଷ୍ମୀ ସିଂହ, ସ୍ୱାତିକା ବେହେରା, ଯୁବଲୀପି ପରିଡ଼ା ଦଳରେ ରହିଛନ୍ତି। ରାୟପୁରର ଆରଡିସିଏ ଗ୍ରାଉଣ୍ଡରେ ସୌରାଷ୍ଟ୍ର ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

**ସ୍ୱତନ୍ତ୍ର ଭାରତ ଅଲିମ୍ପିକ୍ସ ବାସ୍କେଟବଲ**

## ଓଡ଼ିଶା ପୁରୁଷ ଦଳକୁ କାଂସ୍ୟ




ଭୁବନେଶ୍ୱର,୧୦।୧୦(ସମିସ): ସ୍ୱତନ୍ତ୍ର ଭାରତ ଅଲିମ୍ପିକ୍ସରେ ପ୍ରଥମଥର ଆୟୋଜିତ ବାସ୍କେଟବଲ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପୁରୁଷ ଦଳ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଖୋର୍ଦ୍ଧାର କେଟି ଗ୍ଲୋବାଲ ସ୍କୁଲ ପରିସରରେ ଅକ୍ଟୋବର ୫ରୁ ୯ ତାରିଖଯାଏ ୪ଟି ଦଳକୁ ନେଇ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ ଉତ୍ତରପ୍ରଦେଶକୁ ୧୮-୪ ପଏଣ୍ଟରେ ପରାସ୍ତ କରିଥିଲା। ଏହା ପରେ ଦଳ ମହାରାଷ୍ଟ୍ରଠାରୁ ୧୨-୧୧ ଓ ପୁଡୁଚେରୀଠାରୁ ୧୪-୪ ପଏଣ୍ଟରେ ପରାଜିତ ହୋଇଥିଲା। ଏଭଳି ଏକ ପ୍ରତିଯୋଗିତାରେ ଓଡ଼ିଶା ପ୍ରଥମଥର ଅଂଶଗ୍ରହଣ କରିଥିଲା। ଭୁବନେଶ୍ୱରର ଦେବାଶିଷ ଏହି ଦଳର ନେତୃତ୍ୱ ନେଇଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ଲାଗି ସମସ୍ତ ପ୍ରକାର ସହାୟତା ଯୋଗାଇଦେଇଥିଲେ।

**ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ ସିରିଜ୍**

## କିସ୍‌ର ଡୁମୁଣି ଭାରତର ଉପଅଧିନାୟିକା

ଭୁବନେଶ୍ୱର,୧୦।୧୦ (ସମିସ): କିସ୍‌ର ଛାତ୍ରୀ ଡୁମୁଣି ମାର୍ଣ୍ଡି ଏସିଆ ରଗ୍‌ବୀ ସେଭେନ୍ସ ସିରିଜ୍ ଲାଗି ଭାରତୀୟ ମହିଳା ଦଳର ଉପଅଧିନାୟିକା ମନୋନୀତ ହୋଇଛନ୍ତି। ଭାରତୀୟ ରଗ୍‌ବୀ ଫୁଟବଲ ୟୁନିଅନ ପକ୍ଷରୁ ଘୋଷିତ ଭାରତୀୟ ଦଳରେ ଓଡ଼ିଶାରୁ ୪ଜଣ ସ୍ଥାନ ପାଇଥିଲାବେଳେ କିସ୍‌ରୁ ୩ଜଣ ରହିଛନ୍ତି। କିସ୍‌ର ଅନ୍ୟ ଦୁଇ ଖେଳାଳି ହେଲେ ତରୁଲତା ନାୟକ ଓ ନିର୍ମାଲ୍ୟ ରାଉତ। ମୟୁରଭଞ୍ଜର ସନ୍ଧ୍ୟାରାଣୀ ଟୁଡୁ ଚତୁର୍ଥ ଓଡ଼ିଆ ଖେଳାଳି ଭାବେ ଏହି ଦଳରେ ସ୍ଥାନ ପାଇଛନ୍ତି। ଶ୍ରୀଲଙ୍କାର କଲମ୍ବୋଠାରେ ଏହି ସିରିଜ୍ ଅକ୍ଟୋବର ୧୮ ଓ ୧୯ ତାରିଖ ଦୁଇ ଦିନ ଧରି ଖେଳାଯିବ। କୋଲକାତାର ସାଇ ସେଣ୍ଟରଠାରେ ଅନୁଷ୍ଠିତ ନ୍ୟାସନାଲ କୋଚିଂ କ୍ୟାମ୍ପରେ ଏହି ଖେଳାଳିମାନେ ପ୍ରଶିକ୍ଷଣ ନେଇଥିଲେ। ଭାରତ ଲାଗି ମନୋନୀତ ସମସ୍ତ ଖେଳାଳିଙ୍କୁ କିଟ୍ ତଥା କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।



ନିର୍ମାଲ୍ୟ ରାଉତ, ଡୁମୁଣି ମାର୍ଣ୍ଡି ଓ ତରୁଲତା ନାୟକ

# କଳିଙ୍ଗ ଷ୍ଟାଡିୟମରେ ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍ ଆଜିଠାରୁ

ଭୁବନେଶ୍ୱର, ୧୦।୧୦ (ସମିସ)

ସ୍ଥାନୀୟ ଆଇକନିକ୍ କଳିଙ୍ଗ ଷ୍ଟାଡ଼ିୟମ୍ ଆଥଲେଟିକ୍ସ ସେଣ୍ଟର ଠାରେ ଆସନ୍ତାକାଲି ଠାରୁ ଅର୍ଥାତ୍ ଅକ୍ଟୋବର ୧୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିଅନସିପ୍‌ର ଆୟୋଜନ କରାଯିବ। ଅନ୍ତର୍ଜାତୀୟ ଟେବୁଲ ଟେନିସ୍ ମହାସଂଘ, ଭାରତୀୟ ଟେବୁଲ ଟେନିସ୍ ମହାସଂଘ, ଏସିଆନ୍ ଟେବୁଲ ଟେନିସ୍ ୟୁନିୟନ, ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏସନ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତାର ଆୟୋଜନ କରାଯିବ। ଦୀର୍ଘ ୧୬ ବର୍ଷ ପରେ ଭାରତରେ ଏସୀୟ ଟେବୁଲ ଟେନିସ୍ ଚାମ୍ପିୟାନସିପ୍‌ର ଆୟୋଜନ କରାଯାଉଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍ ଆୟୋଜିତ ହେଉଛି।

୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପରେ ପ୍ରାୟ ୨୨ଟି ଦେଶ ଯଥା ଭାରତ, ଚୀନ, ଜାପାନ, କୋରିଆ ରିପବ୍ଲିକ, ଡେମୋକ୍ରାଟିକ ପିପୁଲ୍ସ ରିପବ୍ଲିକ ଅଫ କୋରିଆ, ତାଇୱାନ, ହଙ୍ଗକଙ୍ଗ, ସିଙ୍ଗାପୁର, ଚାଇନିଜ ମକାଓ, ବାଙ୍ଗଲାଦେଶ, ଇରାନ, କାଜାକିସ୍ତାନ, କିରଗୀଜସ୍ତାନ, ମାଲେସିଆ, ମାଳଦୀପ, ମଙ୍ଗୋଲିଆ, ନେପାଳ, ଓମାନ, କତାର, ଶ୍ରୀଲଙ୍କା, ଥାଇଲାଣ୍ଡ, ଉଜବେକିସ୍ତାନରୁ ୫୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍, ସପୋର୍ଟ ଷ୍ଟାଫ ଆଦି ଅଂଶଗ୍ରହଣ କରିଛନ୍ତି। ଉଭୟ ପୁରୁଷ ଓ ମହିଳା ଟିମ୍ ଏହି ଚାମ୍ପିୟନସିପ୍‌ରେ ଅଂଶଗ୍ରହଣ କରୁଛନ୍ତି। ଏହି ଚାମ୍ପିୟନସିପ୍‌ରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଟିମ୍ ଗୁଡ଼ିକ ଆଗାମୀ ଦିନରେ ଲଣ୍ଡନରେ ଆୟୋଜିତ ହେବାକୁ ଥିବା ଆଇଆଇଟିଏଫ ୱାର୍ଲଡ଼ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍-୨୦୨୬ ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବିଶ୍ୱର ଟପ୍ ର୍‍ୟାଙ୍କିଙ୍ଗ ଟେବୁଲ ଟେନିସ୍ ଖେଳାଳିମାନେ ଏହି ୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିଅନସିପ୍‌ରେ ଅଂଶ ଗ୍ରହଣ କରିଛନ୍ତି। ଭାରତରୁ ମହିଳା ବିଭାଗରେ ଶ୍ରୀଜା ଅକୁଲା, ମନିକା ବତ୍ରା, ଦିୟା ଚିତଲେ, ଯଶସ୍ୱିନୀ ଘୋରପଡ଼େ, ସ୍ୱସ୍ତିକା ଘୋଷ ଏବଂ ପୁରୁଷ ବିଭାଗରେ ଅଙ୍କୁର ଭଟ୍ଟାଚାର୍ଯ୍ୟ, ପୟାସ ଜୈନ୍, ମାନୁଷ ଶାହା, ସ୍ନେହିତ ସୁରବଜ୍ଜୁଲା, ମାନବ ଠକ୍କର ଆଦି କ୍ରୀଡାବିତ୍ ଅଂଶଗ୍ରହଣ କରିଛନ୍ତି। ଇତି ମଧ୍ୟରେ ବିଭିନ୍ନ ଦେଶରୁ କ୍ରୀଡ଼ାବିତ୍‌ମାନେ ଆସି ଭୁବନେଶ୍ୱର ଠାରେ ପହଞ୍ଚିଛନ୍ତି। ଖେଳାଳୀମାନେ ପ୍ରତିଯୋଗିତା ପାଇଁ ନିଜର ଅଭ୍ୟାସ ମଧ୍ୟ ଆରମ୍ଭ କରିଛନ୍ତି। ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତିକୁ ବିଭାଗ ପକ୍ଷରୁ ସୁନିଶ୍ଚିତ କରାଯାଇଛି। ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ପାଇଁ ବୁକ୍ ମାଇ ସୋ (Book My Show) ୱେବ୍ସାଇଟରେ ମଧ୍ୟ ଟିକେଟ ବୁକିଂ ବ୍ୟବସ୍ଥା କରାଯାଇଛି। କ୍ରୀଡ଼ାପ୍ରେମୀ ଓ ଦର୍ଶକମାନେ ବୁକ୍ ମାଇ ସୋ (Book My Show) ୱେବସାଇଟକୁ ଯାଇ ଏସୀୟ ଟେବୁଲ ଟେନିସ୍ ଚାମ୍ପିଅନସିପ୍ ଦେଖିବା ପାଇଁ ନିଜର ଟିକେଟ ବୁକ୍ କରିପାରିବେ ବୋଲି କହିଛନ୍ତି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ।




ଆଜିର କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଏସିଆ ଟେବୁଲ ଟେନିସ୍ ୟୁନିୟନ୍‌ର ରିଜିଓନାଲ ଭାଇସ୍ ପ୍ରେସିଡ଼େଣ୍ଟ ଶେଖ୍ ହୟାତ୍ ଅଲ୍ ଖଲିଫା, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଏନ. ଗଣେଶନ, ଅଲମ୍ପିଆନ୍ ତଥା ପଦ୍ମଶ୍ରୀ ଅଚନ୍ତା ଶରତ କମଲ ପ୍ରମୁଖ ଉପସ୍ଥିତ ଥିଲେ।

● ଜାତୀୟ ଜୁନିଅର ଆଥଲେଟିକ୍ସ

## ନୀରଜଙ୍କ ରେକର୍ଡ ଭାଙ୍ଗିଲେ ହିମାଂଶୁ



ଭୁବନେଶ୍ୱର,୧୦।୧୦(ସମିସ): ଏସୀୟ ୧୮ ବର୍ଷରୁ କମ୍ ସ୍ୱର୍ଣ୍ଣ ପଦକ ବିଜେତା ହିମାଂଶୁ ଝାକର ଏଠାରେ ଆଜିଠାରୁ ଆରମ୍ଭ ହୋଇଥିବା ଜାତୀୟ ଜୁନିଅର ଆଥଲେଟିକ୍ ଚାମ୍ପିଅନସିପ୍ ଜାଭେଲିନ୍ ଥ୍ରୋରେ ନୀରଜ ଚୋପ୍ରାଙ୍କ ୧୧ ବର୍ଷର ମିଟ୍ ରେକର୍ଡ ଭାଙ୍ଗିଦେଇଛନ୍ତି। ଆଜି ଅନୁଷ୍ଠିତ କ୍ୱାଲିଫାଇଂ ବିଭାଗରେ ସେ ୭୯.୯୬ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ରେକର୍ଡ ଭାଙ୍ଗିବା ସହ ୨୦୨୬ ୨୦ ବର୍ଷରୁ କମ୍ ବିଶ୍ୱ ଆଥଲେଟିକ୍ ଚାମ୍ପିଅନସିପ୍‌ରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୁର୍ବରୁ ୨୦୧୪ ବିଜୟୱାଡା ସଂସ୍କରଣରେ ନୀରଜ ୭୬.୫୦ ମିଟରକୁ ଜାଭେଲିନ୍ ଫିଙ୍ଗି ଏହି ରେକର୍ଡର ଅଧିକାରୀ ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS